# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, November 14/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 348 | ମୂଲ୍ୟ ₹୭/-



DSPL-362

ଆମ ଓଡ଼ିଶା
ନବୀନ ଓଡ଼ିଶା

ଓଡ଼ିଶା ସରକାର

## ୭୦ତମ
## ସର୍ବଭାରତୀୟ ସମବାୟ ସପ୍ତାହ ୨୦୨୩

# ରାଜ୍ୟସ୍ତରୀୟ ମହୋତ୍ସବ

### ୧୪-୧୫ ନଭେମ୍ବର
### ଉତ୍କଳ ମଣ୍ଡପ, ଭୁବନେଶ୍ୱର





ଗ୍ରାମୀଣ ଅର୍ଥନୀତି ବିକାଶରେ ସମବାୟ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣର ପ୍ରଚାର ଏବଂ ପ୍ରସାର ।

ସମବାୟ ମାଧ୍ୟମରେ ରାଜ୍ୟରେ ୨ କୋଟି ଚାଷୀ, ବୁଣାକାର, ଦୁଗ୍ଧ ଉତ୍ପାଦନ କାରୀ, ମତ୍ସ୍ୟଜୀବୀ, ମହିଳା ଏବଂ ଜନଜାତି ସମୂହଙ୍କ ନିରନ୍ତର ଆୟ ବୃଦ୍ଧିର ପ୍ରୟାସ ।

ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରାସଙ୍ଗିକ ବ୍ୟବସାୟିକ ମଡେଲର ଉପଯୋଗରେ ସମବାୟ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ।

## ଆମ ସଫଳତା

- ସମୁଦାୟ ସ୍ୱଳ୍ପକାଳୀନ କୃଷିଋଣର ୫୨ ପ୍ରତିଶତ ସମବାୟ ମାଧ୍ୟମରେ ।
- ୨୦୨୨-୨୩ ରେ ୩୪.୫୬ ଲକ୍ଷ ଚାଷୀଙ୍କୁ ୧୬୬୮୩.୫୭ କୋଟି ଟଙ୍କାର ଋଣ ଲଗାଣ । ଏଥି ମଧ୍ୟରୁ ୮୫ ପ୍ରତିଶତ ଋଣ ସୁଧମୁକ୍ତ ।
- ୨୨.୫୦ ଲକ୍ଷ ଚାଷୀଙ୍କୁ ମାଗଣା ଫସଲ ବୀମା ସୁରକ୍ଷା ପ୍ରଦାନ ।
- ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତି ଦ୍ୱାରା ୯୦ ପ୍ରତିଶତ ଧାନ କ୍ରୟ ।
- ବ୍ୟବହୃତ ରାସାୟନିକ /ଜୈବିକ ସାର ଓ ପ୍ରାମାଣିକ ବିହନର ୫୦ ପ୍ରତିଶତ ସମବାୟ ଦ୍ୱାରା ବଣ୍ଟନ ।
- ତୃଣମୂଳ ସ୍ତରରେ ସମବାୟ ସେବା ବ୍ୟାପକ କରିବା ପାଇଁ କାର୍ଯ୍ୟରତ ୨୭୧୧ କୃଷି ସମବାୟ ସମିତି ସହିତ ୧୫୨୧ ଗୋଟି ନୂତନ ସମିତି ଗଠନ ।
- କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଙ୍ଗ ର ବ୍ୟବସ୍ଥା ।

### ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39004/13/0006/2324

**ସଂଖ୍ୟାଲଘୁଙ୍କ ପାଇଁ ୧୫୦ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ୪୫ କୋଟି ମଞ୍ଜୁର**

ଭୁବନେଶ୍ୱର,(ଅନିଲଦାସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୨ଟି ଜିଲାରେ ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ଲାଗି ୧୫୦ଟି ବହୁମୁଖୀ ସାଂସ୍କୃତିକ-ଗୋଷ୍ଠୀ କେନ୍ଦ୍ରକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଗୋଷ୍ଠୀ କେନ୍ଦ୍ର ଖ୍ରୀଷ୍ଟିୟାନ, ମୁସଲମାନ, ବୌଦ୍ଧ ଏବଂ ଶିଖ୍ ସମୁଦାୟ ପାଇଁ ନିର୍ମାଣ କରାଯିବ। ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ବିଭିନ୍ନ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ଆମ ରାଜ୍ୟର ସଂଖ୍ୟା ଲଘୁ ସମ୍ପ୍ରଦାୟ ଲୋକମାନଙ୍କର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ହୋଇ ପାରିବ।

# ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍ଥ କ୍ଲିନିକ୍‌ର ଶୁଭାରମ୍ଭ

■ ବିଦେଶ ଯାତ୍ରୀଙ୍କ ପାଇଁ ମିଳିବ ସମସ୍ତ ସୂଚନା
■ ସପ୍ତାହକୁ ଦୁଇଥର ଖୋଲିବ କ୍ଲିନିକ୍

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)

ନିରାପଦ ତଥା ସୁସ୍ଥ ଭ୍ରମଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ଟ୍ରାଭେଲ ମେଡିସିନର ଭୂମିକା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ତେଣୁ ବିଦେଶ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ ସୂଚନା ଉପଲବ୍ଧ ହେବା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଭୁବନେଶ୍ୱର ପକ୍ଷରୁ ସୋମବାର ରାଜ୍ୟର ପ୍ରଥମ ଟ୍ରାଭେଲ୍ ହେଲ୍ଥ କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଏମ୍ସର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟ୍ରାଭେଲ ହେଲ୍ଥ କ୍ଲିନିକ୍ ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ବାହାର ଦେଶରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ସହିତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଏହି କ୍ଲିନିକ୍‌ର ସହଯୋଗ ନିମନ୍ତେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଜୀବିକା ଅନ୍ୱେଷଣରେ ବାହାର ଦେଶକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଏହି କ୍ଲିନିକ୍ ଅଧିକ ସହାୟକ ହେବ ବୋଲି ଡା. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର କ୍ଲିନିକ ୟେଲୋ ଫିଭର ଟିକା ଭଳି କେତେକ ଦେଶ ଆବଶ୍ୟକ କରୁଥିବା ନିର୍ଦ୍ଦିଷ୍ଟ ଟିକା ସହିତ ଅତ୍ୟାବଶ୍ୟକ ଟିକାକରଣ ସେବା, ଯାତ୍ରା ସମୟରେ ସୁସ୍ଥ ଆଚରଣ, ଜରୁରିକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ କଷ୍ଟୋମାଇଜ୍‌ଡ ମେଡିକାଲ କିଟ୍ ଏବଂ ଅନ୍ୟାନ୍ୟ ପରାମର୍ଶ ଯୋଗାଇଦେବ।

ଉଦ୍‌ଘାଟନୀ ସମାରୋହରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ଭାରତ ସରକାରଙ୍କ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶିକା ଡା. ସୁଚିତ୍ରା ସାସ୍ମଲ, ରାଜ୍ୟ ଟିକାକରଣ ଅଧିକାରୀ ଡା. ତାପସ ପାତ୍ର, ଭୁବନେଶ୍ୱର ବିମାନବନ୍ଦର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ଦାଶ, କମ୍ୟୁନିଟି ଏବଂ ଫ୍ୟାମିଲି ମେଡିସିନ ବିଭାଗ ମୁଖ୍ୟ ଡା. ସୋନୁ ହାଙ୍ଗମା ସୁବା ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ପ୍ରଫେସର ତଥା ଇମ୍ୟୁନାଇଜେଶନ୍ କ୍ଲିନିକ୍ ମୁଖ୍ୟ ଡା. ସ୍ୱୟଂପ୍ରଜ୍ଞା ପରିଡ଼ା ଏହି ଅଭିନବ ପ୍ରୟାସ ନିମନ୍ତେ କ୍ଲିନିକର ସଦସ୍ୟ ଡା. ଅରବିନ୍ଦ ସିଂ ଏବଂ ଡା. ଅଭିଷେକ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ।



ଟ୍ରାଭେଲ୍ ହେଲଥ୍ କ୍ଲିନିକର ଶୁଭାରମ୍ଭ ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

# କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନରେ ମହିଳା ମୃତ

**ଥାନାରେ ଅଭିଯୋଗ କଲେ ପରିବାର ଲୋକେ**

କୋଡ଼ିଙ୍ଗା, ୧୩।୧୧
(ସମରେନ୍ଦ୍ର ପଟ୍ଟନାୟକ)

କ୍ୱାକ୍‌ଙ୍କ ଭୁଲ୍ ଚିକିତ୍ସାରେ ମହିଳା ମୃତ। ସାମାନ୍ୟ ମୁଣ୍ଡବ୍ୟଥାର ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳାଙ୍କୁ କ୍ୱାକ୍ ଭୁଲ୍ ଇଞ୍ଜେକ୍ସନ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି ଘଟଣା ସୋମବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମୃତକ ହେଲେ କୋଷାଗୁମୁଡ଼ା ବ୍ଲକ ଚିର୍ମା ଗ୍ରାମର ବକ୍ସି ବିଷୋୟୀଙ୍କ ସ୍ତ୍ରୀ ଦୟାମଣୀ (୫୦)। ଘଟଣା ପରଠାରୁ କ୍ୱାକ୍ ସମାରୁ ହରିଜନ ଫେରାର ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଦୟାମଣୀଙ୍କ ସୋମବାର ସକାଳେ ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଦିନ ୧୦ଟାରେ ପରିବାର ଲୋକେ ତାଙ୍କୁ କର୍ଚ୍ଚାମାଳ ଗ୍ରାମର କ୍ୱାକ୍ ସମାରୁ ହରିଜନଙ୍କ ଘରକୁ ନେଇ ଦେଖାଇଥିଲେ। ସମାରୁ କୌଣସି ପରୀକ୍ଷା ନ କରି ଦୟାମଣୀଙ୍କୁ କିଛି ଔଷଧ ଓ ଏକ ଇଞ୍ଜେକ୍ସନ ଦେଇଥିଲ। ଇଞ୍ଜେକ୍ସନ ଦେବାର ୫ମିନିଟ୍ ମଧ୍ୟରେ ଘଟଣାସ୍ଥଳରେ ହିଁ ଦୟାମଣୀଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବକ୍ସିଙ୍କ ସାନ ଭାଇ ଗୁଣନିଧି କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋଡିଙ୍ଗା ପୋଲିସ ୨୧୯/୨୩ରେ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି। କୋଷାଗୁମୁଡ଼ା ବ୍ଲକ୍‌ରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି। ଫଳରେ ଦିନକୁ ଦିନ କ୍ୱାକ୍‌ମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

# ହଷ୍ଟେଲରେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

**ବିଭାଗୀୟ ତଦନ୍ତ ଆରମ୍ଭ, ରୋଷେୟା ଫେରାର**

କେନ୍ଦୁଝର, ୧୩।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତ ଯନ୍ତାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ରୋଷେୟା ଅସଦାଚରଣ କରିଛନ୍ତି। ଛାତ୍ରୀ ବିରୋଧ କରିବାରୁ ରୋଷେୟା ମାଡ଼ ମାରିଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅଭିଯୋଗ ଆଧାରରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟ ପରିସରରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ହଷ୍ଟେଲ ରହିଛି। ୧୪ ଆଦିବାସୀ ବାଳିକା ଓ ୨୬ ବାଳକ ରହି ପାଠ ପଢୁଛନ୍ତି। ହଷ୍ଟେଲ ରୋଷେୟା ଭଗବାନ ବେହେରା ରବିବାର ରାତିରେ ଜଣେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ମାରି ଗେଟ୍ ବାହାରକୁ ବାହାର କରିଦେଇଥିଲେ। ଅନ୍ୟ ଛାତ୍ରୀଛାତ୍ର ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଛାତ୍ରୀ ଜଣକ ଭୟରେ ହଷ୍ଟେଲ ଗାଧୁଆଘରେ ଲୁଚିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀ ପହଞ୍ଚିବାରୁ ରୋଷେୟା ଫେରାର ହୋଇଯାଇଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର କହିଛନ୍ତି, ଏବିଇଓଙ୍କୁ ପଠାଇ ତଦନ୍ତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଘଟଣାର ସତ୍ୟତା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ବିଭାଗକୁ ରିପୋର୍ଟ କରାଯାଇଛି। ଘଟଣା ପରେ ଛାତ୍ରୀଛାତ୍ର ଭୟରେ ବିଦ୍ୟାଳୟ ଛାଡ଼ିବାକୁ କହୁଛନ୍ତି।

# ଶୋଇଥିବା ଅବସ୍ଥାରେ ଜଳିଗଲେ ବୃଦ୍ଧ

**ଶୀତ ପାଇଁ ପାଖରେ ନିଆଁ ଲଗାଇ ଶୋଇଥିଲେ**

ଝରିଗାଁ, ୧୩।୧୧
(କିଶୋର ଚନ୍ଦ୍ର ମଣ୍ଡଳ)

ଶୀତଦାଉରୁ ରକ୍ଷାପାଇବା ପାଇଁ ଜାଳିଥିବା ନିଆଁରେ ଜଳିଗଲେ ଜଣେ ବ୍ୟକ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ଝରିଗାଁ ଅଞ୍ଚଳରେ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ବେଲଗାଁ ପଞ୍ଚାୟତ ବୁଟିସର୍ଗି ଗ୍ରାମର ଭିକାରୀ ମାଳୀ (୫୯)।

ସୂଚନାନୁଯାୟୀ, ରବିବାର ରାତ୍ରିଭୋଜନ ପରେ ଘରର ସମସ୍ତେ ଚାଷ ଜମିରେ ଶୋଇବାକୁ ଯାଇଥିଲେ। ଭିକାରୀ କିନ୍ତୁ ଘରେ ଶୋଇଥିଲେ। ଅତ୍ୟଧିକ ଶୀତ ହେଉଥିବାରୁ ନିଜ ଶୋଇବା ବିଛଣା ପାଖରେ ସେ ନିଆଁ ଲଗାଇଥିଲେ। ସେ ଘୋଡ଼େଇ ହୋଇଥିବା କମ୍ବଳ ନିଆଁ ସଂସ୍ପର୍ଶରେ ଆସିବାରୁ ବୃଦ୍ଧ ଜଣକ ଜଳିଯାଇଥିଲେ। ସୋମବାର ସକାଳୁ ପୁଅ ଭୁବନ ଓ ବୋହୂ ଘରକୁ ଫେରି ଭିକାରୀଙ୍କୁ ନିଆଁରେ ପୋଡ଼ି ଯାଇଥିବା ଦେଖି ଝରିଗାଁ ଥାନାକୁ ଜଣାଇଥିଲେ। ଝରିଗାଁ ଥାନା ଏଏସ୍ଆଇ ରାମଚନ୍ଦ୍ର ନାୟକ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ କେସ୍ ନଂ.୩୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଆଜିଠୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

■ ଯୋଗଦେବେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର
■ ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'

ଭୁବନେଶ୍ୱର, ୧୩।୧୧
(ଅସମାପିକା ସାହୁ)

ଶିଶୁ ଦିବସ ଅବସରରେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହେବ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବ୍ଲକ୍ ଓ ଜିଲାସ୍ତରରୁ ବିଜୟୀ ହୋଇଥିବା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିବ 'ଆକାଂକ୍ଷୀ ପାଭିଲିୟନ୍'। ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଆକାଂକ୍ଷୀ ପାଠ୍ୟକ୍ରମ ଏବଂ କ୍ଲବ୍ କାର୍ଯ୍ୟକ୍ରମଗୁଡ଼ିକ ଏହି ପାଭିଲିୟନ୍‌ରେ ପ୍ରଦର୍ଶିତ ହେବ। ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପକୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଦର୍ଶକମାନେ ଦେଖିପାରିବେ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ। ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ପାଇଁ ମହୋତ୍ସବରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଉତ୍ସବର ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ର ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ନନ୍ଦନକାନନ, କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟ, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଓ ନାଚୁରାଲ ହିଷ୍ଟ୍ରି ଅଫ୍ ମ୍ୟୁଜିୟମ୍ ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଅପରାହ୍ନରେ ମୁଖ୍ୟ ଆକର୍ଷଣ ସାଜିବ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ଛାୟା ମିଳିତ ଜାତିସଂଘ'।

ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାକୁ ଉଦ୍‌ଘାଟନ କରିବେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେବାର କାର୍ଯ୍ୟକ୍ରମ ରହିଥିବା ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବନବାସୀ କଲ୍ୟାଣ ଆଶ୍ରମକୁ ହନୁମାନ ବାଟିକା ଦାନକଲେ ଦମ୍ପତି

**ଭୁବନେଶ୍ୱର,୧୩।୧୧ (ଅନୁରାଧା ମହାରଣା):** କଳାହାଣ୍ଡି ଜିଲା ମଦନପୁର ରାମପୁର ତହସିଲ ଅନ୍ତର୍ଗତ କୁସୁମନଗର ପଡା ଗ୍ରାମ ନିବାସୀ ବିପ୍ର ଚରଣ ବେହେରା ଓ ତାଙ୍କ ସ୍ତ୍ରୀ କବିତା ବେହେରା ବନବାସୀ କଲ୍ୟାଣ ଆଶ୍ରମକୁ ଶୁକ୍ରବାର ୩ ଡିସିମିଲ୍ ଭୂମି ଦାନ କରିଛନ୍ତି। ଉକ୍ତ ଜମିରେ ହନୁମାନ ବାଟିକା ରହିଛି। ଏହି ଭୂମି ଦାନ କାର୍ଯ୍ୟକ୍ରମରେ ଆଶ୍ରମର ପ୍ରାନ୍ତ ସଂଗଠନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ଭାଟି, ଜିଲା ସଭାପତି ମେଦିନୀଧର ଜାନି, ଶ୍ରୀକାନ୍ତ ହୋତା, ତୁସୁଲା ସରପଞ୍ଚ ମନୋଜ ସେଠୀ, ନଗର ସମ୍ପାଦକ ଜିତ୍ ମହାନ୍ତି, କଳାହାଣ୍ଡି ଜିଲା ସଂଗଠନ ମନ୍ତ୍ରୀ ରମାଦେବୀ ଜାନି, ଭୁବନେଶ୍ୱର ମାଝୀ, ଜିଲା ସଂଯୋଜକ ମନୋରଞ୍ଜନ ସାହୁ, ନର୍ଲା ବ୍ଲକ୍ ସଂଯୋଜକ ରାଜୀବ ଲୋଚନ ପୋଢଙ୍କ ସହ ଆଶ୍ରମର ସଦସ୍ୟ ଓ ଭକ୍ତମାନେ ଉପସ୍ଥିତ ଥିଲେ।

# ୨୦ ଓ ୨୬ରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ୩ ଦିନିଆ ଗସ୍ତରେ ଆସି କୋଲକାତାର କୋଲାଇକୁଣ୍ଡାଠାରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ବାରିପଦା ଆସିବେ। ବାରିପଦାଠାରେ ପହଞ୍ଚିବା ପରେ ଶାନ୍ତାଳୀ ଲେଖକମାନଙ୍କ ଲିଟେରାରି ମହୋତ୍ସବରେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ସାରି ରାଇରଙ୍ଗପୁର ସ୍ଥିତ ତାଙ୍କ ଗାଁରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୧ ତାରିଖରେ ଏଲ୍ ଆଣ୍ଡ ଟିର ସ୍କିଲ୍ ଅପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ବାରିପଦାଠାରେ ୩ଟି ଟ୍ରେନ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ବୁର୍ଲାର ଭିସୁଟ୍ ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହେବେ। ବୁର୍ଲାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ୨୨ ତାରିଖରେ ବ୍ରହ୍ମାକୁମାରୀମାନଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡାରୁ ଦିଲ୍ଲୀ ଫେରିଯିବେ ବୋଲି ସେ କହିଛନ୍ତି। ସେହିପରି ୨୬ ତାରିଖରୁ ରାଷ୍ଟ୍ରପତି ପୁଣିଥରେ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ଆସୁଛନ୍ତି। ୨୬ରେ ରାଷ୍ଟ୍ରପତି ଓଡ଼ିଶାରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିବେ। ୨୭ରେ ରାଜଭବନଠାରୁ ସିଧାସଳଖ ପାରଦୀପ ଗସ୍ତ କରିବେ। ସେଠାରେ ବୋଇତବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିଯିବେ। ଭୁବନେଶ୍ୱରରୁ ପୁଣି ସେହିଦିନ ହିଁ ଦିଲ୍ଲୀ ଫେରିବେ ବୋଲି ଜଣାପଡ଼ିଛି।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଲେ ୩୦ ସଂଘର କର୍ମକର୍ତ୍ତା

ଭୁବନେଶ୍ୱର, ୧୩।୧୧(ଅନିଲଦାସ)

୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ସୋମବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ ସଫଳ କରିବା ସକାଶେ ନବୀନ ଓଡ଼ିଶା ଅଧ୍ୟକ୍ଷ ରାଜ୍ୟର ରୂପାନ୍ତୀକରଣ ପ୍ରକ୍ରିୟାକୁ ଆଗକୁ ନେଇଛନ୍ତି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଏଥିପାଇଁ ପାଣ୍ଡିଆନ ବିଭିନ୍ନ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମସ୍ତେ ମିଳିତ ହୋଇ ଏକାଠି କାମ କରିବାକୁ ପାଣ୍ଡିଆନ ସମସ୍ତ ସଂଘକୁ ଆହ୍ୱାନ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ମହାନଗର ନିଗମର ମେୟର, ଡେପୁଟି ମେୟର ଏବଂ ସମସ୍ତ କର୍ପୋରେଟର, ଓଡ଼ିଶା ଏକଲବ୍ୟ ମଡେଲ ଆବାସିକ ସ୍କୁଲ କର୍ମଚାରୀ ସଂଘ, କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ଭୁବନେଶ୍ୱରର ଚର୍ଚ୍ଚ ଅଫ ଖ୍ରୀଷ୍ଟ, ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲ ଅଫିସର ଆସୋସିଏଶନ, ଓଡ଼ିଶା ପବ୍ଲିଶର ଆଣ୍ଡ ବୁକ୍ ସେଲର ଆସୋସିଏଶନ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଓଡ଼ିଶା ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ଓଡ଼ିଶା ପାଇପ ଜଳ ଯୋଗାଣ କର୍ମଚାରୀ ସଂଘ, ଓଏସ୍ଆର୍‌ଟିସି କର୍ମଚାରୀ ସଂଘ, କଟକ ମହାନଗର ନିଗମ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଂଘ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

## ପଣ୍ଡିତ ଟୀକେଶ୍ୱର ଗୁରୁଙ୍କ ପରଲୋକ

**ବଲାଙ୍ଗୀର,୧୩।୧୧ (ବୀରେନ୍ଦ୍ର କୁମାର ଝାଙ୍କର):** ବିଶିଷ୍ଟ ଜ୍ୟୋତିର୍ବିଦ୍, ସଂସ୍କୃତାଚାର୍ଯ୍ୟ ପଣ୍ଡିତ ଟୀକେଶ୍ୱର ଗୁରୁ (୮୮)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜଣେ ବିଶିଷ୍ଟ ଜ୍ୟୋତିଷାଚାର୍ଯ୍ୟଭାବେ ସମସ୍ତ ରାଜ୍ୟରେ ଜଣାଶୁଣା ଥିଲେ। ବଲାଙ୍ଗୀରର ବିଭିନ୍ନ ସ୍କୁଲ, କଲେଜ ଓ ସାମାଜିକ, ସାଂସ୍କୃତିସଙ୍ଗଠନ ସହ ସେ ଜଡିତ ଥିଲେ। ତାଙ୍କ ସ୍ତ୍ରୀ, ଦୁଇ ପୁଅ ଘଣ୍ଟେଶ୍ୱର, ହିମାଂଶୁ, ୪ ଝିଅ ଅଛନ୍ତି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ବଲାଙ୍ଗୀର ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଲାଙ୍ଗୀର ବିଭୂତିପଡା ଶ୍ମଶାନରେ ତାଙ୍କ ଦାହସଂସ୍କାର ସମ୍ପନ୍ନ ହୋଇଥିଲା।



# ବାପାଙ୍କ ଠେଙ୍ଗା ମାଡ଼ରେ ପୁଅ ମୃତ

କେନ୍ଦୁଝର, ୧୩।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦୀପାବଳି ଦିନ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କେନ୍ଦୁଝର ସହର ଏଲ୍ଆଇସି କଲୋନି ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ବାପାଙ୍କ ଠେଙ୍ଗା ମାଡ଼ରେ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନସ ନାଏକ(୧୮)। ପୋଲିସ ଅଭିଯୁକ୍ତ ବାପା ମହାବୀର ନାଏକ(୪୫)ଙ୍କୁ ଗିରଫ କରିଛି।

ପୋଲିସ ସୂଚନା ମୁତାବକ, ରବିବାର ମହାବୀର ଯାତ୍ରା ବୁଲିବାକୁ ଯିବାକୁ ମାନସଙ୍କୁ ଟଙ୍କା ମାଗିଥିଲେ। ମାନସ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହାବୀର ଉତ୍‌କ୍ଷିପ୍ତ ହୋଇ ଏକ ବାଉଁଶ ଠେଙ୍ଗାରେ ପୁଅଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମାନସଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୪୦୪/୨୩) ରୁଜୁ ହୋଇଛି।

# ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ, ୧୩।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ନିକଟ ଗାଡ଼ାସାହିଠାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାରଦ ମୁଣ୍ଡା(୫୫)। ସୂଚନା ଅନୁଯାୟୀ, ନାରଦ ସୋମବାର ନିଜ ଧାନ ବିଲରୁ ଗାଡ଼ାସାହିକୁ ଫେରୁଥିଲେ। ବାଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ବନ ବିଭାଗ ଅଧିକାରୀ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ Bhubaneswar, Tuesday, November 14/2023

# ଉତ୍ତରକାଶୀରେ ସୁଡ଼ଙ୍ଗ ଭୁଶୁଡ଼ିଲା

## ୫ ଓଡ଼ିଆଙ୍କ ସମେତ ୪୦ ଫସିଛନ୍ତି



- ଉଦ୍ଧାର କାର୍ଯ୍ୟ ଜାରି
- ଖାଦ୍ୟ, ଅକ୍ସିଜେନ୍ ପଠାଗଲା

ଡେରାଡୁନ୍, ୧୩।୧୧

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଯମୁନେତ୍ରୀ-ଉତ୍ତରାଖଣ୍ଡ ଜାତୀୟ ରାଜପଥ କାମ ଚାଲିଥିବାବେଳେ ରବିବାର ଭୋର ସମୟରେ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବାରୁ ୫ ଓଡ଼ିଆଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫସି ରହିଛନ୍ତି। ଉତ୍ତରକାଶୀର ସିଲ୍କ୍ୟାରା ସହ ଡଣ୍ଡାଲଗାଓଁକୁ ଏହି ସୁଡ଼ଙ୍ଗ ଯୋଡୁଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାରକାରୀମାନେ ସୁଡ଼ଙ୍ଗ ଖୋଳି ସେଥିରେ ଫସିରହିଥିବା ଲୋକମାନଙ୍କୁ ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ସେଥିପାଇଁ ଓଜନଦାର ଏକ୍ସାଭେଟର ମେଶିନ୍‌ଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫସିଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ ହୋଇପାରିଛି ଓ ସେମାନେ ☞ ପୃଷ୍ଠା-୯

## ମୟୂରଭଞ୍ଜର ୩, ନବରଙ୍ଗପୁରର ୨ ଶ୍ରମିକ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ), ୧୩।୧୧

ଉତ୍ତରାଖଣ୍ଡରେ ଭୁଶୁଡ଼ିଥିବା ସୁଡ଼ଙ୍ଗ ତଳେ ଫସିରହିଥିବା ଶ୍ରମିକଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଅଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ମୟୂରଭଞ୍ଜ ଜିଲ୍ଲାର ଏବଂ ୨ଜଣ ନବରଙ୍ଗପୁର ଜିଲ୍ଲାର ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲ୍ଲାର ୩ଜଣ ହେଲେ ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ବେଢ଼ାକୁଦର ଗ୍ରାମର ଧୀରେନ ନାଏକ, ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ ଏବଂ ତିରିଂ ବ୍ଲକ କୁଳଦିଆ ବଡ଼କେଡମ ଗ୍ରାମର ☞ ପୃଷ୍ଠା-୯

# ଅସମ୍ଭାଳ ବାୟୁ ପ୍ରଦୂଷଣ

## ଭୁବନେଶ୍ୱର, କଟକ ସ୍ଥିତି ଅତି ବିପଜ୍ଜନକ

**ଦିଲ୍ଲୀର ଭୟାବହ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ନିକଟରେ ସବୁ ରାଜ୍ୟରେ ରାସାୟନିକ ବାଣଫୁଟା ଉପରେ ରୋକ ଲଗାଇଥିଲେ। ବିଶେଷକରି ପ୍ରଦୂଷଣ ସୃଷ୍ଟିକାରୀ ବାଣ ଯେଭଳି ଫୁଟା ନ ଯିବ ସେଥିଲାଗି ରାଜ୍ୟ ସରକାରମାନେ ପଦକ୍ଷେପ ନେବେ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଓଡ଼ିଶାରେ ତାହା ପାଳନ ହୋଇ ନ ଥିବା ରବିବାର ଦୀପାବଳି ଅବସରରେ ହୋଇଥିବା ବାଣଫୁଟାରୁ ସ୍ପଷ୍ଟ ହୋଇଛି। ଏତେ ସଂଖ୍ୟାରେ ବାଣଫୁଟା ଯାଇଥିଲା ଯେ, ଭୁବନେଶ୍ୱର ଏବଂ କଟକ ଟୁଇନ୍ ସିଟିର ସହରର ବାୟୁ ପ୍ରଦୂଷଣ ରେକର୍ଡ ଭାଙ୍ଗିଛି। ଫଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଅତି ବିପଜ୍ଜନକ ସ୍ଥିତିକୁ ଚାଲିଯାଇଛି।**



ଭୁବନେଶ୍ୱର, ୧୩।୧୧ (ଅନିଲ ଦାସ)

ଗତ କିଛିଦିନ ହେବ ଦେଶର ରାଜଧାନୀ ନୂଆଦିଲ୍ଲୀବାସୀ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛନ୍ତି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ଅଦାଲତ ଅଧିକ ପ୍ରଦୂଷଣ କରୁଥିବା ବିପଜ୍ଜନକ ବାଣକୁ ସମଗ୍ର ଦେଶରେ ନିଷେଧ କରିଥିଲେ। ହେଲେ ଏହାର ପ୍ରଭାବ ତିଳେ ମାତ୍ର ପଡ଼ିବା ଭଳି ମନେ ହେଲା ନାହିଁ। ଅଧରାତି ଯାଏ ସ୍ୱାଭାବିକ ଭାବେ ବାଣଫୁଟା ଚାଲିଲା। ଚାରିଆଡ଼ ଧୂଆଁମୟ ହୋଇଗଲା। ବଢ଼ିଚାଲିଲା ବାୟୁ ପ୍ରଦୂଷଣର ପାରାମିଟର। ବେଳକୁ ବେଳ ବାୟୁ ପ୍ରଦୂଷଣ ଘାତକ ହେବାରେ ଲାଗିଛି। କଳକାରଖାନା ଓ ଯାନବାହନ ପ୍ରଦୂଷଣରେ ଜୀବନ ଘାଣ୍ଟି ହେଉଛି। ସ୍ୱଚ୍ଛ ବାୟୁଟିକେ ପାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଲାଣି। ପରିବେଶ ବିଗୁଡୁଥିଲେ ମଧ୍ୟ ଲୋକଙ୍କ ମଧ୍ୟରେ ସଚେତନତା ଆସୁନାହିଁ। ଦୀପାବଳିରେ ଏହି ପ୍ରଦୂଷଣ ହାର ଅନେକ ମାତ୍ରାରେ ବଢ଼ିଯାଇଛି। ପ୍ରଦୂଷଣ ସ୍ତର ଏତେ ବଢ଼ି ଯାଇଥିଲା ଯେ ଏକ ପ୍ରକାର ଅଣନିଃଶ୍ୱାସୀ ପରିବେଶ ସୃଷ୍ଟି ହୋଇଥିଲା। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। କେବଳ ଦୀପାବଳି ନୁହେଁ, ଏହାର ପରଦିନ ସୋମବାର ମଧ୍ୟ ପ୍ରଦୂଷଣ ଜ୍ୱାଳାରୁ ମୁକ୍ତ ନ ଥିଲା।

ରାଜ୍ୟର ପ୍ରମୁଖ ସହର କଟକ, ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ପ୍ରଦୂଷଣ ସ୍ଥିତି ଭୟଙ୍କର ଅବସ୍ଥାକୁ ଚାଲିଯାଇଛି। ରବିବାର ରାତି ୧ଟାରେ ପ୍ରଦୂଷଣ ମାତ୍ରା ରେକର୍ଡ ଛୁଇଁଥିଲା। ସେହି ସମୟରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଅଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୯୯୯ ଥିଲା ବେଳେ ପଟିଆ ଅଞ୍ଚଳରେ ୬୭୬ ରେକର୍ଡ କରାଯାଇଛି। ସେହିପରି କଟକରେ ରାତି ୧ଟାରେ ପ୍ରଦୂଷଣ ସ୍ତର ୮୮୨ ରେକର୍ଡ ହୋଇଥିଲା। ଶନିବାର ଅପେକ୍ଷା ରବିବାର ଦୀପାବଳିରେ ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ମାତ୍ରା ବଢ଼ିଥିଲା। ୧୧ ତାରିଖରେ ବାଲେଶ୍ୱରରେ ହାରାହାରି ପ୍ରଦୂଷଣ ୧୨୩ ଥିଲା ବେଳେ ୧୨ ତାରିଖରେ ୧୯୩.୭୯ ରହିଥିଲା। ସେହିପରି ଅନୁଗୋଳରେ ପ୍ରଦୂଷଣ ୧୧ ତାରିଖରେ ୧୩୦ ଥିବା ବେଳେ ୧୨ ତାରିଖରେ ଏହା ୩୪୮କୁ ବୃଦ୍ଧି ପାଇଥିଲା। ତାଳଚେରର ପ୍ରଦୂଷଣ ମାତ୍ରା ୧୧ ତାରିଖରେ ୧୧୭ ରହିଥିବା ବେଳେ ☞ ପୃଷ୍ଠା-୯

# ଅଭିନେତ୍ରୀ ମୌସୁମୀ ନାୟକ ଗିରଫ

## ଲେଖିକାଙ୍କୁ ଧମକ ଦେଇ ଟଙ୍କା ଆଦାୟ ମାମଲା

ଭୁବନେଶ୍ୱର, ୧୩।୧୧ (ସତ୍ୟଜିତ୍ ରାଉତ)

ଧମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଅଭିନେତ୍ରୀ ମୌସୁମୀ ନାୟକଙ୍କୁ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରେ ଅଭିଯୁକ୍ତା ମୌସୁମୀଙ୍କ ଘର। ଲେଖିକା ବନସ୍ମିତା ପତିଙ୍କ ଏତଲା ଆଧାରରେ ପୋଲିସ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ମୌସୁମୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ☞ ପୃଷ୍ଠା-୯






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୁଆ ଧରିବାକୁ ପାଞ୍ଚଜଣ, ଗୀତ ବୋଲିବାକୁ ଜଣେ ।**

ପାଲାରେ ଗାହାଣ ବା ଗାୟକ ଗୀତ ବୋଲୁଥିବା ବେଳେ ପାଳିଆମାନେ ତା'ର ପାଳି ଧରୁଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ଅର୍ଥରେ ଜଣେ ନେତା ବା କାମିକା ଲୋକଙ୍କର ଅନେକ ଅନୁଚର ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି ।**

ସାଧାରଣତଃ କୌଣସି ଦାୟିତ୍ୱ ନ ଥିଲେ ସମସ୍ତେ ଫୁଲାଫାଙ୍କିଆ ହୋଇ ରହିଥା'ନ୍ତି, ନିଜ କାର୍ଯ୍ୟକଳାପ ପ୍ରତି ଆଦୌ ସଚେତନ ହୋଇ ନ ଥା'ନ୍ତି। ତେବେ ଯେତେବେଳେ କିଛି ଦାୟିତ୍ୱ ପଡ଼େ, ସେତେବେଳେ ସେମାନେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ସହ ତାକୁ ସୁଚାରୁ ରୂପେ ତୁଲାଇବାକୁ ପ୍ରସ୍ତୁତ ହୋଇଯାଆନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# କାର୍ ପଛୁଆ ମାଡ଼ିଯିବାରୁ ଶିକ୍ଷୟିତ୍ରୀ ମୃତ

## ଦୀପାବଳିରେ ଲିଙ୍ଗରାଜ ମନ୍ଦିର ନିକଟରେ ଅଘଟଣ

■ ସ୍ୱାମୀ ଗୁରୁତର, ଡ୍ରାଇଭର ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ପୁରୁଣା ଭୁବନେଶ୍ୱର, ୧୩।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଜୀବନ ନେଇଛି। ବ୍ୟାକ୍ ଗିୟର ପକାଇ ଦେବାରୁ କାର୍‌ଟି ପଛୁଆ ଗଡ଼ି ଜଣେ ଶିକ୍ଷୟିତ୍ରୀଙ୍କୁ ଧକ୍କା ଦେବା ପରେ କାନ୍ଥରେ ଚାପି ମାରିଦେଇଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଦୀପାବଳି ସନ୍ଧ୍ୟାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉତ୍ତର ଦ୍ୱାର ନିକଟରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତା ଶିକ୍ଷୟିତ୍ରୀ ହେଲେ ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗେଟ୍ ବଜାରରେ ରହୁଥିବା ସୁଲୋଚନା ମହାନ୍ତି(୫୩) ଓ ଆହତ ହୋଇଥିବା ତାଙ୍କ ସ୍ୱାମୀ ହେଉଛନ୍ତି ଜ୍ୟୋତିରାମ ଦେବର୍ତ୍ତା। ସେମାନେ ପୟା ଶ୍ରାଦ୍ଧ ଦେବାରୁ ଏଠାକୁ ଆସିଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ପୁରୀ କଣାସ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ବେହେରାଙ୍କୁ ଗିରଫ କରାଯିବା ସହ କାରକୁ ଜବତ କରାଯାଇଛି ବୋଲି ଜୋନ୍-୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ସୁଲୋଚନା ଓ ତାଙ୍କ ସ୍ୱାମୀ ଜ୍ୟୋତିରାମ ପୟା ଶ୍ରାଦ୍ଧ ଦେବାକୁ ରବିବାର ଭୁବନେଶ୍ୱର ଆସି ଲିଙ୍ଗରାଜ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସୋମବାର ସକାଳେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତେ। ହେଲେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିସାରିବା ପରେ ରବିବାର ରାତି ପ୍ରାୟ ୯ଟାରେ ମନ୍ଦିରର ଉତ୍ତର ଫାଟକ ପଟେ ବାହାରି ଠିଆ ହୋଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଉକ୍ତ କାର୍ (ଓଡି୦୨ସିଏନ୍‌୭୭୨୬)ଟି ପାର୍କିଂରେ ଥିଲା। କାର୍ ମାଲିକ ଫୋନ୍‌ରେ କଥା ହେଉଥିବା ସମୟରେ ଅଭିଯୁକ୍ତ ଡ୍ରାଇଭର କୃଷ୍ଣଚନ୍ଦ୍ର ବେପରୁଆ ଭାବେ ବ୍ୟାକ ଗିୟର ପକାଇ ଦେବାରୁ କାର୍‌ଟି ଜୋର୍‌ରେ ପଛୁଆ ଗଡ଼ି ସୁଲୋଚନା ଓ ଜ୍ୟୋତିରାମଙ୍କୁ ଧକ୍କା ଦେଇଥିଲା। ଜ୍ୟୋତିରାମ ବାହାରକୁ ଛିଟିକି ପଡିଥିବାବେଳେ ସୁଲୋଚନାଙ୍କୁ କାର୍‌ଟି ସିଧା ପଛରେ ଥିବା ଏକ କାନ୍ଥରେ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଆହତ ସ୍ୱାମୀ ଜ୍ୟୋତିରାମଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତରଣ କରାଯାଇଥିଲା। ଦୁର୍ଘଟଣା ପରେ ଚାଳକ କୃଷ୍ଣଚନ୍ଦ୍ର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲାଷ୍। ଖବର ପାଇ ପୋଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୯/୨୩) ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।


ମୃତା ଶିକ୍ଷୟିତ୍ରୀ ସୁଲୋଚନା ମହାନ୍ତି


ଆହତ ଜ୍ୟୋତିରାମ ଦେବର୍ତ୍ତା


ଗିରଫ ଡ୍ରାଇଭର କୃଷ୍ଣଚନ୍ଦ୍ର ବେହେରା

## କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ):** କବୟିତ୍ରୀ ନିର୍ମଳା ମହାନ୍ତିଙ୍କ ସୋମବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ସେ ସ୍ୱାସ୍ଥ୍ୟଜନିତ ରୋଗରେ ପୀଡିତ ଥିଲେ। ୧୯୪୭ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତର୍ଗତ ପୋଦରୁଆଁ ଗ୍ରାମରେ ଜନ୍ମ ନେଇଥିବା କବୟିତ୍ରୀ ମହାନ୍ତି ଦୀର୍ଘ ୬ଦଶନ୍ଧି ଧରି ସାହିତ୍ୟ ସାଧନାରେ ବ୍ରତୀ ଥିଲେ। ଜଣେ ବରିଷ୍ଠ ତଥା ପ୍ରତିଷ୍ଠିତ ସୁସାହିତ୍ୟିକା ଭାବେ ସାହିତ୍ୟର ବିଭିନ୍ନ ବିଭବ ତଥା ଗଳ୍ପ, କବିତା, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଗୀତିକବିତା ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ଅନୁବାଦ ସାହିତ୍ୟରେ ମଧ୍ୟ ତାଙ୍କର ଖୁବ୍ ଦକ୍ଷତା ଥିଲା। ୨୦୧୩ରେ ତାଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ରଚିତ ପ୍ରାୟ ୧୫ଖଣ୍ଡ ପୁସ୍ତକ ପାଠକୀୟ ଆଦୃତିଲାଭ କରିଛି। ସେଗୁଡ଼ିକ ମଧ୍ୟରେ କବିତା- ଅନେକ ନିଦାଘ ପରେ, ନୀରବ ନିର୍ଯାସ, ଅମୃତ ମଣୋହି, ସ୍ୱପ୍ନମୟ ଚିରକାଳ, ଜୀବନପାତ୍ର ମୋ, ଗଳ୍ପ ସଂକଳନ- ଆଳାପ, ଅନୁବାଦ କବିତା-ଛାଡ଼ପତ୍ର, ଶିଶୁସାହିତ୍ୟ-ଚୁମିଚୁମି ସପନ, ନୀଲୁର ଗପଲେଖା, ଆଇସ୍କ୍ରିମ୍‌ର ପାଲା, ଆଠ କାହାଣୀ ଏବଂ ଗୀତିକବିତା-ତୁମେ ଅମୃତମୟ ଆଦି ରହିଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦୀପକ କୁମାର ମହାନ୍ତି, ଜ୍ୱାଇଁ ଇଂ. ପ୍ରଭାତ କୁମାର ବେହୁରିଆ, ଝିଅ ସମିତା, ସରିତା ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ୟାରେଜଛକ ନିକଟସ୍ଥ ବାସଭବନକୁ ମୃତଦେହ ଅଣାଯିବା ପରେ ସେଠାରେ ସ୍ୱାମୀ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଭାଇ, ଭଉଣୀଙ୍କ ସହିତ ଲେଖିକା ବନଜ ଦେବୀ, ସଂଯୁକ୍ତା ମହାନ୍ତି, ତନୟାଦାସ ଗୋସ୍ୱାମୀଙ୍କ ପରିବାର ସମେତ ଆତ୍ମୀୟସ୍ୱଜନ ତଥା ବନ୍ଧୁ ପରିଜନ ଶେଷଦର୍ଶନ କରିଥିଲେ। ପରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ।

# ସଙ୍ଗୀତା ରଥ ପାଇବେ 'ଝୁମୁକା ପୁରସ୍କାର'

## ରଘୁନନ୍ଦନ ଓ ଶ୍ରୁତକୀର୍ତ୍ତିଙ୍କୁ ସାରସ୍ୱତ ସମ୍ମାନ

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଓଡ଼ିଶାର ମନସ୍ତତ୍ତ୍ୱବିତ୍ ଓ ସାହିତ୍ୟିକା ପ୍ରଫେସର ସଙ୍ଗୀତା ରଥଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ ଶିଶୁ ସାହିତ୍ୟ ସମ୍ମାନ 'ଝୁମୁକା ପୁରସ୍କାର' ପ୍ରଦାନ କରାଯିବ। ସେହିପରି ପତ୍ରିକା ପୃଷ୍ଠାର ସଫଳ ଲେଖକ ରଘୁନନ୍ଦନ ମହାପାତ୍ର ଓ ପିଲାଙ୍କ ସାହିତ୍ୟ ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କୁ ଚଳିତ ବର୍ଷର 'ଝୁମୁକା ସାରସ୍ୱତ ସମ୍ମାନ' ମିଳିବ। ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ 'ଝୁମୁକା' ପତ୍ରିକାର ୩୭ତମ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ମାନସ ରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଏହି ଅବସରରେ 'ପିଲାଙ୍କ ସାହିତ୍ୟ: ସେଦିନ ଓ ଆଜି' ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହେବ। ଏହି ସାଂସ୍କୃତିକ ସମାରୋହକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଭାପତି ମାଧବ କୌଶିକ ଉଦ୍‌ଘାଟନ କରିବେ। ସେହିପରି ଡ. ଗୌରହରି ଦାସ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଶରୀର ଦାନ ପାଇଁ ପଦ୍ମଶ୍ରୀ ବାବା ବଳିଆଙ୍କ ଘୋଷଣା

ତିର୍ତ୍ତୋଲ, ୧୩।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିକଟ ବୀଣାପାଣି ମଣ୍ଡପ ପରିସରରେ ପଦ୍ମଶ୍ରୀ ବାବା ବଳିଆ ସୋମବାର ଏକ ଖବରଦାତା ସମ୍ମିଳନୀ ଡାକି ଶରୀର ଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଜୀବନରେ ପାରିବାରିକ ପ୍ରୀତି ନ ରହିଲେ ସମାଜରେ ସୁଧାର ଆସିବା ଅସମ୍ଭବ। ତେଣୁ ମା'ବାପା ନିଜ ପରିବାରରୁ ପିଲାମାନଙ୍କୁ ସଂସ୍କାରୀ ଭାବେ ଗଢ଼ିବା ଉଚିତ। ଏଥିସହ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଏହାର ବିଲୋପ ଲାଗି ସେ ଆହ୍ୱାନ ଦେଇଥିଲେ। ସ୍ୱାମୀହରା ମା'ମାନଙ୍କୁ ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ସାମିଲ କରିବା ଅମଙ୍ଗଳ ନୁହେଁ ବୋଲି ବାବା ବଳିଆ କହିଥିଲେ। ସେ ଆହୁରି କହିଥିଲେ, ନିଶା ଓ ମାଦକ ଦ୍ରବ୍ୟ ସେବନ ଯୁବପିଢ଼ିଙ୍କୁ ପଥ ଭ୍ରଷ୍ଟ କରୁଛି। ଏଣୁ ସାରା ଦେଶରେ ନିଶା ଓ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ । ସେ ସମାଜର ମଙ୍ଗଳ ପାଇଁ ସବୁବେଳେ ନିଜକୁ ନିୟୋଜିତ କରିଛନ୍ତି। ସମାଜର ହିତ ସାଧନ ଲାଗି ତାଙ୍କ ଆତ୍ମା ଶରୀର ଛାଡ଼ିବା ପରେ ଶରୀରକୁ ଦାନ କରାଯିବ ବୋଲି ବାବା ବଳିଆ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଶିଶୁ ଅନନ୍ତ ଆଶ୍ରମର ସଚିବ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଏବଂ ଆଶ୍ରମର ଅନ୍ତେବାସୀ ଓ ବହୁ ଅନୁଗାମୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପ୍ରଦ୍ମଶ୍ରୀ ବାବା ବଳିଆ।

# ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଟିକିରି, ୧୩।୧୧ (ପ୍ରଫୁଲ କୁମାର ବେହେରା)

ରାୟଗଡ଼ା ଜିଲା ଖଣି ଅଞ୍ଚଳ ଭାବେ ପରିଚିତ କାଶୀପୁର ବ୍ଲକ୍ ବାଙ୍କମ୍ଭ ଗାଁରେ ଦାଦନ ଦୁଃଖ ଦେଖିବାକୁ ମିଳିଛି। ବାଙ୍କମ୍ଭ ଗାଁର ଜକ୍କୁ ମାଝୀ(୨୪) ଆନ୍ଧ୍ରପ୍ରଦେଶରେ ଏକ କ୍ରଶରରେ କାମ କରୁଥିବାବେଳେ ଶନିବାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ଜକ୍କୁଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସାମ ମାଝୀଙ୍କ ପୁଅ ଜକ୍କୁ ଆନ୍ଧ୍ରପ୍ରଦେଶର ଓରେଙ୍ଗଲ କ୍ରିଷ୍ଣା ଜିଲାରେ ଏକ ପଥର କ୍ରସରରେ ହିଟାଚି ମେଶିନ ଡ୍ରାଇଭର ଭାବେ କାମ କରୁଥିଲେ। କୌଣସିକାରଣ ବଶତଃ ହିଟାଚି ମେଶିନ୍ ପାହାଡ଼ର ୩ ଶହ ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ ମେଶିନ ତଳେ ଚାପି ହୋଇ ଜକ୍କୁଙ୍କ ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ କାମ କରୁଥିବାବେଳେ ବାଙ୍କାମ୍ଭ ଗ୍ରାମର ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। କାଶୀପୁର ବ୍ଲକ୍ ଖଣିଖାଦାନ ପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଜିଲାରେ ବଡ଼ ବଡ଼ କମ୍ପାନୀ ରହିଛି। ଏହାସତ୍ତ୍ୱେ ସ୍ଥାନୀୟ ଲୋକେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ବାଙ୍କାମ୍ଭ ପଞ୍ଚାୟତର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଆନ୍ଧ୍ରପ୍ରଦେଶ ଚିଙ୍ଗୁଡି ଫ୍ୟାକ୍ଟ୍ରି ଏବଂ ବିଜୟୱାଡା ଅଞ୍ଚଳରେ କାମ କରୁଥିବା ସୂଚନା ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଲୋକଙ୍କ କାମ ଯୋଗାଇ ଦିଆଯିବା ସହ ଦାଦନ ଶ୍ରମିକ ରୋକାଯିବା ନେଇ ସାଧାରଣରେ ଦାବି ହୋଇଛି।

# ମଦ ପିଇବାକୁ ଟଙ୍କା ନ ଦେବାରୁ ଦାଦାଙ୍କୁ ହତ୍ୟାକଲା ପୁତୁରା

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

ମଦ ପିଇବାକୁ ଟଙ୍କା ନ ଦେବାରୁ କାଠଫାଳିଆରେ ପିଟି ଜଣେ ଯୁବକ ତାଙ୍କ ଦାଦାଙ୍କୁ ହତ୍ୟା କରିଛନ୍ତି। ଜୟପୁର ସଦର ଥାନା ଅନ୍ତର୍ଗତ ଡୁଙ୍ଗୁରିଗୁଡା ଗ୍ରାମରେ ଘଟିଥିବା ଏହି ହତ୍ୟାକାଣ୍ଡ ସାଧାରଣରେ ଆଲୋଡ଼ନ ଖେଳାଇ ଦେଇଛି। ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡ଼ିଛି, ଡୁଙ୍ଗୁରିଗୁଡା ଗ୍ରାମର ମଧୁ ନାୟକ (୨୫) ମିସ୍ତ୍ରି ରୂପେ କାର୍ଯ୍ୟ କରୁଥିବା ତାଙ୍କ ଦାଦା ରାମଚନ୍ଦ୍ର ନାୟକ ପେପର ମିଲ ଛକ ଆଡୁ ଚାଲି ଚାଲି ଆସୁଥିବା ବେଳେ ତାଙ୍କୁ ମଦ ପିଇବା ପାଇଁ ଶହେ ଟଙ୍କା ମାଗିଥିଲେ। ସେ ମନା କରିବାରୁ ମଧୁ ଏକ କାଠଫାଳିଆରେ ରାମଚନ୍ଦ୍ରଙ୍କ ମୁଣ୍ଡକୁ ଖୁବ୍ ଜୋରରେ ପିଟି ଦେଇଥିଲେ। ଏଥିରେ ରାମଚନ୍ଦ୍ର ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ରାମଚନ୍ଦ୍ରଙ୍କ ବାପା ଚୈତନ୍ୟ ସଦର ଥାନାରେ ଅଭିଯୋଗ କରିବାରୁ ପୋଲିସ ହତ୍ୟା ମାମଲା ରୁଜୁ କରି ମଧୁଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ କାଠଫାଳିଆ ଜବତ ହୋଇଛି।

# ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଲେ

ରେଢ଼ାଖୋଲ, ୧୩।୧୧ (ଅଚ୍ୟୁତାନନ୍ଦ ପୁରୋହିତ)

## ଦୀପାବଳି ପାଳନର ନିଆରା ପରମ୍ପରା

ସମ୍ବଲପୁର ଜିଲା ରେଢ଼ାଖୋଲ ସହରରେ ଦୀପାବଳି ପାଳନର ଏକ ସ୍ୱତନ୍ତ୍ରତା ରହିଛି। ଦୀପାବଳି ଅବସରରେ ରେଢ଼ାଖୋଲ ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ରବିବାର ସନ୍ଧ୍ୟାରେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳିଥିଲେ। ସ୍ଥାନୀୟ ମିନି ଷ୍ଟାଡିୟମରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଅଖାରେ ପ୍ରସ୍ତୁତ ଏହି ଫୁଟ୍‌ବଲକୁ ସ୍ୱତନ୍ତ୍ର ଭାବେ ୩ ଦିନ ପୂର୍ବରୁ ପ୍ରସ୍ତୁତ କରାଯାଇ କିରୋସିନରେ ଭିଜାଇ ରଖାଯାଏ। ଦୀପାବଳି ସନ୍ଧ୍ୟାରେ ପ୍ରଥମେ ପୂଜାର୍ଚ୍ଚନା ପରେ ବଲରେ ନିଆଁ ଲଗାଯାଏ ଓ କମିଟି ସଭ୍ୟମାନେ ଏଥିରେ ଅଧଘଣ୍ଟା ଧରି ଖେଳିଥାନ୍ତି। ଖେଳ ପାଇଁ ୨ଟି ବଲ୍ ପ୍ରସ୍ତୁତ କରାଯାଇଥାଏ। ତେବେ ନିଆଁ ଜଳୁଥିବା ବଲ୍ ଖେଳିବାକୁ ଛୋଟ ଛୁଆମାନଙ୍କୁ ବାରଣ କରାଯାଇଛି। ସମସ୍ତେ ହାପ୍ ପ୍ୟାଣ୍ଟ ଓ ଜୋତା ପିନ୍ଧି ପଡ଼ିଆକୁ ଓହ୍ଲାଇଥାନ୍ତି। ନିଆଁ ଲାଗିଥିବା ବଲ୍ ଯେପରି ଆଣ୍ଠୁ ଉପରକୁ ନ ଉଠେ ସେଥିପାଇଁ ସତର୍କ ରହିବାକୁ ସମସ୍ତଙ୍କୁ କୁହାଯାଇଥାଏ। ଖେଳିବା ସମୟରେ ସୁରକ୍ଷା ଦୃଷ୍ଟିରୁ ପାଣିଟ୍ୟାଙ୍କର ଓ ବାଲିବସ୍ତା ପ୍ରସ୍ତୁତକରି ରଖାଯାଏ। ତେବେ ଖେଳ ସରିବାପରେ ସମସ୍ତ ସଭ୍ୟ ଅଗ୍ନିଦେବତାଙ୍କୁ କ୍ଷମା ପ୍ରାର୍ଥନା ମାଗିଥାନ୍ତି। ୪୦ବର୍ଷ ହେବ ଏଭଳି ଏକ ନିଆରା ପରମ୍ପରା ଏଠାରେ ଅନୁଷ୍ଠିତ ହୋଇଆସୁଛି। ଆଇନଜୀବୀ ସ୍ୱର୍ଗତ ପ୍ରଦୀପ ସାମନ୍ତ ପ୍ରଥମେ ଏଭଳି ଏକ ନିଆରା ଖେଳ ଖେଳିବା ଆରମ୍ଭ କରିଥିଲେ। ପରେ ଏହାକୁ ଅନୁକରଣକରି ଯଦୁମଣି ପାଟଣା ଲକ୍ଷ୍ମୀପୂଜା କମିଟି ସଭ୍ୟମାନେ ପ୍ରତିବର୍ଷ ଦୀପାବଳି ଦିନ ଏହି ଖେଳ ଖେଳିଆସୁଛନ୍ତି। କମିଟି ସଭାପତି ସୁଶାନ୍ତ ସାମନ୍ତ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରଶାନ୍ତ ରାଉତ, ମନୋଜ ରାଏଙ୍କ ସମେତ ଅନ୍ୟ ସଭ୍ୟମାନେ ଏହି ନିଆରା ପରମ୍ପରାରେ ସାମିଲ ହୋଇଥିଲେ।


କମିଟି ସଦସ୍ୟମାନେ ଫୁଟ୍‌ବଲରେ ନିଆଁ ଲଗାଇ ଖେଳୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଏକାଦଶସ୍ଥ ଶନିଙ୍କ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଆଜିର ଯାତ୍ରା, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମାଦିରେ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧି ଆଶଙ୍କା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ମାନସିକ ସ୍ଥିତି ବଳବତ୍ତର ରହିବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ବଳହୀନ ରବିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବା ଫଳରେ ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ** ଚନ୍ଦ୍ରଙ୍କ ସହ ବୁଧଙ୍କ ସଂଯୋଗରୁ ଅର୍ଥ ପ୍ରାପ୍ତି ଲାଳସାରେ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହୋଇପାରେ। ଆକସ୍ମିକ ଭାବରେ ମିତ୍ର ବନ୍ଧୁଙ୍କ ସହ ମନାନ୍ତର ଘଟିବା ସମ୍ଭାବନା ରହିଛି। ମାନସିକ ସ୍ଥିତି ପୂର୍ବବତ୍ ରହିବା ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳିନେବେ।

**କର୍କଟ** ଚତୁର୍ଥସ୍ଥ ଏକାଧିକ ଗ୍ରହଜନିତ ଆତ୍ମୀୟସ୍ୱଜନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଭଲ ସମ୍ପର୍କ ରହିଥିବା ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହ ଯୋଗର ହାତ ବଢ଼ାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ** ଆଜି ଶୁକ୍ରଙ୍କ ପ୍ରଭାବରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଭାବରେ ଆଶ୍ୱସ୍ତି ଲାଭକରିବେ।

**କନ୍ୟା** ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାରକଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଧନସ୍ଥାନସ୍ଥ ପାପଗ୍ରହ ପ୍ରଭାବରେ ଅସାବଧାନତା କାରଣରୁ ଧନହାନି ସମ୍ଭାବନା ରହିଛି। ସାମାଜିକ ସ୍ତରରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷକରିପାରିବେନି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବା ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ,ଯାହାକି କାମକୁ ଆସିବ। ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ପାପଯୁକ୍ତ ବୃହସ୍ପତିଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ହଇରାଣରେ ପଡ଼ିପାରନ୍ତି। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବେ। ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର** ସ୍ୱଗୃହୀ ଶନି ଯୋଗୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଚନ୍ଦ୍ରମଙ୍ଗଳ ଯୋଗ ହେତୁ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ଘରେ ବନ୍ଧୁମିଳନ ଜନିତ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ମନ ବୁଝିଲା ଭଳି କଥା କହି ପଡ଼ୋଶୀ କାର୍ଯ୍ୟ ହାସଲ କରିନେବେ।

**କୁମ୍ଭ** ଆଜିର ଯାତ୍ରା ପ୍ରୀତିପ୍ରଦ ସାଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ତୃତୀୟ ସ୍ଥାନ ପାପଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** ଧନସ୍ଥାନକୁ ଧନାଧିପଙ୍କ ଦୃଷ୍ଟି ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ହେତୁ କେତେକାଂଶରେ ମନୋବଳ ବଢ଼ିଯିବ। ପାରିବାରିକ ଜୀବନରେ ଛୋଟ ବଡ଼ ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ, କାର୍ତ୍ତିକ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୮ ଗତେ, ଘ. ୦୬।୪୨ ମଧ୍ୟେ, ଘ.୦୮।୪୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ | Bhubaneswar, Tuesday, November 14/2023






ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

## ଆଉ ଫେରିବେନି

**ଆଜିର ମନ୍ତବ୍ୟ**

"୪ବର୍ଷ ମଧ୍ୟରେ ବାବର ଆଜମ ପାକିସ୍ତାନ କ୍ରିକେଟ୍ ଟିମ୍‌ର କ୍ୟାପ୍‌ଟେନ୍ ତଥା ନେତୃତ୍ୱ ନେବାର ଦକ୍ଷତା ଅର୍ଜନ କରିପାରିଲେ ନାହିଁ।

– ସାହିଦ ଆଫ୍ରିଦି, ପାକିସ୍ତାନର ପୂର୍ବତନ କ୍ରିକେଟର୍

# ୨୪ ଘଣ୍ଟାରେ ଲଘୁଚାପ

## ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୩।୧୧
(ଅନିଲ ଦାସ)

ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ୧୫ ତାରିଖରେ ଏହା ପଶ୍ଚିମ- ଉତ୍ତର ପଶ୍ଚିମଦିଗକୁ ଗତି କରିବ। ୧୬ ତାରିଖରେ ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଡିପ୍ରେସନ (ଅବପାତ)ରେ ପରିଣତ ହେବ।

ଲଘୁଚାପ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ଉପକୂଳ ଅତିକ୍ରମ କରିବା ବେଳେ ଏହା ବାତ୍ୟାରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଗଲାବେଳେ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ ତାରିଖ ରାତ୍ରିରୁ ବର୍ଷା ଆରମ୍ଭ ହେବ। ୧୬ ରୁ ୧୮ ତାରିଖରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ☞ପୃଷ୍ଠା–୯


DSPL - 364

ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



**ଶିଶୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

**ଶିଶୁ ଦିବସ ଅବସରରେ ପିଲାମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।**

ଶିଶୁ ଇଶ୍ୱରଙ୍କ ସ୍ୱରୂପ। ସମାଜର ଭବିଷ୍ୟତ। ଆଶା ଓ ଭରସା। ଯେଉଁ ସମାଜ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ସହିତ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦିଏ, ସେ ସମାଜର ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଶିଶୁ ପ୍ରତିଭାର ସର୍ବାଙ୍ଗୀନ ବିକାଶ ପାଇଁ ପରିବାର ଓ ବିଦ୍ୟାଳୟ ସହିତ ସମାଜର ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ ହେବା ଉଚିତ।

ଆସନ୍ତୁ, ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ସହଯୋଗର ହାତ ବଢ଼ାଇ କାମ କରି ଚାଲିବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**"ପବିତ୍ର ଶିଶୁ ଦିବସ-୨୦୨୩" ଉପଲକ୍ଷେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡିଙ୍କ ବାର୍ତ୍ତା**

**'ପବିତ୍ର ଶିଶୁ ଦିବସ-୨୦୨୩'** ଅବସରରେ ପିଲାମାନଙ୍କୁ ମୋର ଶ୍ରଦ୍ଧା ଏବଂ ଶୁଭେଚ୍ଛା। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ସଂପର୍କ'- 'ସହଯୋଗ' - 'ସାହାଯ୍ୟ' - 'ସୃଷ୍ଟି' ଏବଂ 'ସମାରୋହ' ଭଳି ୫- 'ସି' ଉପାଦାନକୁ ନେଇ ଗଠିତ ଆମର ଶିକ୍ଷା ବ୍ୟବସ୍ଥା ସହଭାଗୀତା ଏବଂ ସମୟାନୁବର୍ତ୍ତିତା ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ସତତ ଚେଷ୍ଟିତ। ଆଗାମୀ ଦିନରେ ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ସଭିଏଁ ହେବା ସଂକଳ୍ପବଦ୍ଧ - "ଏହା ହିଁ ହେଉ ପବିତ୍ର ଶିଶୁ ଦିବସର ଅନୁଚିନ୍ତା।"

(ଶ୍ରୀ ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା,
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

OIPR-27068/13/0033/2324

DSPL-365

Mukhyamantri Sampoorna Pushti Yojana

ଆମ ଓଡ଼ିଶା ନବୀନ ଓଡ଼ିଶା

# ଆମ କୁନି ପିଲା

**ଶିଶୁଙ୍କ ସାମୂହିକ ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ**

ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ କୋମଳମତି ଶିଶୁମାନଙ୍କର ସୁନ୍ଦର ଭବିଷ୍ୟତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଅଭିନବ ଉପହାର

✓ ପିତା ମାତା ତଥା ପରିବାର ସଦସ୍ୟଙ୍କ ଦ୍ୱାରା ଶିଶୁର ସୁଖଦ ଲାଳନ ପାଳନ କାର୍ଯ୍ୟକ୍ରମ

✓ ଜନ୍ମରୁ ତିନି ବର୍ଷ ବୟସ ପର୍ଯ୍ୟନ୍ତ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କ ସଂପୂର୍ଣ୍ଣ ବିକାଶ



"ସ୍ନେହ ଯତନେ ପାଳିଲେ ଆମ ଶିଶୁଙ୍କୁ
ଚିନ୍ତା ରହିବନି ଆଉ ଭବିଷ୍ୟତକୁ"
ଶ୍ରୀ ନବୀନ ପଟ୍ଟନାୟକ



**ମହିଳା ଓ ଶିଶୁ ବିକାଶ ବିଭାଗ**
**ଓଡିଶା ସରକାର**

OIPR-46005/13/0012/2324

କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**

# ଆଉ ଫେରିବେନି

ଭାରତରୁ ଛାତ୍ରମାନେ ବିଦେଶ ଯାଇ ପଢ଼ିବାର ଧାରା ପୂର୍ବ ଶତାବ୍ଦୀଗୁଡ଼ିକରୁ ଲାଗିରହିଛି। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ବି.ଆର୍.ଆମ୍ବେଦ୍କର, ଜବାହରଲାଲ ନେହେରୁ ଏବଂ ଅମର୍ତ୍ତ୍ୟ ସେନ୍ଙ୍କ ପର୍ଯ୍ୟନ୍ତ ବହୁ ଭାରତୀୟ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇଥିଲେ। ଏପରି କି ଓଡ଼ିଶାରୁ ସାରଙ୍ଗଧର ଦାସ ୧୯୦୭ରେ ଜାପାନ ଯାଇ ଟୋକିଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିରେ ପଢ଼ିଥିଲେ। ସେତେବେଳେ ଏହି ସଂଖ୍ୟା ସୀମିତ ରହୁଥିବାବେଳେ ବର୍ତ୍ତମାନ ଏହା ଅନେକ ଗୁଣ ବୃଦ୍ଧି ପାଇଛି। ବିଶେଷକରି ଆମେରିକା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସେଠାରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଛି। ଅନ୍ୟପଟେ ସେଠାରେ ଚାଇନାର ଛାତ୍ରୀଛାତ୍ର ସଂଖ୍ୟା ଅଧିକ ଥିଲା ବୋଲି ଯାହା କୁହାଯାଇଆସୁଥିଲା ତାହା ଏବେ ହ୍ରାସ ହୋଇଥିବା ଜଣାପଡ଼ିଛି। ନିକଟରେ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି ତଥ୍ୟ ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଆମେରିକାରେ ୩,୨୦,୦୦୦ରୁ ଅଧିକ ଭିଜାଧାରୀ ଭାରତୀୟ ଛାତ୍ରୀଛାତ୍ର ଥିବାବେଳେ ଚାଇନାର ଏହି ସଂଖ୍ୟା ୨,୫୪,୦୦୦। ଗତ ଦଶନ୍ଧିରେ ମୋଟ ୧୮ ଲକ୍ଷ ଭାରତୀୟ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ଗତବର୍ଷ ୬୪,୩୦୦ ଭାରତୀୟ ଛାତ୍ରୀଛାତ୍ର ଆମେରିକା ଯାଇଥିବାବେଳେ ଚାଇନାରୁ ଯାଇଛନ୍ତି ୨୪,୭୯୬ ବୋଲି ରିପୋର୍ଟ ସ୍ପଷ୍ଟ କରିଛି। ଆମେରିକା ବ୍ୟତୀତ ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, କାନାଡ଼ା ଏବଂ ଆୟର୍ଲାଣ୍ଡକୁ ଭାରତୀୟ ଛାତ୍ରୀଛାତ୍ରମାନେ ଅଧିକ ସଂଖ୍ୟାରେ ପଢ଼ିବାକୁ ଯାଉଛନ୍ତି। ମହାମାରୀ ପୂର୍ବରୁ ପାଖାପାଖି ୮ ଲକ୍ଷ ଛାତ୍ରୀଛାତ୍ର ବିଦେଶରେ ପଢୁଥିଲେ ଓ ସେମାନେ ବିଦେଶ ଅର୍ଥ ବ୍ୟବସ୍ଥାରେ ୨୪ ବିଲିୟନ ଡଲାର ବ୍ୟୟ କରିଥିଲେ, ଯାହା ଭାରତ ଜିଡିପିର ୧% ଏବଂ ଏହି ପ୍ରତିଶତ ଏବେ ବୃଦ୍ଧି ପାଇବା ସ୍ୱାଭାବିକ। ଭାରତରେ ଚାହିଦା ମୁତାବକ ଗୁଣବତ୍ତା ଶିକ୍ଷାର ଅଭାବ ସହିତ ବିଦେଶରେ ନାମ ଲେଖାରେ ସହଜ ପ୍ରକ୍ରିୟା, ଗବେଷଣା ପାଇଁ ବିଭିନ୍ନ ବିକଳ୍ପ, ମେଧାବୃତ୍ତି ଉପଲବ୍ଧତା ଏବଂ ଉଚ୍ଚ ବେତନର ଚାକିରି ସମ୍ଭାବନା ବିଦେଶରେ ଉଚ୍ଚଶିକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରୁଥାଇପାରେ।

**କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ।**

ଚିନ୍ତାଜନକ ବିଷୟ ହେଉଛି, ଭାରତରେ ଅତୀତରୁ ଏଯାବତ୍ ଯେଉଁସବୁ ଶିକ୍ଷାନୀତି ଗ୍ରହଣ କରାଯାଇଆସୁଛି ତାହା ସଫଳ ହେବା ଦେଖାଯାଇନାହିଁ। ଅନ୍ୟପକ୍ଷରେ ଶିକ୍ଷାର ଘରୋଇକରଣ ବ୍ୟାପକ ହୋଇଥିଲେ ମଧ୍ୟ ବିଦେଶ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଶିକ୍ଷା ଓ ଗବେଷଣାରେ ସମକକ୍ଷ ହୋଇପାରିନାହାନ୍ତି। ୨୫ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟା ଭାରତ ଜନସଂଖ୍ୟାର ଅଧାରୁ ଅଧିକ ବୋଲି କୁହାଯାଉଛି। କିନ୍ତୁ ଶିକ୍ଷାର ମାନକୁ ଦେଖିଲେ ବିଶ୍ୱସ୍ତରୀୟ ଶୀର୍ଷ ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଗୋଟିଏ ମଧ୍ୟ ନାହିଁ। ଆମର ବାହାବା ନିଆଯାଉଛି ଯେ, ପୃଥିବୀର ଏକ ଯୁବଦେଶ ଭାବେ ଭାରତ ଅନ୍ୟତମ। କେବଳ ବୟସରେ ଯୁବକ ହେଲେ ହେବନାହିଁ, ସେଥିପାଇଁ ଶିକ୍ଷାର ମାନ ଏବଂ ଶିକ୍ଷା ପାଇବାର ସୁବିଧା ଯୁବପିଢ଼ିଙ୍କୁ ମିଳିବା ଦରକାର। ତାହାର ଘୋର ଅଭାବ ଭାରତରେ ଦେଖାଯାଉଛି। ମନେହେଉଛି, ଯେପରି ଏଠାରେ ଉଚ୍ଚ ଶିକ୍ଷିତ ଯୁବପିଢ଼ି ପାଇଁ ଜାଗା ଛାଡ଼ିବାକୁ ବ୍ୟବସ୍ଥା ଅନିଚ୍ଛୁକ। ଏହାଫଳରେ ପଛେ ଗୁଣ୍ଡାଶ୍ରେଣୀର କିମ୍ବା ଅକାମୀ ଯୁବପିଢ଼ି ଏହି ଦେଶରେ ରହିଯିବେ ଏବଂ ଯେଉଁମାନେ କୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣ କରିପାରିବେ, ସେମାନେ ଦେଶଛାଡ଼ି ଯିବେ। ଏହି ସମସ୍ୟାର ପ୍ରଭାବ ତତ୍‌କ୍ଷଣାତ୍ ପଡ଼ିବ ନାହିଁ, କିନ୍ତୁ ଆସନ୍ତା କେତୋଟି ଦଶନ୍ଧିରେ ଏହାର କୁପ୍ରଭାବ ସମସ୍ତଙ୍କୁ ଜଣାପଡ଼ିବ। କିନ୍ତୁ ଏହାଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଭାରତୀୟ ଅଭିଭାବକମାନଙ୍କର ଏବକାର ମାନସିକ ଚିନ୍ତା। ଏହି ଦେଶରେ ଉଚ୍ଚଶିକ୍ଷିତ ଏବଂ ଉଚ୍ଚ ଅର୍ଥନୈତିକ ଶ୍ରେଣୀର ନାଗରିକ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ସବୁ ମାସରେ ଖବର ପଢ଼ିବାକୁ ମିଳୁଛି, ଯେଉଁଥିରେ ଉଲ୍ଲେଖ ରହିଛି ପୂର୍ବ ମାସରେ କେତେ ହଜାର ଧନୀ କୋଟିପତି ଭାରତୀୟ ବିଦେଶରେ ବସବାସ କରିବା ପାଇଁ ଦେଶ ଛାଡୁଛନ୍ତି। ଭାରତରେ ବ୍ୟବସାୟ କରିବା ଅଧିକରୁ ଅଧିକ କଷ୍ଟକର ହୋଇପଡୁଛି। ଏହା ବ୍ୟତୀତ ଭାରତୀୟ ଟିକସ ଆଇନ ମଧ୍ୟ ଅତ୍ୟନ୍ତ ଜଟିଳ ହୋଇପଡ଼ିବାରୁ ମଧ୍ୟଶ୍ରେଣୀର ବ୍ୟବସାୟୀ ଏବଂ ଶିଳ୍ପୋଦ୍ୟୋଗୀ ଦେଶ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରୁ ପାଠପଢ଼ା ଆଳରେ ଯେଉଁ ଛାତ୍ରୀଛାତ୍ର ବିଦେଶ ଯାଉଛନ୍ତି ସେମାନେ ନିଜ ଦେଶକୁ ଫେରିବାର କୌଣସି ଉଦ୍ଦେଶ୍ୟ ରଖୁନାହାନ୍ତି। ଏଥିରୁ ବୁଝିବାକୁ ହେବ ଯେଉଁ ପରିବାର ନିଜ ପିଲାଙ୍କୁ ବିଦେଶରେ ପଢ଼ାଇବାକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ, ସେମାନେ ସମସ୍ତେ ପିଲାଙ୍କର ଭବିଷ୍ୟତକୁ ଦେଖି ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଗୋଷ୍ଠୀ ହୁଏତ ରାଜନୈତିକ ଆଲୋଚନାରେ ମତଦେବା ପାଇଁ ଆଗେଇ ଆସନ୍ତି ନାହିଁ। କିନ୍ତୁ ସମସ୍ତେ ଭାରତର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିକୁ ଭଲ ଭାବେ ବୁଝିପାରୁଛନ୍ତି। ଅଶାନ୍ତ ଦେଶରେ ରହି ତାଙ୍କର ପିଲାମାନେ ସୁଖରେ ଜୀବନ ବିତେଇପାରିବେ ବୋଲି ବିଶ୍ୱାସ ହରାଇ ବସିଲେଣି ଏହି ମାତାପିତା।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 4 |
| | | 7 | | 1 | 6 | | | |
| | | | | | 8 | | | |
| | | | | | | 8 | | 3 |
| 9 | | | | 4 | | 1 | | |
| | | 3 | 7 | 6 | | | | 9 |
| 5 | 8 | | | | 1 | | | |
| | | | | | 2 | 3 | | |
| | 9 | | | | | | 5 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 1 | 3 | 4 | 5 | 2 | 8 |
| 5 | 4 | 3 | 7 | 2 | 8 | 6 | 1 | 9 |
| 1 | 2 | 8 | 5 | 9 | 6 | 7 | 4 | 3 |
| 2 | 3 | 7 | 9 | 8 | 1 | 4 | 6 | 5 |
| 6 | 5 | 9 | 3 | 4 | 7 | 1 | 8 | 2 |
| 8 | 1 | 4 | 6 | 5 | 2 | 3 | 9 | 7 |
| 9 | 6 | 1 | 8 | 7 | 3 | 2 | 5 | 4 |
| 4 | 7 | 5 | 2 | 1 | 9 | 8 | 3 | 6 |
| 3 | 8 | 2 | 4 | 6 | 5 | 9 | 7 | 1 |

ଗତ ସଂସ୍କରଣର ଉତ୍ତର



# ମଣିଷ, ପରିବେଶ ଓ ଭଗବାନ୍

ସହଦେବ ସାହୁ

ଯଦି ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍ (ଭଗବାନ୍ ମଣିଷକୁ ତାଙ୍କ ପ୍ରତିଛବି ରୂପେ ଗଢ଼ିଛନ୍ତି) ତେବେ କାହିଁକି ମଣିଷ ଗଛଲତା ନ ଥିବା ସ୍ଥାନରେ, ଉପଯୋଗୀ ପାଣି ପବନ ନ ଥିବା ଜାଗାରେ ଚଳିପାରୁ ନାହିଁ? ଅନୁକୂଳ ପରିବେଶ ନ ପାଇଲେ କାହିଁକି ନିଶ୍ଚିହ୍ନ ହୋଇଯାଉଛି? ଗଛଲତା ହେଉ କି ଅଣୁଜୀବ, ଅଣ୍ଡଜ ହେଉ କି ସ୍ତନ୍ୟପାୟୀ, କୌଣସି ଜୀବନ୍ତ ବସ୍ତୁ ଖାଦ୍ୟ ବିନା ବଞ୍ଚିପାରିବ ନାହିଁ। ଖାଦ୍ୟ ଯୋଗାଡ଼ କରିବା ଦୃଷ୍ଟିରୁ ଜୀବଜଗତ ୨ଶ୍ରେଣୀର – ଗୋଟିଏ ଆତ୍ମଜୀବୀ (ଅଟୋଟ୍ରଫିକ୍), ଅନ୍ୟଟି ପରଜୀବୀ (ହେଟେରୋଟ୍ରଫିକ୍)। ଅଟୋଟ୍ରଫିକ୍ ଜୀବଟି ନିଜେ ଅଖାଦ୍ୟ ନିର୍ଜୀବ ବସ୍ତୁରୁ ଖାଦ୍ୟ ତିଆରିକରେ। ମଣିଷ ହେଟେରୋଟ୍ରଫିକ୍ ଅର୍ଥାତ୍ ଅନ୍ୟ ଜୀବନ୍ତ ଜିନିଷମାନେ ନିଜ ଅଭିବୃଦ୍ଧି ପାଇଁ ଯେଉଁ ଖାଦ୍ୟ ତିଆରି କରିଥାନ୍ତି ତାକୁ ଖାଏ, ନିଜେ କୌଣସି ନିର୍ଜୀବ ବସ୍ତୁକୁ ଖାଇପାରେନାହିଁ କି ତାକୁ ଖାଇବା ଉପଯୋଗୀ କରିପାରେନାହିଁ। ଅଟୋଟ୍ରଫିକ୍ ଜୀବନ୍ତ ବସ୍ତୁ, ଯଥା ଉଦ୍ଭିଦ, ବାହାରୁ ଶକ୍ତି ଗ୍ରହଣକରି ଅଙ୍ଗାରକାମ୍ଳ ଓ ଜଳ ଭଳି ନିର୍ଜୀବ ସାମଗ୍ରୀରୁ ଖାଦ୍ୟ ତିଆରିକରେ, ତାକୁ ଖାଏ ଓ ଅନ୍ୟକୁ ଯୋଗାଏ। ସୂର୍ଯ୍ୟରୁ ମିଳୁଥିବା ଉର୍ଜାକୁ ଜାଳେଣି ଭାବେ ବ୍ୟବହାରକରି ପାଣି, ଖଣିଜଦ୍ରବ୍ୟ ଓ ଅଙ୍ଗାରକାମ୍ଳ ଭଳି ଅଜୈବ ସାମଗ୍ରୀକୁ ମିଶାଇ ଉଦ୍ଭିଦ ତା'ର ପୋଷକ ବା ପୁଷ୍ଟି (ଷ୍ଟାର୍ଚ) ତିଆରିକରେ। ଏହି ଭାଶ୍ଳେଷଣ ପ୍ରକ୍ରିୟାରେ ଲିପିଡ୍ ଓ ପ୍ରୋଟିନ୍ ଭଳି ବଡ଼ ବଡ଼ ଜଟିଳ ଅଣୁ ବି ତିଆରି ହୁଏ। ସବୁ ପ୍ରାଣୀ ହେଟେରୋଟ୍ରଫିକ୍ – ଗଛଲତାକୁ ଖାଆନ୍ତି କିମ୍ବା ଗଛଲତାକୁ ଖାଇ ବଞ୍ଚିଥିବା ପ୍ରାଣୀକୁ ବି ଖାଆନ୍ତି। ଭଗବାନ୍ ତ ସବୁଠି ଅଛନ୍ତି ବୋଲି ଆମେ ଭାବୁ, ତେବେ ମଣିଷ କାହିଁକି ସବୁଠି ତିଷ୍ଠିପାରୁନାହିଁ, ସେ କାହିଁକି ପରଜୀବୀ?

ଅଟୋଟ୍ରୋଫ୍‌ମାନେ ଯେକୌଣସି ପରିବେଶରେ ବଢ଼ିପାରନ୍ତି, ଯଥା ଆମ ପାଉଁରୁଟିରେ ଥିବା ଇଷ୍ଟ ଯାହା ଦେହରେ ସବୁ ପ୍ରକାର ଏନ୍‌ଜାଇମ୍ ବା ପାଚକ ଅଛି (ଶର୍କରା ଓ ବାୟୋଟିନ୍ ନାମକ କେବଳ ଦୁଇଟି ପାଚକକୁ ଛାଡ଼ି)। ଜୀବ ଯେତେ ଜଟିଳତର ହୋଇଛି ବା ହେଉଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଉଛି। ମଣିଷ ସବୁଠାରୁ ବେଶି ଏନ୍‌ଜାଇମ୍ ହରାଇଛି। ଇତରରୁ ଉଚ୍ଚତର ଶ୍ରେଣୀର ଜୀବକୁ ଦେଖିଲେ ଆମେ ଜାଣିବା ପ୍ରତ୍ୟେକ ପ୍ରଜାତି ଅଧିକରୁ ଅଧିକ ଏନ୍‌ଜାଇମ୍ ହରାଇଛି। ତାହା ବିବର୍ତ୍ତନର ଅର୍ଥାତ୍ ପରିବେଶ ସହ ମିଳିମିଶି ରହିବାର ଫଳ; ଭଗବାନ୍‌ଙ୍କ ସୃଷ୍ଟି ନୁହେଁ; କାରିଗର ଯେପରି ମୂର୍ତ୍ତି ତିଆରିକରେ ଭଗବାନ୍ ସେମିତି ପ୍ରତି ମଣିଷକୁ (ଅନ୍ୟ ଜୀବକୁ ବି) ତିଆରି କରୁନାହାନ୍ତି। ମଣିଷର ବିଭିନ୍ନ ପ୍ରକାର ଆବଶ୍ୟକତା ମଧ୍ୟରେ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରଧାନ, ସେଗୁଡ଼ିକ ମଣିଷକୁ ରେଡିମେଡ୍ (ଅନ୍ୟ ଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର। ଗଛଲତା ହିଁ ଆମିନୋଏସିଡ୍ ଓ ଭିଟାମିନ୍ ପ୍ରସ୍ତୁତ କରିଥାଏ।



ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ। ଜଟିଳତର ପ୍ରାଣୀ ହେବା ମାନେ ପରିବେଶ ଉପରେ ନିର୍ଭରକରିବା – ପରିବେଶ ସନ୍ତୁଳିତ ନ ରହିଲେ ପ୍ରାଣୀମାନଙ୍କର ବିନାଶ, ଧର୍ମାଳୁମାନଙ୍କ ଭାଷାରେ ପ୍ରଳୟ ଘଟିବ। ଶରୀର ଗଠନ ଲାଗି ପରିବେଶରୁ ସବୁ ଜିନିଷ ଆଣିପାରୁଥିବାରୁ ସେସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି ବା ଏନ୍‌ଜାଇମ୍ ମଣିଷ ଦେହର କୋଷଗୁଡ଼ିକ ବୋହୁନାହାନ୍ତି। ବରଂ ନିଜର ବୋଝ ହାଲୁକା କରି ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ କୋଷଗୁଡ଼ିକ ଶକ୍ତି ଓ ସ୍ଥାନ, ତେଣୁ ମସ୍ତିଷ୍କକୁ ଖୋରାକ ଯୋଗାଉଛନ୍ତି; ଫଳରେ ଯେଉଁ ବିଶ୍ରାମ ମିଳୁଛି ତାକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାର ବିକାଶରେ ଲଗାଉଛନ୍ତି। ମଣିଷ ଦର୍ଶନ ବା ବିଜ୍ଞାନରେ ମଜି ଯିବାକୁ ସମୟ ପାଉଛି। ପରିବେଶକୁ ପୂରାପୂରି ବ୍ୟବହାର କରିପାରିଲେ ମଣିଷ ଖାଇବା ଲାଗି ଡିନରଟେବୁଲରେ ସମୟ ବିତାନ୍ତା ନାହିଁ, ତା' ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନିଅନ୍ତେ ଏବଂ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାନ୍ତା। ଅବଶ୍ୟ ବିବର୍ତ୍ତନର ନିୟମ ତିଆରି କରିଥିବା ଶକ୍ତିକୁ ଆମେ ଭଗବାନ୍ କହିବା ତ ପ୍ରତି ନିୟମ ମାନିବାକୁ ଧର୍ମ କହିବା। ଭଗବାନ୍ ମୋତେ ରକ୍ଷାକର ପ୍ରାର୍ଥନା କରିବାବେଳେ ଆମେ କହୁନାହୁଁ କି ଏଣିକି ମୁଁ ପାପ କରିବି ନାହିଁ (ଅର୍ଥାତ୍ ବିବର୍ତ୍ତନର ନିୟମ ଭାଙ୍ଗିବି ନାହିଁ)।

ଧର୍ମ ମାନେ ଅହିଂସ ହେବା କାହିଁକି ଦରକାର? କେବଳ ଖାଦ୍ୟ ଆହରଣରେ ପ୍ରତିଦ୍ୱନ୍ଦ୍ୱୀକୁ ଦୂରେଇଦେବା ଲାଗି ନୁହେଁ, ପ୍ରକୃତିର ଫାଷ୍ଟ ଫୁଡ୍ ପାଇବା ପାଇଁ: ଭୋଜୀର ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ମାଂସ ଓ ରକ୍ତ ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ପ୍ରାଣୀର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣ (ହଜମ କ୍ରିୟା) ଆମ ଦେହରେ ଥିବା ଅଣୁଜୀବମାନେ କରନ୍ତି। ଯଦି ସମସ୍ତେ ମାଂସାଶୀ ହୋଇଥାନ୍ତେ ପୃଥିବୀ ପ୍ରାଣୀଶୂନ୍ୟ ହୋଇସାରନ୍ତାଣି: ଏ ପ୍ରବନ୍ଧଟି ଲେଖିବାକୁ ମୁଁ କି ପଢ଼ିବାକୁ ଆପଣ ନ ଥାନ୍ତେ। ବିବର୍ତ୍ତନର ଏ ନିୟମ ବୁଝିଥିବା ଲୋକ ଧର୍ମର ଦ୍ୱାହିଦେଇ ନିରାମିଷାଶୀ ହୁଅନ୍ତି।

ଆଉ ଗୋଟିଏ ଦିଗରୁ ଦେଖନ୍ତୁ। ଆମେ ଯାହା ଖାଉ ସବୁଯାକ ଆମ ଦେହରେ ଲାଗେ ନାହିଁ। ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ, ବାକି ୯୦% ମଳମୂତ୍ର ବା ବର୍ଜ୍ୟବସ୍ତୁ ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ; ଏହି କାରଣରୁ ବେଶି ସଂଖ୍ୟକ ପ୍ରାଣୀ ତୃଣଭୋଜୀ। ମଣିଷ, ଭାଲୁ, ଘୁଷୁରି ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ। ଓଜନ ହିସାବରେ ବୁଝିବା ସହଜ। ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ। ତୃଣଭୋଜୀମାନେ ବି ଗଛପତ୍ର ଖାଇବାରେ ବହୁ କିଛି ନଷ୍ଟ କରନ୍ତି, କେବଳ ଦଳାଦଳିରେ ନୁହେଁ, ଦେହ ଭିତରେ ହଜମ ପ୍ରକ୍ରିୟା ଭିତରେ ବି। ୧୦୦ କିଲୋ ଘାସ ଖାଇଲେ ଗାଈକୁ ମାତ୍ର ୨ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତ ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ସୁଖର କଥା ଯେ ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଗଛଲତାଶୂନ୍ୟ ହୋଇଗଲେ ପୃଥିବୀରେ ଜୀବସତ୍ତା ରହିବ ନାହିଁ।

ମଣିଷ ଗୋଟିଏ ଅସମ୍ପୂର୍ଣ୍ଣ ଜୀବ। ଯଦି ଭଗବାନ୍ ମଣିଷକୁ ତାଙ୍କ ରୂପରେ ଗଢ଼ିଛନ୍ତି, ଅର୍ଥାତ୍ ମଣିଷ ରୂପ ଭଗବାନ୍‌ଙ୍କ ପରି, ତେବେ ତାହା ଦେହର ଗଠନ କାହିଁକି ସ୍ୱୟଂସମ୍ପୂର୍ଣ୍ଣ ନୁହେଁ? ମଣିଷର ବଂଶାଣୁ ବା ଡିଏନ୍‌ଏ ଅନୁଧ୍ୟାନ ପ୍ରକଳ୍ପ – ଜିନୋମ୍ – ୨୦୦୩ରେ ସରିଯାଇଛି। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ ରୁ ୨୫ ହଜାର ଭିତରେ; ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ସେସବୁ ଅଣୁଜୀବମାନଙ୍କଠାରେ ରହିଛି, ଆମ ଦେହ କୋଷଗୁଡ଼ିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ତିଆରି କରୁଛନ୍ତି ଆମ ଦେହ ଭିତରେ ଥିବା ଅଣୁଜୀବମାନଙ୍କ ଦେହରେ ଥିବା ୧୦ ଲକ୍ଷ କୋଟି କୋଷ। ପ୍ରତି ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେଶନ; ଆମ ଦେହର (ବନ୍ଧୁ) ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ନ ରହିଲେ ବାହାରର (ଶତ୍ରୁ) ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶକରି ଦେହ କୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ ଓ ମୃତ୍ୟୁ ଆଣେ! ତେଣୁ ଭଗବାନ୍‌ଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମସବୁ ମାନିବା।

sahadevas@yahoo.com



# ଧର୍ମ ପାଇଁ ରକ୍ତପାତ ବାଞ୍ଛନୀୟ କି

ଡ. ଜୟଦେବ ସାହୁ

ଧର୍ମ ହିଁ ମଣିଷକୁ ପଶୁ ପରିହାର କରି ମାନବୀୟ ଗୁଣରେ ପରିପୂର୍ଣ୍ଣ କରିଛି। ଜୀବନର ମୂଳ ଲକ୍ଷ୍ୟ ମୋକ୍ଷପ୍ରାପ୍ତି ପାଇଁ ବାଟ ଦେଖେଇଛି। ଧର୍ମ ମଣିଷକୁ ଅଧର୍ମ କାର୍ଯ୍ୟରୁ ନିବୃତ୍ତ କରିବାର ଏକ ମାଧ୍ୟମ। ସେଥିପାଇଁ କହନ୍ତି ଧାରୟତି ଇତି ଧର୍ମ। ଅନ୍ୟ ଏକ ସଂସ୍କୃତ ଶ୍ଳୋକ ଧର୍ମର ସଂଜ୍ଞା ପ୍ରଦାନ କରି କହେ :'ଅଥାହିଂସା କ୍ଷମା ସତ୍ୟମ୍ ହିଶ୍ରଦ୍ଧେନ୍ଦ୍ରୀୟ ସଂଯମ /ଦାନମିଜ୍ୟା ତପୋଧ୍ୟାନମ୍ ଦଶକମ୍ ଧର୍ମ ସାଧନମ୍।'

ଅହିଂସା, କ୍ଷମା, ସତ୍ୟ, ଲଜ୍ଜା, ଶ୍ରଦ୍ଧା, ଇନ୍ଦ୍ରିୟ ସଂଯମ, ଦାନ, ଯଜ୍ଞ, ତପ ଏବଂ ଧ୍ୟାନ ଧର୍ମର ଦଶଟି ଗୁଣ। ଏହା କେବଳ ହିନ୍ଦୁଧର୍ମର ସଂଜ୍ଞା ନୁହେଁ ବରଂ ବିଶ୍ୱର ସବୁ ଧର୍ମର ଏହା ଆଚରଣ। କୌଣସି ଧର୍ମ ହିଂସା କିମ୍ବା ଅସତ୍ୟରେ ବିଶ୍ୱାସ କରେନାହିଁ। ମଣିଷକୁ ସତ୍ କର୍ମ, ଅନ୍ୟକୁ ସମ୍ମାନ ଦେବା, ବିପଦରେ ସାହାଯ୍ୟ କରିବା, ନାରୀମାନଙ୍କ ଇଜ୍ଜତ ରକ୍ଷା କରିବାକୁ ଧର୍ମ ଉପଦେଶ ଦିଏ। କିନ୍ତୁ କାଳକ୍ରମେ ଧର୍ମ ନାମରେ ହିଂସା କରିବା, ଅନ୍ୟ ଧର୍ମାବଲମ୍ବୀଙ୍କୁ କାଫିର କହି ବିଦ୍ୱେଷ କରିବା ଏବଂ ଜୋରଜବରଦସ୍ତ ଧର୍ମାନ୍ତର କରିବା ମଣିଷ ପାଇଁ ସ୍ୱାଭାବିକ୍ ହୋଇପଡ଼ିଛି। ପ୍ରେମ ବଦଳରେ ଘୃଣା ଏବଂ ଅହିଂସା ବଦଳରେ ହିଂସା ପ୍ରାୟ ସବୁ ଧର୍ମର ଆଚାର ହେବା ଲକ୍ଷ୍ୟ କରାଯାଏ। ଖ୍ରୀଷ୍ଟ ଧର୍ମ ଦୟା ଓ ପ୍ରେମର ନିଦର୍ଶନ। କିନ୍ତୁ ଆମେରିକାର ମୂଳ ବାସିନ୍ଦାମାନଙ୍କୁ ୟୁରୋପରୁ ଖ୍ରୀଷ୍ଟିୟାନ୍‌ମାନେ ଆସି ଜୋରଜବରଦସ୍ତ ଧର୍ମାନ୍ତର କଲେ ଏବଂ ଯେଉଁମାନେ ଅମଙ୍ଗ ହେଲେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କଲେ। ଇସ୍‌ଲାମ ଧର୍ମ ଶାନ୍ତି ଓ ନ୍ୟାୟରେ ବିଶ୍ୱାସ କରେ। କିନ୍ତୁ ଜିହାଦ ନାମରେ ଏବଂ ଇସ୍‌ଲାମିକ୍ ଦେଶ ସ୍ଥାପନ ପାଇଁ ଆଇଏସ୍‌ଆଇଏସ୍ ଏବଂ ହମାସ୍ ଭଳି ଉଗ୍ରପନ୍ଥୀ ଗୋଷ୍ଠୀ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହତ୍ୟା, ଅତ୍ୟାଚାର ଓ ବଳାତ୍କାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ବୌଦ୍ଧଧର୍ମ ଅହିଂସା ପାଇଁ ବିଶ୍ୱବିଦିତ। କିନ୍ତୁ ଆଶ୍ଚର୍ଯ୍ୟର କଥା ମ୍ୟାନ୍‌ମାରରେ କିଛି ବୌଦ୍ଧ ଧର୍ମାବଲମ୍ବୀ ରୋହିଙ୍ଗ୍ୟାମାନଙ୍କ ପ୍ରତି ହିଂସା ଆଚରଣ କରୁଛନ୍ତି। ହିନ୍ଦୁ ଧର୍ମ ଶାଶ୍ୱତ ପ୍ରେମ, ଦୟା, କ୍ଷମା ଓ ଅହିଂସାରେ ବିଶ୍ୱାସ ରଖେ। ଭାରତରେ ଏବେ କିଛି ରକ୍ଷଣଶୀଳ ହିନ୍ଦୁ ଅନ୍ୟ ଧର୍ମାବଲମ୍ବୀମାନଙ୍କ ସହିତ ବିଦ୍ୱେଷ ଓ ହିଂସା ଆଚରଣ କରୁଥିବା ଦେଖାଯାଏ। ଏମିତି ପ୍ରାୟ ସବୁ ଧର୍ମ ନିଜ ନୀତି ନିୟମରୁ ବିଚ୍ୟୁତ ହୋଇଥିବା ଉପଲବ୍ଧି ହୁଏ।

ଧର୍ମ ଧର୍ମ ଭିତରେ ତିକ୍ତତା ନୂଆ ନୁହେଁ। ଇତିହାସରୁ ଜଣାଯାଏ, ମାନବ ସଭ୍ୟତା ଯେତିକି ପୁରୁଣା ଓ ଯେଉଁ ଦିନରୁ ବିଭିନ୍ନ ଧର୍ମର ଅଭ୍ୟୁଦୟ ଘଟିଛି, ସେହିଦିନଠାରୁ ଧର୍ମମାନେ ନିଜର ପତିଆରା ଜାହିର କରିବାର ପ୍ରୟାସ କରିଛନ୍ତି। ଏଥିପାଇଁ ଧର୍ମଯୁଦ୍ଧ ସଂଗଠିତ ହୋଇଛି ଓ ଅନେକ ଧନ ଜୀବନ ନଷ୍ଟ ହୋଇଛି। ୧୦୯୫ରୁ ୧୨୯୧ ମସିହା ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍‌ମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଥିଲା। ଏହାକୁ ଇଂଲିଶ୍‌ରେ 'କ୍ରୁସେଡ୍' ବୋଲି କୁହାଗଲା। ଇସ୍‌ଲାମ ଧର୍ମର ବ୍ୟାପ୍ତିକୁ ରୋକିବା ଓ ଖ୍ରୀଷ୍ଟ ଧର୍ମର ପବିତ୍ର ସ୍ଥାନକୁ ନିଜ ଅକ୍ତିଆରକୁ ଆଣିବା ଥିଲା ଏହି ଯୁଦ୍ଧର ଲକ୍ଷ୍ୟ। ଜେରୁଜେଲମ୍‌କୁ ପାଇବା ପାଇଁ ଖ୍ରୀଷ୍ଟିୟାନ୍‌ମାନଙ୍କ ଏହି ଯୁଦ୍ଧରେ ଉଭୟ ପକ୍ଷର ପ୍ରଭୂତ କ୍ଷତି ହୋଇଥିଲା। ପ୍ରତି ୨୦ ଖ୍ରୀଷ୍ଟିୟାନ୍‌ଙ୍କ ମଧ୍ୟରୁ ମାତ୍ର ଜଣେ ଜେରୁଜେଲମ୍‌କୁ ପହଞ୍ଚି ଥିବାର ହିସାବ ଅଛି। ଏହି ଯୁଦ୍ଧସମୂହରେ ପ୍ରାୟ ୧୭ ଲକ୍ଷ ଲୋକ ହତାହତ ହୋଇଥିଲେ। ସ୍ପେନ୍‌ରେ ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ଭିତରେ କ୍ୟାଥୋଲିକ୍‌ମାନେ ନିଜ ଧର୍ମର ବଡ଼ିମା ରକ୍ଷା ପାଇଁ ଅନେକ ଇହୁଦୀ ଏବଂ ମୁସଲମାନ୍‌ମାନଙ୍କୁ ଅତ୍ୟାଚାର କରିଥିବା ଇତିହାସରୁ ଜଣାଯାଏ। ଯେଉଁମାନେ କ୍ୟାଥୋଲିକ୍‌ମାନଙ୍କ ଧର୍ମକୁ ମହାନ୍ ବୋଲି ମାନୁ ନ ଥିଲେ ସେମାନଙ୍କୁ ଭୋକରେ ରଖାଯାଉଥିଲା, ବହୁତ ପାଣି ପିଇବାକୁ ଦିଆଯାଉଥିଲା ଏବଂ ଜଳନ୍ତା ଅଙ୍ଗାର ଦେହର ବିଭିନ୍ନ ଅଙ୍ଗରେ ରଖି ଦିଆଯାଉଥିଲା। ଏହି ପ୍ରକ୍ରିୟାରେ ପ୍ରାୟ ୩୨ ହଜାର ଇହୁଦୀ ଓ ମୁସଲମାନ୍‌ମାନଙ୍କୁ ହତ୍ୟା କରାଯାଇଥିଲା। ଆଉ ଏକ ଧର୍ମଯୁଦ୍ଧ ୧୬୧୮ରୁ ୧୬୪୮ ମଧ୍ୟରେ ୟୁରୋପରେ ସଂଗଠିତ ହୋଇଥିଲା। ଏହାକୁ ୩୦ ବର୍ଷର ଯୁଦ୍ଧ ବୋଲି କୁହାଯାଏ। ଏହା କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟସମାନଙ୍କ ଭିତରେ ହୋଇଥିଲା, ଯାହା ଜର୍ମାନୀ, ଫ୍ରାନ୍ସ, ସ୍ପେନ୍, ସ୍ୱିଡେନ ପ୍ରଭୃତି ରାଷ୍ଟ୍ରରେ ବ୍ୟାପିଥିଲା। ପ୍ରାୟ ୮୦ ଲକ୍ଷ ଲୋକଙ୍କୁ ହତ୍ୟା କରାଯାଇଥିଲା। ବର୍ତ୍ତମାନ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଧର୍ମ ଏବଂ ଜେରୁଜେଲମ୍‌କୁ ନେଇ ଭୟଙ୍କର ଯୁଦ୍ଧ ଚାଲିଛି, ଯେଉଁଥିରେ ହଜାର ହଜାର ଇହୁଦୀ ଓ ମୁସଲମାନ ମୃତ୍ୟୁବରଣ କରୁଛନ୍ତି। ହମାସ୍ ଭଳି ଆତଙ୍କି ଗୋଷ୍ଠୀ ଧର୍ମ ନାମରେ ଆକ୍ରମଣ କରୁଥିବାରୁ ମଣିଷମାନେ ମରୁଛନ୍ତି।



ଭାରତକୁ ମୁସଲମାନ ଶାସକମାନେ ଅନେକବାର ଆକ୍ରମଣ କରି ମନ୍ଦିର ଧ୍ୱଂସ କରିଛନ୍ତି ଏବଂ ଇସ୍‌ଲାମ ଧର୍ମ ଗ୍ରହଣ ପାଇଁ ବାଧ କରିଛନ୍ତି। ବର୍ତ୍ତମାନ ଭାରତ ବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଧର୍ମ ନାମରେ ସ୍ୱାର୍ଥସର୍ବସ୍ୱ ମଣିଷମାନେ ଦଙ୍ଗା ସୃଷ୍ଟି କରୁଛନ୍ତି। ୧୮୫୭ର ଭରୁଚ ଦଙ୍ଗା, ୧୯୨୭ର ନାଗପୁର ଦଙ୍ଗା, ୧୯୬୪ର କଲିକତା ଦଙ୍ଗା ପ୍ରଭୃତି ଘଟଣାମାନ ଅନେକ ଧନଜୀବନ ନଷ୍ଟ କରିଛନ୍ତି। କେବଳ ୧୯୪୭ର ଦଙ୍ଗାରେ ୨୦ ଲକ୍ଷ ଲୋକ ଜୀବନ ହରାଇଥିବା ଅନୁମାନ କରାଯାଏ।

ଏତେ ରକ୍ତପାତରୁ ଧର୍ମକୁ ମିଳୁଛି କ'ଣ? ଧର୍ମ ନାମରେ ମଣିଷ ପଶୁ ପାଲଟି ଯାଉଛି। ମନେରଖିବା ଉଚିତ ଯେ, କୌଣସି ଧର୍ମ ସାନ ନୁହେଁ କି ବଡ଼ ନୁହେଁ। ଯେ କୌଣସି ଧର୍ମ ବିନାଶ କିମ୍ବା ଅତ୍ୟାଚାରକୁ ପ୍ରୋତ୍ସାହନ ଦିଏନାହିଁ। ମଣିଷ ଏତେ ଶିକ୍ଷିତ ହୋଇ ମଧ୍ୟ ନିଜ ଧ୍ୱଂସକୁ ଡାକିଆଣୁଛି ଧର୍ମ ପାଇଁ। ଯେଉଁ ଧର୍ମ ଅନ୍ୟ ଧର୍ମକୁ ନ୍ୟୁନ ମନେକରେ ତାହା ଧର୍ମ ପଦବାଚ୍ୟ ନୁହେଁ। ଯେଉଁମାନେ ଧର୍ମାନ୍ଧ ସେମାନେ ପ୍ରକୃତରେ ଶିକ୍ଷିତ ନୁହନ୍ତି। ସେମାନଙ୍କୁ ସାହିତ୍ୟ ହିଁ ଠିକ୍ ରାସ୍ତାକୁ ଆଣିପାରିବ। କାରଣ ସାହିତ୍ୟ ମାନବବାଦ୍‌ରେ ବିଶ୍ୱାସ କରେ।

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, ମୋ- ୭୯୭୮୯୯୦୦୧୬**

## ଏଇ ଭାରତରେ

ଦୀପାବଳି ପାଳନ ହେଲା ସାରା ଦେଶରେ। କେଉଁଠି ପରିବେଶ ପ୍ରଦୂଷଣ ଭୟ ଯୋଗୁ ବାଣଫୁଟା ଉପରେ କଟକଣା ଲଗାଯାଇଥିବାବେଳେ କେଉଁଠି ପରିବେଶ ଉପଯୋଗୀ ଅନ୍ୟ ବ୍ୟବସ୍ଥା ସବୁ ଗ୍ରହଣ କରାଯିବା ଦେଖିବାକୁ ମିଳିଲା। ସେହି କ୍ରମରେ ଗୋବରରେ ତିଆରି ଦୀପର ବ୍ୟବହାର ନଜରକୁ ଆସିଲା ଉତ୍ତରପ୍ରଦେଶରେ। ଗ୍ରାମୀଣ ଉତ୍ତରପ୍ରଦେଶରେ ମହିଳାମାନେ ଗୋବରରେ ଦୀପ ତିଆରି କରି ବେଶ୍ ଭଲ ରୋଜଗାର କରିଛନ୍ତି। ଏଭଳି ଦୀପ ତିଆରି କରିବାର ବିନ୍ଧାଣୀ ହେଉଛନ୍ତି ଆଇଏଏସ୍ ଅଧିକାରୀ ଦୁର୍ଗା ଶକ୍ତି ନାଗପାଲ। ସେ ବନ୍ଦାର ଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ଦାର ଦୁର୍ଗମ ଗାଁଗୁଡ଼ିକରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ଏହି ଦୀପ ତିଆରି କରିପାରିଛନ୍ତି। ଏହା ଦୀପାବଳି ବ୍ୟତୀତ ଅନ୍ୟ କାର୍ଯ୍ୟରେ ବି ବ୍ୟବହାର କରାଯାଇପାରିବ ବୋଲି କହନ୍ତି ନାଗପାଲ।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୧୪ ନଭେମ୍ବର ୧୯୯୮

- ସମ୍ବଲପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପ୍ରଭାବତୀ ଦେବୀଙ୍କ ୮୯ ବର୍ଷ ବୟସରେ ପରଲୋକ।
- ୯୫୦ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତି ଷଡ଼ଯନ୍ତ୍ର ମାମଲାରେ ନିୟମିତ ଜାମିନ ଆବେଦନ କରି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏବଂ ଡଃ ଜଗନ୍ନାଥ ମିଶ୍ର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ।
- କାମ୍ବୋଡିଆରେ ଏକ ମିଳିତ ସରକାର ଗଠନ ପାଇଁ ଏହାର ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ହୁନସେନ ଏବଂ ବିରୋଧୀ ନେତା ଯୁବରାଜ ନରୋଦ୍ଦମ ରଣରିଧଙ୍କ ସହ ବୁଝାମଣା।

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!
-(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମାନସିକ ରୋଗୀଙ୍କ ପ୍ରତି ଧ୍ୟାନ ଦିଆଯାଉନି

ମହାଶୟ,

ବିଶ୍ୱ ମାନସିକ ରୋଗ ଦିବସରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ଓଡ଼ିଆ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଓଡ଼ିଶାର ସମସ୍ତ ଡାକ୍ତରଖାନାରେ ମାନସିକ ଚିକିତ୍ସକ ଅଛନ୍ତି ଓ ମାନସିକ ରୋଗୀଙ୍କ ପରିବାର ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଥିଲା। କିନ୍ତୁ ପ୍ରକୃତ ପକ୍ଷେ, କଟକ ବଡ଼ ଡାକ୍ତରଖାନା, ବ୍ରହ୍ମପୁର ଓ ସମ୍ବଲପୁର ବଡ଼ଡାକ୍ତରଖାନାରେ ମାନସିକ ରୋଗର ଚିକିତ୍ସକ ଅଛନ୍ତି, ଅନ୍ୟଠାରେ ନାହାନ୍ତି। ଏହି ଡାକ୍ତରମାନେ ଓଡ଼ିଶାର ବିଭିନ୍ନ ଘରୋଇ କ୍ଲିନିକ ଯାଇ ରବିବାର ପରାମର୍ଶ ଫିସ୍ ୪୦୦ ଟଙ୍କା ନେଇ ଦେଖନ୍ତି। ମାନସିକ ରୋଗୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଜନା ଅଛି। କିନ୍ତୁ ରୋଗୀଙ୍କ ପରିବାର ପାଆନ୍ତି ନାହିଁ। ତେଣୁ ରାସ୍ତାରେ ରୋଗୀମାନେ ବୁଲୁଛନ୍ତି।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସ୍ତ୍ରୀ ନୱାଜଙ୍କଠାରୁ ଅଲଗା ହେଲେ ଗୌତମ ସିଙ୍ଘାଣିଆ



ଅରବପତି ଗୌତମ ସିଙ୍ଘାଣିଆ ସୋମବାର ତାଙ୍କ ସ୍ତ୍ରୀ ନୱାଜଙ୍କ ସହ ବିବାହ ବିଚ୍ଛେଦ କରିଥିବା ଘୋଷଣା କରିଛନ୍ତି। ଦୁହେଁ ଅଲଗା ଅଲଗା ବାଟରେ ଯିବା ପାଇଁ ନିଷ୍ପତ୍ତି ନେଇଥିବା ୫୮ ବର୍ଷୀୟ ସିଙ୍ଘାଣିଆ କହିଛନ୍ତି। ଟେକ୍ସଟାଇଲରୁ ରିଅଲ ଇଷ୍ଟେଟ୍ ଶିଳ୍ପପୁଞ୍ଜ ରେମଣ୍ଡ ଲିଃର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସିଙ୍ଘାଣିଆ ୧୯୯୯ରେ ସଲିସିଟର ନାଦର ମୋଦିଙ୍କ ଝିଅ ନୱାଜ ମୋଦିଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ସେମାନେ ୮ ବର୍ଷ ରିଲେଶନରେ ରହିଥିଲେ।



କର୍ନାଟକର ଉଡୁପି ଜିଲା ଅନ୍ତର୍ଗତ ଗଙ୍ଗୋଲି ବନ୍ଦରରେ ସୋମବାର କେତେକ ବୋଟ୍‌ରେ ନିଆଁ ଲାଗିଯାଇଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

# ସୁଏଲାଙ୍କୁ ବହିଷ୍କାର କଲେ ସୁନକ୍

## କ୍ୟାବିନେଟ୍‌କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍‌ଙ୍କ ପ୍ରତ୍ୟାବର୍ତ୍ତନ

**ଲଣ୍ଡନ,୧୩।୧୧**

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ସୋମବାର ତାଙ୍କ କ୍ୟାବିନେଟ୍‌ରୁ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନ୍‌ଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଜେମ୍ସ କ୍ଲେଭର୍ଲିଙ୍କୁ ଗୃହମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍ କାମେରନ୍ ବ୍ରିଟିଶ କ୍ୟାବିନେଟକୁ ଫେରିଛନ୍ତି। ତାଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଆସନ୍ତାବର୍ଷ ବ୍ରିଟେନ୍‌ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ତାହା ପୂର୍ବରୁ ପ୍ରଧାନମନ୍ତ୍ରୀ ସୁନକ ଶ୍ରେଷ୍ଠ ଟିମ୍ ବାଛିଥିବା କୁହାଯାଉଛି। ବ୍ରେକ୍‌ଜିଟ୍ ଉପରେ ଗଣଭୋଟରେ ହାରିଯିବା ପରେ ୫୭ ବର୍ଷୀୟ ଡାଭିଡ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେହିବର୍ଷ ସେ ଏମ୍‌ପି ପଦରୁ ମଧ୍ୟ ଓହରିଯାଇଥିଲେ। ୨୦୨୧ରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଯୋଗୁ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଥିଲା। ଡାଭିଡ୍ ହାଉସ୍ ଅଫ୍ ଲର୍ଡସ୍‌ର ଜୀବନବ୍ୟାପୀ ସଦସ୍ୟ ରହିବେ ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ଘୋଷଣା କରାଯାଇଛି। ତେଣୁ ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ଭାବେ ସେ ସରକାରରେ ରହିପାରିବେ।

ସୁଏଲା ଗତ କିଛିଦିନ ହେଲା ଦେଶରେ ପାଲେଷ୍ଟାଇନ୍ ସପକ୍ଷ ବିକ୍ଷୋଭକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇ ବିବାଦଘେରକୁ ଆସିଥିଲେ। ତାଙ୍କ ପାଇଁ ସୁନକ୍‌ଙ୍କ ଉପରେ ଚାପ ପଡୁଥିଲା। ଫଳରେ କ୍ୟାବିନେଟ୍‌ରେ ଅଦଳବଦଳ କରିବାକୁ ଯାଇ ସୁନକ୍ ସୁଏଲାଙ୍କୁ ବିଦା କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଜେମ୍ସ କ୍ଲେଭର୍ଲିଙ୍କୁ ନୂଆ ଗୃହମନ୍ତ୍ରୀ କରାଯାଇଛି। ଭାରତୀୟ ବଂଶୋଦ୍ଭବ ସୁଏଲା ଇମିଗ୍ରେଶନକୁ ବିରୋଧ କରି ସବୁବେଳେ ବିବାଦଘେରରେ ରହିଆସିଥିଲେ। ବିବାଦୀୟ ମନ୍ତବ୍ୟ ପାଇଁ ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କ କ୍ୟାବିନେଟ୍‌ରୁ ମଧ୍ୟ ସୁଏଲାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା।





ସୁଏଲା ବ୍ରେଭରମ୍ୟାନ୍ ଡାଭିଡ୍ କାମେରନ୍

## ସଂକ୍ଷେପରେ

### ହାଇଦ୍ରାବାଦ ବିଲ୍ଡିଂରେ ନିଆଁ: ୯ ମୃତ

**ହାଇଦ୍ରାବାଦ,୧୩।୧୧:** ହାଇଦ୍ରାବାଦର ଏକ ବିଲ୍ଡିଂରେ ସୋମବାର ବ୍ୟାପକ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ବହୁ ମହଲାବିଶିଷ୍ଟ ଉକ୍ତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସର ତଳ ମହଲାରେ ଥିବା ତେଲ ଡ୍ରମ୍‌ରେ ନିଆଁ ଲାଗି ପରେ ଅନ୍ୟ ମହଲାକୁ ବ୍ୟାପିଥିଲା। ବିଲ୍ଡିଂରୁ ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଓ ଦ୍ୱିତୀୟ ମହଲାରେ ଭଡ଼ାରେ ରହିଥିଲେ। ତୃତୀୟ ଓ ଚତୁର୍ଥ ମହଲାରେ ଥିବା କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଆପାର୍ଟମେଣ୍ଟର ମାଲିକ ରମେଶ ଜୟସ୍ୱାଲ ଫେରାର ହୋଇଯାଇଛନ୍ତି। ସେ ତଳ ମହଲାକୁ ଏକ ଗୋଦାମ ଭାବେ ବ୍ୟବହାର କରିବା ସହ ସେଠାରେ ତେଲ ଡ୍ରମ୍ ଗଚ୍ଛିତ କରି ରଖିଥିଲେ।

### ଆଗ୍ରାରେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର: ୫ ଗିରଫ

**ନୂଆଦିଲ୍ଲୀ,୧୩।୧୧:** ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଏକ ଷ୍ଟେ ହୋମ୍‌ରେ ରହୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ୍ ବଳାତ୍କାର ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ୩ ଜଣ ସନ୍ଦିଗ୍ଧ ଫେରାର ହୋଇଯାଇଥିବା ପୋଲିସ୍ କହିଛି। ବାରମ୍ବାର ମୁଣ୍ଡ ବାଡ଼େଇ କାନ୍ଦୁଥିବା ପୀଡ଼ିତାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତାଙ୍କର ୪ ଜଣ ଛୋଟ ଝିଅ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ସେ ଆକୁଳ ନିବେଦନ କରୁଛନ୍ତି। ରିତୁ, ରିୟା, ଲଲିତା, ସୋନୁ ଏବଂ ବିକ୍ରମଙ୍କ ନାଁ ସେ କହୁଛନ୍ତି, ଯେଉଁମାନେ ବଳାତ୍କାର ସହ ସମ୍ପୃକ୍ତ ଥିଲେ। ସେମାନଙ୍କୁ ଜେଲ ପଠାଇବାକୁ ସେ ଦାବି କରିଛନ୍ତି। ମହିଳା ଜଣକ ଏକ ଗେଷ୍ଟ ହାଉସ୍‌ରେ ୧୮ ମାସ ହେଲା କାମ କରୁଥିଲେ। ଅଭିଯୁକ୍ତମାନେ ତାଙ୍କୁ ଗେଷ୍ଟରୁମ୍‌କୁ ଡାକିନେଇ ବ୍ଲାକ୍‌ମେଲିଂ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ଧନୀ-ଗରିବ ଆୟ ବ୍ୟବଧାନ ବଢୁଛି

## ୧୦% ଅତି ଧନୀଙ୍କ ସମ୍ପତ୍ତି ବଢ଼ିଛି

## ଅନ୍ୟମାନେ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ

**ନୂଆଦିଲ୍ଲୀ,୧୩।୧୧**



କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଗତ ଅକ୍ଟୋବରର ଆର୍ଥିକ ରିପୋର୍ଟ ଅନୁଯାୟୀ ପ୍ରଥମତଃ ଘରୋଇ ଚାହିଦା ଓ ଉପଭୋଗ ବଢ଼ିଥିବାରୁ ଭାରତର ଅଭିବୃଦ୍ଧି ସମ୍ଭାବନା ମଜଭୁତ ହୋଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ଭାବେ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ଅଧିକାଂଶ ସ୍ୱାଧୀନ ସଂସ୍ଥା ସମାନ ପୂର୍ବାନୁମାନ କରିଛନ୍ତି। ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ବୋଲି ଏହି ରିପୋର୍ଟଗୁଡ଼ିକରେ କୁହାଯାଇଛି। ଚାହିଦା ବଢୁଥିବାର ଏକ ବିଶ୍ୱସନୀୟ ତଥ୍ୟ ଦେଖାଯାଇଛି। ଅକ୍ଟୋବରରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଦ୍ୱିତୀୟ ସର୍ବାଧିକ। ଗତ କିଛି ମାସ ହେଲା କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ନିର୍ମାଣ ବାବଦ ଖର୍ଚ୍ଚ ମଧ୍ୟ ସର୍ବାଧିକ ରହିଛି। ଘରୋଇ ସେକ୍ଟରର ପୁଞ୍ଜି ସୃଷ୍ଟି ମଧ୍ୟ ଶୀର୍ଷରେ ରହିଛି।

ତେବେ ବାସ୍ତବ ସ୍ଥିତି ଅନୁଧ୍ୟାନ କଲେ ଦେଖାଯାଉଛି ଯେ, ଚାହିଦାକୁ ନେଇ ଯାହା କୁହାଯାଉଛି, ସେଥିରେ କେତେକ ଦୁର୍ବଳତା ରହିଛି। କାରଣ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଚ୍ଚମଧ୍ୟବିତ୍ତ ଆୟକର ଓ ତଦୂର୍ଦ୍ଧ୍ୱ ବର୍ଗଙ୍କ ଉପରେ ଆଧାରିତ। ସମଗ୍ର ଦେଶର ସ୍ଥିତି ସମାନ ନୁହେଁ। କାରଣ ଗ୍ରାମୀଣ ଭାରତ ଏବେ ମାନ୍ଦାବସ୍ଥାରେ ବୁଡ଼ିରହିଛି। ଏପରିକି ସହରାଞ୍ଚଳର କେତେକ ବେତନଭୋଗୀ ଗୋଷ୍ଠୀ ମଧ୍ୟ ମାନ୍ଦାବସ୍ଥାରୁ ବାଦ୍ ପଡ଼ିନାହାନ୍ତି। କୋଭିଡ୍-୧୯ ମହାମାରୀ ପରଠାରୁ ସୁଧାର ଇଂଲିଶ 'କେ' ଆକୃତିର ହୋଇଛି। ଧନୀ ଅଧିକ ଧନୀ ହେଉଥିବାବେଳେ ଗରିବ ଅଧିକରୁ ଅଧିକ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇଯାଉଛନ୍ତି। ଆକଳନ ଅନୁଯାୟୀ ୨୦୨୬ ବେଳକୁ ଭାରତରେ ଅତି ଧନୀ (ନିୟୁତପତି)ଙ୍କ ସଂଖ୍ୟା ଦୁଇଗୁଣ ହେବା ଆଶା କରାଯାଉଥିବାବେଳେ ବିଳାସ ସାମଗ୍ରୀ ବଜାର ୨୦୩୦ ବେଳକୁ ୩ ଗୁଣା ହେବ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଖାଉଟି ବ୍ୟବହାର ଓ ମଜୁରି ସ୍ଥିର ରହିଛି। ଏପରିକି ଦରଦାମ୍ ବୃଦ୍ଧି (ମୁଦ୍ରାସ୍ଫୀତି) ସହ ତାଳଦେଇ ସହରାଞ୍ଚଳ ଆୟ ମଧ୍ୟ ବଢ଼ିପାରି ନାହିଁ।

ଭାରତର ଜିଡିପି ଅଭିବୃଦ୍ଧି ଭଲ ରହିଛି, ତେବେ ଏହା କେବଳ ଶୀର୍ଷ ଧନୀମାନଙ୍କୁ ଯାଉଛି। ଏଥିରେ ସୁଧାର ଆଣିବାକୁ ହେବ। ବିଶ୍ୱ ଅସମାନତା ରିପୋର୍ଟ, ୨୦୨୨ ଅନୁଯାୟୀ ଭାରତରେ ଆୟ ଏବଂ ସମ୍ପତ୍ତିରେ ଅସମାନତା ଅତ୍ୟଧିକ ବଢ଼ିଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କୌଶିକ ବସୁ 'ଏକ୍ସ'ରେ ଏହା ଲେଖିଛନ୍ତି। ରିପୋର୍ଟରେ ଭାରତକୁ ସବୁଠୁ ଅସମାନ ଦେଶ ଭାବେ ଉଲ୍ଲେଖ କରାଯାଇଛି। ମହାମାରୀ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଧନୀ-ଗରିବଙ୍କ ମଧ୍ୟରେ ଆୟ ବ୍ୟବଧାନ ଯଥେଷ୍ଟ ବଢ଼ିଛି। ରିପୋର୍ଟ ଅନୁଯାୟୀ ୧୦ ପ୍ରତିଶତ ଅତି ଧନୀଙ୍କ ଆୟ ସବାତଳେ ଥିବା ୫୦ ପ୍ରତିଶତଙ୍କ ଆୟର ୨୦ ଗୁଣରୁ ଅଧିକ। ଦେଶର ଶୀର୍ଷ ୧ ପ୍ରତିଶତଙ୍କ ପାଖରେ ୨୨ ପ୍ରତିଶତ ସମ୍ପତ୍ତି ଥିବାବେଳେ ତଳ ଭାଗରେ ଥିବା ୫୦ ପ୍ରତିଶତଙ୍କ ପାଖରେ କେବଳ ଅବଶିଷ୍ଟ ସମ୍ପତ୍ତିର ୧୩ ପ୍ରତିଶତ ରହିଛି। ଦେଶର ଶୀର୍ଷ ୧୦ ପ୍ରତିଶତ ମୋଟ ଆୟର ୫୭%ରୁ ଅଧିକ କରୁଥିବାବେଳେ ସେମାନେ ହିଁ ଚାହିଦା ଓ ବ୍ୟବହାରକୁ ବଢ଼ାଉଛନ୍ତି।

ଦୁଇଟି କ୍ଷେତ୍ରକୁ ଦେଖିଲେ ଚାହିଦା ତାରତମ୍ୟର ପ୍ରମାଣ ମିଳିଯିବ। ତାହା ହେଲା ଗାଡ଼ି ଏବଂ ରିଅଲ ଇଷ୍ଟେଟ୍ ସେକ୍ଟର। ଚଳିତ ଆର୍ଥିକ ବର୍ଷରେ କାର୍ ବିକ୍ରି ଯଥେଷ୍ଟ ବଢ଼ିଛି। ଏହା ୪୦ ଲକ୍ଷ ୟୁନିଟ୍ ଅତିକ୍ରମ କରିବା ଆଶା ରହିଛି। ବିଶେଷ କରି ୧୦ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ କାର୍ ବିକ୍ରି ଅଧିକ ବଢ଼ିଛି, ଯାହା ଧନୀମାନେ ହିଁ କିଣିଥାନ୍ତି। ଅନ୍ୟପକ୍ଷରେ ଦୁଇଚକିଆ ଯାନ ବିକ୍ରି ମହାମାରୀ ପରେ କମିଛି। ୨୦୧୯ ଆର୍ଥିକ ବର୍ଷରେ ୨.୧୨ କୋଟି ବାଇକ୍ ବିକ୍ରି ହୋଇଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ତାହା ୫୩ ଲକ୍ଷ ହ୍ରାସ ପାଇଁ ୧.୫୯ କୋଟି ରହିଥିବା ଆଇସିଆର୍‌ଏ ତଥ୍ୟରୁ ଜଣାପଡ଼ିଛି। ସାଧାରଣ ବର୍ଗର ଲୋକେ ଦୁଇଚକିଆ ଯାନ କିଣିଥାନ୍ତି। ସେହିପରି ରିଅଲ ଇଷ୍ଟେଟ୍ ସେକ୍ଟର, ଯାହା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟି କରିଥାଏ, ତାହା ୨୦୩୦ ବେଳକୁ ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ତେବେ ଲକ୍ସୁରି ଘର ଚାହିଦା ବଢୁଥିବାବେଳେ ଶସ୍ତା ଘର ପାଇଁ ଚାହିଦା ହ୍ରାସ ପାଇଚାଲିଛି। ପ୍ରପର୍ଟି କନ୍‌ସଲ୍‌ଟାଣ୍ଟ ଆନାରକ୍‌ର ତଥ୍ୟ ଅନୁଯାୟୀ ୧.୫ କୋଟି ଟଙ୍କା ଓ ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ ଘର ବିକ୍ରି ୨୦୨୩ର ପ୍ରଥମ ୯ ମାସରେ ଗତବର୍ଷ ଏହି ସମୟ ତୁଳନାରେ ୧୧୫ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ୮୦ ଲକ୍ଷରୁ କମ୍ ମୂଲ୍ୟର ଘର ବିକ୍ରି ୫୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୨୨ରେ ୬୮ ପ୍ରତିଶତ ଥିଲା। ସେହିପରି ୫୦ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଘର ବିକ୍ରି ଚଳିତ ବର୍ଷର ପ୍ରଥମ ୯ ମାସରେ ଦଶନ୍ଧିର ସବୁଠୁ କମ୍ ହୋଇଥିବା କନ୍‌ସଲ୍‌ଟାନ୍ସି ସଂସ୍ଥା ନାଇଟ୍ ଫ୍ରାଙ୍କ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି।

# ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା

## ଆକ୍ରମଣକାରୀଙ୍କୁ ଲୋକେ ପିଟି ମାରିଦେଲେ

**କୋଲକାତା,୧୩।୧୧**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ଜୟନଗରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ସ୍ଥାନୀୟ ନେତାଙ୍କୁ ସୋମବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ଉତ୍ତ୍ୟକ୍ତ ଲୋକେ ଉକ୍ତ ଆକ୍ରମଣକାରୀଙ୍କୁ ପିଟି ମାରିଦେଇଛନ୍ତି। ଜୟନଗରର ବାମୁଗାଚିର ଟିଏମ୍‌ସି ସଭାପତି ଥିବା ସୈଫୁଦ୍ଦିନ ଲସ୍କରଙ୍କୁ ତାଙ୍କ ବାସଭବନ ନିକଟରେ ଅଜଣା ବ୍ୟକ୍ତି ଗୁଳି ଚଳାଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୈଫୁଦ୍ଦିନ୍‌ଙ୍କ ସମର୍ଥକମାନେ ଗୋଡ଼ାଇ ଜଣେ ଆକ୍ରମଣକାରୀଙ୍କୁ ଧରିବା ପରେ ତାଙ୍କୁ ନିର୍ଘାତ ପିଟିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖିଛି। ସିପିଆଇ(ଏମ୍)ର ସମର୍ଥକମାନେ ସୈଫୁଦ୍ଦିନ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସୈଫୁଦ୍ଦିନଙ୍କ ସମର୍ଥକମାନେ ଆକ୍ରମଣକାରୀଙ୍କ ଘର ଭାଙ୍ଗିବା ସହ ନିଆଁ ଲଗାଇଦେଇଥିବା ସିପିଆଇ (ଏମ୍) ସମର୍ଥକମାନେ କହିଛନ୍ତି।

# କରାଚୀରେ ଚାଇନା ଯୁଦ୍ଧଜାହାଜ

**ନୂଆଦିଲ୍ଲୀ,୧୩।୧୧**

ପାକିସ୍ତାନର କରାଚୀ ପୋତାଶ୍ରୟରେ ଚାଇନାର ଅନେକ ଯୁଦ୍ଧଜାହାଜ, ବୁଡ଼ାଜାହାଜ ଓ ସହାୟକ ଜାହାଜର ଉପସ୍ଥିତି ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି। ଚାଇନା ଏବଂ ପାକିସ୍ତାନ ସର୍ବବୃହତ୍ ନୌସେନା ସମରାଭ୍ୟାସ ଆରମ୍ଭ କରିଛନ୍ତି। ଭାରତ ମହାସାଗରରେ ବେଜିଂ ଏହାର ଉପସ୍ଥିତି ଯଥେଷ୍ଟ ବଢ଼ାଇଥିବାବେଳେ ସି' ଗାର୍ଡିଆନ୍-୩ ସମରାଭ୍ୟାସ ଆରମ୍ଭ ହୋଇଛି। ଏଥିସହିତ ଚାଇନା ଆଫ୍ରିକାର ଜିବୌଟିଠାରେ ଏକ ବଡ଼ ଘାଟି ନିର୍ମାଣ କରିବା ସହ ପାକିସ୍ତାନ ସମେତ କେତେକ ଆଞ୍ଚଳିକ ନୌସେନାକୁ ଆଧୁନିକ ପ୍ଲାଟ୍‌ଫର୍ମ ବିକ୍ରି କରୁଛି। ନିକଟରେ ପାକିସ୍ତାନ ନୌସେନାକୁ ବେଜିଂ ୪ଟି ଟାଇପ୍-୦୫୪ଏ/ପି ଜାହାଜ ଯୋଗାଇଦେଇଛି। ଚଳିତ ମାସ ଆରମ୍ଭରେ କଲମ୍ବୋରେ ଚାଇନାର ସାମୁଦ୍ରିକ ଗବେଷଣା ଜାହାଜ ଶି ୟାନ୍ ୬ ଅଟକି ରହିଥିଲା। ପୂର୍ବରୁ ଏହି ଜାହାଜ କେବେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ପ୍ରବେଶ କରି ନ ଥିଲା। ଏଥିରୁ ଜଣାପଡୁଛି ଚାଇନା ଆଗକୁ ବଡ଼ ବୁଡ଼ାଜାହାଜ ଚଳାଚଳ ପାଇଁ ବଙ୍ଗୋପସାଗର ସମେତ ଭାରତ ମହାସାଗରର ଜଳରାଶିକୁ ସକ୍ରିୟ ଭାବେ ଅନୁଧ୍ୟାନ କରୁଛି।



# ମଣିପୁରର ୯ ମେଇତି ଉଗ୍ରପନ୍ଥୀ ସଂଗଠନ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୧୩।୧୧**

ମଣିପୁରର ୯ଟି ମେଇତି ଉଗ୍ରପନ୍ଥୀ ସଂଗଠନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ବେଆଇନ ଘୋଷଣା କରିଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅନୁଯାୟୀ ଉକ୍ତ ସଂଗଠନ ଓ ଏହାର ଶାଖା ଓ ଛାମୁଆ ଗ୍ରୁପ୍‌ଗୁଡ଼ିକୁ ୫ ବର୍ଷ ପାଇଁ ବେଆଇନ ଘୋଷଣା କରାଯାଇଛି। ବେଆଇନ ଘୋଷିତ ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ହେଲେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଓ ଏହାର ରାଜନୈତିକ ଶାଖା ରିଭଲ୍ୟୁଶନାରି ପିପୁଲ୍ସ ଫ୍ରଣ୍ଟ (ଆର୍‌ପିଏଫ୍), ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍) ଏବଂ ଏହାର ସଶସ୍ତ୍ର ଶାଖା ମଣିପୁର ପିପୁଲ୍‌ସ ଆର୍ମି (ଏମ୍‌ପିଏ), ପିପୁଲ୍ସ ରିଭଲ୍ୟୁଶନାରି ପାର୍ଟି ଅଫ୍ କାଙ୍ଗଲେଇପାକ୍ ଓ ଏହାର ସଶସ୍ତ୍ର ଶାଖା ରେଡ୍ ଆର୍ମି। ୟୁଏପିଏ ଆଇନର ଧାରା ୩ର ଉପଧାରା(୧)ରେ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ର ସରକାର ଉପରୋକ୍ତ ସଂଗଠନଗୁଡ଼ିକୁ ବେଆଇନ ଘୋଷଣା କରିଛନ୍ତି। ସେହିପରି କଙ୍ଗଲେଇ ୟାଓଲ କନ୍‌ବା ଲୁପ୍, କୋର୍ଡିନେଶନ କମିଟି, ଆଲିଆନ୍ସ ଫର୍ ସୋସିଆଲିଷ୍ଟ ୟୁନିଟି କଙ୍ଗଲେଇପାକ୍‌କୁ ବେଆଇନ କରାଯାଇଛି।

# ସଲ୍‌ମାନଙ୍କ ଫିଲ୍ମ ଚାଲିଥିବାବେଳେ ହଲ୍‌ରେ ବାଣ ଫୁଟାଇଲେ ଦର୍ଶକ

**ମାଲେଗାଁଓ,୧୩।୧୧**

ବଲିଉଡ୍ ଷ୍ଟାର ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ 'ଟାଇଗର ୩' ଚଳଚ୍ଚିତ୍ର ହଲ୍‌ରେ ମୁକ୍ତିଲାଭ କରିବାର ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ବହୁସଂଖ୍ୟାରେ ଦର୍ଶକ ଭିଡ଼ ଲଗାଇଥିଲେ। ଭାଇଜାନ୍‌ଙ୍କ ପ୍ରଥମ ଦୃଶ୍ୟ ବେଳେ ହଲ୍ ଭିତରେ ତାଙ୍କର କେତେଜଣ ପ୍ରଶଂସକ ବାଣ ଫୁଟାଇଥିଲେ। ମହାରାଷ୍ଟ୍ରର ମାଲେଗାଁଓ ଜିଲାରେ ଥିବା ମୋହନ ସିନେମା ପ୍ରେକ୍ଷାଳୟରେ ଏହି ଘଟଣା ଘଟିଛି। ସୋସିଆଲ ମିଡିଆରେ ଏହି ଦୃଶ୍ୟ ପ୍ରସାରିତ ହେବା ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଣରୁ ବର୍ତ୍ତିବା ପାଇଁ ଦର୍ଶକମାନେ ନିରାପଦ ସ୍ଥାନକୁ ଧାଉଁଥିବା ଦେଖାଯାଇଥିଲା। ପ୍ରଶଂସକମାନଙ୍କ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ଜନସାଧାରଣ ତୀବ୍ର ନିନ୍ଦା କରିଛନ୍ତି। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଦାଏର ହେବା ଆବଶ୍ୟକ ବୋଲି ଜଣେ ୟୁଜର ଲେଖିଛନ୍ତି।

# କାଟାଲାନ୍ ବିଦ୍ରୋହୀଙ୍କୁ କ୍ଷମାଦାନ ପ୍ରତିବାଦରେ ସ୍ପେନ୍‌ରେ ବିଶାଳ ବିକ୍ଷୋଭ

**ମାଡ୍ରିଡ୍,୧୩।୧୧**

୨୦୧୭ରେ ଗଣଭୋଟ ଜରିଆରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ଗଠନ ଉଦ୍ୟମ କରି ବିଫଳ ହୋଇଥିବା କାଟାଲାନ୍ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ସ୍ପେନ୍‌ର ସୋସିଆଲିଷ୍ଟ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରି ଦକ୍ଷିଣପନ୍ଥୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ରବିବାର ଦେଶବ୍ୟାପୀ ବିଶାଳ ରାଲିର ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ ଲକ୍ଷ ସ୍ପେନ୍ ବାସିନ୍ଦା ଯୋଗଦେଇଥିଲେ। ଦେଶରେ ରାଜନୈତିକ ମତଭେଦ ଜୋର୍ ଧରିଥିବାବେଳେ ନୂଆ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ସମର୍ଥନ ଯୋଗାଡ଼ କରିବା ସକାଶେ ବିଚ୍ଛିନ୍ନତାବାଦୀମାନଙ୍କୁ କ୍ଷମାଦାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଦକ୍ଷିଣପନ୍ଥୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସ୍ୱାଧୀନ ରାଷ୍ଟ୍ର ଗଠନ ପାଇଁ ଉଦ୍ୟମ ଚଳାଇଥିବା ବିଦ୍ରୋହୀଙ୍କୁ କ୍ଷମା ଦେବାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଏହା ଆଇନର ଶାସନ ପ୍ରତି ଆକ୍ରମଣ ବୋଲି ସେମାନେ କହିଥିବାବେଳେ ଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଦେଶର ୫୨ଟି ବୃହତ୍ ସହରରେ ବିକ୍ଷୋଭକାରୀମାନେ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ ଜଣାଇଛନ୍ତି। ରକ୍ଷଣଶୀଳ ମୁଖ୍ୟ ବିରୋଧୀ ଦଳ ପପୁଲାର ପାର୍ଟି ଓ ଏହାର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ବିକ୍ଷୋଭ ଡାକରା ଦିଆଯାଇଥିଲା। ନୂଆ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଆମେ ଚୁପ୍ ବସିବୁ ନାହିଁ ବୋଲି ପପୁଲାର ପାର୍ଟି ନେତା ଆଲବେର୍ଟୋ ନୁନେଜ୍ ଫେଇଜୁ ମାଡ୍ରିଡ୍‌ଠାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଫେଇଜୁଙ୍କ ଦଳ ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ପାର୍ଲାମେଣ୍ଟରେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିଲା। ଫଳରେ ସାନ୍‌ଚେଜ୍ ସରକାର ଗଢ଼ିବା ପାଇଁ କ୍ଷମାଦାନକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଚାହୁଁଛନ୍ତି।



## ସଂକ୍ଷେପରେ

### ଟକାରୁମାଲରେ ଗିରିଗୋବର୍ଦ୍ଧନ ପୂଜା

**ମହିଳା ରାମଲୀଳା ନାଟକରେ ଦର୍ଶକ ବିମୋହିତ**

**କର୍ଲାମୁଣ୍ଡା,୧୩।୧୧(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଚି ପଞ୍ଚାୟତ ଟକାରୁମାଲ ଗିରିଗୋବର୍ଦ୍ଧନ ପୀଠରେ ରବିବାରଠାରୁ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଯାଇଛି। ଏହି ଅବସରରେ ପୂଜାର କର୍ତ୍ତା ଭାବେ ମୀନ କେତନ ସାହୁ ଓ ଟିକେଫୁଲ ସାହୁ, ପୂଜକ ସମ୍ପଦ ପାଣିଗ୍ରାହୀ ରହିଥିବା ବେଳେ ପୂଜା ପରିଚାଳନା ନିମନ୍ତେ ସଭାପତି ଭାବେ ଧନପତି ସାହୁ, ସମ୍ପାଦକ ଶଶୀ ପୁଟେଲ ରହିଛନ୍ତି। ରବିବାର ରାତିରେ ଦେଓଗାଁର ବାଳିକାମାନଙ୍କ ଦ୍ୱାରା ପରିବେଷିତ ରାମଲିଲା ନାଟକ ଦର୍ଶକଦ୍‌ମାନଙ୍କ ମନ ମୋହିଥିଲା।

### ମଧ୍ୟାହ୍ନଭୋଜନ ଖାଇଲେ, ସମସ୍ୟା ବୁଝିଲେ ବିଡିଓ

**ଖଡ଼ିଆଳ,୧୩।୧୧(ସୁଜିତ୍ କୁମାର ପ୍ରଧାନ)** ନୂଆପଡା ଜିଲା ଖଡ଼ିଆଳ ବିଡିଓ ବିରସେନ ବେହେରା, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସାନମହେଶ୍ୱର ସରପଞ୍ଚ ଆଲ୍ହାଦିନୀ ବେହେରା, ଏପିଓ ପ୍ରଦୀପ ଓଝା ସାନମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉଥିଲେ। ବିଡିଓଙ୍କ ସମେତ ଉପାଧ୍ୟକ୍ଷ, ସରପଞ୍ଚ ଓ ଏପିଓ ଖାଦ୍ୟର ମାନ ଜାଣିବା ପାଇଁ ପିଲାଙ୍କ ଗହଣରେ ବସି ମଧ୍ୟାହ୍ନ ଭୋଜନ ଖାଇଥିଲେ। ଖାଦ୍ୟ ଖାଇଲା ପରେ ବିଡିଓ ଠିକ ଥିବା ପ୍ରକାଶ କରିବା ସହିତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁରେୟା ସୁଲତାନାଙ୍କୁ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ୨୧୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୪ଟି କୋଠରୀରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଅଧ୍ୟୟନ କରୁଛନ୍ତି। ଫଳରେ ସମସ୍ୟା ରହୁଥିବା ବିଡିଓଙ୍କୁ କହିଥିଲେ। ବିଡିଓ ବିଦ୍ୟାଳୟ ସମସ୍ୟା ଉପରେ ଜିଲାପାଳଙ୍କୁ ଜଣାଇବେ ଓ ଅତିଶୀଘ୍ର ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଧର୍ମପରାୟଣ ମହିଳା ସୁଭଦ୍ରା ଦାଶଙ୍କ ପରଲୋକ

**ଜୁନାଗଡ଼,୧୩।୧୧(ସୁନୀଲ କୁମାର ସିଂହ)** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡା ଗ୍ରାମର ଧର୍ମପରାୟଣ ମହିଳା ସୁଭଦ୍ରା ଦାଶ(୮୭)ଙ୍କ ରବିବାର ସନ୍ଧ୍ୟାରେ ନିଜ ବାସ ଭବନରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ



ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ମାସ ହେଲା ସେ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଅଞ୍ଚଳରେ ଜଣେ ଧର୍ମପରାୟଣ ମହିଳା ଭାବେ ସେ ବେଶ ପରିଚିତ ଥିଲେ। ତାଙ୍କ ଶେଷ ଦର୍ଶନ ସମୟରେ ଅଞ୍ଚଳର ଶତାଧିକ ଲୋକଙ୍କ ଜନ ସମାଗମ ହୋଇଥିଲା। ମଝିଆ ପୁଅ ଟଙ୍କଧର ଦାଶ, ସାନ ପୁଅ ମନୋରଞ୍ଜନ ଦାଶଙ୍କ ସହ ବୋହୁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ ପୁଅ ହୃଷିକେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ଶୁଣି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଶିବିରରେ ୮୦ ଅଭିଯୋଗ ଶୁଣାଣି

**ଖଡ଼ିଆଳ,୧୩।୧୧(ସୁଜିତ୍ କୁମାର ପ୍ରଧାନ)** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ବିରସେନ ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସରପଞ୍ଚ ଆଲ୍ହାଦିନୀ ବେହେରା, ପିଇଓ ନରହରି ଜଗତ, କ୍ଷୀରୋଦ ବେହେରାଙ୍କ ସମେତ ସମନ୍ୱିତ ଶିଶୁ ବିଭାଗର ଅଧିକାରୀ କେବଳ ଯୋଗଦାନ କରିଥିଲେ। ଶିବିରରେ ତହସିଲ, ଶିକ୍ଷା, କୃଷି ସମେତ ବ୍ଲକର ଅନ୍ୟ ବିଭାଗର ଅଧିକାରୀମାନେ ଯୋଗଦାନ କରି ନ ଥିଲେ। ଗ୍ରାମାଞ୍ଚଳରେ ଥିବା ଲୋକଙ୍କ ସମସ୍ୟାର ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦାନ କରି ସମାଧାନ କରିବା କଥା। ହେଲେ ଦୁଇଟି ବିଭାଗ ଯୋଗଦାନ କରି ଅନ୍ୟ ବିଭାଗ ଅଧିକାରୀମାନେ ଯୋଗଦାନ କରି ନ ଥିବାରୁ ବ୍ଲକ ଉପାଧ୍ୟକ୍ଷ ଦୁଃଖ ପ୍ରକାଶ କରିବା ସହିତ ଜିଲାପାଳଙ୍କଠାରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଜନଶୁଣାଣି ଶିବିରରେ ମୋଟ ୮୦ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିବା ବିଡିଓ ପ୍ରକାଶ କରିଥିଲେ।

# ଛାତ୍ରୀଛାତ୍ର, ଅଭିଭାବକ ବିଇଓଙ୍କ ଦ୍ୱାରସ୍ଥ



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅଗାଧୁପୁର ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକ।

**କର୍ଲାମୁଣ୍ଡା,୧୩।୧୧(ପ୍ରଦୀପ କୁମାର ସାହୁ)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଅଗାଧୁପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ହେବା ପରେ ଗ୍ରାମବାସୀ ଓ ଅଭିଭାବକାମାନେ ବିଦ୍ୟାଳୟ ସମ୍ମୁଖରେ ଶନିବାର ଧାରଣାରେ ବସିଥିଲେ। ଏଥିପାଇଁ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ଶିକ୍ଷକଙ୍କୁ ଫେରାଇବାକୁ ଦାବି କରି ସୋମବାର କର୍ଲାମୁଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇବା ସହ ଅନୁରୋଧ କରିଥିଲେ। ପରେ ସେମାନେ ବିଡିଓଙ୍କୁ ମଧ୍ୟ ଭେଟିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ୨୫ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢେଇବା ପାଇଁ ୩ଜଣ ଶିକ୍ଷକ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଣା, ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ନାଏକ, ସହକାରୀ ଶିକ୍ଷକ ପପୁ କୁମାର ରହିଥିଲେ। ତେବେ

**ଶିକ୍ଷକଙ୍କ ଅନ୍ୟତ୍ର ବଦଳି ବାତିଲ ଦାବି**

ଶିକ୍ଷକ ପପୁ କୁମାରଙ୍କୁ ବ୍ଲକ ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାଦାନ କରିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ୧୪୧୦ ତାରିଖ ୧୦/୧୧/୨୦୨୩ ଅନୁସାରେ ଅର୍ଡର ହୋଇଥିଲା। ଏହାପରେ ପପୁ କୁମାର ବିଦ୍ୟାଳୟରେ ଯୋଗଦେଇଥିବା ସୂଚନା ପାଇ ଅଗାଧୁପୁର ଗ୍ରାମବାସୀ, ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଏବିଇଓ ଗୋପମଣି ସାହୁଙ୍କୁ ପଚାରିବାରୁ ୨୫ଜଣ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ୩ଜଣ ଶିକ୍ଷକ ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ କର୍ଲାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦିଆଯାଇଛି। ଏହା ବ୍ୟତୀତ ଗ୍ରାମବାସୀଙ୍କୁ ଆମେ ଗୋଟିଏ ମାସ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଲେ ମଧ୍ୟ ସେମାନେ ତାଙ୍କ ଜିଦିରେ ଅଟଳ ରହୁଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ଖବର ଲେଖା ପର୍ଯ୍ୟନ୍ତ ଶିକ୍ଷକ ପପୁ କୁମାରଙ୍କ ବଦଳି ବାତିଲ କରାଯାଇଥିବା ଜଣାପଡିଛି।

# ଦିବ୍ୟ ଜୀବନ ସଂଘର ବାର୍ଷିକ ବୈଠକ



ଦିବ୍ୟ ଜୀବନ ସଂଘର ବାର୍ଷିକ ସାଧାରଣ ବୈଠକ।

**ଭବାନୀପାଟଣା,୧୩।୧୧ (ଉତ୍ତମ କୁମାର ଦାଶ)** ଭବାନୀପାଟଣା ଯୁଗସାଇପାଟଣାସ୍ଥିତ ଶିବାନନ୍ଦ ଆଶ୍ରମ ଶାଖା ଗୃହରେ ସ୍ଥାନୀୟ ଦିବ୍ୟ ଜୀବନ ସଂଘର ୫୭ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଜନୀକାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିକ୍ରାନ୍ତ ଶେଖର ବିଶି ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବାସ ଖମାରୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଆଗାମୀ ୨୦୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ରଜନୀକାନ୍ତ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, ଉପ ସଭାପତି ପଦ୍ମଲୋଚନ ମିଶ୍ର ଓ ଜଗଦୀଶ ଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ ଓ ରୂପାଧର ଗୌଡ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ଖମାରୀ, ସମୀକ୍ଷକ ଶ୍ରୀକାନ୍ତ ପଣ୍ଡା ଚୟନିତ ହୋଇଥିଲେ। ପ୍ରକାଶ ଥାଉକି, ଦିବ୍ୟ ଜୀବନ ସଂଘ ଭବାନୀପାଟଣା ପକ୍ଷରୁ ଯୁଗସାଇପାଟଣାଠାରେ ଥିବା ଭାରତର ଏକମାତ୍ର ସୁଭଦ୍ରା ମନ୍ଦିରର ପରିଚାଳନା କରିଥାଏ। ଏହା ପରମ ପୂଜ୍ୟ ସାମୀ ଚିଦାନନ୍ଦ ସରସ୍ୱତୀ ଜୀ ମହାରାଜଙ୍କ ଦ୍ୱାରା ୧୯୭୯ରେ ସ୍ଥାପିତ ହୋଇଥିଲା। ଶେଷରେ ଜିତେନ୍ଦ୍ର ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ପ୍ରଗତି ଶିକ୍ଷାନୁଷ୍ଠାନରେ ପଥ ମହୋତ୍ସବ




ପ୍ରଗତି ଅନୁଷ୍ଠାନରେ ପାଠୋତ୍ସବରେ ଅତିଥି, କବିମାନେ।

**ଭବାନୀପାଟଣା,୧୩।୧୧ (ଉତ୍ତମ କୁମାର ଦାଶ)** ପ୍ରଗତି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରଗତି ପଥ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ରାସବିହାରୀ ବେହେରା, ବିଶିଷ୍ଟ କବି ସୁଧୀର ମେହେର, ବିଶିଷ୍ଟ ସାହିତ୍ୟିକ ସତ୍ୟ ନାରାୟଣ ମୁଣ୍ଡଛିନା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ଗବେଷକ ପରମେଶ୍ୱର ମୁଣ୍ଡ, ପ୍ରଗତି ଅନୁଷ୍ଠାନ ମୁଖ୍ୟ ଅଜୟ କୁମାର ପଣ୍ଡା, ସଙ୍ଗୀତା ପଣ୍ଡା, ବିଜୟ ପଣ୍ଡା, ଅଧ୍ୟକ୍ଷ ଚିନ୍ମୟ ଗୁରୁ, ଲକ୍ଷ୍ମୀକାନ୍ତ ବେହାରା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ବାପା ଶୀର୍ଷକରେ

**ବରିଷ୍ଠ ଶିକ୍ଷାବିତ ବନମାଳୀ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**

କବିତା ପାଠୋତ୍ସ ଅନୁଷ୍ଠିତ ହୋଇ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତି ଚାରଣ କରାଯାଇଥିଲା। କବିତା ପାଠୋତ୍ସବରେ ନିମନ୍ତ୍ରିତ ବିଶିଷ୍ଟ କବି ବରଞ୍ଚି ମୁଣ୍ଡ, ଅଶୋକ ଖମାରୀ, ଦୀପ୍ତି ମୁଣ୍ଡ, ସୁଦେଷ୍ଣା ପଣ୍ଡା, ସ୍ୱର୍ଣ୍ଣକାନ୍ତି ବୈକାର, ସୁମିତା ପଟ୍ଟନାୟକ, ରାଜେଶ ମୁଣ୍ଡ, ସୁଶୀଲ କୁମାର ବାଗ, ଅର୍ଜୁନ ଗୋପାଳ, ଯାଦବେନ୍ଦ୍ର ସାହା, ସୁଧୀର ଧଙ୍ଗଡ଼ାମାଝି, ଡିଲେଶ୍ୱର ରଣା, ପ୍ରଶାନ୍ତ ଦାସ, ପ୍ରତ୍ୟାଶା ଧଳ, ଐଶ୍ୱର୍ଯ୍ୟା ପ୍ରଧାନ ଆଦିଙ୍କ ଦାରା କବିତା ପାଠ କରାଯାଇଥିଲା। ପାଠୋତ୍ସବ କାର୍ଯ୍ୟକ୍ରମ ଜୟଦ୍ରଥ ସୁନା ଓ ପୁଣ୍ୟଦୀପା ଖମାରୀ ପରିଚାଳନା କରିଥିଲେ। ପ୍ରଗତି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ, ତାଏକୋଣ୍ଡୋ, ପେଣ୍ଟିଂ, ରଙ୍ଗୋଲି, ନୃତ୍ୟ, ଗୀତ, କବିତା ଆବୃତ୍ତି, ସମୂହ ଆଲୋଚନା, ବ୍ୟାଡମିଣ୍ଟନ, ଭଲିବଲ, ସେଣ୍ଡ ଆର୍ଟ, ଚେସ, କେରମ, ଫ୍ୟାନସି ଡ୍ରେସ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଫୁଡ଼ଷ୍ଟଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ଏହି ଅବସରରେ କଳାହାଣ୍ଡି ଆର୍ଟ ସ୍କୁଲ ଅଧ୍ୟକ୍ଷ ଓ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପରିଶେଷରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷିତ ପାକ୍ଷିକ ପତ୍ରିକା 'ପ୍ରଗତି ଇ-ବାର୍ତ୍ତା' ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତିରେ ବନମାଳୀ ପଣ୍ଡା ସ୍ମୃତି ସମ୍ମାନ ଦିଆଯାଇଥିଲା। ଶିକ୍ଷ୍ୟା କ୍ଷେତ୍ରରେ ବର୍ଷିଆନ ଶିକ୍ଷକ ପ୍ରତାପ କିଶୋର ମୁଣ୍ଡ, ସାହିତ୍ୟରେ ବିଶିଷ୍ଟ ଲେଖକ ରାହାସ ବିହାରୀ ବେହେରା, ସେବା କ୍ଷେତ୍ରରେ ଭୋଲା ଶଙ୍କର ପାତ୍ରଙ୍କୁ ୨୦୨୩ ବର୍ଷ ପାଇଁ ସମ୍ମାନିତ କରାଯାଇଥିଲା। ପ୍ରଗତି ଶିକ୍ଷାନୁଷ୍ଠାନ ସମସ୍ତ ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ ଅଭିଭାବକ, ଅଭିଭାବିକା, ତଥା ସମସ୍ତ ଅତିଥି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ଉପସ୍ଥିତ ହୋଇଥିବାରୁ ଅନୁଷ୍ଠାନ ମୁଖ୍ୟ ଅଜୟ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣେଇଥିଲେ ।

### ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଭେଟିଲେ ଓକିଲ ସଂଘ

**ଜୁନାଗଡ଼,୧୩।୧୧ (ସୁନୀଲ କୁମାର ସିଂହ)** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବିଭିନ୍ନ ଦାବି ନେଇ ଭେଟିଛି ଓକିଲ ସଂଘ। ଓଡିଶା ସରକାରଙ୍କ ଆଦେଶ ମତେ ନୂତନ ସବ୍ ରେଜିଷ୍ଟ୍ରେଶନ ଅଫିସ ତୁରନ୍ତ ଖୋଲାଯାଉ ଓ ଅଫିସ ଖୋଲିବା ପର୍ଯ୍ୟନ୍ତ ଅନ୍ତତଃ ସପ୍ତାହକୁ ଦୁଇ ଦିନ ରେଜିଷ୍ଟ୍ରେଶନ କାମ କରିବା ପାଇଁ ଦାବି କରିଥିଲେ। ଏହା ସହିତ ସକାଳ ଅଫିସ ସମୟରେ ଓ ସନ୍ଧ୍ୟାରେ ସହର ମଧ୍ୟରେ ଭିଡ଼କୁ ଦେଖି ଭାରି ଜାନ ବନ୍ଦ କରିବା ଓ ତାଲିମ ପ୍ରାପ୍ତ ଟ୍ରାଫିକ କର୍ମଚାରୀ ରାସ୍ତାରେ ନିଯୁକ୍ତି କରିବା ଓ ମଦ୍ୟପାନ କରି ଗାଡି ଚଲଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ କର୍ଯ୍ୟାନୁଷ୍ଠାନ ପାଇଁ ଓକିଲ ସଂଘ ଜିଲାପାଳଙ୍କୁ ଦାବି କରିଥିଲେ। ସବ ରେଜିଷ୍ଟ୍ରାର ନିଯୁକ୍ତି ପର୍ଯ୍ୟନ୍ତ ସପ୍ତାହକୁ ଦୁଇ ଦିନ ରେଜିଷ୍ଟ୍ରେଶନ ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଜୁନାଗଡ଼ ସହର ସହ କଳାହାଣ୍ଡିର ସବୁ ସହରରେ ଭିଡ଼ ସମୟରେ ଭାରୀଯାନ ଚଳାଚଳକୁ ନିଷିଦ୍ଧ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପି ଓ ଧର୍ମଗଡ଼ ଧୀରଜ ଚୋପଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓକିଲ ସଂଘ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ହିମାଂଶୁ ଶେଖର ବରାଡ଼ଙ୍କ ସହ ମିଳାପ ଚନ୍ଦ ଜୈନ, କାମାକ୍ଷ ବାଗ, ଅନନ୍ତ ବେହେରା, କୈଳାଶ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ନୂଆପଡ଼ା,୧୩।୧୧(ମକାରୁ ବେମାଲ)** ନୂଆପଡା ଜିଲା କୋମନା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସାଏ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ଜିଲଶ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣୀ ବେହେରା, ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତା, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ୭୫ଜଣ ହିତାଧିକାରୀ ନିଜର ସମସ୍ୟା ଜଣାଇଥିଲେ। ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, କୋମନା ବନ ବିଭାଗ ରେଞ୍ଜର, ନୂଆପଡା ବନ୍ୟପ୍ରାଣୀ ବିଭାଗ ଏସିଏଫ, ଗ୍ରାମ୍ୟ ପାନୀୟ ଜଳ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେରଳରେ ଦାଦନ ଶ୍ରମିକ ମୃତ

**ଭବାନୀପାଟଣା,୧୩।୧୧(ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲାରେ ଥମୁନି ଦାଦନ ଦୁଃଖ। ସୋମବାର ପୁଣି ଜଣେ ଦାଦନଙ୍କ ମୃତ୍ୟୁ ଘଟିଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଟିଟିଖୋଲା ଗ୍ରାମର ଅଜିତ ମାଝି ଓରଫ ଶ୍ୟାମ (୨୨)। ଏହି ଖବର ମିଳିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଜିତ ଗତ ଏକ ବର୍ଷ ତଳେ କେରଳ କାନୁର ଜିଲା ଏଡ଼ିଅରସ୍ଥିତ ଏକ କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ଗତ ଶନିବାର କାର୍ଯ୍ୟସ୍ଥଳରେ କାମ କରୁଥିବା ବେଳେ ହଠାତ କୋଠା ଛାତ ଉପରୁ ତଳକୁ ପଡିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସୋମବାର



ମୃତ ଅଜିତ ମାଝି।

ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକଙ୍କ ଜଣେ ଭଉଣୀ ଥିବାବେଳେ ୨ବଡ଼ ଭାଇ ଅଛନ୍ତି। ତାଙ୍କ ମା'ବାପାଙ୍କ ପୂର୍ବରୁ ମୃତ୍ୟୁ ଘଟିଛି। ଜିଲା ପ୍ରଶାସନ ଏହି ଅସହାୟ ପରିବାରକୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମା' ଶ୍ୟାମାକାଳୀଙ୍କ ପୂଜା ସମ୍ପନ୍ନ

**ଲାଞ୍ଜିଗଡ଼,୧୩।୧୧(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରରେ ପ୍ରତି ବର୍ଷଭଳି ମା' ଶ୍ୟାମାକାଳୀଙ୍କ ପୂଜା ଲାଞ୍ଜିଗଡର ଆଶ୍ରମପଡାରେ ପାଳିତ ହୋଇଯାଇଛି। ୩ ଦିନ ଦିନ ଧରି ମା'ଙ୍କ ପୂଜା ଚାଲିଥିବା ବେଳେ ସୋମବାର ମା'ଙ୍କୁ ବିସର୍ଜନ କରାଯାଇଥିଲା। ପୂଜନ ଯୁବଶକ୍ତି ସେବା କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଶ୍ରମପଡା ନିକଟସ୍ଥ ସାନଜୋର ପୁଷ୍କରଣିରୁ ଶତାଧିକ ମହିଳା ପାଣି କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମା'ଙ୍କ ମଣ୍ଡପରେ ମହାଯଜ୍ଞ ଚଣ୍ଡିପାଠ, କୁଷ୍ମାଣ୍ଡବଳି ଆଦି ନିତି ଅନୁସାରେ ପୂଜାପାଠ ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜା ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମହୁଥିବା ବେଳେ ସୁସଜ୍ଜିତ ଆଲୋକ ମାଳା ବିଶେଷ ଆକର୍ଷଣ ଥିଲା। ପୂଜକ ଭାବେ ପ୍ରଭାକର ଆଚାର୍ଯ୍ୟ ମା'ଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳ କର୍ତ୍ତା ଭାବେ ଗୋବିନ୍ଦ ରଣା ଓ ସବିତା ରଣା କର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ପୂଜା ମଣ୍ଡପରେ ଲିଙ୍ଗରାଜ ବାରିକ ଏବଂ ଦୀନବନ୍ଧୁ ବାରିକ ସହଯୋଗ କରୁଥିଲେ। ପୂଜା କମିଟି ସଭାପତି କ୍ଷମାନିଧି ସାହୁ, ଉପ ସଭାପତି ଦିଲୀପ ସାହୁ, ସମ୍ପାଦକ ପରମା ରଣା, ସହ ସମ୍ପାଦକ କେତନ ରଣା ଉପଦେଷ୍ଟା କମିଟି ଶ୍ରୀମୁଖ ଅଗସ୍ତି, କୋଦଣ୍ଡଧର ପ୍ରଧାନ, ଶ୍ରୀନିବାସ ଚଣ୍ଡୀ, କୁନା ରଣା, ଭବାନିଶଙ୍କର ସେଠିଙ୍କ ସମେତ ଯୁବଶକ୍ତି ସେବାକେନ୍ଦ୍ର ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



# ୨୦୨୪ରେ ଶବର ସମାଜରୁ ବିଧାୟକ ପ୍ରାର୍ଥୀ

**ବିଶ୍ୱାବସୁ ଶବର ସମାଜର ନୂଆଁଖାଇ ଭେଟ୍‌ଘାଟ୍**

**ଖଡ଼ିଆଳ,୧୩।୧୧(ସୁଜିତ୍ କୁମାର ପ୍ରଧାନ)** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମର ବିଘ୍ନରାଜ ହାଇସ୍କୁଲ ଖେଳ ପଡ଼ିଆରେ ବିଶ୍ୱାବସୁ ଶବର ସମାଜର ନୂଆଁଖାଇ ଭେଟଘାଟ ଖଡ଼ିଆଳ ଉପଖଣ୍ଡ ଶବର ସମାଜର ସଭାପତି ବାଳକୃଷ୍ଣ ସବରଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାବସୁ ରାଜାଙ୍କ ଦାୟର ପରମ ପୂଜ୍ୟ ମହାସିଦ୍ଧ ଶର କୂଳ ଶିରୋମଣି ଶ୍ରୀ ଶ୍ରୀ ଟିକି ବାବାଙ୍କ ପାଦ ପୂଜନ କରି ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଅତିଥି ଭାବେ କୁମର ମଣି ଶବର ପୂର୍ବତନ ବିଧାୟକ ନର୍ଲା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ର ଶେଖର ଶବର ସଭାପତି କଳାହାଣ୍ଡି ଓ ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝି, ବଳଦେବ ଭୋଇ ସଭାପତି ରଗଡ, ଜୟଦେବ ଭୋଇ ରାଜ୍ୟ ସଭାପତି ଛତିଶଗଡ଼, ବିହାରି



କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଲାଲ ବିଶ୍ୱାଳ ପୂର୍ବତନ ଜିଲା ସଭାପତି ନୂଆପଡା, ଚନ୍ଦ୍ର ଶେଖର ଶବର ଏସ୍‌ଡିପିଓ ସୋନପୁର, ବନମାଳୀ ଦାସ ସନ୍ଥ ଶିରୋମଣି, ଚନ୍ଦ୍ର ଶେଖର ଶବର, ଦେ ସିଂ ବିଶ୍ୱାଳ ସଭାପତି ନୂଆପଡା, କୃଷ୍ଣ ପରୁଆ ଅବସର ପ୍ରାପ୍ତ ପ୍ଲାନିଗ ଡାଇରେକ୍ଟର, ଜୟରାମ ଶବର ଅବସରପ୍ରାପ୍ତ ଏସିଏଫ ବିଭାଗ, ତନୟା ଶବର ଜିଲା ପରିଷଦ ସଦସ୍ୟା, ଚନ୍ଦ୍ରକାନ୍ତି ଭୋଇ ସଭାପତି ରାଜ୍ୟ ମହିଳା ସଙ୍ଗଠନ ଛତିଶଗଡ଼, ଭୁବନେଶ୍ୱର ଶବର ଏସ୍‌ଡିଓ ପୂର୍ତ୍ତ ବିଭାଗ କଳାହାଣ୍ଡି ଏବଂ ପ୍ରତ୍ୟେକ ୧୩ଟି ଆଞ୍ଚଳିକ କେନ୍ଦ୍ରର ସଭାପତି ମଞ୍ଚାସୀନ ହୋଇଥିଲେ। ଶବର ଜାତିର ଐତିହ୍ୟ, ସଂସ୍କୃତି, ପ୍ରଥା ପରମ୍ପରା, ରୀତି ନୀତିକୁ ବଜାୟ ରଖି ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ନୂଆଁଖାଇ ଭେଟଘାଟ ଏକ ମାଧ୍ୟମ ବୋଲି ବକ୍ତବ୍ୟ ରଖିଥିଲେ। ଆସନ୍ତା ୨୦୨୪ ନିର୍ବାଚନରେ ଶବର ସମାଜରୁ ବିଧାୟକ ପ୍ରାର୍ଥି ହୋଇ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାକୁ ଲାଲଧରି ଶବର, ସୁବୁଦ୍ଧି ଶବର, ଜଗତ ରାମ ଶବର, କଟା ପଲିଆ, ଅନୁଗୁଲ ଶବର, ପିତବାସ ଶର, ନରେନ୍ଦ୍ର ଶର, ବିଶିକେଶନ ବିଶ୍ୱାଳ, ବଳଦେବ ଶର, କର୍ଣ୍ଣ ଶର, ବନିତା ଶର, ସନ୍ତୋସିନୀ ଶର, ତୁଳସେ ଶର, କୁନ୍ତି ଶର, ମୀତା ଶର, ରଜନୀ ଶବର ପ୍ରମୁଖ ସହଯୋଗ କରିଥିଲେ। ନୂଆପଡା ଜିଲା ଶର ସମାଜର ସମ୍ପାଦକ ବିଦୁର କୁମାର ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଇକ୍-ବୋଲେରୋ ଧକ୍କା: ବାଇକ୍ ଚାଳକ ଗୁରୁତର




**ଘଣ୍ଟାପଡ଼ା, ୧୩।୧୧ (ପ୍ରଭାତ କୁମାର ସାହୁ)**
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧିନ ୪୧ନଂ. ରାଜ୍ୟ ରାଜପଥରୁ ସଂଲଗ୍ନ ପୋଡ଼ାପଦର ସିଲେଟପଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ପୋଡ଼ାପଦର ନିକଟସ୍ଥ କୁକୁଡ଼ା ଫାର୍ମ ନିକଟରେ ସୋମବାର ବାଇକ୍-ବୋଲେରୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଅର୍ଜୁନ ବୋଷ ଗୁରୁତର ହୋଇଛନ୍ତି। ତାଙ୍କ ଘର ବିହାର ରାଜ୍ୟର ରାଞ୍ଚି ବୋଲି ଜଣାପଡିଛି। ସେ କୁନାଶିଲା ଗ୍ରାମରେ ନିର୍ମିତ ପାଣି ଟାଙ୍କିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ କୌଣସି କାର୍ଯ୍ୟରେ ଘଣ୍ଟାପଡ଼ା ବଜାରରୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ସୋନପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସକାଳେ ପଲସାଗୋରା ନିକଟସ୍ଥ ବାଲିଯୋରି ଗ୍ରାମର କେତେକ ମହିଳା ଶ୍ରଦ୍ଧାଳୁ ଉମା ପଞ୍ଚାୟତର ରେଘାମୁଣ୍ଡା ଗ୍ରାମରେ ଅବସ୍ଥିତ ଶିବ ମନ୍ଦିରକୁ ଆସି ଏକ ବୋଲେରୋ ନଂ. ଓଡି ୧୯ ୪୮୨୨ରେ ଫେରୁଥିବା ସମୟରେ ବାଇକ୍ ସହ ଧକ୍କା ହୋଇଥିଲା।

### ଦୁବାଇ ଯିବେ ବୌଦ୍ଧ ଜିଲା ମିଶନଶକ୍ତି ସଭାନେତ୍ରୀ

**ବଘିଆପଡା, ୧୩।୧୧ (ଶ୍ରୀକାନ୍ତ ସାହୁ)**
ବୌଦ୍ଧ ଜିଲାର ମିଶନଶକ୍ତି ବିଭାଗର ସଭାନେତ୍ରୀ ତପସ୍ୱିନୀ ଶତପଥି ଦୁବାଇ



ଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ମିଶନ ବିଭାଗ ପତ୍ରସଂଖ୍ୟା ୪୩୭୨ ତା ୨୦।୧୦।୨୩ ଅନୁଯାୟୀ ଦୁବାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ଶତପଥି ଆସନ୍ତା ୧୫।୧୧।୨୦୨୩ ରେ ଭୁବନେଶ୍ୱରରୁ ଦୁବାଇ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେ ସେଠାରେ ମିଶନଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବୌଦ୍ଧ ମିଶନଶକ୍ତିର ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଇଓ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର


ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବିକା ଓ ଅଭିଭାବକ ଧାରଣା ଦେଇଛନ୍ତି।

- ବରଘାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିର ପ୍ରତିବାଦ
- ପ୍ରତିବାଦ ପରେ ବାତିଲ ହେଲା ବଦଳି

**ଅମରପାଲି, ୧୩।୧୧ (ପୀତାମ୍ବର ସାହୁ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା କ୍ଲଷ୍ଟରର ବରଘାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ବଦଳି ପ୍ରତିବାଦ କରି ସୋମବାର ବିଇଓ (ବ୍ଲକ ଶିକ୍ଷା ଅଧିକାରୀ) କାର୍ଯ୍ୟାଳୟ ଘେରାଉ କରିଥିଲେ ଛାତ୍ରୀଛାତ୍ର ଓ ଅଭିଭାବିକାଅଭିଭାବକ। ଦୀର୍ଘ ସମୟ ଘେରାଓ ପରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ମାତ୍ର ଛାତ୍ରୀଛାତ୍ର ଦାବିରେ ଅଟଳ ରହିବାରୁ ଶେଷରେ ଶିକ୍ଷା ବିଭାଗ ହାର ମାନିଲା। ବଦଳି ହୋଇଥିବା ଶିକ୍ଷକଙ୍କୁ ପୁଣି ସେହି ବିଦ୍ୟାଳୟକୁ ଫେରାଇ ଆଣିଥିବା ଜଣାପଡ଼ିଛି।

ସୂଚନାମତେ ବରଘାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ଅଶ୍ୱିନୀ ବାଦୀଙ୍କ ବଦଳି ଯୋଗୁ ପ୍ରତିବାଦ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୭୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ୬ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ। ପୂର୍ବରୁ ଜଣେ ଶିକ୍ଷକ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଛନ୍ତି। ଏବେ ଗତ ୭ ତାରିଖରେ ଆଉ ଜଣେ ସହକାରୀ ଶିକ୍ଷକ ଅଶ୍ୱିନୀ ବାଦୀଙ୍କୁ ବାସୁଦେବପୁର ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ବଦଳି ଘଟଣା ଜାଣିଲା ପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗ୍ରାମବାସୀ ଉକ୍ତ ଶିକ୍ଷକଙ୍କ ବଦଳିକୁ ବାତିଲ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ ହୋଇ ନ ଥିଲା। ତେଣୁ ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। ତୁରନ୍ତ ବଦଳି ବାତିଲ ନ କଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ସମୟ ଧରି ଧାରଣା ପରେ ବିଇଓଙ୍କ ଅନୁପସ୍ଥିତି ଯୋଗୁ ଏବିଓମାନଙ୍କ ସହିତ ଆଲୋଚନା ହୋଇଥିଲା। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକ ଉକ୍ତ ଶିକ୍ଷକଙ୍କ ବଦଳି ବାତିଲ ଦାବି କରିଥିଲେ। ଶେଷରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭାବାବେଗ ଏବଂ ଆନ୍ଦୋଳନକୁ ଦୃଷ୍ଟିରେ ରଖି ସହକାରୀ ଶିକ୍ଷକ ବାଦୀଙ୍କୁ ପୁଣି ଉକ୍ତ ବିଦ୍ୟାଳୟକୁ ଦିଆଯିବା ପରେ ଆନ୍ଦୋଳନ ବନ୍ଦ ହୋଇଥିଲା।

# ଉଫୁଲାରେ ସାର୍ବଜନୀନ କାଳୀପୂଜା


ଉଫୁଲାର କାଳୀମେଢ଼।

**ଅମରପାଲି, ୧୩।୧୧ (ପୀତାମ୍ବର ସାହୁ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲାଠାରେ ସ୍ଥାନୀୟ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ୪୦ତମ କାଳୀପୂଜା ଉତ୍ସବ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ଏଠାରେ କଳସ ଯାତ୍ରା ଓ ପୂଜାରମ୍ଭ ହୋଇଥିଲା। ଏକ ଶୋଭାଯାତ୍ରାରେ ଢୋଲ, ନିଶାନ, ମହୁରୀ ଆଦି ପଞ୍ଚ ବାଦ୍ୟ ସହିତ ଘଣ୍ଟ, ଶଙ୍ଖ ଆଦି ବାଦ୍ୟ ବଜାଇ କଳସ ଶୋଭାଯାତ୍ରା କରାଯାଇଥିଲା। ସୋମବାର ବ୍ରତଧାରିମାନେ ନିଷ୍ଠା ଓ କାଷ୍ଠାର ପୂଜାର୍ଚ୍ଚନା କରିଛନ୍ତି। ହୋମ, ପୁଷ୍ପାଞ୍ଜଳି ସହିତ ଆଳତି କରାଯାଇଛି। ମେଢ଼ ସହିତ ସୁସଜ୍ଜିତ ଆଲୋକରେ ଆକର୍ଷଣୀୟ ଦେଖାଯାଉଛି। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚୁନି

**ମେଢ଼, ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ**

ବରର୍ଡ଼ି ଓ ସାଥୀଙ୍କ ଦ୍ୱାରା ମହିଳା ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା। ମଙ୍ଗଳବାର ମଧ୍ୟ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର ଅଛି। ବୁଧବାର ପାରମ୍ପାରିକ ଢୋଲ, ନିଶାନ ଓ ମହୁରୀ ବାଦ୍ୟ, ଦୁଲଦୁଲି ବାଦ୍ୟ ତଥା ଆଦିବାସୀ ନୃତ୍ୟ ସହ ଚକାବର ସ୍ଥିତ ରଜାବନ୍ଧ ଯାଏ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଚାରି ଦିନ ଧରି ଅନୁଷ୍ଠିତ ଏହି ପୂଜା ଅବସରରେ କ୍ଲବର ଉପଦେଷ୍ଟା ଅଚ୍ୟୁତାନନ୍ଦ ସାହୁ, ଦିଲ୍ଲୀପ ଡ଼ାଙ୍ଗ ଓ ଗୁପ୍ତେଶ୍ୱର ପଧାନ, ସଭାପତି ପ୍ରଫୁଲ୍ଲ ଡ଼ାଙ୍ଗ, ସମ୍ପାଦକ ଗୋପୀନାଥ କର୍ଣ୍ଣଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଥିବା ଜଣାଯାଇଛି।

## ସଂଗ୍ରାମପୁର ସ୍କୁଲର ପ୍ରୀତିମୟୀଙ୍କୁ ସ୍ୱର୍ଣ୍ଣ

**ଅମରପାଲି, ୧୩।୧୧ (ପୀତାମ୍ବର ସାହୁ)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତିମୟୀ ଭୁକ୍ତାଙ୍କୁ ମିଳିଛି ସଫଳତା। ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୂଚନାମତେ ସଂଗ୍ରାମପୁର ଗ୍ରାମର ସୁରେନ୍ଦ୍ର ଓ ଅର୍ଚ୍ଚନାଙ୍କ ଝିଅ ପ୍ରୀତିମୟୀ ଭୁକ୍ତା ଗ୍ରାମ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ତାଙ୍କର ଦୌଡ଼ରେ ଥିବା ରୁଚିକୁ ଦେଖି ଶିକ୍ଷକ ରାଜେଶ ମେଣ୍ଡିଲି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇଥିଲେ। ସୁନ୍ଦରଗଡ଼ ଜିଲା ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଥିବ ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୭ବର୍ଷରୁ କମ ୩୦୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୧୫୦୦ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଏହି ସଫଳତା ପାଇ ବୀରମହାରଜପୁର ବ୍ଲକ ସହିତ ସମଗ୍ର ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ତାଙ୍କର ସଫଳତାରେ ଶିକ୍ଷକ ରାଜେଶ ମେଣ୍ଡିଲୀଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

**ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା**


ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରୀତିମୟୀ ଭୁକ୍ତା।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବିନିକା, ୧୩।୧୧ (ରାମଗୋପାଳ ବାଘ)**
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୮ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୧ଟି, ସାମୂହିକ ଦରଖାସ୍ତ ୭ଟି ରହିଛି । ତନ୍ମଧ୍ୟରୁ ୧୪ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବାବେଳେ ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସନତ କୁମାର ନାୟକ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଉପଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲ୍ୟୁଓଡିଏଲ ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

# କବାଡ଼ି, ଫୁଟ୍‌ବଲ ଖେଳିଲେ ବାଳିକା

**ଅଦିକା କପ୍ ଉଦ୍‌ଯାପିତ**

**ସୋନପୁର, ୧୩।୧୧ (ମୃତ୍ୟୁଞ୍ଜୟ ଶତପଥୀ)**
ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଆକ୍ସନ ଆଡ଼ ଆସୋସିଏସନର ମିଳିତ ସହଯୋଗରେ ଦିନିକିଆ ଅଦିକା କପ ୨୦୨୩ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି କିଶୋରୀ ଝିଅମାନଙ୍କୁ ସୁସ୍ଥ ପରିବେଶ ଏବଂ ସୁସ୍ଥ ସମାଜ ଗଠନ ପାଇଁ ଖେଳ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟସ୍ତରର କାର୍ଯ୍ୟକ୍ରମ ମୁଖ୍ୟ ଘାସିରାମ ପଣ୍ଡା ଯୋଗଦାନ କରି ଛଅ ଗୋଟି ବ୍ଲକରୁ ଆସିଥିବା ସମସ୍ତ ପ୍ରତିଯୋଗୀ, ଅଙ୍ଗନୱାଡି କର୍ମୀମାନଙ୍କୁ ଅଦିକା କପର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ ସତ୍ୟନାରାୟଣ ପଣ୍ଡା ଓ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୬ଟି ପ୍ରକଳ୍ପରୁ ଆସିଥିବା ସମସ୍ତ ପ୍ରତିଯୋଗୀଙ୍କ ଦ୍ୱାରା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଅଙ୍ଗନୱାଡି କର୍ମୀ ଏବଂ କିଶୋରୀମାନଙ୍କ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଧାନ, ଜିଲା ସମାଜ କଲ୍ୟାଣ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ, ଘାସିରାମ ପଣ୍ଡା ଉପସ୍ଥିତ ରହି ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ 'ବାଲ୍ୟ ବିବାହକୁ ନା'ର ଜିଲା ସଂଯୋଜକ ଅକ୍ଷୟ କୁମାର ସିଂ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ମିଶ୍ର, ମୋହନ କୁମାର ମେହେର ସହଯୋଗ କରିଥିଲେ। ଦୁଃଖିଶ୍ୟାମ ସେଠି ଧନ୍ୟବାଦ ପ୍ରଦାନ କରିଥିଲେ।



କୃତୀ କିଶୋରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ୬୩ ହଜାର ଗଞ୍ଜେଇ ଗଛ ନଷ୍ଟ କଲା କଣ୍ଟାମାଳ ପୋଲିସ

**କଣ୍ଟାମାଳ/ଘଣ୍ଟାପଡ଼ା, ୧୩।୧୧ (ଆଦିତେଶ୍ୱର ମିଶ୍ର/ପ୍ରଭାତ କୁମାର ସାହୁ)**
ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଣ୍ଟାମାଳ ପୋଲିସର ଏକ ଟିମ୍ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଣିସିମେଲ ଗ୍ରାମ୍ୟ ଜଙ୍ଗଲ ନିକଟରେ ଚଢ଼ାଉ କରି ବେଆଇନ ଭାବରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିଲେ। କାଣିସିମେଲ ଗ୍ରାମ ନିକଟସ୍ଥ ଜଙ୍ଗଲର ୪୨ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୬୩ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୬କୋଟି ୩୦ଲକ୍ଷ ଟଙ୍କା ହେବ ବୋଲି ଜଣା ପଡ଼ିଛି। ବୌଦ୍ଧ ଜିଲାକୁ ଗଞ୍ଜେଇର ଭୂସ୍ୱର୍ଗ କୁହାଯାଉଥିବା ବେଳେ ଜିଲାର ଅନେକ ଆଭ୍ୟନ୍ତରୀଣ ଜଙ୍ଗଲରେ ବେଆଇନ ଭାବରେ ବ୍ୟାପକ ଗଞ୍ଜେଇ ଚାଷ କରାଯାଉଛି। କଣ୍ଟାମାଳ ଥାନା ପକ୍ଷରୁ ସୋମବାର ପ୍ରଥମ କରି ଏଭଳି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ଆଗକୁ ଏଭଳି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସର ଏଭଳି ଅଭିଯାନ ଯୋଗୁ ଗଞ୍ଜେଇ ଚାଷ ଓ କାରବାର କରୁଥିବା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖା ଦେଇଛି।

## ନାରାୟଣପ୍ରସାଦରେ ହାତୀ ଉପଦ୍ରବ

**ଘଣ୍ଟାପଡା, ୧୩।୧୧ (ପ୍ରଭାତ କୁମାର ସାହୁ)**
କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ଲାଗି ରହିଛି। ଗୋଟିଏ ସପ୍ତାହ ହେବ ଅଞ୍ଚଳରେ ହାତୀପଲ ବୁଲାବୁଲି କରୁଥିବାବେଳେ ଲୋକଙ୍କ ଫସଲ ନଷ୍ଟ କରୁଥିବା ଜଣାପଡିଛି। ନାରାୟଣପ୍ରସାଦ ମୌଜାରେ ଥିବା ସିଲେଇମାଳ ଗ୍ରାମର କଳତା ନାଏକଙ୍କ ଗୋଟିଏ ଧାନ ଖରୀ ନଷ୍ଟ କରିଛନ୍ତି। ସେହିପରି ନାରାୟଣପ୍ରସାଦ ଗ୍ରାମର ଚାଷୀ ଦକ୍ଷ କୁଦେଇ ଏବଂ ଅନୁଗୁଭା ଗ୍ରାମର ପିତବାସ ମାଝିଙ୍କ ଜମିରେ ହାତୀପଲ ପଶି ଧାନ ଖାଇବା ସହିତ ଦଳିମାଡି ନଷ୍ଟ କରିଛନ୍ତି। ଅନୁଗୁଭା ଜଙ୍ଗଲରେ ୭ଟିକିଆ ହାତୀପଲ ରହୁଥିବା ବେଳେ ସନ୍ଧ୍ୟା ହେଲେ ହାତୀପଲ ଗାଁମୁହାଁ ହେଉଛନ୍ତି। ବର୍ତ୍ତମାନ ସମୟରେ ଚାଷୀଙ୍କ ଧାନ ପ୍ରାୟ ଅମଳକ୍ଷମ ହୋଇଥିବାରୁ ହାତୀଙ୍କ ଉପଦ୍ରବରେ ଅଧିକ କ୍ଷୟକ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଫଳରେ ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁବର୍ଣ୍ଣପୁରରେ ପକ୍ଷୀମାନବ ସଲିମଙ୍କ ଜନ୍ମଦିନ ପାଳିତ

**ସୋନପୁର, ୧୩।୧୧ (ମୃତ୍ୟୁଞ୍ଜୟ ଶତପଥୀ)**
ପକ୍ଷୀ ଜଗତର ପ୍ରବାଦ ପୁରୁଷ ପକ୍ଷୀମାନବ ଭାବେ ପରିଚିତ ଡ. ସଲିମ ଅଲ୍ଲିଙ୍କ ଜନ୍ମଦିନ ସୁବର୍ଣ୍ଣପୁରଠାରେ ରବିବାର ପାଳିତ ହୋଇଯାଇଛି। ପକ୍ଷୀଙ୍କ ସମାଗମ ହେଉଥିବା ସୁବର୍ଣ୍ଣପୁରର ମହାନଦୀ ଓ ତେଲନଦୀ ସଙ୍ଗମ ରାମେଶ୍ୱର ଠାରେ ଜିଲା ପକ୍ଷୀ ସୁରକ୍ଷା ସଙ୍ଗଠନ ପକ୍ଷରୁ ବେଣୁଧର ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଖରିଆର ବନଖଣ୍ଡ ଅଧିକାରୀ ସୁଶୀଲ ତ୍ରିପାଠୀ ଯୋଗଦେଇ ଦିବଙ୍ଗତ ପକ୍ଷୀମାନବ ଡ. ସଲିମ ଅଲ୍ଲିଙ୍କ ପକ୍ଷୀପ୍ରେମ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସେହିପରି ପକ୍ଷୀଙ୍କ ଜୀବନ ଚର୍ଯ୍ୟା ଓ ସୁରକ୍ଷାକୁ ନେଇ ତ୍ରିପାଠୀ ଆଲୋଚନା କରିଥିଲେ। ଜିଲାର ସବୁଜ ଭୂଖଣ୍ଡ ସମେତ ମହାନଦୀ ଶଯ୍ୟା ବିଦେଶାଗତ ପକ୍ଷୀଙ୍କ ନାନ୍ଦନିକ ଆବାସସ୍ଥଳୀ ଭାବେ ପରିଚିତ ହେଉଥିବା ବେଳେ ଶୀତ ଋତୁରେ ଅନେକ ନିଆରା ପ୍ରଜାତିର ପକ୍ଷୀଙ୍କ ସମାଗମ ହେଉଥିବା ସୂଚନା ଦେଇଥିଲେ। ୨୯୪ଟି ପକ୍ଷୀଙ୍କୁ ନେଇ ସୁବର୍ଣ୍ଣପୁର ରାଜ୍ୟର ୪ର୍ଥ ସ୍ଥାନରେ ରହିଛି। 'ପକ୍ଷୀ ପାଇଁ ଦିନଟିଏ' ଭାବେ ପାଳିତ ଏହି ଜନ ସଚେତନତା କାର୍ଯ୍ୟକ୍ରମରେ ପକ୍ଷୀପ୍ରେମୀ ଦିନେଶ ରଞ୍ଜନ ମିଶ୍ର, ଜ୍ୟୋତିରାଦିତ୍ୟ ପିନାକି ପଣ୍ଡା, ସୁମିତ ଶତପଥୀ, ନରେନ୍ଦ୍ର ମଲ୍ଲିକ, ସିଦ୍ଧାର୍ଥ ସାହୁ, ଅର୍ପିତ ପଣ୍ଡା ଓ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପକ୍ଷୀଙ୍କ ସୁରକ୍ଷାକୁ ନେଇ ଏକ ପଦଯାତ୍ରାରେ ଜନସଚେତନତା ସୃଷ୍ଟି କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ପକ୍ଷୀପ୍ରେମୀ।

# ଫୁଟବଲ ପ୍ରତିଯୋଗିତା: ପୁରୁଣାକଟକ ଚାମ୍ପିୟନ

**ବାଉଁଶୁଣୀ, ୧୩।୧୧ (ଦେବାଶୀଷ ନେପାକ)**
ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡ଼ିଆରେ ମା' ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ମାହେଶ୍ୱରୀ ସ୍ୱାଧୀନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଣାକଟକ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ପୂର୍ବରୁ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ମହିଳା ଫୁଟବଲ ଦଳ ସୋନପୁର ଓ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ମହିଳା ଫୁଟବଲ ଦଳ ସୋନପୁର ମହିଳା ଦଳକୁ ୨–୦ ଗୋଲ ଦେଇ ବିଜୟୀ ହୋଇଥିଲା। ପରେ ଫାଇନାଲ ମ୍ୟାଚ ପୁରୁଣାକଟକ ଫୁଟବଲ ଦଳ ଓ ବିଏମ୍‌ପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଖେଳ ଅମୀମାଂସିତ ହୋଇଥିଲା। ଫଳରେ ଟ୍ରାଇବେକର ପଦ୍ଧତିରେ ପୁରୁଣାକଟକ ୪–୨ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରି ପ୍ରହ୍ଲାଦ ଭୋକ୍ତା ପରିଚାଳନା କରିଥିଲେ। ତାପସ ଭୋକ୍ତା ଓ ଶ୍ରବଣ ବେହେରା ଲାଇନରେ ସହଯୋଗ କରିଥିଲେ। ଅମିତ ନାଏକ ଚତୁର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଖେଳ ଶିକ୍ଷକ



ଫୁଟବଲ ପ୍ରତିଯୋଗିତାରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ଜିଲା ଆଥ୍‌ଲେଟିକ ସଂଘର ସଭାପତି ରବୀନ୍ଦ୍ର ରାଉତ, ସୁଧାଂଶୁ ଶେଖର ମିଶ୍ର, ଖୁଣ୍ଟବନ୍ଧ ସରପଞ୍ଚ ପ୍ରତିନିଧି ବିକ୍ରମ ମହାନନ୍ଦିଆ, ସେବା ସମବାୟ ସମିତିର ସଭାପତି ରାଜକିଶୋର ଦେହୁରୀ ଯୋଗଦେଇ ଚାମ୍ପିୟନ ପୁରୁଣାକଟକ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଗ୍ରାମର ପୂର୍ବତନ ସଭାପତି ଦେବାର ବିଶି ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ ସଭା ପରିଚାଳନା କରିଥିଲେ। ଆଠ ଦିନ ଧରି ଚାଲିଥିବା ଏହି ଫୁଟବଲ ପ୍ରତିଯୋଗିତାରେ ମା' ମାହେଶରୀ କ୍ଲବ ବୁରକଟାର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ନଭେମ୍ବର ୨୦୨୩



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ରାଜଗାଙ୍ଗପୁର,୧୩।୧୧(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଏକ ବାଇକ୍ ଦୁର୍ଘଟଣାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓମ୍ ପ୍ରକାଶ ଅଗ୍ରୱାଲ। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଘଟଣାସ୍ଥଳରେ ବାଇକ୍ ଛାଡି ଫେରାର ହୋଇଯାଇଛନ୍ତି। ରାଜଗାଙ୍ଗପୁର ପୋଲିସ ବାଇକ୍‌ଟିକୁ ଜବତ କରି ଥାନାକୁ ଆଣିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅଗ୍ରୱାଲ ରାସ୍ତାରେ ଯାଉଥିବାବେଳେ ଏକ ବାଇକ ନଂ ଓଡି ୧୬ଏଲ ୧୨୧୧ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**ଟେନ୍‌ସା,୧୩।୧୧(ସମୀର କୁମାର ପାଢୀ):** କୋଇଡା ଥାନା ଅନ୍ତର୍ଗତ ରେଙ୍ଗାଲବେଡ଼ା ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡି ଧକ୍କାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ମଙ୍ଗଲୁ ମୁଣ୍ଡା(୫୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ମଙ୍ଗଲୁଙ୍କ ସାନ ଭାଇ ସମରଙ୍କ ଏତଲା ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇବା ସହ ଗାଡିର ସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଲୁ ରାସ୍ତା ପାରି ହେଉଥିବା ସମୟରେ ଏକ ଲୌହ ବୋଝେଇ ଗାଡି ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଲୁ ସ୍ତ୍ରୀଙ୍କ ବର୍ଷେ ପୂର୍ବେ ମୃତ୍ୟୁ ହୋଇସାରିଛି। ଏବେ ମଙ୍ଗଲୁଙ୍କ ମୃତ୍ୟୁ ପରେ ୧୦ ବର୍ଷର ବନ୍ୟା ମୁଣ୍ଡା ଓ ୧୭ ବର୍ଷର ବିଷ୍ଣୁ ଅନାଥ ହୋଇଯାଇଛନ୍ତି।

### ଅନାଥ ପିଲାଙ୍କ ଗହଣରେ ଦୀପାବଳି ପାଳନ

**ବ୍ରଜରାଜନଗର,୧୩।୧୧(ବିଜୟ ବରାଡ଼):** ବ୍ରଜରାଜନଗର ସହରାଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡାନିଏଲ ପବ୍ଲିକ ସ୍କୁଲ ପରିସରରେ ରାଜ୍ୟ ତଥା ରାଜ୍ୟ ବାହାରର ଶତାଧିକ ଅନାଥ ଛାତ୍ରୀଛାତ୍ରଙ୍କ ଗହଣରେ ଦୀପାବଳି ପର୍ବ ପାଳନ କରାଯାଇଛି। ଶିକ୍ଷାନୁଷ୍ଠାନ ଅଧକ୍ଷ ବିଜୟ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପୋଲିସ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଲମ୍ବୋଦର ବୁଡ଼ା, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ଅଧିକାରିଣୀ ରୋଜାଲିନ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଅନାଥ ପିଲାମାନଙ୍କ ସହିତ ଦୀପାବଳି ପାଳନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ଏହି ଶିକ୍ଷାନୁଷ୍ଠାନରେ ୧୨୦ରୁ ଅଧିକ ଅନାଥ ଛାତ୍ରୀଛାତ୍ର ଅଧ୍ୟୟନ ରତ ଅଛନ୍ତି। ଏମାନଙ୍କ ଦେଖାଶୁଣା ସହ ପାଠପାଢା ଜିଲାପ୍ରଶାସନ ଓ ଶିକ୍ଷାନୁଷ୍ଠାନ ସହାଭାଗିତାରେ ପରିଚାଳନା କରାଯାଏ।


ଅନାଥ ପିଲାମାନଙ୍କ ଗହଣରେ ଅତିଥିମାନେ।

# ୧୨୩ କୋଟି ଟଙ୍କା ବ୍ୟୟରେ ହେବ ବ୍ୟାରେଜ୍

## ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ମହଲରୁ ଧନ୍ୟବାଦ

**ବଡ଼ଗାଁ,୧୩।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକରେ ଜଳସେଚନର ବିଶେଷ ବ୍ୟବସ୍ଥା ନାହିଁ। ୧୦ଟି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବ୍ୟତୀତ ଏକମାତ୍ର ସଫେଇ ନଦୀ ଉପରେ ଚାଷୀ ନିର୍ଭର କରନ୍ତି। ପ୍ରାୟ ୪୦ ବର୍ଷ ମଧ୍ୟରେ ଏହି ନଦୀର ଜଳ ଧାରଣ କ୍ଷମତା ହ୍ରାସ ପାଇବା ସହିତ ସ୍ରୋତ ପ୍ରବାହ ବହୁ ପରିମାଣରେ କମି ଯାଇଛି। ଗ୍ରୀଷ୍ମ ଆରମ୍ଭରୁ ସଫେଇ ନଦୀର ସ୍ରୋତ କମିଯାଏ ଏବଂ ଠାଏ ଠାଏ ସ୍ୱଳ୍ପ ପାଣି ଜମା ହୋଇ ରହିଥାଏ। ଫଳରେ ପାନୀୟ ଜଳ ଯୋଗାଣ ସହିତ ଚାଷ ଜମିକୁ ଜଳସେଚନ ହୋଇ ପାରି ନ ଥାଏ। ସଫେଇ ନଦୀର ଏଭଳି ପରିସ୍ଥିତି ସମୟରେ ସରକାର ଜଳ ଭଣ୍ଡାର ନିର୍ମାଣ ପାଇଁ ୧୨୩ କୋଟି ଟଙ୍କା ମଞ୍ଜୁର କରିଥିବାରୁ ନଦୀର ସୁରକ୍ଷା ଦିଗରେ ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଏନେଇ ଅଞ୍ଚଳବାସୀ ମଧ୍ୟ ଖୁସି ପ୍ରକଟ କରିଛନ୍ତି। ଚାଷୀଙ୍କ ଦୀର୍ଘବର୍ଷର ଆଶା ପୂରଣ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରବିବାର ଫୁଲବାରୀ ଗ୍ରାମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇବା ପାଇଁ ଏକ ବୈଠକ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଯୋଗିନ୍ଦ୍ର କିଷାନ, ୱାର୍ଡ ମେମ୍ବର ଗଣେଶ କିଷାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ବିଶି, ସତ୍ୟନାରାୟଣ ନାୟକ, ସଞ୍ଜୀବ ବିଶି, ପ୍ରଭାତ ବିଶି, ଲଳିନ୍ଦ୍ର ଲାକ୍ରା, ସୁଜୟ ଖଡିଆ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ୫- ଟି ଅଧକ୍ଷ ଭି କେ ପାଣ୍ଡିୟନଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ସେହିପରି ବଡ଼ଗାଁର ଯୁବଚାଷୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଉମାକାନ୍ତ ନାଏକ, ପ୍ରିତମ ଭାଇସଲ, କାଲୋ ଭୋଇ, ଫକିର ରୋହିଦାସ, ଗଙ୍ଗାଧର ନାଏକ ପ୍ରମୁଖ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।




# ସରବତୀ ଦେବୀ ମହିଳା କଲେଜରେ ଯୋଗ ଦିବସ



**ରାଜଗାଙ୍ଗପୁର,୧୩।୧୧(ଅଶୋକ ପାଣି)**

ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା କଲେଜରେ ଦ୍ୱିତୀୟ ବାର୍ଷିକ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ବିପିନ୍ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କମଳ ଅଗ୍ରୱାଲ ଏବଂ ଅନିତା ଅଗ୍ରୱାଲ, ମୁଖ୍ୟ ବକ୍ତାଭାବେ ସାଦିଗ ଅଗ୍ରୱାଲ, କାର୍ଯ୍ୟକାରୀ କମିଟି ସଭାପତି ଡା. କମଳ କୁମାରୀ ମିଶ୍ର, ଅବସର ପ୍ରାପ୍ତ ରାଜନୀତି ବିଜ୍ଞାନର ଅଧାପିକା ଡା. କୌଶଲ୍ୟା ଅଗ୍ରୱାଲ, ଉପାଧକ୍ଷା ସନ୍ଧ୍ୟାରାଣୀ କୋଲେ ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ଅତିଥି ପରିଚୟ ପ୍ରଦାନ କରି ନିଜ ବକ୍ତବ୍ୟରେ ଏହି ଗୌରବର ଦିନ ପାଇଁ କଲେଜର ଅନ୍ତେବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନିଜ ପାଇଁ ୧ ଘଣ୍ଟା ପ୍ରତ୍ୟେହ ଦେଇ ରୋଗକୁ ପରାସ୍ତ କରିବା ପାଇଁ କହିଥିଲେ। ଅଧାପକ ସପନ ପଣ୍ଡା ଯୋଗ ଦିବସର ଶୁଭେଚ୍ଛା ଜଣାଇ ଏହାର ଉତ୍କର୍ଷତା ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଭାପତି ଡ. ମିଶ୍ର ଯୋଗ ଦିବସର ସଫଳତା ପାଇଁ କଲେଜ ଅନ୍ତେବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାର ଶ୍ରେୟ ଅଧକ୍ଷଙ୍କୁ ଦେଇଥିଲେ। ମୁଖ୍ୟ ବକ୍ତା ଅଗ୍ରୱାଲ ନିଜ ଅନୁଭୂତି ପ୍ରକାଶ କରି ନିଜ ଜୀବନର ସମସ୍ତ ସଫଳତାର ଶ୍ରେୟ ଯୋଗକୁ ଦେଇ କହିଥିଲେ, ଯୋଗ ଶାନ୍ତି ପ୍ରଦାନ କରିଥାଏ ତେଣୁ ସଠିକ୍ ପ୍ରଣାଳୀ ଅନୁସରଣ କରି ଯୋଗ କରିବା ଉଚିତ୍। କମଳ କୁମାର ଅଗ୍ରୱାଲ ଯୋଗ କର ନିରୋଗ ରୁହ ମନ୍ତ୍ର ସହିତ ଜୀବନରେ ଯେ କୌଣସି କାର୍ଯ୍ୟ ସକାରାତ୍ମକ ଦୃଷ୍ଟିକୋଣ ନେଇ କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ ବୋଲି କହିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା ଅନୁସାରେ, ମୁନ୍ସିପାଲ୍ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ହକି ଖେଳର ପ୍ରତିଯୋଗିତା ପାନପୋଷ ହକି ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରବତୀ କଲେଜ ଛାତ୍ରୀ ରନର୍ସ ଅପ ହୋଇଥିଲେ। ସେହି ଛାତ୍ରୀଙ୍କୁ ଏହି ଅବସରରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ଯୋଗ, ପିରାମିଡ୍ ଏବଂ ଯୁମ୍ବା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସରଜିନୀ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବଡ଼ଗାଁ,୧୩।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାନ୍ ମହାଜନ, ଜିଲା ପୋଲିସ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ରାଜସ୍ୱ ବିଭାଗ ଏଡିଏମ୍ ଅଭିମନ୍ୟୁ ମାଝି, ସିଡିଏମଓ ଧରଣୀ ରଞ୍ଜନ ଶତପଥୀ, ବିଡିଓ ସୁମତି ପଣ୍ଡା, ତହସିଲଦାର ଦାୟିତ୍ୱରେ ଥିବା ମୋତିଲାଲ୍ ସୁଲିଆ, ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ବିଇଓ ଅମୂଲ୍ୟ କୁମାର ପ୍ରଧାନ, ବଡ଼ଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୂତୀଆ, ସିଡିପିଓ ସୁଜାତା ବେଗଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ବିଡିଓଙ୍କୁ ତହସିଲଦାର ଦାୟିତ୍ୱ, ସ୍ଥାୟୀ ତହସିଲଦାର ନିଯୁକ୍ତି, ଜଙ୍ଗଲ ଅଧିକାର ଜମି ଦାବି କରୁଥିବା ବ୍ୟକ୍ତିଙ୍କ କାମ ହେଉ ନ ଥିବା ଓ ଯୁଗ୍ମ ତଦନ୍ତ ପାଇଁ କ୍ଷେତ୍ର ସ୍ତରରେ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଆସୁ ନ ଥିବାରୁ ଲୋକେ ହଇରାଣ ହେଉଥିବା, ଫୁଲବାରୀ ହନୁମାନ ଛକ ଠାରୁ ଟୁରିପୋଷ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ଡାକ୍ତରଖାନାରେ ବିଶେଷଜ୍ଞ ପଦବୀ ପୂରଣ ଓ ଠିକ୍ ସମୟରେ ଡାକ୍ତର ଆସୁ ନ ଥିବା, ଶଙ୍କରାପୋଷ ଗାଁକୁ ଗ୍ରାମ ପଞ୍ଚାୟତ ମାନ୍ୟତା ଦେବା ଆଦି ୩୭ ଅଭିଯୋଗ ହୋଇଥିଲା।


ଅଧିକାରୀଙ୍କୁ ଲୋକେ ଅଭିଯୋଗ ଜଣାଉଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଲା

**ଲହୁଣୀପଡ଼ା,୧୩।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ବାଙ୍କୀ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ଆକାଶ ଓରାମ(୧୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନାହିଁ।

### ଟାଙ୍ଗିଆ ଚୋଟରେ ଜଣେ ଆହତ, ଅଭିଯୁକ୍ତ କୋର୍ଟ ଚାଲାଣ

**ଲହୁଣୀପଡ଼ା,୧୩।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ପଥରପୁଞ୍ଜି ଗ୍ରାମରେ ବାଣଫୁଟାକୁ କେନ୍ଦ୍ରକରି ରବିବାର ସନ୍ଧ୍ୟାରେ ଟାଙ୍ଗିଆ ଚୋଟରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ରାମ ମୁଣ୍ଡା। ମହୁଲପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ରାମଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଅଭିଯୁକ୍ତ ଶ୍ୟାମ ମୁଣ୍ଡାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଦୀପାବଳି ଉପଲକ୍ଷେ ବାଣ ଫୁଟା ଚାଲିଥିଲା। ରାମ ଲୋକଙ୍କୁ ସତର୍କତାର ସହ ବାଣ ଫୁଟାଇବାକୁ କହିଥିଲେ। ଶ୍ୟାମ ଭାବିଲା ସେ ତାଙ୍କୁ ବିରୋଧ କରୁଛନ୍ତି। ଏଥିରେ ଉତକ୍ଷିପ୍ତ ହୋଇ ଶ୍ୟାମ ରାମଙ୍କ ସହ ଝଗଡା କରିଥିଲା। ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ଶ୍ୟାମ ରାଗିଯାଇ ରାମଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ରାମଙ୍କ ବାମ ପଟ ବେକରେ ଶକ୍ତ ଆଘାତ ଲାଗିଥିଲା।

### ଦୁର୍ଘଟଣାରେ ଶ୍ରମିକ ମୃତ

**ରାଜଗାଙ୍ଗପୁର,୧୩।୧୧ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ କାରଖାନା ପରିସରରେ ଏକ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଗୁଡିଆଲି ଗ୍ରାମର ସୁରେନ୍ଦ୍ର ମାଝି। ସୂଚନା ଅନୁଯାୟୀ, କାରଖାନା ପରିସରରେ ସୁରେନ୍ଦ୍ରଙ୍କ ଜଙ୍ଘରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ରାଉରକେଲା ଆଇଜିଏଚ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଥିବା ଅତିଥିମାନେ।

**କୁଆଁରମୁଣ୍ଡା,୧୩।୧୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଡନବସ୍କୋ ସ୍କୁଲରେ ସୋମବାର ଦିନିକିଆ ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବା ଦ୍ୱାରା ପିଲାଙ୍କ ଉଭୟ ଶାରୀରିକ ଓ ବୌଦ୍ଧିକ ବିକାଶ ହେଉଛି ବୋଲି ପୂର୍ବତନ ମନ୍ତ୍ରୀ କିଷାନ ନିଜ ଅଭିଭାଷଣରେ କହିବା ସହ ରାଜ୍ୟ ସରକାର କ୍ରୀଡାର ବିକାଶ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଡନବସ୍କୋ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଯମୁନାଢିପା ସ୍ଥିତ ଫ୍ରାନସିସ ସ୍କୁଲ, ରାଜଗାଙ୍ଗପୁରର ଏନଇଏସ ସ୍କୁଲ, ବିଲେଇଗଡ଼ର ହାରିସନ୍ ଇଂରାଜୀ ସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଖେଳାଳିଙ୍କ ସହିତ ଜିଲା ପରିଷଦ ସଭ୍ୟ ଓ ସରପଞ୍ଚ।

## ବିରବିରା ଚାମ୍ପିୟନ

**ବଡ଼ଗାଁ,୧୩।୧୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ରାଏଡିହି ଗ୍ରାମରେ ବୁଧବାର ଆରମ୍ଭ ହୋଇଥିବା ପାଞ୍ଚ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩୨ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବିଷ୍ଣୁ ବ୍ରଦର୍ସ ସୁନ୍ଦରଗଡ ଟାଇଗର ଫୋର୍ସ ଛାମୁଣ୍ଡାକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲାବେଳେ ୨ୟ ସେମି ଫାଇନାଲରେ ଭିଖମପୁରକୁ ହରାଇ ବିରବିରା ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡକୁ ହରାଇ ବିରବିରା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୁପ୍ତେଶ୍ୱର, ହେମନ୍ତ କିଷାନ ଓ କହ୍ନେଇ କିଷାନ ଖେଳ ପରିଚାଳନା କରିଥିବାବେଳେ ଆୟୋଜକ ନ୍ୟୁଜ୍ୟୋତି କ୍ଲବର କର୍ମକର୍ତ୍ତା ଉମାକାନ୍ତ କିଷାନ, ଲାଲିନ୍ଦ୍ର କଷାନ,ମଙ୍ଗଳ କିଷାନ, ବେଣୁଧର କିଷାନ ପ୍ରମୁଖ ଯୁବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

# ଦୀପାବଳି ପାଳିଲେ ପଦମପୁର ହାଇସ୍କୁଲ ଛାତ୍ରୀଛାତ୍ର


ପଦମପୁର ହାଇସ୍କୁଲରେ ନିଆରା ଢଙ୍ଗରେ ଦୀପାବଳି ପାଳନ କଲେ ଛାତ୍ରୀଛାତ୍ର।

**କୁଆଁରମୁଣ୍ଡା,୧୩।୧୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପଦମପୁର ହାଇସ୍କୁଲ ଛାତ୍ରୀଛାତ୍ର ୧ହଜାର ଦୀପ ପ୍ରଜ୍ୱଳନ କରି ଦୀପାବଳି ପାଳନ କରିଛନ୍ତି। ଛାତ୍ରୀଛାତ୍ରମାନେ ସବୁଜ ବାଣ ଫୁଟାଇ ଦୀପାବଳି ଅଭିନନ୍ଦନ ଜଣାଇଥିଲେ। ଏଥିରେ ୩ଶହ ଛାତ୍ରୀଛାତ୍ର ଏବଂ ଅଭିଭାବକ ସାମିଲ ହୋଇଥିଲେ। ସ୍କୁଲ ପରିସରରେ ଖାଇବାର ମଧ୍ୟ ବ୍ୟବସ୍ଥା ହୋଇଥିଲା। ପଦମପୁର ସମିତି ସଭ୍ୟ ଖଗେଶ୍ୱର ଅମାତ କହିଛନ୍ତି, ଏଭଳି ଢଙ୍ଗରେ ଦୀପାବଳି ପାଳନ କରିବା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା କେବଳ ସ୍କୁଲର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଅମାତ କହିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲ କହିଛନ୍ତି, ଗ୍ରାମାଞ୍ଚଳର ଗରିବ ପିଲାଙ୍କ ଇଚ୍ଛା ପୂରଣ କରିବା ଓ ସେମାନଙ୍କ ଜୀବନରୁ କିଭଳି ଅଜ୍ଞାନ ରୂପକ ଅନ୍ଧକାର ଦୂର କରାଯାଇ ଜ୍ଞାନର ଆଲୋକ ପ୍ରଦାନ କରାଯିବ ସେଥିପାଇଁ ସ୍କୁଲ ପକ୍ଷରୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି।

# ଟ୍ରେଲର ଧକ୍କାରେ ଯୁବକ ମୃତ

## କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାଜପଥ ଅବରୋଧ

**କୁଆଁରମୁଣ୍ଡା,୧୩।୧୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ନିକଟ ୧୪୩ ନମ୍ବର ଜାତୀୟ ରାଜପଥରରେ ରବିବାର ଜଣେ ଯୁବକଙ୍କ ଉପରେ ଟ୍ରେଲର ଚଢ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଡି.ଦାସ ଦଫେଇର ଭରତ ଜୟପୁରୀଆ(୩୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି। ପୂର୍ବରୁ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ରାତି ସାଢେ ୧୧ଟା ସୁଦ୍ଧା ମୃତକଙ୍କ ପରିବାରକୁ ଟ୍ରେଲର ମାଲିକ ୨୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ରାଜି ହେବାରୁ ଅବରୋଧ ହଟିଥିଲା। ଏଥିସହ ରେଡକ୍ରସ ପକ୍ଷରୁ ମଧ୍ୟ ମୃତକଙ୍କ ପରିବାରକୁ ୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଓ ଖଲାସୀ ଫେରାର ହୋଇଯାଇଛନ୍ତି।


ସୁନ୍ଦରଗଡ ସରକାରୀ କଲେଜ ରୋଡ।



କାଳିପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ମୃତ୍ୟୁ

**କୁଚିଣ୍ଡା,୧୩।୧୧(ବିରଞ୍ଚି ଦର୍ଶା):** ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅଧୀନ ଘନସରା ଗ୍ରାମରେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ସେ ହେଲେ ରବଗା ପଞ୍ଚାୟତ ଜୁରାପାଲି ଗ୍ରାମର ମଦନ ଲୁହା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାକ୍ରମେ, ଘନସରା ଗ୍ରାମର ନୀର କର୍ସେଲଙ୍କ ଘର ପାଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖି ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଦେବରାଜ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ଗୋବିନ୍ଦପୁର ମେଡିକାଲକୁ ପଠାଇଥିଲେ।

### ବିଦେଶୀ ମଦ ଜବତ, ଜଣେ ଗିରଫ



**ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର):** ବେଆଇନ ଭାବେ ବିଦେଶୀ ମଦ ଗଚ୍ଛିତ ଓ ବିକ୍ରୟ କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ସନତ କଲେତ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏହାସହ ତାଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୨୨.୫ ଲିଟରର ବିଦେଶୀ ମଦ ଜବତ କରାଯାଇଛି। ପୋଲିସ ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୪୧୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି।

### ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ

**ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର):** ବେଆଇନ ଭାବେ ବାଣ ବିକ୍ରି ଅଭିଯୋଗରେ ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିବା ସହ ତାଙ୍କଠାରୁ ବିପୁଳ ପରିମାଣର ବାଣ ଜବତ କରିଛି। ସୂଚନା ଅନୁସାରେ ଦୀପାବଳିରେ ବାଣ ବିକ୍ରୟ ପାଇଁ ପିଏଚ୍‌ଡି ପଡ଼ିଆରେ ଦୋକାନ କରିବାକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ମାତ୍ର ସୂର୍ଯ୍ୟ କୁମାର ସାହୁ ନାମକ ଜଣେ ବ୍ୟକ୍ତି ଦଲେଇପଡ଼ାରେ ଥିବା ତାଙ୍କ ତେଜରାତି ଦୋକାନରେ ବେଆଇନ୍ ଭାବେ ବାଣ ବିକ୍ରି କରୁଥିବା ସମ୍ପର୍କରେ ପୋଲିସ ଖବର ପାଇଥିଲା। ପୋଲିସ ସେଠାରେ ଚଢ଼ାଉ କରି ଗଚ୍ଛିତ ଥିବା ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରାୟ ୩୪ ପ୍ରକାର ବାଣକୁ ଜବତ କରିଥିଲା। ଏହାସହ ଟାଉନ ଥାନାରେ ଏକ ମାମଲା (ନଂ.୪୧୦/୨୩)ରୁଜୁ କରି ସୂର୍ଯ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଟ୍ରକ୍ ଚାପାରେ ୨ବାଇକ୍ ଆରୋହୀ ମୃତ

**ଅତାବିରା,୧୩।୧୧(ହୃଷିକେଶ ଖମାରୀ):** ୫୩ ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ଅତାବିରା ଥାନା ଦେବାହାଲଠାରେ ରବିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ/ଓଡ଼ି୧୭ଟି/୭୧୭୯) ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଦଣ୍ଡେଇପାଲିର କମଳେଶ ସାହୁ(୨୪) ଏବଂ ଧନୁପାଲି ଥାନା ସିଦ୍ଧେଶ୍ୱରବେର୍ଣ୍ଣାର ସୁମନ ଦେବନାଥ(୩୪)। ଅତାବିରା ଥାନା ପୋଲିସ ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ ସହିତ ଟ୍ରକ୍ ଡ୍ରାଇଭର ଉଜ୍ଜ୍ୱଳ କିଶୋର ବାଗ(୫୦)ଙ୍କୁ ପୋଲିସ ଗିରଫ କରିଛି। ପ୍ରକାଶ ଯେ, କମଳେଶ ଓ ସୁମନ ଏକ ବୀମା କମ୍ପାନୀରେ କାମ କରନ୍ତି। ସେମାନେ କମ୍ପାନୀର ଦୀପାବଳି ଉପହାର ଦେବା ପାଇଁ ରବିବାର ଏକ ବାଇକ୍ (ନଂ.ଓଡ଼ି୧୫ଏକ୍ସ/୧୨୩୨) ଯୋଗେ ବରଗଡ଼ ଆସିଥିଲେ। ଉଭୟ କାମ ସାରି ବାଇକ୍ ଯୋଗେ ସମ୍ବଲପୁର ଅଭିମୁଖେ ଫେରୁଥିବାବେଳେ ଦେବାହାଲରେ ଉକ୍ତ ଟ୍ରକ ଓଲଟି ପଡ଼ିବା ସହିତ ଚାପିଦେବାରୁ ଉଭୟ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକଟି ବିଶାଖାପାଟଣାରୁ ଝାରସୁଗୁଡ଼ା ଯାଉଥିଲା ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।



ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା ।


ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼,୧୩।୧୧(ପ୍ରେମାନନ୍ଦ ଖମାରୀ)**

- ଏଯାଏ ଚାଷୀଙ୍କୁ ମିଳିନି ରବି ଫସଲର କ୍ଷତିପୂରଣ
- ୧୫ଦିନ ମଧ୍ୟରେ ନ ଦେଲେ ଆନ୍ଦୋଳନ

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ମାତ୍ର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ଚାଷୀମାନଙ୍କୁ ଗତ ରବିଚାଷ ଫସଲକ୍ଷତିର ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ମିଳିପାରିନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ବସିଥିଲେ। ଏହାସହିତ ଜିଲାପାଳଙ୍କ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ନ ମିଳିଲେ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରି ଭେଡ଼େନ ଅଞ୍ଚଳର ସବୁ ସରକାରୀ ଅଫିସକୁ ଅଚଳ କରିଦେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ରବିଚାଷ ସମୟରେ ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ କୁଆପଥର ବୃଷ୍ଟି, ଅଜଣା ରୋଗପୋକ ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଥିଲା। ଧାନଗଛରୁ ଧାନ ବଦଳରେ ଅଗାଡ଼ି ବାହାରିଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଇଥିଲେ। ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯିବ ବୋଲି ମଧ୍ୟ ସେତେବେଳେ ବିଭାଗୀୟ ଅଧିକାରୀମାନେ ଆଶ୍ୱାସନା ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସହାୟତା ମିଳିପାରିନାହିଁ । ସେହିପରି ଏ ନେଇ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଭେଡ଼େନ ବ୍ଲକ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ସାମିଲ ହୋଇଥିଲେ।

### ମୃତ ଶିଶୁକନ୍ୟା ଉଦ୍ଧାର

**ପାଇକମାଲ,୧୩।୧୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ କଲୋନୀପଡା ନିକଟସ୍ଥ ବ୍ରିଜ୍ ପାଖ ରାଣୀଝରଣ କୂଳରେ ଏକ ନବଜନ୍ମିତ ଶିଶୁକନ୍ୟାର ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ଅପରାହ୍ନରେ କଲୋନୀପଡା ବ୍ରିଜ ପାଖ ବୁଦା ତଳେ ଏକ ନବଜନ୍ମିତ ଶିଶୁକନ୍ୟା ପଡିଥିବା ଖବର ପାଇ ପାଇକମାଲର ଆଶା ଦିଦି ସବିତା ନାୟକ ଘଟଣାସ୍ଥଳକୁ ଯାଇ ତାକୁ ଉଦ୍ଧାର କରିଥିଲେ। ଏଥିରେ ତାଙ୍କୁ ଅନ୍ୟ ଜଣେ ଆଶା ଦିଦି ପ୍ରିୟଙ୍ଗିନୀ ରଣା ସହଯୋଗ କରିଥିଲେ। ଖବର ପାଇ ପାଇକମାଲ ପୋଲିସ ଘଟଣାର ଅନୁସନ୍ଧାନ କରୁଛି।

### ଗୋଷ୍ଠୀ ସାଧନ କେନ୍ଦ୍ର ଲୋକାର୍ପିତ

**ବରଗଡ଼, ୧୩।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ କଳାପାଣି ଛକରେ ନବନିର୍ମିତ ଗୋଷ୍ଠୀ ସାଧନ କେନ୍ଦ୍ର ରବିବାର ଲୋକାର୍ପିତ ହୋଇଛି। ସ୍ଥାନୀୟ ୱାର୍ଡମେମ୍ବର ନୀଳ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବିପିନ ପ୍ରଧାନ, ସୋମନାଥ ସାହୁ, ପୂର୍ବତନ ସରପଞ୍ଚ ଟଙ୍କ ପ୍ରଧାନଙ୍କ ସମେତ ପ୍ରଦୀପ ସାହୁ, ଅରକ୍ଷିତ କୁମ୍ଭାର, ଅଗସ୍ତି କୁଅଁର, ସୁବଳ ନାଏକ, ଶିବୁ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳା ଉପସ୍ଥିତ ଥିଲେ ।



କଳା ଉତ୍ସବରେ ବିକାଶ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରୀଛାତ୍ର ।

## କଳା ଉତ୍ସବରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ବରଗଡ଼,୧୩।୧୧(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ଆୟୋଜିତ ଜୋନାଲସ୍ତରୀୟ କଳା ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ବରଗଡ଼ ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ କଳା ଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟର ଅର୍ପିତା ଦାଶ ଶାସ୍ତ୍ରୀୟ ସଙ୍ଗୀତ, ଅଂଶୁମାନ ଦାଶ ଲୋକନୃତ୍ୟ, ଦୁର୍ଗାମାଧମବ ସାହୁ ଏକକ ଅଭିନୟ, ଗ୍ରେସି ନିଶା ସିଂଘଲ ଲୋକଗୀତ, ଆଦ୍ୟାଶ୍ରୁତି କର ଏକକ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ପାଇଁ ପ୍ରତିଯୋଗିତା

**ପଦ୍ମପୁର,୧୩।୧୧(ପ୍ରଦୀପ୍ତ ଦାଶ)**

ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ଉପଲକ୍ଷେ ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳରେ ଚେତନା ପରିଷଦ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ଅଶୋକ ବହିଦାର ମୁଖ୍ୟ ଅତିଥି, ଆଇନଜୀବୀ ପ୍ରଶାନ୍ତ ମାଝୀ, ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ୧୯ ତାରିଖରେ ଝାନ୍ସିରାଣୀ ଲକ୍ଷ୍ମୀବାଈ ଜୟନ୍ତୀରେ ପୁରସ୍କୃତ କରାଯିବ। ପରିଷଦର ସଭ୍ୟ ସପନ ମହାନ୍ତି, ଅଶୋକ ମିଶ୍ର, ଭୂପେଶ ସାହୁ, ସୁଧାଂଶୁ ଦାସ, କିଶୋର ପାତ୍ର, ମନୋଜ ମହାନ୍ତି, କୁଞ୍ଜ ବିହାରୀ ସରାଫ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କ ସମ୍ବଲପୁର ଗସ୍ତ ପାଇଁ ପ୍ରସ୍ତୁତି

**ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୧ରେ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମ୍ଭୁ, ମହାନଗର ନିଗମ କମିଶନର ବେଦଭୂଷଣ, ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଞ୍ଚାଳିକା ବ୍ରହ୍ମକୁମାରୀ ରାଜଯୋଗିନୀ ପାର୍ବତୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲାପାଳ କହିଥିଲେ, ରାଷ୍ଟ୍ରପତିଙ୍କ ସମ୍ବଲପୁର ଗସ୍ତ ନିଶ୍ଚିତ ହୋଇଥିବା ସମ୍ପର୍କରେ ସୂଚନା ରହିଛି। ମାତ୍ର ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ଏହା ମିଳିବା ପରେ ସେହିଅନୁସାରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଆରକ୍ଷୀ ଅଧୀକ୍ଷକ ମଧ ଅନୁରୂପ ଭାବେ ତାଙ୍କ ଗସ୍ତ ସମ୍ପର୍କିତ ଚୂଡ଼ାନ୍ତ କାର୍ଯ୍ୟସୂଚୀ ହସ୍ତଗତ ହେଲା ପରେ ସୁରକ୍ଷାଠାରୁ ଆରମ୍ଭ କରି କାରକେଡ୍ ବ୍ୟବସ୍ଥା ଆଦି ବିଭିନ୍ନ ପ୍ରକାର ପ୍ରସ୍ତୁତି ପାଇଁ ଆଉଥରେ ବୈଠକ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ରାଷ୍ଟ୍ରପତି ଭିସୁଟ୍‌ର ସମାବର୍ତ୍ତନ ଉତ୍ସବ ଓ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର 'ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନ'ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ



ଜୟନ୍ତୀ ସଭାରେ ବକ୍ତା ଓ ଅତିଥିମାନେ ।

**ସମ୍ବଲପୁର,୧୩।୧୧(ବି.ଶଙ୍କର):** ସମ୍ବଲପୁର ସାମ୍ବାଦିକ ଭବନଠାରେ ସୋମବାର ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ସମିତି ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଓ ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ବକ୍ତାମାନେ ସ୍ୱାଧୀନତା ସଂଗ୍ରାମ ଓ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ । କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ମଞ୍ଚ କଳାକାର ସୂର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି କମଳଲୋଚନ ପଣ୍ଡା, ବାବୁଲୁ ବାଗ, ଜୟକୃଷ୍ଣ ବେହେରା, ଦେବେନ ପଟେଲ, ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## ସୋହେଲା କଲେଜରେ ଜାତୀୟ ଶିକ୍ଷା ଦିବସ ପାଳନ

**ସୋହେଲା,୧୩।୧୧(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା କଲେଜରେ ସୋହେଲା କଲେଜ ଅଧକ୍ଷ ରବିନ୍ଦ୍ର କୁମାର ମିଶ୍ରଙ୍କ ଅଧକ୍ଷତାରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି। ମୌଲାନା ଅବୁଲ କଲାମଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ତଥା ମାଲ୍ୟାର୍ପଣ ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଶିକ୍ଷାକ୍ଷେତ୍ରରେ ଅବଦାନ ଓ ଜାତୀୟ ଶିକ୍ଷା ଦିବସ ପାଳନ ମହତ୍ତ୍ୱ ବିଷୟରେ ବିଭାଗୀୟ ମୁଖ୍ୟ ଡକ୍ଟର ରମେଶ ଚନ୍ଦ୍ର ସୂପକାର ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପିକା ଡକ୍ଟର ସୁନୀତି ଦାସ ଏବଂ ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ପିପିଟି ମାଧ୍ୟମରେ ସେମିନାର ଉପସ୍ଥାପନା କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

ଶିକ୍ଷା ବିଭାଗର ଛାତ୍ରୀଛାତ୍ର କରୁଣା ଭୋଇ, ରାହୁଲ ମେହେର ଓ ଚିରସ୍ମିତା ପଧାନ ନିଜସ୍ୱ ସମ୍ମାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଡକ୍ଟର ଗଣେଶ ଚନ୍ଦ୍ର ଦାସ, ଜୟଶ୍ରୀ ସାହୁ, ଡକ୍ଟର ହରିହର ସାହୁ, ରଘୁମଣି ପଧାନ, ଅସ୍ମିତା ମିଶ୍ର, ବିନୟ ପାଣିଗ୍ରାହୀ, ଗଣେଶ ମିର୍ଜା, ଆଶିଷ ଠାକୁର, ସୁଦାମ ସାହୁ, ସୁଧାନନ୍ଦ ମିଶ୍ର, ପରିଶେଷ ମିଶ୍ର ଏବଂ ସମାରୁ ବାଗଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋବିନ୍ଦପୁର ସ୍କୁଲରେ ବିଜ୍ଞାନ ମେଳା

**ବରଗଡ଼, ୧୩।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାର ସୁବର୍ଣ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ନିତ୍ୟାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଅନୁରାଧା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ୨୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ନବୀନ ସାବତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।


ଅତିଥିମାନେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

## ସ୍ୱାମୀ ଦୟାନନ୍ଦଙ୍କ ଦାନ ଅତୁଳନୀୟ

**ବରଗଡ଼ /ସୋହେଲା,୧୩।୧୧ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଗ୍ରିଞ୍ଜେଲ ଗ୍ରାମରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିବା ଓ ଏକ ଈଶ୍ୱର ତଥା ସତ୍ୟର ପ୍ରତିଷ୍ଠା କରି ସାମାଜିକ ପରିବର୍ତ୍ତନ ଆଣିବାରେ ସ୍ୱାମିଜୀଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବିଶିଷ୍ଟ ବିଦ୍ୱାନ ମତପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ବୈଦିକ ବିଦ୍ୱାନମାନଙ୍କ ଦ୍ୱାରା ସ୍ଥାନୀୟ ଯଜ୍ଞ ମଣ୍ଡପରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇ ବୈଦିକ ଯଜ୍ଞ କରାଯାଇଥିଲା। ବରିଷ୍ଠ ଆର୍ଯ୍ୟ ସତ୍ୟ ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୱାନ ଚୈତନ୍ୟ ଭୋଇ, ଲଳିତ ମୋହନ ସା, ଡଗର ମେହେର ପ୍ରମୁଖଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ସମ୍ରାଟ ପ୍ରଧାନ ଓ କ୍ଷୀରୋଦ ବାରିକ ସସ୍ତ୍ରୀକ କର୍ତ୍ତା ଥିଲେ। ଏହି ଅବସରରେ ଆୟୋଜିତ ଆର୍ଯ୍ୟ ସମାଜ ଓ ଦୟାନନ୍ଦ ସରସ୍ୱତୀ ଶୀର୍ଷକ ଆଲୋଚନାଚକ୍ରରେ ପଣ୍ଡିତ ଡଗର ମେହେର, ଗୌର ନାଏକ, ରବି ଶଙ୍କର ପ୍ରଧାନ, ଲଳିତ ମୋହନ ସା, ଯଶୋବନ୍ତ ପଟେଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଗ୍ରିଞ୍ଜେଲ ଗ୍ରାମରେ ଜନ୍ମିତ ପଶ୍ଚିମ ଓଡ଼ିଶାର ବିଦ୍ୱାନ ସ୍ୱର୍ଗତ ମୁକ୍ତେଶ୍ୱର ପଣ୍ଡାଙ୍କ ଆର୍ଯ୍ୟ ସମାଜର ପ୍ରଚାର ପ୍ରସାର କ୍ଷେତ୍ରରେ ରହିଥିବା ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି କହିଥିଲେ, ୧୯୪୦ରୁ ଏହି ଗ୍ରାମ ଦୟାନନ୍ଦ ସରସ୍ୱତୀ ଓ ଆର୍ଯ୍ୟ ସମାଜର ସିଦ୍ଧାନ୍ତ ସହିତ ଜଡ଼ିତ। ତଥାକଥିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଂଗ୍ରାମ କରି ସତ୍ୟ ସନାତନ ପବିତ୍ର ବୈଦିକ ଧର୍ମର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱାମିଜୀଙ୍କ ଅବଦାନ ଅତୁଳନୀୟ। ପବିତ୍ର ବେଦ ପ୍ରତି ଜନସାଧାରଣଙ୍କ ପ୍ରତ୍ୟାବର୍ତ୍ତନର ଆବଶ୍ୟକତା ରହିଥିବା ବେଳେ ବେଦର ଜ୍ଞାନ ଆହରଣରେ ହିଁ ରାଷ୍ଟ୍ର ଓ ସମାଜର ବିକାଶ ସମ୍ଭବ ବୋଲି ପୁରୋହିତ କହିଥିଲେ। ଚଳିତ ବର୍ଷ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ତ୍ତି ହେଉଥିବାରୁ ବରଗଡ଼ରେ ଡିସେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହା ପାଳିତ ହେବ ବୋଲି ସୂଚନା ଦିଆଯାଇଥିଲା। ବେଦପ୍ରିୟ ପ୍ରଧାନ, ପାଣ୍ଡବ ବାରିକ, ଗୋରାଚାନ୍ଦ ବଣିଆ, ସଂସାର ସାହୁ, ପଞ୍ଚାନନ ବୁଡେକ, ସାରଙ୍ଗ ବେହେରା, କମ୍ପାଉଣ୍ଡର ସେଟ୍, ଗହନି ବାରିକ, ବାଳକୃଷ୍ଣ ପ୍ରଧାନ, କହ୍ନେଇ ପ୍ରଧାନ, କ୍ଷୀରୋଦ୍ର ବାରିକ, ସମ୍ରାଟ ପ୍ରଧାନ, ଯଶୋବନ୍ତ ପଟେଲ, ରଥ ଭୋଇ, ଚୈତନ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଲୋଚକବୃନ୍ଦ ।

## ଅଯୋଧ୍ୟା ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ବୈଠକ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ଗାଁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବ୍ଲକ ବଜରଙ୍ଗଦଳ ପକ୍ଷରୁ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁୟାରୀ ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀ ରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ବ୍ଲକ ବଜରଙ୍ଗଦଳ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତା ଆଲୋଚନା କରିଥିଲେ। ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ ପୁରୋହିତ, କନିଷ୍ଠ ପଧାନ ସହସଂଯୋଜକ ମୋହନ ସାମଲ, ଜଗଦୀଶ ପଧାନ, ଡା. ଶଶୀଭୂଷଣ ସାହୁ, କୁନାଳ ଥନାପତି, ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଫସିରପ ଜବତ, ଜଣେ ଗିରଫ

ଖପ୍ରାଖୋଲ, ୧୩।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ପୋଲିସ ପାଟ୍ରୋଲିଂ ବେଳେ ପାଟିମାଲ ଗାଁ ନିକଟରୁ ଜଣଙ୍କ ବାଇକ ଯାଞ୍ଚ କରି ୯ ବୋତଲ ବେଆଇନ କଫସିରପ ଜବତ କରିଛି। ଗିରଫ ଅଭିଯୁକ୍ତ ପାଟିମାଲା ଗାଁର ସିଦ୍ଧେଶ୍ୱର ପଧାନ(୩୬)। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୩୨/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କଫସିରପ ଚାଲାଣରେ ବ୍ୟବହୃତ ବାଇକକୁ ଜବତ କରାଯାଇଛି।

### ଗଜସାଥୀଙ୍କୁ ପୋଷାକ ବଣ୍ଟନ

ଖପ୍ରାଖୋଲ, ୧୩।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ହରିଶଙ୍କର ବନ ରେଞ୍ଜ ତରଫରୁ ଖପ୍ରାଖୋଲ ବନବିଭାଗ କାର୍ଯ୍ୟାଳୟରେ ଗଜସାଥୀଙ୍କୁ ସୋମବାର ପୋଷାକ ବଣ୍ଟନ କରାଯାଇଛି। ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ରେଞ୍ଜ ଅଞ୍ଚଳର ଚିହ୍ନଟ ପିଙ୍ଗଳମୁଣ୍ଡା, ବ୍ରାହ୍ମଣୀ, ସାପମୁଣ୍ଡ, ବେହେରାପାଣି, କନ୍ଦରାଭଟା ଓ ଆମବାହାଲି ଗାଁର ୩୦ଜଣ ଗଜସାଥୀଙ୍କୁ ପୋଷାକ ଓ ପାଣି ବୋତଲ ବଣ୍ଟନ କରିଥିଲେ। ଏହି ଅବସରରେ ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ଡୋଲାମଣି ସାହୁ ଓ ବନକର୍ମଚାରୀ ଉପସ୍ଥିତ ଥିଲେ।

### ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଗୁଡଭେଲା, ୧୩।୧୧ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ରଷିକେଶ ଖିଲାରୀଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣୀରେ ୫୫ଟି ଅଭିଯୋଗ ଆସିଥିଲା। ଆବାସ ଯୋଜନା ପାଇଁ ୨୭ଟି ଓ ଅନ୍ୟାନ୍ୟ ପାଇଁ ୨୮ ଅଭିଯୋଗ ହୋଇଥିଲା। କିଛି ଅଭିଯୋଗ ଏଠାରେ ସମାଧାନ ହୋଇଥିବା ବେଳେ ଅନ୍ୟ କେତେକକୁ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଡିଓ କପିଳଦେବ ସାହୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ମିଶ୍ର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ବିଡିଓଙ୍କୁ ସରପଞ୍ଚ ସଂଘର ଦାବିପତ୍ର

ଦେଓଗାଁ, ୧୩।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପଞ୍ଚାୟତମାନଙ୍କରେ ହେଉଥିବା ଉନ୍ନୟନ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ସହଯୋଗ କରୁନାହାନ୍ତି। ଏଥିଯୋଗୁ ଠିକ୍ ସମୟରେ ବିଲ ହୋଇପାରୁ ନ ଥିବା ସରପଞ୍ଚ ସଂଘ ଅଭିଯୋଗ ଉଠାଇଛି। ସୋମବାର ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ବିଡିଓ କ୍ଷମାନିଧି ଭୋଇଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦନ କରିଛନ୍ତି। ଆସନ୍ତା ତିନିଦିନ ମଧ୍ୟରେ ଉକ୍ତ ସମସ୍ୟା ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେଇ ସମାଧାନ ନ କଲେ ୧୭ତାରିଖରେ ସରପଞ୍ଚ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଚେତାବନୀ ଦିଆଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଲୋଇସିଂହା, ୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହେଉଥିଲା। ମୃତ୍ୟୁଶଯ୍ୟା ନିକଟରେ ଝିଅ, ୩ ପୁଅବୋହୂ, ନାତିନାତଣୀ ଉପସ୍ଥିତ ଥିଲେ। ମଙ୍ଗଳବାର ଶବ ସତ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସ୍ୱର୍ଗତ ସାହୁ ତାଙ୍କ କାର୍ଯ୍ୟକାଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ।

# ଗାଁରେ ଦିଅ ଭତ୍ତା ଟଙ୍କା

ଲାଠୋର, ୧୩।୧୧(ଭୁବନେଶ୍ୱର ବାରିକ)


ଭତ୍ତା ପାଇବାରେ ସମସ୍ୟା ଭୋଗୁଥିବା ଖର୍ଲି ଗାଁର ବୃଦ୍ଧାବୃଦ୍ଧ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅଧିନ ଖର୍ଲି ଗ୍ରାମର ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ସେମାନଙ୍କୁ ଦିଆଯାଉ ନ ଥିବାରୁ ସେମାନେ ଲାଠୋର ବ୍ୟାଙ୍କକୁ ଆସି ବଡକଷ୍ଟରେ ଆସି ସେମାନେ ଭତ୍ତା ଟଙ୍କା ନେଉଥିବା ବଇଦ ସେଠ, ଗୋବର୍ଦ୍ଧନ ସେଠ, ସୃଷ୍ଟି ନାଗ, ଗଙ୍ଗା ମେହେର, ସୁବର୍ଣ୍ଣ ମେହେର, ଗିରିଶ ନାଗ, କାନ୍ତ ନାଗ, ରସ ନାଗ, ସାଧୁ ନାଗ, ଛେଲିଆ ନାଗ, ଉମା ଶବର, ଗଣ୍ଡାରାମ ଶବର ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁସାରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଗ୍ରାମରେ ଭତ୍ତା ଦେବାର ବ୍ୟବସ୍ଥା ରହିଛି। ହେଲେ ହଲନଭଟା ପଞ୍ଚାୟତ ତରଫରୁ କେତେକ ହିତାଧିକାରୀଙ୍କୁ ଖର୍ଲି ଗାଁରେ ଭତ୍ତା ପ୍ରଦାନ କରୁଥିବା ବେଳେ ଅନ୍ୟ କେତେକଙ୍କୁ ବ୍ୟାଙ୍କରେ ଭତ୍ତା ପ୍ରଦାନ କରୁଛି। ବ୍ୟାଙ୍କରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ଚଲାବୁଲା କରି ପାରୁନାହାନ୍ତି। ଅପରପକ୍ଷରେ ବଡକଷ୍ଟରେ ବ୍ୟାଙ୍କକୁ ଯାଉଥିଲେ ମଧ୍ୟ ଟଙ୍କା ଜମା ହୋଇନାହିଁ କହି ବହୁ ସମୟରେ ଫେରାଇ ଦିଆଯାଉଥିବା ସେମାନେ କହିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟସିଂ ମେହେରଙ୍କୁ ପଚାରିବାରୁ ମଧୁବାବୁ ପେନସନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗ୍ରାମରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ ହିତାଧିକାରୀଙ୍କୁ ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ କରାଯାଉଛି ବୋଲି କହିଛନ୍ତି।

### ବ୍ଲକ ପ୍ରଶାସନ ନିକଟରେ ବୃଦ୍ଧାବୃଦ୍ଧଙ୍କ ଦାବି

■ଗ୍ରାମରେ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନେବୁ: ବିଏସ୍‌ଏସ୍‌ଓ

ହେଲେ ଅଭିଯୋଗକାରୀ ଅଧିକାଂଶ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ସାମିଲ ଥିବା କହିଛନ୍ତି। ତୁରେକେଲା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ(ବିଏସ୍‌ଏସ୍‌ଓ) ହେମାନନ୍ଦ ବିଶ୍ୱାଳଙ୍କୁ ପଚାରିବାରୁ ଆମେ ସମ୍ପୃକ୍ତ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରି ଗ୍ରାମରେ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ହିତାଧିକାରୀମାନେ ଦାବି ହେଉଛି।

## ଶିଶୁମନ୍ଦିର ଅଭିଭାବକଙ୍କ ବୈଠକ


ବୈଠକରେ ଉପସ୍ଥିତ ଅଭିଭାବିକ ଅଭିଭାବକ।

ଟିଟିଲାଗଡ଼, ୧୩।୧୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ତୃତୀୟ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ତୃତୀୟ ଶ୍ରେଣୀରୁ ଅଷ୍ଟମଶ୍ରେଣୀ ର ଶତାଧିକ ଅଭି ଭାବିକା ଅଭିଭାବକ ବୈଠକରେ ସହପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଶୈକ୍ଷିକ ପ୍ରମୁଖ କୈଳାସ ଚନ୍ଦ୍ର ସାହୁ ଶୈକ୍ଷିକ ଯୋଜନା ସମ୍ପର୍କରେ ଉପସ୍ଥିତ ଅଭିଭାବିକା ଅଭିଭାବକଙ୍କ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପସ୍ଥିତ ଅଭିଭାବକମାନେ ନିଜ ପୁତ୍ରକନ୍ୟାଙ୍କ ଶୈକ୍ଷିକ ସ୍ଥିତି ପ୍ରସଙ୍ଗରେ ମତ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ର ବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ଡମ୍ବରୁଧର କର୍ମୀ ବିଦ୍ୟାଳୟର ଆର୍ଥିକ ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଞ୍ଚରେ ଉପସଭାପତି ସଙ୍କୀର୍ତ୍ତନ ମାଝି, ସଦସ୍ୟା ଝୁମିରାଣୀ ମିଶ୍ର ଓ ଅହଲ୍ୟା ନାଗ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ପଙ୍କଜ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହଲାଇ ୟୁଜିବି ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ



ମହଲାଇ ୟୁଜିବି ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦେଓଗାଁ, ୧୩।୧୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ଉତ୍କଳ ଗ୍ରାମୀଣ ବ୍ୟାଙ୍କ(ୟୁଜିବି)ରେ ପ୍ରିଣ୍ଟର ଓ ଇନଭର୍ଟର ଅଚଳ ରହୁଛି। ଫଳରେ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ପଞ୍ଚାୟତ ଅନ୍ତର୍ଗତ ଏସ୍‌ଏଚ୍‌ଜି ମହିଳାମାନେ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହଲାଇ ସମେତ ଉପରଝର ଓ ମକୁନ୍ଦପୁର ପଞ୍ଚାୟତର ସିଆରପି, ଏମବିକେ, ବ୍ୟାଙ୍କମିତ୍ର, ଜିପିଏଲଏଫ ସଭାନେତ୍ରୀ, ସମ୍ପାଦିକା, ଇସି ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ ବ୍ୟାଙ୍କକୁ ଆସି ଇନଭର୍ଟର ଓ ପ୍ରିଣ୍ଟର ମେଶିନ ନ ଚଳିବାଦ୍ୱାରା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠାଇଥିଲେ । ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନଦେଲେ ଆଗକୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସିଲ୍ ମଦବାରରୁ ବିଦେଶୀ ମଦ ଚୋରି

କଣ୍ଟାବାଞ୍ଜି, ୧୩।୧୧(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି-ବଲାଙ୍ଗୀର ରାସ୍ତାରେ ଥିବା ଏକ ସିଲ୍ ଠିପି ଖୋଲା ବିଦେଶୀ ମଦବାରରୁ ରବିବାର ରାତିରେ ଚୋରି ହୋଇଛି। ମହଜୁଦ ଥିବା ମଦ, ଲକରରେ ଥିବା ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଚୋରି ହୋଇଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ବାର ପଛପଟ ଗୀଲ ତାଡି ଚୋରମାନେ ଲକର ଭାଙ୍ଗି ଟଙ୍କା, ଜରୁରୀ କାଗଜପତ୍ର ସହ ମହଜୁଦ ବିଦେଶୀ ମଦ ଚୋରି କରି ନେଇଥିବା ହୋଟେଲ ମାଲିକ ଗିରିଶ ଛାବ୍ରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ଯାଞ୍ଚ କରଛି। ଅବକାରୀ ବିଭାଗ ଏହି ସମୟରେ ଉପସ୍ଥିତ ଥିଲା। କେତେ ଟଙ୍କା ଏବଂ ମଦ ଚୋରି ହୋଇଛି ତଦନ୍ତ ପରେ ଆକଳନ କରି ହେବ ବୋଲି ଅବକାରୀ ଅଧିକାରୀ ସଚିନ ବେହେରା କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ଫେବୃୟାରୀ ମାସରେ ଅବକାରୀ ବିଭାଗ ଉକ୍ତ ବାର ଉପରେ ଚଢ଼ାଉ କରିଥିଲା। କାଗଜପତ୍ର ଯାଞ୍ଚ କରିବା ପରେ ବାରରେ ଯେତି ମହଜୁଦ ରହିବା କଥା ତାଠାରୁ ଅଧିକ ମଦ ରହିଥିବା ଜଣା ପଡିଥିଲା। ଏହା ପରେ ବାରକୁ ସିଲ୍ କରି ଦିଆଯାଇଥିଲା। ସେହି ଦିନଠାରୁ ବାର ସିଲ୍ ରହିଥିଲା।

## ଧଣ୍ଡାମୁଣ୍ଡା ଦୀପାବଳି: ରାମଲୀଳା ମଞ୍ଚସ୍ଥ


ଧଣ୍ଡାମୁଣ୍ଡାରେ ଅଭିନୀତ ରାମଲୀଳାର ଏକଦୃଶ୍ୟ।

ଖପ୍ରାଖୋଲ, ୧୩।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାରେ ଧୁମଧାମରେ ପାଳିତ ହୋଇଯାଇଛି ଦୀପାବଳି। ଏହି ଅବସରରେ ଖୋଲା ରଙ୍ଗମଞ୍ଚରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା। ଲୀଳା ନାଟକରେ ରାମ ରାବଣ ଯୁଦ୍ଧ ଅଭିନୀତ ହୋଇଥିଲା। ବିରାଟ ଶୋଭାଯାତ୍ରାରେ ରାମ ବନବାସରୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପ୍ରତି ଘର ସମ୍ମୁଖରେ ଗୋଡ଼ ଧୋଇ ଲୋକେ ଦୀପ ଜାଳି ସ୍ୱାଗତ କରିଥିଲେ। ଏହି ଅବସରରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଖେଳ ପଡିଆରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ଲେଖା ହୋଇଥିବା ୧୦୦୧ଦୀପ ପ୍ରଜ୍ୱଳନ କରାଯାଇଥିଲା।

### ରାମ-ରାବଣ ଯୁଦ୍ଧ ସହ ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

ସେହିପରି ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନ ଖୁସିରେ ମଞ୍ଚରେ ନୃତ୍ୟଗୀତ ଆୟୋଜନ ହୋଇଥିଲା। କଳାକାରମାନଙ୍କୁ ଆୟୋଜନ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କମିଟିର ଶୋଭନମୟ ମିଶ୍ର, ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ପବିତ୍ର ପଟେଲ, ଆଶିଷ ସାହୁଙ୍କ ସମେତ ଆୟୋଜକ କମିଟି ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କବୟିତ୍ରୀ ସାବିତ୍ରୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ନାରେନ ଚାମ୍ପିୟନ

ମୁରିବାହାଲ, ୧୩।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି(ଖ) ଗ୍ରାମ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆରେ ୫ମ ବାର୍ଷିକ ଜୟ ଡଙ୍ଗରବୁଢ଼ା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନାରେନ ଓ ସମାଛୁଆଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ନାରେନ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଓ ଆଶିଷ ଦେବସା ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବେଲାରସେନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ରହି ପ୍ରଦାନ କରି ପୁରସ୍କୃତ କରିଥଲେ। ସମ୍ମାନୀତ ଅତିଥିଭାବେ ବିଟାବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଗସ୍ତି ବାଗ, କ୍ରୀଡ଼ାବିତ ଲକ୍ଷ୍ମୀନାରାୟଣ ନାଗ, ଯଦୁମଣି ତାଣ୍ଡି, ତେଜରାଜ ଲୁହା, ବନମାଳୀ ନାଗ ଉପସ୍ଥିତ ରହି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳିଭାବେ ନରେନ ଦଳର ଖୁସି ନନ୍ଦ, ଶ୍ରେଷ୍ଠ ଗୋଲକିପର ସମାଛୁଆଁ ଦଳର ଶରତ ଭୋଇଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ରମେଶ ହିଆଲ, ଉପସଭାପତି ସୁରେଶ ଗହୀର, ସାଧାରଣ ସମ୍ପାଦକ ଜିତେନ ବାଗ, କୋଷାଧ୍ୟକ୍ଷ ଚନ୍ଦ୍ରମଣି ହାତୀଙ୍କ ନେତୃତ୍ୱରେ ଖେଳର ସଫଳ ସମାପନ ହୋଇଥିଲା।

## ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ୫ଗିରଫ

ମୁରିବାହାଲ, ୧୩।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମରେ ଗତ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏ ନେଇ ମୁରିବାହାଲ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି।

ପୋଲିସ ସୂଚନା ଅନୁଯାୟୀ ଗୁଡିଘାଟ ଗ୍ରାମର କୀର୍ତ୍ତିଚନ୍ଦ୍ର ନାଏକ(୩୧) ଗୁଡିଘାଟ ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳି ଭାବେ କାମ କରନ୍ତି। ରବିବାର ରାତି ପ୍ରାୟ ୮ଟା ୩୦ରେ ସେ କାର୍ଯ୍ୟାଳୟ ବାହାରେ ଅନ୍ୟ କେତେକଙ୍କ ସହିତ ବସିଥିବା ସମୟରେ ତାଙ୍କ ଗ୍ରାମର ନରେଶ ନାଗ, ଅରୁଣ ନାଗ, ମହେଶ ନାଗ, ବାଙ୍ଗରା ମହାନନ୍ଦ, ମିଳନ ମହାନନ୍ଦ ଏବଂ ଅନ୍ୟ କେତେକ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନାଏକ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ କୀର୍ତ୍ତିଙ୍କ ମୁରିବାହାଲ ଥାନାରେ ଅଭିଯୋଗ ପରେ ଏକ ମାମଲା(୨୯୬/୨୩) ରୁଜୁ କରି ପୋଲିସ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି କୀର୍ତ୍ତିଚନ୍ଦ୍ର ଓ ଅନ୍ୟ ୫ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି ନରେଶ ନାଗ। ଏହାକୁ ଭିତ୍ତି କରି ଥାନାରେ ଏକ ମାମଲା(୨୯୭/୨୩)ରୁଜୁ ହୋଇଛି। ଏ ନେଇ ଏସଆଇ ଜନାର୍ଦ୍ଦନ ଓରମଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ବୋଲି କହିଛନ୍ତି।

## ରଶ୍ମୀତାଙ୍କୁ ସମ୍ବର୍ଦ୍ଧିତ କଲେ ବିଡିଓ


ରଶ୍ମୀତାଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଦ୍ୟଶକ୍ତି ସଞ୍ଚାଳିକା ମାହସଂଘ ସଭାନେତ୍ରୀ ତଥା କୁଶମେଲ ପଞ୍ଚାୟତ ବ୍ରାହ୍ମଣୀପାଲି ଗ୍ରାମର ରଶ୍ମିତା ସିଂଦେଓ ଜିଲା ପ୍ରଶାସନ ତରଫରୁ ଦକ୍ଷତା ବିକାଶ ପାଇଁ ଦୁବାଇ ଗସ୍ତ କରିବେ। ସୋମବାର ସେ ଦୁବାଇ ଅଭିମୁଖେ ବାହାରିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶୁଭେଚ୍ଛା କାମନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିପିସି ସ୍ୱର୍ଣ୍ଣପ୍ରଭା ନାଗ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଡିଓ ଯୁଧିଷ୍ଠିର ମେହେର, କୁଶମେଲ ସରପଞ୍ଚ କୌସ୍ତୁବ ସାହୁ, ସିଡିପିଓ ଗାୟତ୍ରୀ ବାରିକ, ବିପିଏମ ମଧୁସ୍ମିତା ବିଶ୍ୱାଳ, ବିଏଲଏଫ ସମ୍ପାଦିକ ପ୍ରଣତି ଗଡତ୍ୟା ଓ ଅଦ୍ୟଶକ୍ତି ସଞ୍ଚାଳିକା ମହାସଂଘ ସଦସ୍ୟା ଉପସ୍ଥିତ ଥିଲେ। ବିଡିଓ ମେହେର ସଫଳତା କାମନା କରିବା ସହ ସେଠାକାର ଦକ୍ଷତା ବିକାଶକୁ ଉପଲବ୍ଧି କରି ଏଠାରେ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

ଲୋଇସିଂହା, ୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ମାଣ୍ଡିଆପଦର ଛକ ନିକଟରେ ରବିବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଲୋଇସିଂହା ଥାନା ସକମା ଗ୍ରାମର ବୁଲୁ ପ୍ରଧାନ(୨୭)। ପୁଇଁତଲା ଥାନା ଅନ୍ତର୍ଗତ କୁଲଥୁପାଲି ଗ୍ରାମର ଘନଶ୍ୟାମ ଦଳାଇ, ରବି ପ୍ରଧାନ ଗୁରୁତର ହୋଇଛନ୍ତି। ଘନଶ୍ୟାମ ଓ ରବି ଏକ ବାଇକରେ ଯାଉଥିବାବେଳେ ଅନ୍ୟ ଏକ ବାଇକରେ ଆସୁଥିବା ସକମା ଗ୍ରାମର ବୁଲୁଙ୍କ ସହ ସେମାନଙ୍କର ଧକ୍କା ହୋଇଥିଲା। ଅଗ୍ନିଶମ ବିଭାଗ ୩ଗୁରୁତରଙ୍କୁ ମେଡିକାଲ ପଠାଇଥିଲା। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ବୁଲୁଙ୍କର ମୃତ୍ୟୁ ଘଟିଛି। ଲୋଇସିଂହା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରିଛି।

## ପଞ୍ଚଦିବସୀୟ ଫୁଟବଲ: ଅମାମୁଣ୍ଡା ଚାମ୍ପିୟନ

ଲୋଇସିଂହା, ୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ମାଣ୍ଡିଆପଦରରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଇବ୍ରେକର ୫-୩ ଗୋଲରେ ଲୋଇସିଂହାକୁ ହରାଇ ଅମାମୁଣ୍ଡା ଚାମ୍ପିୟନ ହୋଇଛି। ପ୍ରସନ୍ନ କୁମାର ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଆକବର ଖାନ, ପୂର୍ବତନ କ୍ରୀଡାବିତ ବିଭୂତିଭୂଷଣ ସାହାଣୀ, ବିଚ୍ଛୁ ପାଣ୍ଡେ, ମୁରାସିଂ କୁଅଁର, ଘାସୀରାମ କୁଅଁର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବତନ କ୍ରୀଡାବିତ ଏବଂ ରେଫେରିଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜକଙ୍କ ତରଫରୁ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର ଅପ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର ଅପ ଦଳ ଖେଳାଳିମାନେ।

## ବିନ୍ଧ୍ୟବାସିନୀ ମନ୍ଦିର ମୁଖଶାଳା ନିର୍ମାଣ ବନ୍ଦକୁ ବିରୋଧ

### ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ ଭେଟିବ ବିଂଝାଲ ସମାଜ ପ୍ରତିନିଧି ଦଳ

ପାଟଣାଗଡ଼ ୧୩।୧୧(ପ୍ରହ୍ଲାଦ ପାଢ଼ି)

ଖପ୍ରାଖୋଲ ବ୍ଲକ ହରିଶଙ୍କରର ବିନ୍ଧ୍ୟବାସନୀ ମନ୍ଦିର ମୁଖଶାଳା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି। ଏହାର ପ୍ରତିବାଦରେ ସର୍ବଭାରତୀୟ ସାଲାଖି ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପାଟଣାଗଡ଼ ବ୍ରହ୍ମପୁରା ଆଦିବାସୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଉପଲାଟ ସଭାପତି ତଥା ବଲାଙ୍ଗୀର ଜିଲା ସଭାପତି ଚନ୍ଦ୍ରଶେଖର ବାଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମାଜର ଇଷ୍ଟଦେବୀ ବିନ୍ଧ୍ୟବାସିନୀଙ୍କ ହରିଶଙ୍କରସ୍ଥିତ ମନ୍ଦିର ପ୍ରାୟ ୫୦ବର୍ଷ ତଳେ ନିର୍ମାଣ ହୋଇଥିଲା। ତେବେ ଦୁର୍ବଳ ହୋଇ ପଡିଥିବା ମନ୍ଦିର ମୁଖଶାଳା ନୂତନଭାବେ ନିର୍ମାଣ ପାଇଁ ସମାଜ ପକ୍ଷରୁ ପ୍ରସ୍ତାବ ନିଆଯାଇ ଗତ ନଭେମ୍ବର ୮ତାରିଖରେ ଭୂମିପୂଜନ କରାଯାଇଥିଲା। ହେଲେ ହରିଶଙ୍କର ଦେବୋତ୍ତର କାର୍ଯ୍ୟନିର୍ବାହ ଅଧିକାରୀ ତଥା ଉପଜିଲାପାଳ ବିଜୟାନନ୍ଦ ସେଠୀଙ୍କ ନିର୍ଦ୍ଦେଶକ୍ରମେ ହରିଶଙ୍କର ମନ୍ଦିର ପରିଚାଳନା କମିଟି କର୍ତ୍ତୃପକ୍ଷ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଏନେଇ ସର୍ବଭାରତୀୟ ସାଲାଖି ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବୈଠକରେ କୁହାଯାଇଛି ଯେ, ଶତାଧିକ ବର୍ଷ ହେଲା ଆଦିବାସୀ ପରମ୍ପରା ଅନୁଯାୟୀ ବିନ୍ଧ୍ୟବାସିନୀ ଦେବୀଙ୍କୁ ଗଛତଳେ ସମାଜ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଆସୁଛି। ହରିଶଙ୍କର ବାବାଙ୍କ ସହ ବିନ୍ଧ୍ୟବାସିନୀଙ୍କର ଶୀତଳଷଷ୍ଠୀରେ ଶିବବିବାହ କରାଯାଇଥାଏ। ଏପରିସ୍ଥଳେ ପ୍ରଶାସନର ମୁଖଶାଳା ନିର୍ମାଣକୁ ବନ୍ଦ କରିବା ପଦକ୍ଷେପକୁ ନିନ୍ଦା କରାଯାଇଛି। ଅବିଳମ୍ବେ ଏ ଦିଗରେ ପ୍ରଶାସନ ନିଷ୍ପତ୍ତି ନ ନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏନେଇ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମାଜର ଏକ ୫୦ଜଣିଆ ପ୍ରତିନିଧି ଦଳ ନଭେମ୍ବର ୨୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ଭେଟି ମନ୍ଦିର ସୁରକ୍ଷା ଓ ୫୬ ଡିସିମିଲ ଜମିପଟ୍ଟା, ଭୁବନେଶ୍ୱରଠାରେ ସମାଜର ଏକ ଭବନ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଆଲୋଚନା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆସନ୍ତା ୧୫ତାରିଖରେ ବଲାଙ୍ଗୀରରେ ହେବାକୁ ଥିବା ବିର୍ସା ମୁଣ୍ଡା ଜୟନ୍ତୀରେ ଜିଲାର ୧୪ବ୍ଲକର ବିଞ୍ଝାଲ ସମାଜରୁ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସମାଜର ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା, ଯୁଗଳକିଶୋର ବରିହା, ଦେଓଗାଁ ବ୍ଲକ ସଭାପତି ମଦନ ବରିହା, ଜିଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ୨ବାଇକ୍ ଆରୋହୀ ମୃତ

ଅତାବିରା, ୧୩।୧୧ (ହୃଷିକେଶ ଖମାରୀ): ୫୩ ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ଅତାବିରା ଥାନା ଦେବାହାଲଠାରେ ରବିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ/ଓଡ଼ି୧୭ଟି/୭୧୭୯) ଚାପାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଦଣ୍ଡେଇପାଲିର କମଳେଶ ସାହୁ(୨୪) ଏବଂ ଧନୁପାଲି ଥାନା ସିଦ୍ଧେଶ୍ୱରବେର୍ଣ୍ଣାର ସୁମନ ଦେବନାଥ(୩୪)। ଅତାବିରା ଥାନା ପୋଲିସ ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ ସହିତ ଟ୍ରକ୍ ଡ୍ରାଇଭର ଉଜ୍ଜ୍ୱଳ କିଶୋର ବାଗ(୫୦)ଙ୍କୁ ପୋଲିସ ଗିରଫ କରିଛି। ପ୍ରକାଶ ଯେ, କମଳେଶ ଓ ସୁମନ ଏକ ବୀମା କମ୍ପାନୀରେ କାମ କରନ୍ତି। ସେମାନେ କମ୍ପାନୀର ଦୀପାବଳି ଉପହାର ଦେବା ପାଇଁ ରବିବାର ଏକ ବାଇକ୍ (ନଂ.ଓଡ଼ି୧୫ଏକ୍ସ/୧୨୩୨) ଯୋଗେ ବରଗଡ଼ ଆସିଥିଲେ। ଉଭୟ କାମ ସାରି ବାଇକ୍ ଯୋଗେ ସମ୍ବଲପୁର ଅଭିମୁଖେ ଫେରୁଥିବାବେଳେ ଦେବାହାଲରେ ଉକ୍ତ ଟ୍ରକ ଓଲଟି ପଡ଼ିବା ସହିତ ଚାପିଦେବାରୁ ଉଭୟ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକଟି ବିଶାଖାପାଟଣାରୁ ଝାରସୁଗୁଡ଼ା ଯାଉଥିଲା ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

### ଦ୍ୱିତୀୟ ରଜନୀରେ ଜଳନ୍ଧର ବିବାହ

**ଶ୍ୟାମାଜ୍ୟୋତି ମହୋତ୍ସବ**

ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ): ପଦ୍ମପୁର ସର୍ଗିବାହାଲ ଶ୍ୟାମାଜ୍ୟୋତି ମହୋତ୍ସବର ସୋମବାର ଦ୍ୱିତୀୟ ରଜନୀରେ ଜଳନ୍ଧର ଦରବାର କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନାଟ୍ୟକାର ତଥା ନିର୍ଦ୍ଦେଶକ ରାଜକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଛତ୍ରପତି ରଣା, ଚିତ୍ରସେନ ବେହେରା, ଗୋବର୍ଦ୍ଧନ ବରିହା, ରାଜୀବ ମେହେର ମଞ୍ଚାସୀନ ଥିଲେ। ମଞ୍ଜୁଲତା ତ୍ରିପାଠୀ ଗୀତ, ଅକ୍ଷୟ ଭୋଇ ଓ ଦଳ ଜଳନ୍ଧର ବିବାହ ପରିବେଷଣ ଏବଂ ମା' ମହେଶ୍ୱର କଳା ପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଲିଙ୍ଗରାଜ ସାହୁ କଳାକାରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକର୍ତ୍ତା ବିବେକା ବେହେରା, ସଞ୍ଜୀବ ମେହେର, ଭାରତ ମେହେର, ଉମେଶ ଅଗ୍ରୱାଲ, ଆଜାଦ ଦାଶ, ବନ ମେହେର, ପୁରୁଷୋତ୍ତମ ବରିହା ପ୍ରମୁଖ ପ୍ରମୁଖ ସହଯୋଗ କରିଥିଲେ।

### 'ଓଡ଼ିଶାରେ ପଛୁଆ ବର୍ଗ କମିଶନ ଗଠନ କର'


ହମିଦ୍ ହୁସେନ

ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ): ଓଡ଼ିଶାରେ ସ୍ୱତନ୍ତ୍ର ପଛୁଆ ବର୍ଗ କମିଶନ ଗଠନ ସହିତ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ୨୭ ପ୍ରତିଶତ ସୁବିଧା ମିଳିବା ଉଚିତ ବୋଲି କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡକ୍ଟର ହମିଦ ହୁସେନ କହିଛନ୍ତି। ସୋମବାର ପଦ୍ମପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଡକ୍ଟର ହୁସେନ କହିଥିଲେ ଯେ, ଭାରତରେ ୫୨ ପ୍ରତିଶତ ପଛୁଆ ବର୍ଗ ଲୋକ ବାସ କରୁଛନ୍ତି। ମାତ୍ର ସେମାନଙ୍କୁ ମାତ୍ର ୧୧ ପ୍ରତିଶତ ସଂରକ୍ଷଣ ସୁବିଧା ମିଳୁଥିବା ବେଳେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ସେଥିରୁ ମଧ୍ୟ କମ୍ ସୁବିଧା ମିଳୁଛି । ଆଗାମୀ ଦିନରେ ପଛୁଆବର୍ଗଙ୍କ ଏକ ଫେଡେରେଶନ କରି ଜାତୀୟ ଜନଗଣନା ପାଇଁ ଦାବି କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ହୁସେନ କହିଥିଲେ। ଏହି ପଛୁଆ ବର୍ଗର ସଂରକ୍ଷଣ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦରେ ବହୁବାର ଦାବି ଉପସ୍ଥାପନ କରିସାରିଛନ୍ତି ବୋଲି ହୁସେନ କହିଥିଲେ ।



ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା ।


ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

- ଏଯାଏ ଚାଷୀଙ୍କୁ ମିଳିନି ରବି ଫସଲର କ୍ଷତିପୂରଣ
- ୧୫ଦିନ ମଧ୍ୟରେ ନ ଦେଲେ ଆନ୍ଦୋଳନ

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ମାତ୍ର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ଚାଷୀମାନଙ୍କୁ ଗତ ରବିଚାଷ ଫସଲକ୍ଷତିର ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ମିଳିପାରିନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ନେତୃତ୍ୱରେ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ବସିଥିଲେ। ଏହାସହିତ ଜିଲାପାଳଙ୍କ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ନ ମିଳିଲେ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରି ଭେଡ଼େନ ଅଞ୍ଚଳର ସବୁ ସରକାରୀ ଅଫିସକୁ ଅଚଳ କରିଦେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ରବିଚାଷ ସମୟରେ ଭେଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ କୁଆପଥର ବୃଷ୍ଟି, ଅଜଣା ରୋଗପୋକ ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଥିଲା। ଧାନଗଛରୁ ଧାନ ବଦଳରେ ଅଗାଡ଼ି ବାହାରିଥିଲା। ସେତେବେଳେ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଇଥିଲେ। ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯିବ ବୋଲି ମଧ୍ୟ ସେତେବେଳେ ବିଭାଗୀୟ ଅଧିକାରୀମାନେ ଆଶ୍ୱାସନା ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନପୁଟ୍ ସହାୟତା ମିଳିପାରିନାହିଁ । ସେହିପରି ଏ ନେଇ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଭେଡ଼େନ ବ୍ଲକ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ସାମିଲ ହୋଇଥିଲେ।

### ମୃତ ଶିଶୁକନ୍ୟା ଉଦ୍ଧାର

ପାଇକମାଲ, ୧୩।୧୧ (ବଡ ଶତପଥୀ): ବରଗଡ ଜିଲା ପାଇକମାଲ କଲୋନୀପଡା ନିକଟସ୍ଥ ବ୍ରିଜ୍ ପାଖ ରାଣୀଝରଣ କୂଳରେ ଏକ ନବଜନ୍ମିତ ଶିଶୁକନ୍ୟାର ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ଅପରାହ୍ନରେ କଲୋନୀପଡା ବ୍ରିଜ ପାଖ ବୁଦା ତଳେ ଏକ ନବଜନ୍ମିତ ଶିଶୁକନ୍ୟା ପଡିଥିବା ଖବର ପାଇ ପାଇକମାଲର ଆଶା ଦିଦି ସବିତା ନାୟକ ଘଟଣାସ୍ଥଳକୁ ଯାଇ ତାକୁ ଉଦ୍ଧାର କରିଥିଲେ। ଏଥିରେ ତାଙ୍କୁ ଅନ୍ୟ ଜଣେ ଆଶା ଦିଦି ପ୍ରିୟଙ୍ଗିନୀ ରଣା ସହଯୋଗ କରିଥିଲେ। ଖବର ପାଇ ପାଇକମାଲ ପୋଲିସ ଘଟଣାର ଅନୁସନ୍ଧାନ କରୁଛି।

### ଗୋଷ୍ଠୀ ସାଧନ କେନ୍ଦ୍ର ଲୋକାର୍ପିତ

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ କଳାପାଣି ଛକରେ ନବନିର୍ମିତ ଗୋଷ୍ଠୀ ସାଧନ କେନ୍ଦ୍ର ରବିବାର ଲୋକାର୍ପିତ ହୋଇଛି। ସ୍ଥାନୀୟ ୱାର୍ଡମେମ୍ବର ନୀଳ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବିପିନ ପ୍ରଧାନ, ସୋମନାଥ ସାହୁ, ପୂର୍ବତନ ସରପଞ୍ଚ ଟଙ୍କ ପ୍ରଧାନଙ୍କ ସମେତ ପ୍ରଦୀପ ସାହୁ, ଅରକ୍ଷିତ କୁମ୍ଭାର, ଅଗସ୍ତି କୁଅଁର, ସୁବଳ ନାଏକ, ଶିବୁ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳା ଉପସ୍ଥିତ ଥିଲେ ।



କଳା ଉତ୍ସବରେ ବିକାଶ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରୀଛାତ୍ର ।

## କଳା ଉତ୍ସବରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାରଙ୍କ ଆୟୋଜିତ ଜୋନାଲସ୍ତରୀୟ କଳା ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ବରଗଡ଼ ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ କଳା ଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟର ଅର୍ପିତା ଦାଶ ଶାସ୍ତ୍ରୀୟ ସଙ୍ଗୀତ, ଅଂଶୁମାନ ଦାଶ ଲୋକନୃତ୍ୟ, ଦୁର୍ଗାମାଧମବ ସାହୁ ଏକକ ଅଭିନୟ, ଗ୍ରେସି ନିଶା ସିଂଘଲ ଲୋକଗୀତ, ଆଦ୍ୟାଶ୍ରୁତି କର ଏକକ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ପାଇଁ ପ୍ରତିଯୋଗିତା

ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ)

ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ଉପଲକ୍ଷେ ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳରେ ଚେତନା ପରିଷଦ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ଅଶୋକ ବହିଦାର ମୁଖ୍ୟ ଅତିଥି, ଆଇନଜୀବୀ ପ୍ରଶାନ୍ତ ମାଝୀ, ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ୧୯ ତାରିଖରେ ଝାନ୍ସିରାଣୀ ଲକ୍ଷ୍ମୀବାଈ ଜୟନ୍ତୀରେ ପୁରସ୍କୃତ କରାଯିବ। ପରିଷଦର ସଭ୍ୟ ସପନ ମହାନ୍ତି, ଅଶୋକ ମିଶ୍ର, ଭୂପେଶ ସାହୁ, ସୁଧାଂଶୁ ଦାସ, କିଶୋର ପାତ୍ର, ମନୋଜ ମହାନ୍ତି, କୁଞ୍ଜ ବିହାରୀ ସରାଫ ସହଯୋଗ କରିଥିଲେ।

## ୩୧ ଅଭିଯୋଗ ପଞ୍ଜୀକୃତ

**ଯୁଗ୍ମ ଅଭିଯୋଗ ଶୁଣାଣି**

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗୋଟିଏ ଗୋଷ୍ଠୀଗତ ଅଭିଯୋଗ ସମେତ ୩୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପି.ଏସ୍. ମୀନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଉପଜିଲାପାଳ କୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ବାଭୋନା ବିଡ଼ିଓ ଶଙ୍କର ବାଗ, ଭାରପ୍ରାପ୍ତ ତହସିଲଦାର ଜି. ରଶ୍ମିରେଖାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ସାମିଲ ଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ ।

## ସୋହେଲା କଲେଜରେ ଜାତୀୟ ଶିକ୍ଷା ଦିବସ ପାଳନ

ସୋହେଲା, ୧୩।୧୧ (ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା କଲେଜରେ ସୋହେଲା କଲେଜ ଅଧ୍ୟକ୍ଷ ରବିନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି। ମୌଲାନା ଅବୁଲ କଲାମଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ତଥା ମାଲ୍ୟାର୍ପଣ ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଶିକ୍ଷାକ୍ଷେତ୍ରରେ ଅବଦାନ ଓ ଜାତୀୟ ଶିକ୍ଷା ଦିବସ ପାଳନ ମହତ୍ତ୍ୱ ବିଷୟରେ ବିଭାଗୀୟ ମୁଖ୍ୟ ଡକ୍ଟର ରମେଶ ଚନ୍ଦ୍ର ସୂପକାର ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପିକା ଡକ୍ଟର ସୁନୀତି ଦାସ ଏବଂ ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ପିପିଟି ମାଧ୍ୟମରେ ସେମିନାର ଉପସ୍ଥାପନା କରାଯାଇଥିଲା। ଶିକ୍ଷା ବିଭାଗର ଛାତ୍ରୀଛାତ୍ର କରୁଣା ଭୋଇ, ରାହୁଲ ମେହେର ଓ ଚିରସ୍ମିତା ପଧାନ ନିଜସ୍ୱ ସମ୍ମାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଡକ୍ଟର ଗଣେଶ ଚନ୍ଦ୍ର ଦାସ, ଜୟଶ୍ରୀ ସାହୁ, ଡକ୍ଟର ହରିହର ସାହୁ, ରଘୁମଣି ପଧାନ, ଅସ୍ମିତା ମିଶ୍ର, ବିନୟ ପାଣିଗ୍ରାହୀ, ଗଣେଶ ମିର୍ଜା, ଆଶିଷ ଠାକୁର, ସୁଦାମ ସାହୁ, ସୁଧାନନ୍ଦ ମିଶ୍ର, ପରିଶେଷ ମିଶ୍ର ଏବଂ ସମାରୁ ବାଗଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

### ଜାମସେଠରେ ଶ୍ୟାମାକାଳୀ ପୂଜା

ପାଇକମାଲ, ୧୩।୧୧ (ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠ ଗ୍ରାମରେ ରବିବାର ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସକାଳେ ଗ୍ରାମର ମହିଳା,ପୁରୁଷ, ଯୁବକମାନେ ଅଙ୍ଗନଦୀରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ ଗଙ୍ଗେଶ୍ୱର ନେଉରା ଓ ଗୌରୀ ନେଉରା କର୍ତ୍ତା ଥିବାବେଳେ ଗୋବର୍ଦ୍ଧନ ଦାଶ ମୁଖ୍ୟ ପୂଜକ ଅଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଫଳରେ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି। ମଙ୍ଗଳବାର ଅପରାହ୍ନ ୪ଟାରେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଆର୍ତ୍ତତ୍ରାଣ ସାହୁ ସୂଚନା ଦେଇଛନ୍ତି।

## ଗୋବିନ୍ଦପୁର ସ୍କୁଲରେ ବିଜ୍ଞାନ ମେଳା

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାର ସୁବର୍ଣ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ନିତ୍ୟାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଅନୁରାଧା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ୨୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ନବୀନ ସାବତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।


ଅତିଥିମାନେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ସ୍ୱାମୀ ଦୟାନନ୍ଦଙ୍କ ଦାନ ଅତୁଳନୀୟ

ବରଗଡ଼ /ସୋହେଲା, ୧୩।୧୧ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଗ୍ରିଞ୍ଜେଲ ଗ୍ରାମରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିବା ଓ ଏକ ଈଶ୍ୱର ତଥା ସତ୍ୟର ପ୍ରତିଷ୍ଠା କରି ସାମାଜିକ ପରିବର୍ତ୍ତନ ଆଣିବାରେ ସ୍ୱାମିଜୀଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବିଶିଷ୍ଟ ବିଦ୍ୱାନ ମତପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ବୈଦିକ ବିଦ୍ୱାନମାନଙ୍କ ଦ୍ୱାରା ସ୍ଥାନୀୟ ଯଜ୍ଞ ମଣ୍ଡପରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇ ବୈଦିକ ଯଜ୍ଞ କରାଯାଇଥିଲା। ବରିଷ୍ଠ ଆର୍ଯ୍ୟ ସତ୍ୟ ନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୱାନ ଚୈତନ୍ୟ ଭୋଇ, ଲଳିତ ମୋହନ ସା, ଡଗର ମେହେର ପ୍ରମୁଖଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ସମ୍ରାଟ ପ୍ରଧାନ ଓ କ୍ଷୀରୋଦ ବାରିକ ସସ୍ତ୍ରୀକ କର୍ତ୍ତା ଥିଲେ। ଏହି ଅବସରରେ ଆୟୋଜିତ ଆର୍ଯ୍ୟ ସମାଜ ଓ ଦୟାନନ୍ଦ ସରସ୍ୱତୀ ଶୀର୍ଷକ ଆଲୋଚନାଚକ୍ରରେ ପଣ୍ଡିତ ଡଗର ମେହେର, ଗୌର ନାଏକ, ରବି ଶଙ୍କର ପ୍ରଧାନ, ଲଳିତ ମୋହନ ସା, ଯଶୋବନ୍ତ ପଟେଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଗ୍ରିଞ୍ଜେଲ ଗ୍ରାମରେ ଜନ୍ମିତ ପଶ୍ଚିମ ଓଡ଼ିଶାର ବିଦ୍ୱାନ ସ୍ୱର୍ଗତ ମୁକ୍ତେଶ୍ୱର ପଣ୍ଡାଙ୍କ ଆର୍ଯ୍ୟ ସମାଜର ପ୍ରଚାର ପ୍ରସାର କ୍ଷେତ୍ରରେ ରହିଥିବା ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି କହିଥିଲେ, ୧୯୪୦ରୁ ଏହି ଗ୍ରାମ ଦୟାନନ୍ଦ ସରସ୍ୱତୀ ଓ ଆର୍ଯ୍ୟ ସମାଜର ସିଦ୍ଧାନ୍ତ ସହିତ ଜଡ଼ିତ। ତଥାକଥିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଂଗ୍ରାମ କରି ସତ୍ୟ ସନାତନ ପବିତ୍ର ବୈଦିକ ଧର୍ମର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱାମିଜୀଙ୍କ ଅବଦାନ ଅତୁଳନୀୟ। ପବିତ୍ର ବେଦ ପ୍ରତି ଜନସାଧାରଣଙ୍କ ପ୍ରତ୍ୟାବର୍ତ୍ତନର ଆବଶ୍ୟକତା ରହିଥିବା ବେଳେ ବେଦର ଜ୍ଞାନ ଆହରଣରେ ହିଁ ରାଷ୍ଟ୍ର ଓ ସମାଜର ବିକାଶ ସମ୍ଭବ ବୋଲି ପୁରୋହିତ କହିଥିଲେ। ଚଳିତ ବର୍ଷ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ତ୍ତି ହେଉଥିବାରୁ ବରଗଡ଼ରେ ଡିସେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହା ପାଳିତ ହେବ ବୋଲି ସୂଚନା ଦିଆଯାଇଥିଲା। ବେଦପ୍ରିୟ ପ୍ରଧାନ, ପାଣ୍ଡବ ବାରିକ, ଗୋରାଚାନ୍ଦ ବଣିଆ, ସଂସାର ସାହୁ, ପଞ୍ଚାନନ ବୁଡେକ, ସାରଙ୍ଗ ବେହେରା, କମ୍ପାଉଣ୍ଡର ସେଟ୍, ଗହକି ବାରିକ, ବାଳକୃଷ୍ଣ ପ୍ରଧାନ, କହ୍ନେଇ ପ୍ରଧାନ, କ୍ଷୀରୋଦ୍ର ବାରିକ, ସମ୍ରାଟ ପ୍ରଧାନ, ଯଶୋବନ୍ତ ପଟେଲ, ରଥ ଭୋଇ, ଚୈତନ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଲୋଚକବୃନ୍ଦ।

## ସଂକ୍ଷେପରେ

### କାର୍ ଧକ୍କାରେ ଚ୍ୟାମ୍ବର ଅଫ୍ କମର୍ସ କର୍ମଚାରୀ ମୃତ

**ରାଉରକେଲା,୧୩।୧୧(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅନ୍ତର୍ଗତ ହକି ଛକରେ ସୋମବାର ଅପରାହ୍ନରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ଜଣେ କର୍ମଚାରୀଙ୍କ କାର ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ହେଲେ ହକି ଛକ କାଳୀ ମନ୍ଦିର ନିକଟରେ ରହୁଥିବା ସୌରଭ ମହାପାତ୍ର(୫୩)। ଏ ନେଇ ପୋଲିସ ଏକ ମାମଲା (ନଂ.୪୧୨/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ସୋମବାର ସୌରଭ ଏକ ସାଇକେଲରେ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ସମ୍ମୁଖରୁ ଆସୁଥିବା ଏକ କାର୍ (ନଂ.ଓଡ଼ି୧୪ଡ଼ବ୍ଲ୍ୟୁ/୪୮୫୨) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସୌରଭଙ୍କୁ ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ଶର୍ଟସର୍କିଟରୁ ଜଳିଗଲା ଚଳନ୍ତା କାର୍

**ଲାଠିକଟା/ରାଉରକେଲା, ୧୩।୧୧ (ରାମେଶ୍ୱର ଖାଡାଙ୍ଗା/ ସଙ୍ଗୀତା ଜେନା):** ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଦକ୍ଷିଣ ରାଉରକେଲା ଦେଓଗାଁ ଫେଟ୍‌କଲ ଛକରେ ସୋମବାର ଅପରାହ୍ନରେ ଏକ ଚଳନ୍ତା କାର ଜଳିଯାଇଛି। ଖବର ପାଇ ଘଟଣାସ୍ଥଳରେ ଟାଙ୍ଗରପାଲି ଥାନା ପୋଲିସ ଓ ଦମକଳ ବାହିନୀ ପହଞ୍ଚିଥିଲେ। ତେବେ ଏହି ଦୁର୍ଘଟଣାରେ କୌଣସି ଜୀବନହାନି ହୋଇନାହିଁ। ସୂଚନାଯୋଗ୍ୟ, ତାରାପୁର ଅଞ୍ଚଳର ସମ୍ପଦ ମହାନ୍ତି (୩୮)ଙ୍କ ଇଣ୍ଡିଗୋ କାର୍ (ନଂ.ଓଆର୍୧୫ଏସ୍/୬୫୦୮) ଚଳନ୍ତା ଅବସ୍ଥାରେ ଫେଟକଲ୍ ଛକରେ ଜଳିଯାଇଥିଲା। ଏହି ସମୟରେ କାର ଚାଳକ ଓ ସମ୍ପଦ କାର୍ ଡୋର୍ ଖୋଲିଡେଇଁ ପଡ଼ିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ।

### ୧୪ରୁ କବାଡି ପ୍ରତିଯୋଗିତା

**ରାଉରକେଲା, ୧୩।୧୧ (ଦିନେଶ ମିଶ୍ର):** ରାଉରକେଲାର ପ୍ରଗତି ଉତ୍କଳ ସଂଘ ପାଠାଗାର ପକ୍ଷରୁ ମଙ୍ଗଳବାରଠାରୁ ୧୭ ବର୍ଷରୁ କମ ବିଦ୍ୟାଳୟସ୍ତରୀୟ ବାଳିକା ବାଳକ ବିଭାଗର ଆନ୍ତଃବିଦ୍ୟାଳୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦଯାପନୀ ଉତ୍ସବ ୧୫ ତାରିଖ ସନ୍ଧ୍ୟା ୬ଟାରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ ବୋଲି ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁ ଓ ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ସୂଚନା ଦେଇଛନ୍ତି।

### ବନ୍ଧମୁଣ୍ଡାରେ କାଳୀପୂଜା, ଦୀପାବଳି ପାଳନ



**ବନ୍ଧମୁଣ୍ଡା, ୧୩।୧୧ (ସୁବ୍ରତ ଡେ):** ବନ୍ଧମୁଣ୍ଡାର ବିଭିନ୍ନ ସ୍ଥାନରେ କାଳୀପୂଜା ଓ ଦୀପୀବଳି ଉତ୍ସବ ପାଳିତ ହୋଇଯାଇଛି। ବିଶେଷ କରି ବି- ସେକ୍ଟରର ନାଇନ ଷ୍ଟାର କ୍ଲବ, ସି-ସେକ୍ଟର, ବିଏସଏ ଖେଳ ପଡ଼ିଆ, ଡି-କେବିନ, ଡିଜେଲ କଲୋନୀ ରାଜନନ୍ଦିନି କାଳିବାଡ଼ି, ବି-ସେକ୍ଟର କାକିବାଡ଼ି ଏବଂ ଦୁମର୍ତା ପାହାଡ଼ି କାଳି ମନ୍ଦିରଠାରେ କାଳିପୂଜା ଏବଂ ଦୀପାବଳୀ ପାଳିତ ହୋଇଛି। ଏହି ଅବସରରେ ପୂଜାମଣ୍ଡପ ଗୁଡ଼ିକରେ କମିଟି ତରଫରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ବିଶୋଧନ ହେଉନି ବିସର୍ଜନ ଘାଟ

**ରାଉରକେଲା, ୧୩।୧୧ (ବିପ୍ଳବ ରଞ୍ଜନ ଦାଶ)**



ବ୍ରାହ୍ମଣୀ ନଦୀରେ ନିର୍ମିତ ବିସର୍ଜନ ଘାଟ ।

ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ଆରଏମସି ପକ୍ଷରୁ ରାଉରକେଲା ବାଲୁଘାଟରେ ମୂର୍ତ୍ତି ବିସର୍ଜନ ଘାଟ ଇତିମଧ୍ୟରେ ନିର୍ମାଣ କରାଯାଇଛି। ଏଠାରେ ଗତ ଦଶହରା ସମୟରେ ସହରର ବିଭିନ୍ନ ମଣ୍ଡପରେ ପୂଜିତ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଯାଇଥିଲା। ତେବେ ଉକ୍ତ ଘାଟକୁ ବିଶୋଧନ କରାଯାଇ ନ ଥିବାରୁ ଏବେ କାଳୀ ମୂର୍ତ୍ତି ବିସର୍ଜନ ନେଇ ସମସ୍ୟା ଉପୁଜିଛି।

ସୂଚନା ଅନୁସାରେ, ପ୍ରତିବର୍ଷ ପାର୍ବଣ ସମୟରେ ବ୍ରାହ୍ମଣୀ ନଦୀ ଜଳରେ ମୂର୍ତ୍ତି ବିସର୍ଜନ ଯୋଗୁ ପ୍ରଦୂଷଣ ହେଉଥିଲା। ଏହାର ପ୍ରତିକାର ପାଇଁ ୧କୋଟି ୬୯ଲକ୍ଷ ଟଙ୍କା ବ୍ୟୟରେ ବାଲୁଘାଟରେ ମୂର୍ତ୍ତି ବିସର୍ଜନ ପାଇଁ ବ୍ୟବସ୍ଥା କରାଗଲା। ଗତ ଅଗଷ୍ଟ ମାସରେ ଏହି କାର୍ଯ୍ୟ ଶେଷ ହେବା ପରେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା ଏବଂ ଦଶହରା ସମୟରେ ବିସର୍ଜନ ଘାଟରେ ମୂର୍ତ୍ତି ବିସର୍ଜନ କରାଗଲା। ତେବେ ଏଯାଏ ବିସର୍ଜନ ଘାଟକୁ ବିଶୋଧନ କରାଯାଇ ନ ଥିବାରୁ ତାହା ପ୍ରଦୂଷିତ ଓ ଅପରିଷ୍କାର ହୋଇପଡିଛି। ଏଥିଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦୁର୍ଗନ୍ଧ ସହ ବ୍ୟାପକ ପ୍ରଦୂଷଣ ମଧ୍ୟ ହେଉଛି। ସେହିପରି ସହରରେ ଚଳିତବର୍ଷ କାଳୀପୂଜା ପରେ ମୂର୍ତ୍ତି ବିସର୍ଜନ କରାଯିବ। ବାଲୁଘାଟ ଜଳ ବିଶୋଧନ ହୋଇ ନ ଥିବାରୁ ସେଠାରେ କିଭଳି ମୂର୍ତ୍ତି ବିସର୍ଜନ କରାଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି, କୋଟି କୋଟି ଟଙ୍କା ବ୍ୟୟରେ ବିସର୍ଜନ ଘାଟ ତିଆରି ହେଲା। ମାତ୍ର ଘାଟରେ ଜଳ ବିଶୋଧନ ହେଉନାହିଁ। ଫଳରେ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ବିସର୍ଜନ ଘାଟ ଜଳକୁ ବିଶୋଧନ କରିବାକୁ ସେ ଦାବି କରିଛନ୍ତି। ସେହିପରି ଏ ବିଷୟରେ ଆର୍‌ଏମ୍‌ସି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ବିସର୍ଜନ ଘାଟ ସଫେଇ ପାଇଁ ଦାବି କରାଯିବ। ନଚେତ ଆଗକୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଭାଜପା ମୁଖପାତ୍ର ଧୀରେନ ସେନାପତି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ରକାନ୍ତ ଧଳଙ୍କୁ ପଚାରିବାରୁ କାଳୀଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ ପରେ ବିସର୍ଜନ ଘାଟ ବିଶୋଧନ କରାଯିବ ବୋଲି ସେ କହିଛନ୍ତି।

## ଷ୍ଟିଲସିଟିରେ ଧୁମ୍‌ଧାମ୍‌ରେ ଦୀପାବଳି ପାଳନ

**ରାଉରକେଲା, ୧୩।୧୧ (ଦିନେଶ ମିଶ୍ର)**

ଚଳିତ ବର୍ଷ ଷ୍ଟିଲସିଟି ରାଉରକେଲାରେ ଧୁମ୍‌ଧାମ୍‌ରେ ଦୀପାବଳି ପର୍ବ ପାଳନ କରାଯାଇଛି। ସହରର ମୁଖ୍ୟ ରାସ୍ତାରେ ଥିବା ବ୍ୟବସାୟ କେନ୍ଦ୍ର ଓ ଘର ପ୍ରବେଶ ପଥକୁ କଳଦୀ ଗଛ ସହ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଲୋକେ ଘରେ ଘରେ ଦୀପ ସାଜସଜ୍ଜା ସାଙ୍ଗକୁ ବାଣ ଫୁଟାଇଥିଲେ। ଆଲୋକର ପର୍ବ ଦୀପାବଳିକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକମାନଙ୍କରେ ପୋଲିସ ମୁତୟନ କରାଯାଇଥିଲା। ଛେଣ୍ଡ କଲୋନୀ ଜେ. ଜେ ମାର୍କେଟ ସ୍ଥିତ ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଦୀପାବଳି ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ନବଘନ ସାହୁ ଓ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ମିଳିତ ହୋଇ ପରସ୍ପର ମଧ୍ୟରେ ମିଷ୍ଟାନ ବଣ୍ଟନ କରିବା ସହ ଭାବର ଆଦାନପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ଇଗ୍ନେଶ ହାସଁଦା, ଶକ୍ତି ପ୍ରସାଦ ସାମନ୍ତରାୟ, ଗୁରୁ ଚରଣ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ବିଦ୍ୟାଧର ମହାପାତ୍ର, ଭୂଷଣ ପଟ୍ଟନାୟକ, ସୁବାସ ମହାପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାୱାରହାଉସ୍ ରୋଡ ସ୍ଥିତ ନ୍ୟାଶନାଲ କ୍ଲବ ପକ୍ଷରୁ ସଭାପତି କେଦାର ମହାନ୍ତିଙ୍କ ନେତୃତ୍ୱରେ ଦୀପାବଳି ପର୍ବ ପାଳିତ ହୋଇଛି। ଏହି ଅବସରରେ କ୍ଲବର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କ୍ଲବ ପରିସରକୁ ଦୀପରେ ସଜ୍ଜିତ କରିଥିଲେ। ପରେ ସେମାନେ ପିଲାମାନଙ୍କୁ ବାଣ ଓ ମିଠା ବିତରଣ କରିଥିଲେ। ଓରାମପଡାରେ ଦୀପାବଳି ପାଳନ ସାଙ୍ଗକୁ କାଳୀପୂଜା କରାଯାଇଥିଲା। ପୂଜାରେ ପଣ୍ଡିତ ଭାବେ ବୈକୁଣ୍ଠ ନାଥ ଆଚାର୍ଯ୍ୟ ଯୋଗଦେଇ ମା' କାଳୀଙ୍କ ଷୋଡଶ ଉପଚାର ପୂଜା କରିଥିଲେ। ଗୋପବନ୍ଧୁ ପାଠାଗାର ପରିସରରେ ଦୀପାବଳି ଉତ୍ସବ ପାଳିତ ହୋଇଥିଲା। ସେହିପରି ବାସନ୍ତୀ କଲୋନୀ ସ୍ଥିତ ଶିବ କାଳୀ ପୀଠରେ ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ୟାମାକାଳୀ ପୂଜା ମହାସମାରୋହରେ ପାଳିତ ହୋଇଥିଲା। କମିଟି ସମ୍ପାଦକ ରଞ୍ଜିତ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିରଜାପାଲି କାଳିପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୀପାବଳିକୁ ଧୁମଧାମରେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଆରଜିଏଚ୍‌ରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମୀକ୍ଷା କଲେ ଶ୍ରମ ମନ୍ତ୍ରୀ



ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଆର୍‌ଜିଏଚ୍‌ରେ ସ୍ୱାସ୍ଥ୍ୟସେବା ଉପରେ ପଚାରି ବୁଝୁଛନ୍ତି।

**ରାଉରକେଲା, ୧୩।୧୧ (ଦିନେଶ ମିଶ୍ର)**

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମୀକ୍ଷା କରିଛନ୍ତି ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ। ସୋମବାର ଶ୍ରମ ମନ୍ତ୍ରୀ ନାୟକ ରାଉରକେଲା ଆର୍‌ଜିଏଚ୍ ପରିସରରେ ଥିବା ନିଦାନ ବିଭାଗ, ରକ୍ତ ଭଣ୍ଡାର, ଓପିଡି ୱାର୍ଡ, ମାତୃଶିଶୁ କଲ୍ୟାଣ ବିଭାଗ, ଚକ୍ଷୁ ବିଭାଗ, ପୁଷ୍ଟିସାଧନ କେନ୍ଦ୍ର, ଔଷଧ ବିତରଣ କେନ୍ଦ୍ର ସହ ବିଭିନ୍ନ ୱାର୍ଡକୁ ବୁଲି ଦେଖିଥିଲେ। ଏଥିସହ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ। ପରେ ମନ୍ତ୍ରୀ ଡାକ୍ତରଖାନାର ପରିମଳ, ପାନୀୟଜଳ, ବିଦ୍ୟୁତ ଓ ସ୍ୱାସ୍ଥ୍ୟସେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆରଜିଏଚ ସହରର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାବେଳେ ଏଠାକୁ ରାତି ପାହିଲେ ହଜାର ହଜାର ରୋଗୀ ଆସିଥାନ୍ତି। ତେଣୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରୁ କୌଣସି ରୋଗୀ ଯେଭଳି ବଞ୍ଚିତ ନ ହୁଅନ୍ତୁ ବୋଲି ଶ୍ରମ ମନ୍ତ୍ରୀ ନାୟକ ମତପ୍ରକାଶ କରିଥିଲେ। ଆରଜିଏଚ ପରିସରରେ ତିଆରି ହୋଇଥିବା ନୂତନ ଟିକେଟ କାଉଣ୍ଟର ସେଡ୍, ପାର୍କିଂସ୍ଥଳୀ ଓ ରୋଗୀଙ୍କ ସମ୍ପର୍କୀୟ ଅପେକ୍ଷା ସ୍ଥାନରେ ପଡିଥିବା ଟେବୁଲ ସ୍ଥାନକୁ ଯାଇ ଶ୍ରମ ମନ୍ତ୍ରୀ ଆରଜିଏଚରେ ମିଳୁଥିବା ସ୍ୱାସ୍ଥ୍ୟସେବା ଓ କର୍ମଚାରୀଙ୍କ ସହଯୋଗ ବିଷୟରେ ପଚାରି ଅବଗତ ହୋଇଥିଲେ। ଏହି ସମୟରେ ଆରଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପଣ୍ଡିତ ସାହୁ, ଇଏନ୍‌ଟି ଡାକ୍ତର ପୂଜା ପତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶହୀଦଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ

**ରାଉରକେଲା, ୧୩।୧୧ (ଦିନେଶ ମିଶ୍ର)**

ରାଉରକେଲାର ସାମାଜିକ ଅନୁଷ୍ଠାନ ହାପି ମୁମେଣ୍ଟ୍ସ ଇଣ୍ଡିଆ ଓ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଦୀପାବଳିରେ ଶହୀଦଙ୍କ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ସିଆର୍‌ପିଏଫ୍‌ର ଡେପୁଟି କମାଣ୍ଡାଣ୍ଟ ସିରାଜୁଲ ଆଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ ଶର୍ମା, ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, କବି କୁଞ୍ଜବିହାରୀ ରାଉତ, ଧୀରେନ ସେନାପତି, କୁମାର ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ସେନାଧିକାରୀ ଅଜୟ ଖଟୁଆ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ନାମରେ ଦୀପଟିଏ ଜାଳିବା ସହିତ ବକ୍ତବ୍ୟ ରଖିଥିଲେ। ଯେଉଁ ଦେଶର ଆର୍ଥିକ ଓ ସାମରିକ ଶକ୍ତି ଯେତେ ମଜବୁତ ସେ ଦେଶର ସ୍ଥିତି ସେତେ ସୁଦୃଢ଼ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶରତ ଚନ୍ଦ୍ର ପଣ୍ଡା, ଫକୀର ଚରଣ ପତି, ଉଷାରାଣୀ ଶତପଥୀ, ସୁଦେଷ୍ଣାରାଣୀ ରାଉତ, ରର୍ବଟ ହାଇଫିଲ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉପାଧ୍ୟକ୍ଷ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶହୀଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସସ୍ମିତା ପ୍ରଧାନ, ଅନ୍ୱେଷା ପଣ୍ଡା, ମୋହନ ପଟ୍ଟନାୟକ, କଲ୍ୟାଣୀ ଦାସ, ଦିବାକର ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଯୁବକଙ୍କୁ ଛୁରାମାଡ଼ ଘଟଣାରେ ୨ ଅଟକ

**ରାଉରକେଲା, ୧୩।୧୧ (ଦିନେଶ ମିଶ୍ର)**

ଗୋପବନ୍ଧୁପାଲି ଫାଣ୍ଡି ଅନ୍ତର୍ଗତ ଟିମ୍ବର କଲୋନୀ ଅଞ୍ଚଳରେ ଜଣେ ଯୁବକଙ୍କୁ ଛୁରାମାଡ ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଏକ ମାମଲା (ନଂ.୩୬୨/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ଟିମ୍ବରକଲୋନୀ ସ୍ଥିତ ମା' କାଳୀଙ୍କ ମନ୍ଦିରରେ ପୂଜା ହେଉଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଉଣ୍ଡ ବକ୍ସ ବାଜୁଥିବାରୁ ଉପରବସ୍ତିର ଗୌତମ ନାୟକ ବାରଣ କରିଥିଲେ। ଏହାକୁ ନେଇ ସେଠାରେ ଥିବା କେତେକ ଯୁବକଙ୍କ ସହ ଗୌତମଙ୍କ ପାଟିତୁଣ୍ଡ ହୋଇଥିଲା। ଗୌତମ ସାଉଣ୍ଡ ବକ୍ସ ତାର ଖୋଲିଦେବାରୁ ତାଙ୍କୁ ଉକ୍ତ ଯୁବକମାନେ ଏକ ଛୁରାରେ ଆକ୍ରମଣ କରିଥିଲେ। ଏ ନେଇ ଫାଣ୍ଡିରେ ଅଭିଯୋଗ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଗୌତମଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା।

## ଦୀପନିଆଁରୁ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଯାଉଛି।

**ରାଉରକେଲା, ୧୩।୧୧ (ସଙ୍ଗୀତା ଜେନା)**

ଝିରପାଣି ଥାନା ଅଧୀନ କୋଏଲ ନଗର ଏ ବ୍ଲକ ଅଞ୍ଚଳର ଜଣଙ୍କ ଠାକୁର ଘରେ ସୋମବାର ପୂର୍ବାହ୍ନରେ ଦୀପ ନିଆଁରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ଘଟଣାସ୍ଥଳରେ ଆର୍‌ଏସ୍‌ପି ଓ ଅଗ୍ନିଶମ ବିଭାଗର ମୋଟ ୩ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁସାରେ, କୋଏଲ ନଗର ଏ/୩୧୫ରେ ରବିନ୍ଦ୍ର ପଲେଇଙ୍କ ଉପର ମହଲା ଘରେ ପ୍ରଭାସିନୀ ସ୍ୱାଇଁ ଓ ତାଙ୍କ ପୁଅ ଭଡାରେ ରହୁଥିଲେ। ପ୍ରାୟ ସାଢ଼େ ୯ଟାରେ ଉଭୟ ମା'ପୁଅ ଜଳଖିଆ ଖାଉଥିବା ବେଳେ ପୂଜା ଘରେ ଥିବା ଦୀପରୁ ନିଆଁ ଲାଗିଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିଲା। ଉକ୍ତ ଘରେ ଭେଣ୍ଟିଲେଶନ ସୁବିଧା ନ ଥିବାରୁ ନିଆଁ ଲିଭାଇବାକୁ ସମସ୍ୟା ସୃଷ୍ଟି ହୋଇଥିବା ଦମକଳ ବାହିନୀ କହିଥିଲେ।

## ୪୮ ମିଠା ଦୋକାନରେ ଚଢ଼ାଉ

**ରାଉରକେଲା, ୧୩।୧୧ (ବିପ୍ଳବର ରଞ୍ଜନ ଦାଶ)**

ରାଉରକେଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରର ୪୮ଟି ମିଠା ଦୋକାନରେ ରବିବାର କଡା ଯାଞ୍ଚ କରାଯାଇଥିଲା। ଏସବୁ ଦୋକାନରେ ମିଷ୍ଟାନ୍ନରେ ଅପମିଶ୍ରଣ ସନ୍ଦେହରେ ଖାଦ୍ୟ ସୁରକ୍ଷା ବିଭାଗ ସାମ୍ପୁଲ ସଂଗ୍ରହ କରାଯାଇଥିଲା। ଏହାର ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ଫୁଡ ଟେଷ୍ଟିଂ ଲାବୋରେଟୋରିକୁ ପଠାଯିବା ସହ ୮ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା ସୂଚନା ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ରାଉରକେଲା, ୧୩।୧୧ (ସଙ୍ଗୀତା ଜେନା)**

ପ୍ରଥମେ ପ୍ରେମ। ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ। ଗର୍ଭବତୀ ହେବା ପରେ ଶାରୀରିକ ନିର୍ଯାତନା ଦେଇ ଗର୍ଭସ୍ଥ ଶିଶୁକୁ ମାରିଦେବା ଭଳି ଅତ୍ୟାଚାରର ସମ୍ମୁଖୀନ ହୋଇଥିବା ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ କୌଣସି ନ୍ୟାୟ ନ ମିଳିବାରୁ ସେ ସୋମବାର ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ତେବେ ଏସ୍‌ପି ଅନୁପସ୍ଥିତ ଥିବାରୁ ମହିଳା ଜଣଙ୍କ ନିରାଶ ହୋଇ ଫେରିଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୦ରେ ଜଣେ ଯୁବକଙ୍କ ସହ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡ୍‌ର ଅଭିଯୋଗକାରିଣୀ ମହିଳାଙ୍କ ପରିଚୟ ହୋଇଥିଲା। ଅଭିଯୁକ୍ତ ଯୁବକ ପୂର୍ବରୁ ବିବାହିତ ଥିବା ସମ୍ପର୍କରେ ମହିଳା ଜଣଙ୍କ ଅନଭିଜ୍ଞ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ସ୍ଥାପନ ହୋଇଥିଲା ଏବଂ ମହିଳା ଗର୍ଭବତୀ ହୋଇଥିଲେ। ବିନା ବିବାହରେ ଗର୍ଭସ୍ଥ ଶିଶୁର ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ଯୁବକଙ୍କୁ ବିବାହ ପାଇଁ ଚାପ ପକାଉଥିଲେ। ତେବେ ଶିଶୁ ଜନ୍ମ ନେବା ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା ଏବଂ ଏଥିରେ ଗର୍ଭସ୍ଥ ଶିଶୁ ଆଘାତ ପାଇଁ ମୃତ୍ୟୁବରଣ କରିଥିଲା। ଏହାପରେ ମଧ୍ୟ ଯୁବକ ବିବାହ କରିବାକୁ ଅମଙ୍ଗ ହୋଇଥିଲେ। ତେଣୁ ପୀଡ଼ିତା ସେକ୍ଟର-୪ ମହିଳା ଥାନାରେ ଅଭିଯୋଗ କରିବା ପୂର୍ବରୁ ଉକ୍ତ ଯୁବକ ନ୍ୟାୟାଳୟରୁ ବେଲ୍ ମଞ୍ଜୁର କରିନେଇଥିଲେ। ଗତ ରବିବାର ରାତିରେ ସେ ପୀଡ଼ିତା ମହିଳାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ମହିଳା ଥାନାକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ସୋମବାର ମହିଳା ଜଣଙ୍କ ନ୍ୟାୟ ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏ ସମ୍ପର୍କରେ ମହିଳା ଥାନାଧିକାରିଣୀ ଏସ୍. ହେମ୍ବ୍ରମ୍‌ଙ୍କୁ ପଚରାଯିବାରୁ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବିଳମ୍ବ

**ରାଉରକେଲା, ୧୩।୧୧ (ବିପ୍ଳବ ରଞ୍ଜନ ଦାଶ)**



ଭଡାଘରେ ଚାଲିଥିବା ଦୁର୍ଗାପୁର-୩ ଅଙ୍ଗନୱାଡି।

ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ଅଧୀନ ଅଙ୍ଗନୱାଡି କେନ୍ଦ୍ରଗୁଡିକର ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି। ଫଳରେ ସହରର କୋମଳମତି ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ବାଟବଣା ହେଉଛି।

ସୂଚନା ଅନୁସାରେ, ରାଉରକେଲା ସମନ୍ୱିତ ଶିଶୁ ବିଭାଗ ଅଧୀନରେ ମୋଟ ୧୬୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସମୁଦାୟ କେନ୍ଦ୍ର ମଧ୍ୟରୁ ୧୦୭ କେନ୍ଦ୍ର ଭଡା ଏବଂ ୩୧ଟି କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲିଛି। ଅବଶିଷ୍ଟ ୨୨ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ଅନ୍ୟପକ୍ଷେ ଭଡାସୂତ୍ରରେ ଚାଲିଥିବା କେନ୍ଦ୍ର ବାବଦ ରାଶି ବିଭାଗ ପକ୍ଷରୁ ଠିକ ସମୟରେ ପୈଠ କରା ଯାଉ ନ ଥିବା ଅଭିଯୋଗ ହେଉଛି। ବର୍ଷ ପରେ ବର୍ଷ ଗଡି ଚାଲିଥିଲେ ମଧ୍ୟ ୧୩୭ଟି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେଥିରୁ ୮୦ଭାଗ କେନ୍ଦ୍ରରେ ଶୌଚାଳୟ କି ବିଦ୍ୟୁତ ବ୍ୟବସ୍ଥା ନାହିଁ। ୫୦ଭାଗ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଉତ୍କଟ। ଏଭଳି ସ୍ଥିତିରେ ୧୫୯ ଅଙ୍ଗନୱାଡି କର୍ମୀ ସହରର ପାଖାପାଖି ୧୦ହଜାର ୩୩୫ଜଣ ଶିଶୁଙ୍କୁ ମାନସିକ ଓ ଶାରୀରିକ ସ୍ତରରେ କିଭଳି ସଶକ୍ତ କରାଇବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ, ବିଗତ ଆର୍ଥିକ ବର୍ଷମାନଙ୍କରେ ବିଧାୟକ ପାଣ୍ଠିରୁ ୧୦, ତ୍ରୟୋଦଶ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୬ ଓ ବିଆରଜିଏଫ୍ ଅନୁଦାନରେ ୫ଟି ନୂତନ କେନ୍ଦ୍ରର ନିର୍ମାଣ ପାଇଁ ସମନ୍ୱିତ ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଆର୍‌ଏମ୍‌ସି ପକ୍ଷରୁ ୩୨ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏଯାଏ ସେସବୁ କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଣୁ ତୁରନ୍ତ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହେଉଛି। ଏ ନେଇ ଦୁର୍ଗାପୁର-୩ ଅଙ୍ଗନୱାଡି କେନ୍ଦ୍ର କର୍ମୀ ସୁମିତ୍ରା ତିର୍କୀ କୁହନ୍ତି, ତାଙ୍କ କେନ୍ଦ୍ର ଦୀର୍ଘବର୍ଷରୁ ଭଡାସୂତ୍ରରେ ଚାଲିଆସୁଛି। ବାରମ୍ବାର ଦାବି ସତ୍ତ୍ୱେ ନିଜସ୍ୱ କେନ୍ଦ୍ର ନିର୍ମାଣ ହେଉନାହିଁ। ଏ ନେଇ ରାଉରକେଲା ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ଅଙ୍ଗନୱାଡି କେନ୍ଦ୍ର ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ଖୁବଶୀଘ୍ର ସହରାଞ୍ଚଳରେ ୨୨ଟି ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇସାରିଛି। ଅସଜଡା କେନ୍ଦ୍ରଗୁଡିକର ମରାମତି କାର୍ଯ୍ୟ ମଧ୍ୟ ତୁରନ୍ତ କରାଯିବ ବୋଲି ଏକ୍କା କହିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ସମ୍ବଲପୁର ନାଟ୍ୟକଳା ପରିଷଦ ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।
- କୁଚବିହାର ଟ୍ରଫି ଆୟୋଜକ କମିଟି ପ୍ରସ୍ତୁତି ବୈଠକ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ମଧାହ୍ନ ୧୨ଟା।

# ଦୀପାବଳିରେ ପୃଥକ୍ ସ୍ଥାନରେ ଅଗ୍ନିକାଣ୍ଡ

**ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର)**

ସମ୍ବଲପୁରରେ ହର୍ଷ ଉଲ୍ଲାସର ସହିତ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ତେବେ ଅସାବଧାନତା ହେତୁ ସହରର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ବହୁ ମୂଲ୍ୟବାନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ପୋଲିସ ସହ ସମ୍ବଲପୁର ଅଗ୍ନିଶମ ବାହିନୀର ଏକ ୧୫ ଜଣିଆ ଦଳ ଦୀର୍ଘ ୪ଘଣ୍ଟା ପରେ ରାତି ପ୍ରାୟ ୨ଟା ସମୟରେ ନିଆଁକୁ ଆୟତ୍ତ କରିଥିଲେ।

ସୂଚନା ଅନୁସାରେ ରାତି ପ୍ରାୟ ସାଢ଼େ ୧୦ଟା ସମୟରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ଶ୍ୟାମବାଟିକା ନାମକ ଏକ ଆପାର୍ଟମେଣ୍ଟର ତୃତୀୟ ମହଲାରେ ହଠାତ୍ ନିଆଁ ଲାଗିଥିଲା। ଏକ ରକେଟ ବାଣ ଖୋଲା ଝରକା ପଟେ ପଶିଯିବାରୁ ଫ୍ଲାଟ୍ ନମ୍ବର ୩୦୩ରେ ଏଭଳି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁଲାଗି ୪ର୍ଥ ମହଲାରେ ଥିବା ୪୦୩ ନମ୍ବର ଫ୍ଲାଟ ମଧ୍ୟ



ଦୀପାବଳିରେ ୨ଟି ସ୍ଥାନରେ ଅଗ୍ନିକାଣ୍ଡ

ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ନିଆଁ ଲାଗିବା ସମୟରେ ଘର ମଧ୍ୟରେ କେହି ନ ଥିବାରୁ ମୃତାହତ ହୋଇଥିବା ଖବର ମିଳିନାହିଁ। ଅପରପକ୍ଷରେ ନିଆଁ ଲାଗିଥିବା ଫ୍ଲାଟ୍‌ରେ ପାଉଁରୁଟି ପ୍ରସ୍ତୁତି କାରଖାନା ରହିଥିଲା। କାରଖାନା ପାଇଁ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଏଠାରେ ଲାଗିଥିବା ବୈଦ୍ୟୁତିକ ଯନ୍ତ୍ରରେ ଶର୍ଟ ସର୍କିଟ୍ ହେତୁ ନିଆଁ ଲଗିଥିବା ସହରରେ ଆଲୋଚନା ହେଉଛି। ମାତ୍ର କ୍ଷେତରାଜପୁର ଥାନା ଅଧିକାରୀ ଏ ସମ୍ପର୍କରେ କୌଣସି ସୂଚନା ନାହିଁ ବୋଲି କହିଥିବାବେଳେ ଅଗ୍ନିଶମ ଅଧିକାରୀ ଉକ୍ତ ଗୃହରେ ପାଉଁରୁଟି ତିଆରି ସାମଗ୍ରୀ ଗଚ୍ଛିତ ଥିଲା ବୋଲି କହିଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ କ୍ଷେତରାଜପୁର ଥାନା ବିହାରୀପଡ଼ାରେ ଥିବା ଏକ ବସ୍ତା ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଏଥିରେ ଗୋଦାମରେ ଗଚ୍ଛିତ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ବସ୍ତା ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଏଥିରେ କେହି ମୃତାହତ ହୋଇନାହାନ୍ତି ବୋଲି କୁହାଯାଇଛି। ତେବେ ଉଭୟ ଘଟଣାରେ ଥାନାରେ କୌଣସି ମାମଲା ରୁଜୁ ହେଇ ନ ଥିବା କ୍ଷେତରାଜପୁର ଥାନା ଅଧିକାରୀ କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୧୩।୧୧(ବିରଞ୍ଚ ଦର୍କା):** ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋବିନ୍ଦପୁର ଥାନା ମହୁଲଛାପଲ ଗ୍ରାମର ସଞ୍ଜୟ ନାଏକ(୩୬)। ସୂଚନା ଅନୁଯାୟୀ ୫୦ ବର୍ଷର ପୀଡିତା ମହିଳା ଜଣକ ଅଭିଯୁକ୍ତ ସଞ୍ଜୟ ନାଏକଙ୍କ ଧାନ କାଟିବା ପାଇଁ ମୂଲିଆ ଭାବେ ରବିବାର ଏକ ଜଙ୍ଗଲ ଭିତରେ ଥିବା ବିଲକୁ ଯାଇଥିଲେ। ସେ ଏକୁଟିଆ ଧାନ କାଟୁଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ମହିଳାଙ୍କୁ ଏକୁଟିଆ ପାଇ ସଞ୍ଜୟ ବଳାତ୍କାର କରିଥିଲେ। ପରେ ମହିଳା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ମହିଳାଙ୍କ ସ୍ୱାମୀ ଏ ନେଇ ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଆଇପିସି ଧାରା ୩୭୬ରେ



ଗିରଫ ଅଭିଯୁକ୍ତ ସଞ୍ଜୟ।

ଏକ ମାମଲା (ନଂ.୧୭୨/୨୩)ରେ ରୁଜୁକରି ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ସୋମବାର କୋର୍ଟ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି।

# ଚୋରି ସାମଗ୍ରୀ ଜବତ, ଦମ୍ପତି ଗିରଫ

**ପଡିଆବାହାଲ, ୧୩।୧୧(ରାଧାମୋହନ ଷଡ଼ଙ୍ଗୀ):** ବିଭିନ୍ନ ଦୋକାନରୁ ଚୋରି ଅଭିଯୋଗରେ ସଦର ଥାନା ପୋଲିସ ରବି ଏକ ଦମ୍ପତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ଜବଲପୁର ଜିଲା ଭିଦାଗଡ ଥାନା ପାଥୋରୀ ଗ୍ରାମର ବିଜୟ ଗୋଟିଆ କୋଲ (୨୫) ଓ ତାଙ୍କ ସ୍ତ୍ରୀ ସୁମନ ଠାକୁର କୋଲ (୧୯)। ଏମାନଙ୍କଠାରୁ ପୋଲିସ ଚୋରି ହୋଇଥିବା ୭୨୮୦ଟଙ୍କାର ଗ୍ରୋସେରି ସାମଗ୍ରୀ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୭/୨୩) ରୁଜୁ କରାଯାଇ ଗିରଫ ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଧନ୍ୱନ୍ତରୀ ଜୟନ୍ତୀ ପାଳିତ

**ପଡିଆବାହାଲ, ୧୩।୧୧(ରାଧାମୋହନ ଷଡ଼ଙ୍ଗୀ):** ଯୁଯୁମୁରା ବ୍ଲକ ପଡିଆବାହାଲସ୍ଥିତ କେଶରୀ ଔଷଧାଳୟଠାରେ ଭଗବାନ ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଶାଶ୍ୱତ କୁମାରଙ୍କ ପୌରୋହିତ୍ୟରେ ରାଧାମୋହନ ଷଡ଼ଙ୍ଗୀ ସସ୍ତ୍ରିକଙ୍କ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଞ୍ଚଳର ବହୁ ଆୟୁର୍ବେଦ ପ୍ରେମୀ ଓ ଚିକିତ୍ସକ ପୂଜାର୍ଚ୍ଚନା, ହୋମଯଜ୍ଞରେ ଭାଗ ନେଇଥିଲେ। କେଶରୀ ଔଷଧାଳୟ ଠାରେ ସ୍ୱର୍ଗତ କବିରାଜ ବଳଭଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଧନ୍ୱନ୍ତରୀ ଜୟନ୍ତୀ ୫୦ବର୍ଷରୁ ଅଧିକ ହେଲା ପାଳିତ ହୋଇଆସୁଛି। ଏ ଅବସରରେ କବରାପାଲି ଭାଗବତ ଦଳ ଦିଲୀପ କୁମାର ବଡ଼ାଇଙ୍କ ନେତୃତ୍ୱରେ ଶିବ ପୂଜାରି, ରାଜକୁମାର ସେଠ, ଜଗନ୍ନାଥ ପଧାନ, ପୁଷ୍କର ପ୍ରମୁଖଙ୍କୁ ନେଇ ସନ୍ଧ୍ୟାରେ ଭାଗବତ ପାରାୟଣ ଓ ଧନ୍ୱନ୍ତରୀ ବନ୍ଦନା ହୋଇଥିଲା। ଦେବଦତ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଓ ଶୋଭନ କୁମାର ରଥ, ଅମିୟ କୁମାର, ଲୀଳାବତୀ ଷଡ଼ଙ୍ଗୀ, ଅଞ୍ଜଳି ପାଣିଗ୍ରାହୀ, ଭାଗ୍ୟବତୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

# ଉତ୍ସାହର ସହ ଦୀପାବଳି ପାଳିତ

**ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର):** ସମ୍ବଲପୁରରେ ବିପୁଳ ଉତ୍ସାହ ଉଦ୍ଦୀପନା ସହକାରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ପ୍ରଦୂଷଣ ଜନିତ ସମସ୍ୟା ଦୃଷ୍ଟିରୁ ଉଚ୍ଚତମ ନ୍ୟାୟାଳୟ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କଟକଣା ଜନିତ ନିର୍ଦ୍ଦେଶନାମା ସତ୍ତ୍ୱେ ବାଣଫୁଟାରେ କୌଣସି ପ୍ରକାର ଉଣା ଦେଖିବାକୁ ମିଳି ନ ଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇଥିଲେ।

ସନ୍ଧ୍ୟା ନଇଁବା ପରେ ବାଣଫୁଟା ଜମିବାରେ ଲାଗିଥିଲା। ଘରେ ଘରେ ମାତା ଲକ୍ଷ୍ମୀ ଓ ଗଣେଶଙ୍କ ପୂଜାର୍ଚ୍ଚନା ପରେ ବାଣଫୁଟା ଆରମ୍ଭ ହୋଇଥିଲା। ଘରର ମୁରବୀମାନେ କାଉଁରିଆ ଜଳାଇ ପୂର୍ବପୁରୁଷଙ୍କୁ ସ୍ମରଣ କରିଥିଲେ। ଛୋଟପିଲା, ମହିଳା, ଯୁବତୀ ଓ ବୟସ୍କ ଲୋକେ ଫୁଲଝରି, କୁମ୍ଭି ଆଦିରେ ସୀମିତ ରହିଥିବା ବେଳେ ଯୁବକମାନେ ବମ୍, ରକେଟ୍ ଆଦି ଫୁଟାଇଥିଲେ। ରାତି ବଢ଼ିବା ସାଙ୍ଗକୁ



ସମ୍ବଲପୁରରେ ଦୀପାବଳି ପାଳିତ।

ରଙ୍ଗବେରଙ୍ଗ ବାଣର ରଙ୍ଗିନ ଆଲୋକରେ ଝଲସି ଉଠିଥିଲା ସମ୍ବଲପୁର ସହର। ସହରର ଗୋଟିଏ ଦୁଇଟି ସ୍ଥାନରେ ନିଆଁ ଲାଗିଥିବା ଘଟଣାକୁ ଛାଡିଦେଲେ ସେଭଳି କୌଣସି ବଡ଼ ଧରଣର ଅଘଟଣ ଖବର ହସ୍ତଗତ ହୋଇନାହିଁ। ଅପରପକ୍ଷରେ ବାଣଫୁଟା ସମୟରେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସହରରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା।

# ଡାକ ବିଭାଗ ପକ୍ଷରୁ ସଞ୍ଚୟପକ୍ଷ ପାଳିତ

**ସମ୍ବଲପୁର,୧୩।୧୧ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ଡାକ ବିଭାଗ ପକ୍ଷରୁ ସୋମବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ ସଞ୍ଚୟ ପକ୍ଷ ପାଳିତ ହୋଇଯାଇଛି। ଡାକ ବିଭାଗର ମୁଖ୍ୟ ପୋଷ୍ଟମାଷ୍ଟର ନିରଞ୍ଜନ ଶତପଥୀ, ବାଣିଜ୍ୟ ପରିଚାଳକ ତଥା ଉନ୍ନୟନ ଅଧିକାରୀ ଅରୁଣ ଲାଠ ସଞ୍ଚୟ ମିତବ୍ୟୟତା ଉପରେ ବକ୍ତବ୍ୟ ରଖିଥିଲେ। ଛୋଟ ସମୟରୁ ମିତବ୍ୟୟତା ସହ ସଞ୍ଚୟର ମହତ୍ୱ ବୁଝିପାରିଲେ ଭବିଷ୍ୟତରେ ଛାତ୍ରୀଛାତ୍ର ସମସ୍ୟାରେ ପଡିବେ ନାହିଁ ବୋଲି ସହକାରୀ ଅଧୀକ୍ଷକ ସତ୍ୟବ୍ରତ ଗାହାଣ କହିଥିଲେ। ସଞ୍ଚୟ ଓ ଆର୍ଥିକ ସେବାର ସହାୟକ ନିର୍ଦ୍ଦେଶକ ନୀଳାଚଳ ସେଠୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ଜିଲା ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ସଞ୍ଚୟ ଅଭିକର୍ତ୍ତାମାନେ ସମିଲ ହୋଇଥିଲେ।

# ୬୧ ଖଣ୍ଡ ଶାଗୁଆନ କାଠ ଜବତ

**ରେଢ଼ାଖୋଲ,୧୩।୧୧(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ବନଖଣ୍ଡର ଲୁହାପଙ୍କ ଗ୍ରାମରେ ସୋମବାର ବନବିଭାଗ ଚଢାଉ କରି ୬୧ ଖଣ୍ଡ ମୂଲ୍ୟବାନ ଶାଗୁଆନ କାଠ ଜବତ କରିଛି। ଗ୍ରାମର ନରେଶ ବେହେରାଙ୍କ ଘର ବାଡିପଟେ କାଠ ଗଚ୍ଛିତ ଥିବା ନେଇ ସୂଚନା ପାଇ ବନକର୍ମଚାରୀ ଚଢାଉ କରିଥିଲେ। ହେଲେ ଏହି ସମୟରେ ନରେଶ ବେହେରା ଓ ତାଙ୍କ ଭାଇ ଉମେଶ ବେହେରା ଫେରାର ହୋଇଯାଇଥିଲେ। ତେବେ ଉଭୟଙ୍କ ନାମରେ ବନବିଭାଗ ମାମଲା ରୁଜୁ କରିଥିବା ରେଢାଖୋଲ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି। ଚଢାଉରେ ଏସିଏଫ୍ ମାଳତି ଲତା ମୁର୍ମୁ, ଫରେଷ୍ଟର ଧର୍ମୁଧର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ମଣିଷର ମସ୍ତିଷ୍କ ହିଁ ସର୍ବଶ୍ରେଷ୍ଠ ନିୟନ୍ତ୍ରକ




ଲାଇବ୍ରେରି ସଭାକକ୍ଷରେ ଅତିଥି ଓ ବକ୍ତାମାନେ।

### ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା ସ୍ମାରକୀ ବକ୍ତୃତା

**ସମ୍ବଲପୁର,୧୩।୧୧(ବି.ଶଙ୍କର):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା ସ୍ମାରକୀ ବକ୍ତୃତା ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ନାଗପୁର ଆଇଆଇଏମ୍‌ର ପ୍ରଫେସର ରବୀନ୍ଦ୍ର କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ କୃତ୍ରିମ ପ୍ରଜ୍ଞାର ଭୂମିକା ଓ ମଣିଷର ନିଷ୍ପତ୍ତି ନେବାରେ ଏହା କିପରି ସାହାଯ୍ୟ କରିଥାଏ ସେ ବିଷୟରେ ଉଲ୍ଲେଖ କରିଥିଲେ। ଆମର ମସ୍ତିଷ୍କ ହିଁ ଏହାର ନିୟନ୍ତ୍ରକ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଡାକ୍ତର ଶ୍ରୀବତ୍ସ କୁମାର ମହାପାତ୍ର ଜଟିଳ ସମସ୍ୟା ଓ ଏହାର ସଫଳ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଚନ୍ଦ୍ରଶେଖର ବେହେରାଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କ ମହାନ ତ୍ୟାଗ ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଫେସର ଶଙ୍କର ପତି ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡଙ୍ଗରପଡ଼ାରେ ୨୨ତମ କାଳୀପୂଜା

**ପଡିଆବାହାଲ,୧୩।୧୧(ରାଧାମୋହନ ଷଡ଼ଙ୍ଗୀ):** ଯୁଯୁମୁରା ବ୍ଲକ ଡଙ୍ଗରପଡ଼ାଠାରେ ଦୀପାବଳି ଅବସରରେ ୨୨ତମ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ଯୁଯୁମୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଓ ଯୋନ-୧ର ଜିଲା ପରିଷଦ ସଦସ୍ୟା କବିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ଏକ ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଜିଲା ପରିଷଦ ସଦସ୍ୟା ସାହୁ ଭୂମି ପୂଜନ କରିଥିଲେ। ତରଣୀ ସେନ ସାହୁ, ସୁବ୍ରତ ସାହୁ, ଦିଲୀପ ସାହୁ, ଅରୁଣ ସେନ ସାହୁ, ଭଗବାନ ପ୍ରଧାନ, ପ୍ରଫୁଲ୍ଲ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଦୀପାବଳି ଅବସରରେ ନୃତ୍ୟ ପ୍ରତିଯୋଗିତା

**ନାକଟିଦେଉଳ,୧୩।୧୧(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ କିସିଣ୍ଡା ଗ୍ରା.ପ. ଅନ୍ତର୍ଗତ ଧଳପୁର ଗ୍ରାମରେ ପବିତ୍ର ଦୀପାବଳି ଅବସରରେ ଛୋଟ ଶିଶୁମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧଳପୁର ଗ୍ରାମର ଝୁମ୍ ଧଳପୁର ଝୁମ୍ ଅନୁଷ୍ଠାନ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇଆସୁଛି। ପ୍ରତିଯୋଗିତାରେ ମୋଟ ୩୦ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ଏଥିରେ କିସିଣ୍ଡା ସରପଞ୍ଚ ରୀନା ନାଏକ ମୁଖ୍ୟଅତିଥି ଓ ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, ଧଳପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ଧରୁଆ, ଅଙ୍ଗନୱାଡ଼ି କର୍ମୀ ସୌଦାମିନୀ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ



ଅତିଥିଙ୍କ ଗହଣରେ କୁନି ପ୍ରତିଯୋଗୀମାନେ।

ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଅଞ୍ଚଳରେ ନୃତ୍ୟ ଓ ସଂଗୀତ କଳାର ଉନ୍ନତି ପାଇଁ କିସିଣ୍ଡାଠାରେ ଏକ ନୃତ୍ୟକଳା ପ୍ରତିଷ୍ଠାନ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ଜନସାଧାରଣ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆୟୋଜକ ଅନୁଷ୍ଠାନର ବୀରେନ ଝାଙ୍କର, ଅଶୋକ ମାଝି, ପାର୍ଥ ସାରଥି ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ପୋଖରୀ ରାସ୍ତା ସଫାକଲେ ଗ୍ରାମବାସୀ

**କୁଚିଣ୍ଡା,୧୩।୧୧(ବିରଞ୍ଚ ଦର୍କା):** କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତ କୁଡ଼ାପଡା ଗ୍ରାମର ଉପରପଡ଼ା ପୋଖରୀ ରାସ୍ତା ଓ ତୁଠକୁ ଗ୍ରାମବାସୀ ରବିବାର ସଫେଇ କରିଛନ୍ତି। ପ୍ରକୃତି ବନ୍ଧୁ ତଥା ୱାର୍ଡ ସଭ୍ୟ ସରୋଜ ମେହେରଙ୍କ ନେତୃତ୍ୱରେ ପୋଖରୀ ରାସ୍ତାର ଉଭୟ ପାର୍ଶ୍ୱରେ ଘାସ ବୁଦା ସଫା ସହ ପୋଖରୀ ତୁଠ ସଫା କରିଥିଲେ। ଲୋକେ ଗାଧୋଇବା ପାଇଁ ଯିବାବେଳେ ଅସୁବିଧା ହେଉଥିବାରୁ ଗ୍ରାମବାସୀ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ୱାର୍ଡ ସଭ୍ୟ ମେହେର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସରୋଜ ଷଣ୍ଢ, ଧନୁର୍ଜୟ ମେହେର, ଅନାମ ବାଦି, ଡମ୍ବରୁଧର ମେହେର, ମନ୍ଦାକିନୀ ମେହେର, ସୌଦାମିନୀ ମେହେର, ଜିତେନ ମେହେର ଏବଂ ମଞ୍ଜରୀ ପୋଢ଼ ପ୍ରମୁଖ ସାମିଲ ଥିଲେ।

# କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦାବି

**ସମ୍ବଲପୁର,୧୩।୧୧(ବି.ଶଙ୍କର):** ସମ୍ବଲପୁର କମିଶନର କଲୋନୀରେ ରହୁଥିବା ପରିବାର ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ୧୫ରୁ ୨୦ ପରିବାର ଏଠାରେ ବହୁବର୍ଷ ହେବ ଘର କରି ରହିଆସୁଛନ୍ତି। ବିଗତ କିଛିମାସ ପୂର୍ବରୁ ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ବିନା ଥଇଥାନରେ ଘର ଭଙ୍ଗା ଯାଇଥିଲା। ତେଣୁ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ସହାୟତା କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ଘର ତିଆରି ପାଇଁ ଜାଗା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ମନ୍ତ୍ରୀମୁଣ୍ଡା ଫୁଟ୍‌ବଲ ଉଦ୍‌ଯାପିତ:ମହାବୀର ସ୍ପୋର୍ଟିଂ ଚାମ୍ପିୟନ

**କୁଚିଣ୍ଡା,୧୩।୧୧(ବିରଞ୍ଚ ଦର୍କା)**

ମନ୍ତ୍ରୀମୁଣ୍ଡା ଯୁବକ ସଂଘ ଆନୁକୂଲ୍ୟରେ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ୫ଦିନ ଧରି ଚାଲିଥିବା ୧୦ମ ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ ମହାକୁମ୍ଭ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ପଡିଆବାହାଲ ଓ କୁଚିଣ୍ଡା ବିଏଫ୍‌ସି ମଧ୍ୟରେ ହୋଇଥିବା ବେଳେ ପଡିଆବାହାଲ ବିଜେତା ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସମ୍ବଲପୁର ମହାବୀର ସ୍ପୋର୍ଟିଂ ଓ ସମ୍ବଲପୁର ଜିଏଫ୍‌ସି ମଧ୍ୟରେ ହୋଇ ମହାବୀର ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲା। ଫାଇନାଲ ଖେଳ ପଡିଆବାହାଲ ଓ ସମ୍ବଲପୁର ମହାବୀର ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ପଡିଆବାହାଲକୁ ୧-୦ ଗୋଲରେ ପରାସ୍ତ କରି ମହାବୀର ସ୍ପୋର୍ଟିଂ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ରାଜେଶ ଜୟପୁରିଆ, ଗୋପୀନାଥ ପାଣ୍ଡେ, ଶତାବ୍ଦୀ ଜୟପୁରିଆ, ରାଜ ମଣ୍ଡଳ, ରାଜେଶ ପଟେଲ, ଅଶ୍ୱିନୀ ବରିହା, କାର୍ତ୍ତିକ ଦାସ, ଜୀବନ ବୁଦ୍ଧୁଲା ପ୍ରମୁଖ ଖେଳ ପରିଚାଳନା କରିଥିଲେ।ଏହି ଅବସରରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ସୁନ୍ଦରଗଡ ଓ ଦେବଗଡ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘ ସଭାପତି ତାପସ ନାଏକଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଏସ୍‌ଡିପିଓ ଅମିତାଭ ପଣ୍ଡା, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସମ୍ବଲପୁର ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର, ଜୟ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ମହାବୀର ସ୍ପୋର୍ଟିଂ ଏକାଦଶକୁ କପ ସହ ୧ ଲକ୍ଷ ୨୦ ହଜାର ଟଙ୍କା ଓ ରନର୍ସଅପ ପଡିଆବାହାଲ ଏକାଦଶକୁ କପ ସହ ୮୦ ହଜାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ସେମିଫାଇନାଲରେ ପରାଜିତ ସମ୍ବଲପୁର ଜିଏଫ୍‌ସି ଓ କୁଚିଣ୍ଡା ବିଏଫ୍‌ସି ଏକାଦଶକୁ ୧୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦକ ଅକ୍ଷୟ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।ଯେହେତୁ ମନ୍ତ୍ରୀମୁଣ୍ଡା ଷ୍ଟାଡିୟମରେ ବିଭିନ୍ନ ଦଳ ପକ୍ଷରୁ ନାଇଜେରିଆ, ଘାନା, ନେପାଳ ଆଦି ପ୍ରଦେଶରୁ ବିଦେଶୀ ଖେଳାଳି ସାମିଲ ହୋଇଥିବାରୁ ପ୍ରତିଦିନ ସହସ୍ରାଧିକ ଦର୍ଶକଙ୍କ ସମାଗମ ହେଉଥିଲା।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ସମ୍ବଲପୁର ବାଇପାସ୍ ରିଂରୋଡ୍**

# ଆରମ୍ଭ ହେଲାନାହିଁ ନିର୍ମାଣ କାମ

**ସମ୍ବଲପୁର,୧୩।୧୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ଟ୍ରାଫିକ ସମସ୍ୟା ଗୁରୁତର ହେବାକୁ ବସିଛି। ୫୩ନଂ. ଜାତୀୟ ରାଜପଥ, ୫୫ନଂ. ରାଜ୍ୟ ରାଜପଥ ସହ ରାଜ୍ୟ ରାଜପଥ ୧୦ ମହାନଗର ମଧ୍ୟଦେଇ ଯାଇଥିବାରୁ ଭାରିଯାନ ଚଳାଚଳ ଯୋଗୁ ନିୟମିତ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ସମାଧାନ ପାଇଁ ସହର ବାହାର ପାର୍ଶ୍ୱ ଦେଇ ଏକହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବାଇପାସ୍ ରିଂ ରୋଡ୍ ନିର୍ମାଣ ପାଇଁ ୨୦୨୨ରେ ପ୍ରସ୍ତାବ ଦିଆଯାଇଥିଲା। ହେଲେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଭାରତମାଳା ପରିଯୋଜନାରେ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିସାରିଛି। ଏହି ପ୍ରକଳ୍ପ ପାଇଁ ୨୧ଟି ରାଜସ୍ୱ ଗ୍ରାମର ୩୫୦.୧୪ ଏକର ଜମି ଅଧିଗ୍ରହଣ କରାଯିବ। ଏଥିରୁ ୧୯ଟି ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ୨ଟି ଗ୍ରାମରେ ସରକାରୀ ଜମିରେ ରିଂରୋଡ୍ ନିର୍ମାଣ କରାଯିବ। ବାଇପାସ୍ ରିଂରୋଡ୍



ପ୍ରସ୍ତାବିତ ବାଇପାସ୍ ଏହି ସ୍ଥାନରେ ଏନ୍‌ଏଚ୍ ୫୫ ସହ ସଂଯୋଗ ହେବ।

ପାଇଁ ଅଧିଗୃହୀତ ହେବାକୁ ଥିବା ଜମିର ମୂଲ୍ୟାଙ୍କନ କରାଯାଇ ଏନ୍‌ଏଚ୍‌ଏଆଇକୁ ପଠାଯାଇଥିବା ନେଇ ସମ୍ବଲପୁର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହି ରିଂରୋଡ୍ ମହାନଗର ନିଗମର ୱାର୍ଡ ନମ୍ବର-୧ ଅନ୍ତର୍ଗତ କଳାମାଟି ନିକଟରୁ ଆରମ୍ଭ ହୋଇ ବରହମପୁରା, ଗୁଣ୍ଡେରପୁର, ମାନେଶ୍ୱର ଜୟନ୍ତପୁର ଆଦି ୨୧ଟି ଗ୍ରାମକୁ ସଂଯୋଗ କରି ରେଙ୍ଗାଲି ବାଇପାସ୍ ସହ ସଂଯୋଗ କରିବ। ଏଥିପାଇଁ ମାନେଶ୍ୱର ବ୍ଲକ ଗୁଣ୍ଡରପୁରରୁ ବରହମପୁରାକୁ ସଂଯୋଗ କରିବା ପାଇଁ ମହାନଦୀରେ ଏକ ବ୍ରିଜ ନିର୍ମାଣର ମଧ୍ୟ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମ୍ବଲପୁର ସହର ଦେଇ ଭାରିଯାନ ପ୍ରବେଶ ନ କରି ବାଇପାସ୍ ରିଂରୋଡ୍ ଦେଇ ଯାଇପାରିବ। ଯାହାଦ୍ୱାରା ସମ୍ବଲପୁର ସହର ଭିତରେ ଟ୍ରାଫିକ୍ ନିୟନ୍ତ୍ରଣ ହେବା ସହ ଯାତାୟାତ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ବାଇପାସ୍ ରିଙ୍ଗରୋଡ୍ ନିର୍ମାଣ ପ୍ରସଙ୍ଗରେ ମତାମତ ପାଇଁ ବର୍ତ୍ତମାନର ଏନ୍‌ଏଚ୍‌ଏଆଇ ସମ୍ବଲପୁର ଦାୟିତ୍ୱରେ ଥିବା ଚଣ୍ଡିଖୋଲର ପିଡି ଜେ.ପି. ବର୍ମାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ହେଲେ ନିକଟରେ ଏଠାରୁ ବଦଳି ହୋଇଯାଇଥିବା ଏନ୍‌ଏଚ୍‌ଏଆଇ ପିଡି ନାଗେଶ୍ୱର ରାଓଙ୍କୁ ପଚାରିବାରୁ ସେ କହିଥିଲେ, ଏହି ପ୍ରକଳ୍ପର ଡିପିଆର୍‌କୁ ଜାତୀୟ ରାଜପଥ ଟେକ୍ନିକାଲ ସ୍କ୍ରୁଟିନି କମିଟିକୁ ପଠାଯାଇଛି। କମିଟିର ସ୍ୱୀକୃତି ମିଳିବା ପରେ ଜମି ଅଧିଗ୍ରହଣ କରାଯାଇ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗିରିଗୋବର୍ଦ୍ଧନ ପୂଜା ଲାଗି କଳସ ଯାତ୍ରା

ମୁରିବାହାଲ, ୧୩।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଯାଦବ ସମାଜ ତରଫରୁ ସୋମବାର ୨୫ତମ ଗିରିଗୋବର୍ଦ୍ଧନ ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମର ମହିଳାମାନେ ପର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ ପରେ ଅଧିବାସ ହୋଇଥିଲା। ତରୁଣ ପୋଡ଼ ଏବଂ ତାଙ୍କ ପତ୍ନୀ ତପସିନୀ ପୋଡ଼ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ସାମନ୍ତ ବାଗ, ଉପସଭାପତି ଦୈତ୍ୟାରି ହାତୀ, ଦେବର୍ଞ୍ଜନ ଥପା, ସମ୍ପାଦକ ଦିନେଶ କୁମାର ହଂସ, ଯୁଗ୍ମ ସମ୍ପାଦକ ସୁଧାଂଶୁ ପୋଡ଼ ଯାଦବ, କୋଷାଧ୍ୟକ୍ଷ ସୁଦର୍ଶନ ଖର୍ସେଲ, ଯୁଗ୍ମ କୋଷାଧ୍ୟକ୍ଷ ଦିଲୀପ ବାଗଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଗିରିଗୋବର୍ଦ୍ଧନ ପୂଜା କର୍ତ୍ତା ଭାବେ ଦିଲୀପ ବାଗ ଓ ତାଙ୍କ ଧର୍ମପତ୍ନୀ ସଙ୍ଗୀତ ବାଗ କାର୍ଯ୍ୟ ତୁଲେଇବେ ବୋଲି କମିଟି ସୂତ୍ରରୁ ପ୍ରକାଶ। କମିଟି ଉପଦେଷ୍ଟା ଶ୍ରୀପତି ସାଣ୍ଡ, ମଧୁସୂଦନ ନାଗ ଯାଦବ, ମଧୁସୂଦନ ମହକୁର, ଦନାର୍ଦନ ବରର୍ଗ୍ଗି, ମହେନ୍ଦ୍ର ବାଗ, ସଦସ୍ୟ କରନ ଜାଲ, ପରମା ଗହିର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି।

### ମଇଦାନକେଲ ଜଙ୍ଗଲରେ ଛୁଆହାତୀ ଆହତ

କେନ୍ଦୁଝର, ୧୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ଛୁଆହାତୀ ଆହତ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଛି। ଛୁଆହାତୀର ବୟସ ପାଖାପାଖି ୮ ମାସ ହେବ ଏବଂ ୧୨ ଟିକିଆ ହାତୀ ଦଳରେ ବୁଲୁଛି। ଛୋଟେଇ ଚାଲୁଥିବା ବେଳେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିରୀକ୍ଷଣ କରୁଛନ୍ତି। ସୂଚନା ଅନୁଯାୟୀ, ଦଳରେ ୩ଟି ଦନ୍ତା, ୪ ମାଈ ଓ ୫ ଛୁଆହାତୀ ରହିଛନ୍ତି। ହାତୀପଲ ଜନବସତି ତଥା ଚାଷ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଲୋକମାନେ ଘଉଡ଼ାଉଛନ୍ତି। ହାତୀପଲ ପଥଭ୍ରଷ୍ଟ ହୋଇ ଏଣେତେଣେ ଦୌଡୁଛନ୍ତି। ଏହି ସମୟରେ ଖାଲଖମା, ପଥରଖୋଲରେ ପଡ଼ି ଛୁଆହାତୀ ଆହତ ହୋଇଥିବା ଅନୁମାନ କରାଯାଉଛି।

# ଅଘରିଆ ସମାଜକୁ ଅଣଦେଖା ଗ୍ରହଣୀୟ ନୁହେଁ

■ ଅଘରିଆ ସମାଜ ସଦସ୍ୟଙ୍କ ସହ ବିଧାୟକଙ୍କ ଆଲୋଚନା

■ ଗୌନ୍ତିଆ ଯଜ୍ଞେଶ୍ୱର ସାଏଙ୍କୁ ଜଣାଇଲେ ଶ୍ରଦ୍ଧାଞ୍ଜଳି



ବିଧାୟକ ନରସିଂହ ମିଶ୍ର ଅଘରିଆ ସମାଜ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର, ୧୩।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ପଶ୍ଚିମ ଓଡ଼ିଶା ଅଘରିଆ ସମାଜ ପ୍ରତି ସରକାରଙ୍କ ଅଣଦେଖା ପ୍ରସଙ୍ଗକୁ ବିଧାୟକ ନରସିଂହ ମିଶ୍ର ନିନ୍ଦା କରିଛନ୍ତି। ବଲାଙ୍ଗୀର ସଦର ବ୍ଲକ ବାରପୁଡଗିଆ ଗାଁର ଗୌନ୍ତିଆ ଯଜ୍ଞେଶ୍ୱର ସାଏଙ୍କ ସ୍ମୃତିଚାରଣ ସଭାରେ ଯୋଗଦେଇ ବିଧାୟକ ମିଶ୍ର କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ପ୍ରାୟତଃ ଅଘରିଆ ସମାଜର ସିଂହଭାଗ ଲୋକ ରହନ୍ତି। ଏ ଅଞ୍ଚଳରେ ଥିବା ସମସ୍ତ ଜିଲାରେ ଅଘରିଆ ସମାଜ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଦିଗକୁ ଚିନ୍ତା କଲେ ଅଞ୍ଚଳ ପ୍ରତି ଏମାନଙ୍କ ଅବଦାନ ଅନେକ। କିନ୍ତୁ ସେମାନଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି। ସରକାରଙ୍କର ଏପରି ଚିନ୍ତାଧାରା ଜାରି ରହିଲେ ଆଗାମୀ ଦିନରେ ଏମାନେ ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ୍ୟ ହେବେ ବୋଲି କହିଥିଲେ। ସମାଜର ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା କରି ବିଧାୟକ ମିଶ୍ର କହିଥିଲେ ଯେ ସରକାର ଅଘରିଆ ସମାଜ ଭବନ ନିର୍ମାଣ ପାଇଁ ୩କୋଟି ଟଙ୍କା ଓ ଜମି ଘୋଷଣା କରିଥିଲେ। କିନ୍ତୁ କିଛି ମୁଷ୍ଟିମେୟ ତୋଷାମଦକାରୀ ଉକ୍ତ ଜମି ଓ ଅନୁଦାନ ପ୍ରଦାନ ଦିଗରେ ବାଧକ ସାଜିଛନ୍ତି। ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କ କ୍ରମାଗତ ଅବହେଳାର ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ବିଧାୟକ ମିଶ୍ର କହିଥିଲେ। ବାରପୁଡୁଗିଆ ଏକ ଐତିହାସିକ ଗାଁ ଆଲୋଚନା ବେଳେ ସେ ଏହା କହିଥିଲେ ଯେ ଏହି ଗାଁର ସ୍ୱର୍ଗତ ରବିଚନ୍ଦ୍ର ସାଏ ପାଟଣା ଷ୍ଟେଟ ଅମଳର ପ୍ରଥମ ମାଟ୍ରିକ୍ୟୁଲେଟ ଥିଲେ। ତେଣୁ ତାଙ୍କର ମଧ୍ୟ ଏକ ପ୍ରତିମୂର୍ତ୍ତି ସ୍ଥାପନ କରି ତାଙ୍କୁ ଉପଯୁକ୍ତ ସମ୍ମାନ ଜଣାଇବା ଦରକାର। ସ୍ମୃତିଚାରଣ ସଭାରେ ଗୌନ୍ତିଆ ସ୍ୱର୍ଗତ ଯଜ୍ଞେଶ୍ୱର ଶିକ୍ଷା ଓ କୃଷିର ଉନ୍ନତି ଦିଗରେ କିଭଳି ଅତୁଳନୀୟ କାର୍ଯ୍ୟ କରିଥିଲେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଘରିଆ ସମାଜ ସଭାପତି ଶୁଭ୍ରାଂଶୁ ଶେଖର ପଟେଲ, ସମ୍ପାଦକ ଦିଗାମ୍ବର ନାଏକ, ପୂର୍ବତନ ସଭାପତି ଦ୍ୱାରିକା ପଟେଲ, ହରିଶଙ୍କର ସାଏ, ଧ୍ରୁବ ପଟେଲ, ଡାକ୍ତର ଲୋକେଶ୍ୱର ସାଏ, ଜୟକୃଷ୍ଣ ମିଶ୍ର, ଜୟକୃଷ୍ଣ ନାଏକ, ନୃପରାଜ ସାଏ, ଇଂ. ବିଘ୍ନରାଜ ସାଏ, ବିଶ୍ୱରାଜ ସାଏ, ଲୋକନାଥ କୁମୁରା, ଇଂ. ବେଲାର ସିଂ ଭୋଇ, ଘାସିରାମ ବେହେରା, ବୁଲୁ ଦାନି, ଜୁଲୁ ପଟ୍ଟନାୟକ ଏବଂ ଅଘରିଆ ସମାଜର ଏ ଅଞ୍ଚଳରେ ଥିବା ୧୮ଗୁଡିର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

## ଆଜିଠୁ ବିଜେଡି ସରକାର ବିରୋଧରେ ଆନ୍ଦୋଳନ

### ଖବରଦାତା ସମ୍ମିଳନୀରେ ସୂଚନା

ଭବାନୀପାଟଣା, ୧୩।୧୧ (ଉତ୍ତମ କୁମାର ଦାଶ)



ଭାଜପାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରକୁ ନେଇ ରାଜ୍ୟ ବିଜେଡି ସରକାରଙ୍କ ବିରୋଧରେ ମଙ୍ଗଳବାରଠାରୁ କଳାହାଣ୍ଡିରେ ଭାଜପା ଆନ୍ଦୋଳନ କରିବ। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଜିଲାର ୧୩ଟି ବ୍ଲକ ସମେତ ୩ଟି ଏନଏସି ଓ ମ୍ୟୁନିସିପାଲଟି ଆଗରେ ବିକ୍ଷୋଭ କରିବ। ସୋମବାର ଭବାନୀପାଟଣାସ୍ଥିତ ସାର୍କିଟ ହାଉସଠାରେ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଭାଜପାର ଅଭିଯୋଗ ଅନୁସାରେ, ରାଜ୍ୟରେ ୫୦ ପ୍ରତିଶତ ପିସିରେ ଚାଲିଛି ବିଜେଡି ସରକାର। ପଞ୍ଚାୟତ ଓ ବ୍ଲକ ହେଉଛି ପିସି କାରବାରର ମୂଳ ଉତ୍ସ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଡଧରଣର ଦୁର୍ନୀତି ହୋଇଛି। ବିଜେଡି ନେତା ଏହି ଦୁର୍ନୀତି କରୁଛନ୍ତି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ପିସି ସଂଗ୍ରହର ଦ୍ୱିତୀୟ ଉତ୍ସ ପାଲଟିଛି। ସେଥିରେ ବିଜେଡି ନେତାଙ୍କ ସଂପୃକ୍ତି ରହିଛି। ଯାହାର ଲାଭ ଗରିବ ଲୋକ ପାଉନାହାନ୍ତି। ସବୁ କାମ ମେଶିନ କରୁଛି। ଦିନ ମଜୁରିଆ କାମ ନ ପାଇ ଘରେ ବସିଛି। ସେହିପରି ସ୍ୱଚ୍ଛ ଭାରତ ମିଶନ ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଓଡ଼ିଶାକୁ ଦେଇଛନ୍ତି। ହେଲେ ପିସି ନ ଦେଲେ ପାଇଖାନା ମଧ୍ୟ ଆଲଟ ହେଉନାହିଁ। ଭତ୍ତା ଦେବାରେ ମଧ୍ୟ ଜାଲିଆତି ହେଉଛି। ସେହିପରି ୨୦୧୯ ନିର୍ବାଚନ ପୂର୍ବରୁ 'ଆମ ଗାଁ ଆମ ବିକାଶ' ଯୋଜନାରେ ରାଜ୍ୟ ସରକାର ୨୦୦୦ କୋଟି ଟଙ୍କା ହରିଲୁଟ କରିଥିବା ଅଭିଯୋଗ ଆଣିଛି ଭାଜପା। ନିର୍ବାଚନ ସରିବା ପରେ ଏ ଯୋଜନା ବନ୍ଦ ହେଲା। ୨୦୨୪ ନିର୍ବାଚନ ପୂର୍ବରୁ ନୂଆ ନାଟକ ଆରମ୍ଭ କଲେ ଆମ ଓ ନବୀନ ଓଡିଶା। ପ୍ରତି ବ୍ଲକକୁ ଟଙ୍କା ଦେବେ, ଏହାର ତଦାରଖ କରିବେ ଅଧିକାରୀ। ଦଳୀୟ ପାଣ୍ଠି ସଂଗ୍ରହ ପାଇଁ ଏ ଯୋଜନା, ନିର୍ବାଚନ ସରିଲେ ଏ ଯୋଜନା ବି ବନ୍ଦ ହେବ। କଳାହାଣ୍ଡିରେ ଦାଦନ ସମସ୍ୟା, ମଣ୍ଡି ସମସ୍ୟା, ଶିଳ୍ପ ବିହୀନ ସମସ୍ୟା, ନାରୀ ନିର୍ଯ୍ୟାତନା, କପାର ଅଭାବ ବିକ୍ରି ଓ ମମିତା ମେହେର ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିବ ଭାଜପା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱନାଥପୁର ବସ୍ତିବାସିନ୍ଦା ଥାନାର ଦ୍ୱାରସ୍ଥ

ଲାଞ୍ଜିଗଡ଼, ୧୩।୧୧ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବସ୍ତି ମହିଳାଙ୍କୁ ଗାଳିଗୁଲଜ ଓ ଧମକଚମକ ଦେବା ଅଭିଯୋଗ ନେଇ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ବିଶ୍ୱନାଥପୁର ବସ୍ତିବାସିନ୍ଦା। ସୂଚନାନୁଯାୟୀ, ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଡିଗ୍ରୀ କଲେଜ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ କଲେଜର ନିଯୁକ୍ତି ଦେବା ନାଁରେ ଲକ୍ଷାଧିକ ଟଙ୍କା ନେଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ପରେ ତଦନ୍ତ ହୋଇଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ରବିବାର ବିଳମ୍ବିତ ରାତିରେ ବସ୍ତିରେ ପାଟିତୁଣ୍ଡ କରିବା ସହିତ ବସ୍ତିରେ ବମ ପକାଇ ଉଡ଼ାଇଦେବାକୁ ଧମକ ଦେଇଛନ୍ତି ଏବଂ ବସ୍ତିର ମହିଳାଙ୍କୁ ଗାଳି କରିଥିବା ନେଇ ଗାଁ ଗୌନ୍ତିଆ ପ୍ରଦୀପ କୁମାର ଘଡେଇ, କୃଷ୍ଣ ଚନ୍ଦ୍ର ଘଡେଇଙ୍କ ସମେତ ପୁରୁଷ ମହିଳା ସୋମବାର ବିଶ୍ୱନାଥପୁର ଥାନାରେ ସାହୁଙ୍କ ନାଁରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ମମତା ହେମ୍ବ୍ରମଙ୍କ କହିବା ଅନୁସାରେ ପୂର୍ବତନ ଅଧ୍ୟକ୍ଷଙ୍କୁ ନେଇ ବସ୍ତି ବାସିନ୍ଦାଙ୍କ ଏକ ଲିଖିତ ଅଭିଯୋଗ ହୋଇଛି, ଏହାକୁ ନେଇ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଆଶିଷ



@ ଅରୁଣ



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଯୋଗଦାନର ସପ୍ତାହେ ନ ପୂରୁଣୁ ବିଡିଓଙ୍କ ପଦୋନ୍ନତି

ଲୋଇସିଂହା, ୧୩।୧୧(ସୁଶାନ୍ତ ବାରିକ)



ଯୁଧିଷ୍ଠିର ମେହେର

ବଲାଙ୍ଗୀର ଜିଲା ଲୋଇସିଂହା ବିଡିଓ ଯୁଧିଷ୍ଠିର ମେହେରଙ୍କର ଓଡ଼ିଶା ପ୍ରଶାସନିକ ସେବାର ସିନିୟର ର୍ୟାଙ୍କକୁ ପଦୋନ୍ନତି ହୋଇଛି। ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ପକ୍ଷରୁ ୩୧ ଅକ୍ଟୋବରରେ ଜାରି କରାଯାଇଥିବା ନିର୍ଦ୍ଦେଶନାମରୁ ଏହା ଜଣାପଡିଛି। ନୂତନ ନିର୍ଦ୍ଦେଶନାମ ନ ଆସିବା ଯାଏ ସେ କାର୍ଯ୍ୟ କରୁଥିବାସ୍ଥଳରେ କାମ କରିବେ ବୋଲି ନିର୍ଦ୍ଦେଶନାମରେ କୁହାଯାଇଛି। ଏଠାରେ ଅବସ୍ଥାପିତ ବିଡିଓ ଅକାଶ ସାହୁଙ୍କ ବଦଳିପରେ ବିଡିଓ ମେହେର ଗତ ୨୫ ଅକ୍ଟୋବରରେ ଏଠାରେ ଯୋଗଦାନ କରିଥିଲେ। ଅକ୍ଟୋବର ୨୫ ରୁ ୩୧ ତାରିଖ ଯାଏ ସେ ଏଠାରେ ଓଡ଼ିଶା ପ୍ରଶାସନିକ ଅଧିକାରୀ ଜୁନିୟର ର୍ୟାଙ୍କରେ କାମ କରୁଥିଲେ। ଏବେ ନୂତନ ନିର୍ଦ୍ଦେଶନାମ ବଳରେ ସିନିୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏଠାରେ ଯୋଗଦାନର ସପ୍ତାହେ ନ ପୂରୁଣୁ ବିଡିଓ ମେହେରଙ୍କ ପଦୋନ୍ନତି ଖବର ମିଳିବା ପରେ ଷ୍ଟାଫ ଏବଂ ଶୁଭେଚ୍ଛୁଙ୍କ ମହଲରେ ଖୁସି ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ବରଗଡ ସଦର ବ୍ଲକ ବିଡିଓ, ବରପାଲି ତହସିଲଦାର ଏବଂ ବୌଦ୍ଧ ଜିଲା ଡେପୁଟି ଜିଲାପାଳ ଭାବେ ସେ କାର୍ଯ୍ୟ କରିଛନ୍ତି।

## ବଲାଙ୍ଗୀର କ୍ରୀଡ଼ା ଛାତ୍ରାବାସ ଦଳ ବିଜୟୀ

### ବିନୋଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ବଲାଙ୍ଗୀର, ୧୩।୧୧ (ବୀରେନ୍ଦ୍ର କୁମାର ଝାଙ୍କର)



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ବଲାଙ୍ଗୀର ସଦର ବ୍ଲକ ଢୁଲୁସର ଗାଁ ଖେଳପଡିଆରେ ପ୍ରଥମ ବିନୋଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ସମ୍ମାନିତ ଅତିଥି ଭାବେ କ୍ରୀଡାବିତ ଲୋକନାଥ କୁମୁରା, ଘାସିରାମ ବେହେରା, ରୁତୁରାଜ ସିଂ, ସୁବାସ ନନ୍ଦ, ରାମକୁମାର କୁମୁରା ଓ ଶରତ କୁମାର ନନ୍ଦ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବଲାଙ୍ଗୀର କ୍ରୀଡା ଛାତ୍ରାବାସ ଦଳ ଓ ଢୁଲୁସର ଜବାହାରଲାଲ ଫୁଟବଲ ଆସୋସିଏଶନ୍ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳରେ ଦୁଇଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହାପରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବଲାଙ୍ଗୀର କ୍ରୀଡା ଛାତ୍ରାବାସ ଦଳ ୩-୧ ଗୋଲରେ ବିଜୟ ହୋଇଥିଲା। କ୍ରୀଡା ଛାତ୍ରାବାସ ଗୋଲକିପରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯିବା ସହ ଅତିଥିମାନେ ତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଦଣ୍ଡପାଟ ସର୍ବଯାଦବ ସମାଜର ଗିରିଗୋବର୍ଦ୍ଧନ ପୂଜା

ବେହେରା, ୧୩।୧୧(ଭୂପେଶ ତିୱାରୀ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଦଣ୍ଡପାଟ ସର୍ବ ଯାଦବ ସମାଜ ଦ୍ୱାରା ଗୋରୁବଜାରଠାରେ ତିନିଦିନାତ୍ମକ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି। ରବିବାର କଳସ ଯାତ୍ରାରେ ଦଣ୍ଡପାଟ ଅଞ୍ଚଳର ପ୍ରାୟ ୧୫ରୁ ଅଧିକ ଗ୍ରାମର ଯାଦବମାନେ ସମ୍ମିଳିତ ହୋଇଥିଲେ। କର୍ତ୍ତା ଭାବେ ଡିଷ୍ଟିକ ବାଣୁଆ ଓ ଉପାସି ବାଣୁଆ, ପୂଜକ ଭାବେ ହରେକୃଷ୍ଣ ମିଶ୍ର ପୂଜନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଯାଦବଙ୍କ ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ପୂଜନ ସହିତ ଗିରିଗୋବର୍ଦ୍ଧନ ଓ ଗୋମାତା ପ୍ରତି ଅତୁଟ ଆସ୍ଥା ବିଶ୍ୱାସ ରହିଛି। ଦୀପାବଳିରେ କଳସ ଯାତ୍ରା ସମ୍ପନ୍ନ କରି ସୋମବାର ମଶାଲ ଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଗିରିଗୋବର୍ଦ୍ଧନ ପୂଜନ କରାଯାଇଥିଲା। ଉତ୍କଳ ଯାଦବ ମହାସଭାର ମହାସଚିବ ଲମ୍ବୋଦର ନିଏଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ଟାରେ ଆଲୋଚନା ସଭା ପରେ ପ୍ରସାଦ ସେବନ ସମ୍ପନ୍ନ ହୋଇଥିଲ। ମଙ୍ଗଳବାର ପୂର୍ଣ୍ଣାହୂତି ହୋଇ ଗିରିଗୋବର୍ଦ୍ଧନ ପୂଜା ଉଦଯାପିତ ହେବ। କାର୍ଯ୍ୟକ୍ରମ ସଭାପତି ତୁଳସିରାମ ବାରିକ, ଉପସଭାପତି ଚନ୍ଦନ ବାଣୁଆ, ସମ୍ପାଦକ ହେମନ୍ତ ନାଗ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଗୌର ବାଗ, ହରଦୁ ସିଂ ଗୋପାଳ, ଟିକେଶ୍ୱର ଗୋପାଳ, ତୁଳାରାମ ଗୋପାଳ, ପ୍ରେମ କାଣ୍ଡ, ଗୋପୀନାଥ ଘଡତ, କ୍ଷୀରସିନ୍ଧୁ ବାଣୁଆ, ନାରୀ ନେତ୍ରୀ ରଶ୍ମିରେଖା ରାଉତ, ସୁଚିତ୍ରା ଗୋପାଳଙ୍କ ସମେତ ଶହଶହ ଯାଦବ ସମାଜର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

## ବେଆଇନ ମଦ ବିକ୍ରିକୁ ବିରୋଧ କରି ବିକ୍ଷୋଭ

ନୂଆପଡ଼ା, ୧୩।୧୧(ମକାରୁ ବେମାଲ)

ନୂଆପଡା ସଦର ଥାନା ଗୋଡଫୁଲା ପଞ୍ଚାୟତ ପଗାରପାଣି ଗାଁରେ ବେଆଇନ ମଦ ବିକ୍ରୟକୁ ବିରୋଧ କରାଯାଇଛି। ଏ ନେଇ ସୋମବାର ଶତାଧିକ ମହିଳା ଓ ପୁରୁଷ ଜିଲା ଅବକାରୀ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗାଁରେ ବେଆଇନ ଭାବରେ ଖୋଲାଖୋଲି ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରୟ ଚାଲିଛି। ଗାଁରେ ମଦ ବିକ୍ରୟ ହେବା ଦ୍ୱାରା ମଦ୍ୟପକ ସଂଖ୍ୟା ବୃଦ୍ଧି ପାଇବା ସହ ଛୋଟ ଛୋଟ ପିଲା ଉପରେ ପ୍ରଭାବ ପଡୁଛି। ଗାଁରେ ଅସାମାଜିକ କାର୍ଯ୍ୟାକଳାପ ବଢିବା ସହ ମହିଳାମାନେ ଗାଁ ଦାଣ୍ଡରେ ଏକାକି ଯାଇ ପାରୁନାହାନ୍ତି। ଗ୍ରାମବାସୀ ଅନେକ ଥର ସଦର ଥାନା ଓ ଜିଲା ଅବକାରୀ ବିଭାଗକୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ ହୋଇ ଗାଁର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପ୍ରଥମେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲା ଅବକାରୀ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ବୁଝାଇବା ପରେ ବିକ୍ଷୋଭକାରୀ ବୁଝିଥିଲେ। ଗାଁରେ ମଦ ବିକ୍ରୟ ବନ୍ଦ ହେବା ସହିତ ବିକ୍ରୟକାରୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ। ଏହି ସମୟରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ନିରା ବାଇ ବେମାଲ, ନନ୍ଦଲାଲ ମାଝି, ଲକ୍ଷ୍ମଣ ମାଝି, ରୋହିତ ମାଝି, ଲିଲାବତି ମାଝି, ଧନମତି ମାଝି, ମିନି କୁମାରି ମାଝି, ପ୍ରମେଶ୍ୱର ମାଝି, ଚାମରୁ ମାଝି, ଡାକେ ମାଝି, ଭକ୍ତବନ୍ଧୁ ଧରୁଆ, କୃଷ୍ଣ ମାଝି ପ୍ରଖୁଖ ଉପସ୍ଥିତ ଥିଲେ।



ଜିଲା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## 'ସଚେତନ ହେବା, ସୁରକ୍ଷିତ ରହିବା'

### ବିଶ୍ୱ ନିମୋନିଆ ଦିବସ ପାଳିତ

ବଲାଙ୍ଗୀର, ୧୩।୧୧ (ବୀରେନ୍ଦ୍ର କୁମାର ଝାଙ୍କର)



ବିଶ୍ୱ ନିମୋନିଆ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଅଧିକାରୀମାନେ ସଚେତନତା ପତ୍ର ଲୋକାର୍ପଣ କରୁଛନ୍ତି।

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତଙ୍କ ଅଧ୍ୟକ୍ଷତାରେ ସୋମବାର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସମ୍ମିଳନୀ କକ୍ଷରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଛି। ସଚେତନତା ହିଁ ନିମୋନିଆରୁ ସୁରକ୍ଷାର ଏକ ପ୍ରମୁଖ ବାଟ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡାକ୍ତରମାନେ ମତ ରଖିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭା ପ୍ରାରମ୍ଭରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର ସ୍ୱାଗତ ବକ୍ତବ୍ୟ ରଖି ନିମୋନିଆ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡାକ୍ତର ସୁଧା ବାର୍ଲା ଆସନ୍ତା ଫେବୃଆରୀ ୨୯ପର୍ଯ୍ୟନ୍ତ ନିମୋନିଆ ନିରୋଧ କାର୍ଯ୍ୟକ୍ରମ କରି ନିମୋନିଆ ବିରୋଧରେ ପଦକ୍ଷେପ ନେବା ବିଷୟରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ନିମୋନିଆ ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବାର ପାଇଁ ପଦକ୍ଷେପ ବିଷୟରେ କହିଥିଲେ। ସଚେତନ ବ୍ୟକ୍ତି ପରିବାର ଏବଂ ସମାଜର ବହୁ ଲୋକଙ୍କ ଜୀବନ ରକ୍ଷା କରିପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ତୁଷାରକାନ୍ତ ଠାକୁର, ଡିଏମଆରସିଏଚ୍ ଗୁରୁଦେବ କୁମ୍ଭାର, ଭିବିଡିସି ସୁରେଶ ସ୍ୱାଇଁ, ଏଏମସିପି ଗୋପାଳକୃଷ୍ଣ ସାହୁ, ଆଇସିଏ ସୁଦାମ ପ୍ରଧାନ ଉପସ୍ଥିତ ଥିଲେ । ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମିଶ୍ର ସଭା ପରିଚାଳନା କରିଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନିମୋନିଆ ରୋଗ ସଚେତନତା ପତ୍ର ଲୋକାର୍ପିତ ହୋଇଥିଲା।

# ଐତିହାସିକ ରାମେଶ୍ୱର, ଗନ୍ଧରାଢ଼ି ମନ୍ଦିର ସଂରକ୍ଷଣ ହେବ

## ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମହାନିର୍ଦ୍ଦେଶକଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ, ୧୩।୧୧(ଅଜିତ କୁମାର ବାରିକ)

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମହାନିର୍ଦ୍ଦେଶକ କିଶୋର କୁମାର ବାସାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରି ବୌଦ୍ଧର ଐତିହାସିକ ରାମେଶ୍ୱର ଓ ଗନ୍ଧରାଢୀ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ଥିବା ସୋମବଂଶୀଙ୍କ ଦ୍ୱାରା ନବମ ଶତାବ୍ଦୀରେ ନିର୍ମିତ ଐତିହାସିକ ରାମେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ନାଳିଡାଳିମ୍ବ ପଥରରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଦେଖି ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତିନିଧିମାନେ ଅଭିଭୂତ ହୋଇଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ମନ୍ଦିର ପୂଜକମାନଙ୍କ ସହିତ ଆଲୋଚନା କରିବା ପରେ ଏହି ପ୍ରାଚୀନ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ଓ ସଂରକ୍ଷଣ ପାଇଁ ଯୋଜନା ପ୍ରସ୍ତୁତ କରାଯିବାକୁ ଆଲୋଚନା କରାଯାଇଥିଲା। ମନ୍ଦିରର ମୂଳଢାଞ୍ଚାକୁ କୌଣସି କ୍ଷତି ନ ପହଞ୍ଚାଇ ଚାରିପଟେ ପାଚେରୀ ନିର୍ମାଣ, ଅର୍ଦ୍ଧନିର୍ମିତ ମନ୍ଦିରର ଗର୍ଭଗୃହରେ ବାଲି ଫିଲିଙ୍ଗ ଓ ରକ୍ଷଣାବେକ୍ଷଣ, ଆଲୋକୀକରଣ, ପର୍ଯ୍ୟଟକଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା, ଉଦ୍ୟାନର ବିକାଶ ଓ ଶୌଚାଳୟ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ମନ୍ଦିର ମଧ୍ୟରେ ବିକ୍ଷିପ୍ତ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ଏକତ୍ରିକରଣ ଓ ସଂରକ୍ଷଣ କରାଯିବାକୁ ପ୍ରତିନିଧି ମଣ୍ଡଳୀ ପରାମର୍ଶ ଦେଇଥିଲେ। ପରେ ଏହି ପ୍ରତିନିଧି ମଣ୍ଡଳୀ ବୌଦ୍ଧ ରାଜପ୍ରାସାଦ ନିକଟରେ ଅବସ୍ଥିତ ବୁଦ୍ଧ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରୁ ବୌଦ୍ଧ ବ୍ଲକ ଜଗତୀ ସ୍ଥିତ ଗନ୍ଧରାଢୀ ମନ୍ଦିରରେ ପ୍ରତିନିଧିମଣ୍ଡଳୀ ପହଞ୍ଚି ସେବକ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଅଷ୍ଟମ ଶତାବ୍ଦୀରେ ଭଞ୍ଜ ବଂଶୀୟ ରାଜାଙ୍କ ଦ୍ୱାରା ନିର୍ମିତ ଏହି ପ୍ରାଚୀନ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର ଏବଂ ଏହାର ଐତିହାସିକ ବିଶେଷତ୍ୱ ସମ୍ପର୍କରେ ଜାଣି ପ୍ରତିନିଧିମଣ୍ଡଳୀ ଅଭିଭୂତ ହୋଇଥିଲେ। ଗୋଟିଏ ବେଦୀ ଉପରେ ନିର୍ମିତ ଏହି ଦୁଇଟି ପ୍ରାଚୀନ ମନ୍ଦିରରେ ସିଦ୍ଧେଶ୍ୱର ଓ ନୀଳମାଧବ ପୂଜା ପାଉଥିବାବେଳେ ମନ୍ଦିର ଚୂଡାରେ ଶକ୍ତି ଓ ଚକ୍ର ଅବସ୍ଥିତ। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଯେକୌଣସି ପର୍ଯ୍ୟଟକ ଓ ଗବେଷକଙ୍କୁ ଏହି ପ୍ରାଚୀନ କୀର୍ତ୍ତିରାଜି ପ୍ରତି ସର୍ବଦା ଆକର୍ଷିତ କରିଥାଏ। ତେବେ ପ୍ରଚାର ପ୍ରସାର ଅଭାବରୁ ଏହି ଐତିହାସିକ ମନ୍ଦିର ଏପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ତେବେ ମନ୍ଦିରର ଆବଶ୍ୟକୀୟ ମରାମତି ନେଇ ସେବକମାନେ ପ୍ରତିନିଧି ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ବ୍ୟତୀତ ମନ୍ଦିର ମଧ୍ୟରେ ଆଲୋକୀକରଣ, ପାନୀୟଜଳ, ଶୌଚାଳୟ, ଉଦ୍ୟାନ ଆଦି ନିର୍ମାଣ କରାଯିବାକୁ ଆଲୋଚନା ହୋଇଥିଲା। ମନ୍ଦିର ଦ୍ୱୟର ସଂରକ୍ଷଣ ଉପରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିଦର୍ଶନରେ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ସର୍ବେକ୍ଷଣ ପ୍ରତ୍ନତତ୍ତ୍ୱବିତ ଡ. ସୁଶାନ୍ତ କୁମାର କର, ଇଞ୍ଜିନିୟର ପଙ୍କଜ ଦାସ, ସର୍ଭେୟର ପି.କେ.ରାଉତ, ଡ୍ରାଫ୍‌ମ୍ୟାନ ଭିଲେନ ମିଶ୍ର, କନଜରଭେସନ ଆସିଷ୍ଟାଣ୍ଟ ମାନସ କୁମାର ସାହୁ ପ୍ରମୁଖ ସାମିଲ ଥିଲେ। ଏହି ପ୍ରତିନିଧି ମଣ୍ଡଳୀଙ୍କୁ ମନ୍ଦିର ବିଭିନ୍ନ ବିଷୟରେ ସୂଚନା ଦେବା ପାଇଁ ନାଗରିକ କମିଟିର ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ପ୍ରଶାନ୍ତ କୁମାର ମହାପାତ୍ର, ମଡେଲ ଡିଗ୍ରୀ କଲେଜର ଇତିହାସ ବିଭାଗ ଅଧ୍ୟାପକ ଦିବ୍ୟରଞ୍ଜନ ତ୍ରିପାଠୀ, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦ ଚନ୍ଦ୍ର ଦଳବେହେରା ଓ ଜିଲା ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ସାମିଲ ହୋଇଥିଲେ।



ବୌଦ୍ଧ ରାମେଶ୍ୱର ମନ୍ଦିର ପରିଦର୍ଶନ କରୁଛନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମହାନିର୍ଦ୍ଦେଶକ ଓ ଅନ୍ୟମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଶିଷ



@ ଅରୁଣ



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୪୭ ବର୍ଷରେ ଜାଣ୍ଡୋଲର କାଳୀପୂଜା

ଭେଡ଼େନ, ୧୩।୧୧ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଛକ ପଡ଼ିଆରେ ଚାଲିଥିବା ପ୍ରସିଦ୍ଧ କାଳୀପୂଜା ଚଳିତବର୍ଷ ୪୭ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ରବିବାର ଗ୍ରାମର ଦେଉଳ ବନ୍ଧ ପୋଖରୀରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ପୂଜା ଚାଲିବ। ସେହିପରି ସୋମବାରଠାରୁ ମୁକ୍ତାକାଶ ରଙ୍ଗମଞ୍ଚରେ ମହିଷାସୁରରାଜ୍ ଆରମ୍ଭ ହୋଇଛି। ପ୍ରତି ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅପେରା ପରିବେଷଣ କରାଯାଉଛି। ଶୁକ୍ରବାର ମହିଷାସୁର ବଧ ଓ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଭୀଷ୍ମଦେବ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସରଣ୍ଡା, ୧୩।୧୧ (ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ଖବରଦାତା ଭୀଷ୍ମଦେବ ପଣ୍ଡାଙ୍କ ପରଲୋକରେ ସୋମବାର ସନ୍ଧ୍ୟାରେ ଗୋଡ଼ଭଗା ଦୁର୍ଗାମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା କମିଟି ସଭାପତି ରାମକୃଷ୍ଣ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ପଣ୍ଡାଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ସମ୍ପାଦକ ଦେବବ୍ରତ ରଥ, ପ୍ରଦୀପ ପ୍ରଧାନ, କୁଳମଣି ପ୍ରଧାନ, ସୁରେଶ ଦାଶ, ବିଭୁ ମହାନ୍ତି, କେ. ୱରପ୍ରସାଦ, ଡ. ଚିତ୍ତରଞ୍ଜନ ଜେନା, ପ୍ରେମରାଜ ପ୍ରଧାନ, ସତୀଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ରାଜବୋଡ଼ାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଜିଲାସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜିଲଶ ଶାରୀରିକ ଶିକ୍ଷା ନିରୀକ୍ଷକ ରାଧାକାନ୍ତ ଛତ୍ରୀ ସଭାପତିତ୍ୱ କରିଥିଲେ। ବିଧାୟକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜବୋଡ଼ାସମ୍ବର ବ୍ଲକ, ପାଇକମାଲ ବ୍ଲକ ଓ ଝାରବନ୍ଧ ବ୍ଲକର ବ୍ଲକ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବରଗଡ଼ ଜିଲାର ୧୦ ଟି ବ୍ଲକର ସ୍କୁଲ ଛାତ୍ରମାନେ ଯୋଗଦାନ କରିଛନ୍ତି । ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଶିକ୍ଷକ ହରେକୃଷ୍ଣ ମେହେର ଓ ବ୍ଲକର ସମସ୍ତ ଖେଳ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାକୁ ରାଜେଶ ଖମାରୀ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବରିକେଲ ହାଇସ୍କୁଲ ଖେଳ ପଡିଆରେ ପାଇକମାଳ ଓ ଅତାବିରା ବ୍ଲକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତାବିରା ୮୩ ରନ୍‌ରେ ବିଜୟୀ ହୋଇଥିଲା। ଅଞ୍ଚଳ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭେଡେନ ଓ ସୋହେଲା ବ୍ଲକ ମଧ୍ୟରୁ ଭେଡେନ ୧୭ ରନରେ ବିଜୟୀ ହୋଇଥିଲା ବେଳେ ରାଜବୋଡ଼ାସମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଭଟଲି ଓ ବରପାଲି ବ୍ଲକ ମଧ୍ୟରୁ ଭଟଲି ୩୪ ରନରେ ବିଜୟୀ ହୋଇଥିଲା।



ବିଧାୟିକା ବର୍ଷା ସିଂ ବରିହା ଜିଲାସ୍ତରୀୟ କ୍ରିକେଟକୁ ଉଦ୍‌ଘାଟନ କରୁଛନ୍ତି।

## ବରପାଲିରେ ସାର୍ବଜନୀନ କାଳୀପୂଜା

ବରପାଲି, ୧୩।୧୧ (ଚିତ୍ତରଞ୍ଜନ ସାହୁ)

ବରପାଲି ଶ୍ୟାମାଛକରେ ୫୫ତମ ସାର୍ବଜନୀନ କାଳୀପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ କଳସ ଶୋଭାଯାତ୍ରା ହୋଇଥିଲା। ସୋମବାର ଚଣ୍ଡୀ ପାଠ, ଚଣ୍ଡୀ ହୋମ କରାଯାଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଅର୍କେଷ୍ଟ୍ରା ହୋଇଥିଲା। ଏଥିରେ କଣ୍ଠ ଶିଳ୍ପୀ ଗଗନ ବାଗ, କ୍ରିଷ୍ଣା, ପୁଷ୍ପରାଜ୍, ପଦ୍ମଶ୍ରୀ ଖଟେଇ, ସୃଷ୍ଟିକା ବାରିକ, ମୁଗ୍ଧା ଦାଶ, ଦୁର୍ଗା ଦାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଚଳିତ ବର୍ଷ ଅଶୋକ କୁମାର ପଣ୍ଡା ଓ ନୀଳୋତ୍ପଳା ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଦେବବ୍ରତ କର, ହେମନ୍ତ ମିଶ୍ର, ଡୋଲାମଣି ଦେବତା, ଅନିଲ ରଥ, ରାଜକିଶୋର ପ୍ରମୁଖ ପୂଜାକାର୍ଯ୍ୟ କରିଥିଲେ।

# ଫୁଟ୍‌ବଲ: ସେମିରେ ଘୁଲିପାଲି

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଚତୁର୍ଥ ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ସୋମବାର ବଡମାଳର ସ୍ପୋର୍ଟସ କ୍ଲବ ଏବଂ ଘୁଲିପାଲିର ଶାନ୍ତି କ୍ଲବ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଶାନ୍ତି କ୍ଲବ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦ୍ୱାରା ଆୟୋଜିତ ମ୍ୟାଚ୍‌କୁ ଉଭୟ ଦଳ ନିଜ ସପକ୍ଷରେ ରଖିବାକୁ ଚେଷ୍ଟା କରି ସଫଳ ହୋଇଥିଲେ। ଏହି ସମୟ ମଧ୍ୟରେ ଉଭୟେ ଉଭୟଙ୍କୁ ୨ଟି ଲେଖାଏଁ ଗୋଲ ଦେଇଥିଲେ ଏବଂ ମ୍ୟାଚ୍ ବରାବର ସ୍ଥିତିରେ ରହିଥିଲା। ଫଳରେ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ଘୁଲିପାଲି ଦଳ ୪–୨ ଗୋଲରେ ବିଜୟୀ ହୋଇଥିଲା। ଦୀପେଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଅଶ୍ୱିନୀ ମେହେର ଓ ସୁନିଲ ବାଗ ସହଯୋଗ କରିଥିଲେ। ଶୁଭମ୍ ପାତ୍ର ଚତୁର୍ଥ ରେଫରି ଓ ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଜିଲା କ୍ରୀଡ଼ା ସଂସଦର କାଉନସିଲ ସଦସ୍ୟ ବିଷ୍ଣୁ ପ୍ରସାଦ ଧନୁକା, ଦିଲୀପ ସାୱଡ଼ିଆ, ପ୍ରାକ୍ତନ ଖେଳାଳି ଜ୍ଞାନ ରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ଗର୍ଭଣା ଓ ତୋରା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସୋଲାର ପ୍ରକଳ୍ପ ଅଚଳ, ଲୋକେ ପିଉଛନ୍ତି ଦୂଷିତ ପାଣି

ଭେଡ଼େନ, ୧୩।୧୧ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ଦେଶକୁମ୍ଭାରୀ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସ୍ଥାପିତ ସୋଲାର ପ୍ରକଳ୍ପ ଆଜକୁ ୬ମାସ ହେଲା ଅଚଳ ହୋଇ ପଡ଼ିଛି। ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୭ ଶହ ହେବ। ଏଠାରେ ୩ଟି ନଳକୂଅ ରହିଛି। ସେଥିରୁ ୨ଟି ସଚଳ ଥିବାବେଳେ ଖର ଜଳ ବାହାରୁଛି। ଏଥିରେ ରୋଷେଇ କଲେ ଡ଼ାଲି, ପନିପରିବା ଶିଝୁନାହିଁ। ଅପରପକ୍ଷେ ଏହି ପାଣିରେ ଭାତ ହଳଦିଆ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକେ ବାଧ ହୋଇ ପୋଖରୀ ଓ ମହାନଦୀର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମଞ୍ଜୁ ସୁହୁଲାଙ୍କୁ ପଚାରିବାରୁ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଆମେ ସଜାଡ଼ିବା ପାଇଁ କହିଆସୁଛୁ। ମାତ୍ର ସେମାନେ କର୍ଣ୍ଣପାତ କରୁନାହାନ୍ତି। ତେବେ ଅତିଶୀଘ୍ର ପ୍ରକଳ୍ପକୁ ସଚଳ କରି ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଯନ୍ତ୍ରୀ ସୁହୁଲା କହିଛନ୍ତି ।

# ଦଣ୍ଡପାଟ ସର୍ବଯାଦବ ସମାଜର ଗିରିଗୋବର୍ଦ୍ଧନ ପୂଜା

ବେହେରା, ୧୩।୧୧ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମରେ ଦଣ୍ଡପାଟ ସର୍ବ ଯାଦବ ସମାଜ ଦ୍ୱାରା ଗୋରୁବଜାରଠାରେ ତିନିଦିନାତ୍ମକ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି। ରବିବାର କଳସ ଯାତ୍ରାରେ ଦଣ୍ଡପାଟ ଅଞ୍ଚଳର ପ୍ରାୟ ୧୫ରୁ ଅଧିକ ଗ୍ରାମର ଯାଦବମାନେ ସମ୍ମିଳିତ ହୋଇଥିଲେ। କର୍ତ୍ତା ଭାବେ ଡିଷ୍ଟିକ ବାଣୁଆ ଓ ଉପାସି ବାଣୁଆ, ପୂଜକ ଭାବେ ହରେକୃଷ୍ଣ ମିଶ୍ର ପୂଜନ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଯାଦବଙ୍କ ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ପୂଜନ ସହିତ ଗିରିଗୋବର୍ଦ୍ଧନ ଓ ଗୋମାତା ପ୍ରତି ଅତୁଟ ଆସ୍ଥା ବିଶ୍ୱାସ ରହିଛି। ଦୀପାବଳିରେ କଳସ ଯାତ୍ରା ସମ୍ପନ୍ନ କରି ସୋମବାର ମଶାଲ ଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଗିରିଗୋବର୍ଦ୍ଧନ ପୂଜନ କରାଯାଇଥିଲା। ଉତ୍କଳ ଯାଦବ ମହାସଭାର ମହାସଚିବ ଲମ୍ବୋଦର ନିଏଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ଟରେ ଆଲୋଚନା ସଭା ପରେ ପ୍ରସାଦ ସେବନ ସମ୍ପନ୍ନ ହୋଇଥିଲ। ମଙ୍ଗଳବାର ପୂର୍ଣ୍ଣାହୂତି ହୋଇ ଗିରିଗୋବର୍ଦ୍ଧନ ପୂଜା ଉଦଯାପିତ ହେବ। କାର୍ଯ୍ୟକ୍ରମ ସଭାପତି ତୁଳସିରାମ ବାରିକ, ଉପସଭାପତି ଚନ୍ଦନ ବାଣୁଆ, ସମ୍ପାଦକ ହେମନ୍ତ ନାଗ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଗୌର ବାଗ, ହରଦୁ ସିଂ ଗୋପାଳ, ଟିକେଶ୍ୱର ଗୋପାଳ, ତୁଲାରାମ ଗୋପାଳ, ପ୍ରେମ କାଣ୍ଡ, ଗୋପୀନାଥ ଘଉତ, କ୍ଷୀରସିନ୍ଧୁ ବାଣୁଆ, ନାରୀ ନେତ୍ରୀ ରଶ୍ମିରେଖା ରାଉତ, ସୁଚିତ୍ରା ଗୋପାଳଙ୍କ ସମେତ ଶହଶହ ଯାଦବ ସମାଜର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବେଆଇନ ମଦ ବିକ୍ରିକୁ ବିରୋଧ କରି ବିକ୍ଷୋଭ

ନୂଆପଡ଼ା, ୧୩।୧୧ (ମକାରୁ ବେମାଲ)

ନୂଆପଡା ସଦର ଥାନା ଗୋଡଫୁଲା ପଞ୍ଚାୟତ ପଗାରପାଣି ଗାଁରେ ବେଆଇନ ମଦ ବିକ୍ରୟକୁ ବିରୋଧ କରାଯାଇଛି। ଏ ନେଇ ସୋମବାର ଶତାଧିକ ମହିଳା ଓ ପୁରୁଷ ଜିଲା ଅବକାରୀ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗାଁରେ ବେଆଇନ ଭାବରେ ଖୋଲାଖୋଲି ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରୟ ଚାଲିଛି। ଗାଁରେ ମଦ ବିକ୍ରୟ ହେବା ଦ୍ୱାରା ମଦ୍ୟପକ ସଂଖ୍ୟା ବୃଦ୍ଧି ପାଇବା ସହ ଛୋଟ ଛୋଟ ପିଲା ଉପରେ ପ୍ରଭାବ ପଡୁଛି। ଗାଁରେ ଅସାମାଜିକ କାର୍ଯ୍ୟାକଳାପ ବଢିବା ସହ ମହିଳାମାନେ ଗାଁ ଦାଣ୍ଡରେ ଏକାକି ଯାଇ ପାରୁନାହାନ୍ତି। ଗ୍ରାମବାସୀ ଅନେକ ଥର ସଦର ଥାନା ଓ ଜିଲା ଅବକାରୀ ବିଭାଗକୁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ ହୋଇ ଗାଁର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପ୍ରଥମେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲା ଅବକାରୀ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ବୁଝାଇବା ପରେ ବିକ୍ଷୋଭକାରୀ ବୁଝିଥିଲେ। ଗାଁରେ ମଦ ବିକ୍ରୟ ବନ୍ଦ ହେବା ସହିତ ବିକ୍ରୟକାରୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ। ଏହି ସମୟରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ନିରା ବାଇ ବେମାଲ, ନନ୍ଦଲାଲ ମାଝି, ଲକ୍ଷ୍ମଣ ମାଝି, ରୋହିତ ମାଝି, ଲିଲାବତି ମାଝି, ଧନମତି ମାଝି, ମିନି କୁମାରି ମାଝି, ପ୍ରମେଶ୍ୱର ମାଝି, ଚାମରୁ ମାଝି, ଡାକେ ମାଝି, ଭକ୍ତବନ୍ଧୁ ଧରୁଆ, କୃଷ୍ଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# 'ସଚେତନ ହେବା, ସୁରକ୍ଷିତ ରହିବା'

## ବିଶ୍ୱ ନିମୋନିଆ ଦିବସ ପାଳିତ

ବଲାଙ୍ଗୀର, ୧୩।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତଙ୍କ ଅଧକ୍ଷତାରେ ସୋମବାର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସମ୍ମିଳନୀ କକ୍ଷରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଛି। ସଚେତନତା ହିଁ ନିମୋନିଆରୁ ସୁରକ୍ଷାର ଏକ ପ୍ରମୁଖ ବାଟ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡାକ୍ତରମାନେ ମତ ରଖିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭା ପ୍ରାରମ୍ଭରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର ସ୍ୱାଗତ ବକ୍ତବ୍ୟ ରଖି ନିମୋନିଆ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁଧା ବାର୍ଲା ଆସନ୍ତା ଫେବୃଆରୀ ୨୯ପର୍ଯ୍ୟନ୍ତ ନିମୋନିଆ ନିରୋଧ କାର୍ଯ୍ୟକ୍ରମ କରି ନିମୋନିଆ ବିରୋଧରେ ପଦକ୍ଷେପ ନେବା ବିଷୟରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ନିମୋନିଆ ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବାର ପାଇଁ ପଦକ୍ଷେପ ବିଷୟରେ କହିଥିଲେ। ସଚେତନ ବ୍ୟକ୍ତି ପରିବାର ଏବଂ ସମାଜର ବହୁ ଲୋକଙ୍କ ଜୀବନ ରକ୍ଷା କରିପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ତୁଷାରକାନ୍ତ ଠାକୁର, ଡିଏମଆରସିଏଚ୍ ଗୁରୁଦେବ କୁମ୍ଭାର, ଭିବିଡିସି ସୁରେଶ ସ୍ୱାଇଁ, ଏଏମସିପି ଗୋପାଳକୃଷ୍ଣ ସାହୁ, ଆଇସିଏ ସୁଦାମ ପ୍ରଧାନ ଉପସ୍ଥିତ ଥିଲେ । ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମିଶ୍ର ସଭା ପରିଚାଳନା କରିଥିଲେ। ଜିତେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନିମୋନିଆ ରୋଗ ସଚେତନତା ପତ୍ର ଲୋକାର୍ପିତ ହୋଇଥିଲା।




ବିଶ୍ୱ ନିମୋନିଆ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଅଧିକାରୀମାନେ ସଚେତନତା ପତ୍ର ଲୋକାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୩ ଆହତ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର):** ରିଆମାଳ ଥାନା ତଥା କଂସରେ ଫାଣ୍ଡି ଅନ୍ତର୍ଗତ ଖଳୀନାଳୀ ଗ୍ରାମରେ ସୋମବାର ଏକ ବାଇକ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁଲଡିହା ଗ୍ରାମର ଦୁର୍ଗା ଶବର, ଧିରେଶ କିଷାନ ଓ ରୁଦ୍ର କିଷାନ। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ୩ ଜଣ ବାଇକ୍ ଯୋଗେ ରିଆମାଳ ଥାନା ଖଳିନାଳୀ ଗ୍ରାମକୁ ଯାଉଥିଲେ। ବାଇକ୍ ଆରୋହୀ କୌଣସି କାରଣରୁ ହଠାତ୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟ ସହ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁର୍ଗାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ମହୁମାଛି ଆକ୍ରମଣରେ ୨ ଆହତ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର):** ବାରକୋଟ ବ୍ଲକ ରାଇତାବାହାଲ ପଞ୍ଚାୟତ ସଦର ମହକୁମାରେ ସୋମବାର ମହୁମାଛି ଆକ୍ରମଣରେ ୨ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସୁଜିତ କୁମାର ପ୍ରଧାନ ଓ ବିଜୁ ସେଠୀ। ସୂଚନା ଅନୁଯାୟୀ, ସୁଜିତ ବାଇକ୍ ଯୋଗେ ନିଜ ଚାଷଜମିକୁ ଯାଉଥିଲେ। ଏହି ସମୟରେ ରାସ୍ତା କଡରେ ଥିବା ଏକ ମହୁଲ ଗଛରୁ ବହୁ ସଂଖ୍ୟକ ମହୁମାଛି ଉଡିଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଭୟଭୀତ ହୋଇ ବାଇକ୍ ଛାଡି ନିକଟସ୍ଥ ଏକ ପୋଖରୀରେ ପସିଯାଇଥିଲେ। କିଛି ସମୟ ପରେ ସେ ପୋଖରୀରୁ ଆସି ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାୟରେ ଭର୍ତ୍ତି ହୋଇଥିଲେ। ଏବେ ମଧ୍ୟ ସେ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ରାସ୍ତ ଦେଇ ଚାଲି ଚାଲି ଯାଉଥିବା ବେଳେ ଉକ୍ତ ଗ୍ରାମର ବିଜୁଙ୍କୁ ମହୁ ମାଛି ଆକ୍ରମଣ କରିଥିଲେ। ସେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ରୋଗୀ କଲ୍ୟାଣ ସମିତି ବୈଠକ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲା ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଡାକ୍ତରଖାନାରେ ଚିକିତ୍ସା ଏବଂ ଭିତିଭୂମିର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ସହ ସଠିକ ଭାବେ ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିବାକୁ ଉପସ୍ଥିତ ଡାକ୍ତର ଏବଂ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ପାଣ୍ଠିର ସୁବିନିଯୋଗ କରି ଡାକ୍ତରଖାନାର କିଭଳି ଭିତିଭୂମିକୁ ଅଧିକ ସୁଦୃଢ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତିଲେଇବଣି ବ୍ଲକର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଅର୍ପୀତା ଶାନ୍ତି ଲାକ୍ରା ଓ ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆଙ୍କ ସମେତ ରୋଗୀ କଲ୍ୟାଣ ସମିତର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।

# ଶୁଦ୍ଧିକ୍ରିୟା ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ଗ୍ରାମରେ ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୮ରୁ ଊର୍ଦ୍ଧ୍ୱ କଣ୍ଢେଇସ୍ଥିତ ଏକ ଘରୋଇ ନର୍ସିଂହୋମ୍ ଓ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟ କେତେ ଜଣ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି। କଣ୍ଢେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ସମ୍ବିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳ ଘରକୁ ଘର ବୁଲି ଆକ୍ରାନ୍ତଙ୍କୁ ଚିକିତ୍ସା କରୁଛନ୍ତି। ସୂଚନା ଅନୁଯାୟୀ, ଏକ ସପ୍ତାହ ପୂର୍ବେ କଣ୍ଢେଇ ଲୁହୁରାସାହିର ବିଜୟ ଲୁହୁରାଙ୍କ ମୃତ୍ୟୁ ଘଟିଥିଲା। ରବିବାର ଶୁଦ୍ଧିକ୍ରିୟା ଭୋଜି ଥିବା ବେଳେ ବହୁ ବନ୍ଧୁ ପରିଜନଙ୍କ ସମେତ ଉକ୍ତ ଗ୍ରାମବାସୀ ଯୋଗଦେଇ ଭୋଜି ଖାଇଥିଲେ। ରାତି ପ୍ରାୟ ୧୦ ଟା ସମୟରେ ଗ୍ରାମବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ଅସୁସ୍ଥ ହାଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କେତେକ ଚିକିତ୍ସା ନିମନ୍ତେ କଣ୍ଢେଇସ୍ଥିତ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ କେତେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅପରାହ୍ନ ୪ଟା ମଧ୍ୟରେ ମୁଖ୍ୟ ଚିକିତ୍ସାଳୟରେ ମୋଟ ୨୮ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ (ରାତି ୮.୩୦) ୮ ଜଣ ସୁସ୍ଥ ହୋଇ ନିଜ ନିଜ ଘରକୁ ଫେରିଯାଇଛନ୍ତି। କଣ୍ଢେଇ ଗ୍ରାମର ଟିକେଶ୍ୱର ଲୁହୁରା, ବିଦେଶୀ ଲୁହୁରା, ପାଣ୍ଡୁ ଲୁହୁରା, ରଚିତା ଲୁହୁରା, ରୋଜି ଲୁହୁରା, ସୁବାସ ଚନ୍ଦ୍ର ଲୁହୁରା, ଯଶୋଦା ଲୁହୁରା, ସବିତା ଲୁହୁରା, ଖୁସି ଲୁହୁରା, ମାମିନା ଲୁହୁରା, ଜୁଲି ଲୁହୁରା, ଅଞ୍ଜନା ଲୁହୁରା, ନନ୍ଦିନୀ ଲୁହୁରା, ସାଗରିକା ଲୁହୁରା, ସାଇ ଲୁହୁରା, ଶ୍ରୀଦେବୀ ଲୁହୁରା, ସ୍ୱିଟି ଲୁହୁରା ଓ ବିମଳ ଲୁହୁରା ପ୍ରମୁଖ ଅନ୍ୟ ୧୮ ଜଣ ଏବେ ମଧ୍ୟ ଚିକିତ୍ସାଧିନ ଥିବା ଜଣାପଡିଛି। ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି ଏବଂ ସମସ୍ତ ଆକ୍ରାନ୍ତ ବିପଦମୁକ୍ତ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଖାଦ୍ୟ ବିଷାକ୍ତ ହେବା ଯୋଗୁ ଏଭଳି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।


ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ।


ପୌରାଧ୍ୟକ୍ଷା ଛାତ୍ରୀଛାତ୍ରଙ୍କ ସହ ଦୀପାବଳି ପାଳନ କରୁଛନ୍ତି।

# ଶିଶୁଙ୍କ ସହିତ ଦୀପାବଳି ପାଳିଲେ ପୌରାଧ୍ୟକ୍ଷା

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ ପୌରାଞ୍ଚଳ ନୀଳବେର୍ଣ୍ଣୀ ସାହିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସପୋର୍ଟ' ଦ୍ୱାରା ପରିଚାଳିତ ଶିଶୁ ଗୃହର ଶିଶୁଙ୍କ ସହିତ ନିଆରା ଢଙ୍ଗରେ ଦିପାବଳୀ ପାଳନ କଲେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ। ରବିବାର ସଂଧ୍ୟାରେ ଅଧ୍ୟକ୍ଷା ଦେଇ ପୌର ପରିଷଦ କାଉନଶିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ,ବାସନ୍ତୀମଣି ମାଝି ଓ ଜତିନ କୁମାର ନାୟକଙ୍କ ସହିତ ଶିଶୁ ଗୃହକୁ ଯାଇ ଅନ୍ତେବାସୀଙ୍କ ସହିତ ହସ ଖୁସିରେ ସମୟ ବିତାଇବା ସହ ମିଷ୍ଟାନ୍ନ ଓ ସବୁଜ ବାଣ ବିତରଣ କରିଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସୁରକ୍ଷା ଅଧିକାରୀ ଚିନ୍ମୟ କୁମାର ସ୍ୱାଇଁ ଓ ମହିଳା ବିଜେଡି ନଗର ସଭାନେତ୍ରୀ ଭୁବନେଶ୍ୱରୀ ସାହୁ, ଦୀପନ ନାୟକ, ଶୈଳେନ୍ଦ୍ର ବ୍ରିନେଦ ଓ ବିକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟୁନିସିପାଲିଟି ଘେରିବ ଭାଜପା

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଭାଜପାର ନିଷ୍ପତ୍ତି କ୍ରମେ ଆଗାମୀ ୧୪ରୁ ୧୮ ପର୍ଯ୍ୟନ୍ତ ବ୍ଲକ ଏବଂ ମ୍ୟୁନିସିପାଲିଟି ଘେରାଉ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଫଳତା ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର, ଭୂମିହୀନଙ୍କୁ ୪ ଡିସିମିଲ ଜମିପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ବ୍ଲକ ଗୁଡିକରେ ପିସି ବିରୋଧରେ ଆନ୍ଦୋଳନ କରିବା ପାଇଁ ମାର୍ଗ ଦର୍ଶନ କରାଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ସଭାପତି ସାହୁ, ସାଧାରଣ ସଂପାଦକ ରଣଜିତ ପଟେଲ ଏବଂ ପୌରପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସଚ୍ଚିକାନ୍ତ ଦାଶ, ହରମୋହନ ପାଣି, ସତ୍ୟନାରାୟଣ ପାଣି, ଯୋଗେଶ ପ୍ରଧାନ, ଦିବ୍ୟଶଙ୍କର ଖୁଣ୍ଟିଆ, ସନ୍ତୋଷ କୁମାର ଭୁତିଆ, ଦୟାଶଙ୍କର ଦିବେଦୀ, ଦେବାନନ୍ଦ ନାଏକଙ୍କ ସମତେ ବହୁ କର୍ମୀ ନେତା ଉପସ୍ଥିତ ଥିଲେ।


ବୈଠକରେ ଭାଜପା ଜିଲା ସଭାପତି ଓ ଅନ୍ୟମାନେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର ):** ବାରକୋଟ ଥାନା ଅନ୍ତର୍ଗତ ଗୋପପୁର ଗ୍ରାମ ନିକଟସ୍ଥ ରାଜପଥରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରକୋଟ ଝିକିମିକି ସାହିର କ୍ଷମା ଧିବର(୨୦)। ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ରବିବାର କ୍ଷମା ଓ ସିଦ୍ଧାନ୍ତ ଧିବର କାଳିଆପାଳ ଗ୍ରାମରୁ ଫୁଟବଲ ମ୍ୟାଚ ଖେଳି ଏକ ବାଇକ ଯୋଗେ ଫେରୁଥିବା ବେଳେ ଗୋପପୁର ଛକ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇଥିଲେ। ଫଳରେ ବାଇକ୍‌ଟି ରାସ୍ତା ଉପରକୁ ଛିଟିକି ପଡିବାସହ କ୍ଷମା ଓ ସିଦ୍ଧାନ୍ତ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ କ୍ଷମାଙ୍କୁଡାକ୍ତର ମୃତ ଘୋଷଣା କରିଥିଲେ।

## ବିଶ୍ୱନାଥପୁର ବସ୍ତିବାସିନ୍ଦା ଥାନାର ଦ୍ୱାରସ୍ଥ

**ଲାଞ୍ଜିଗଡ଼,୧୩।୧୧(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବସ୍ତି ମହିଳାଙ୍କୁ ଗାଳିଗୁଲଜ ଓ ଧମକଚମକ ଦେବା ଅଭିଯୋଗ ନେଇ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ବିଶ୍ୱନାଥପୁର ବସ୍ତିବାସିନ୍ଦା। ସୂଚନାନୁଯାୟୀ, ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଡିଗ୍ରୀ କଲେଜ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ କଲେଜର ନିଯୁକ୍ତି ଦେବା ନାଁରେ ଲକ୍ଷାଧିକ ଟଙ୍କା ନେଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ପରେ ତଦନ୍ତ ହୋଇଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ରବିବାର ବିଳମ୍ବିତ ରାତିରେ ବସ୍ତିରେ ପାଟିତୁଣ୍ଡ କରିବା ସହିତ ବସ୍ତିରେ ବମ ପକାଇ ଉଡ଼ାଇଦେବାକୁ ଧମକ ଦେଇଛନ୍ତି ଏବଂ ବସ୍ତିର ମହିଳାଙ୍କୁ ଗାଳି କରିଥିବା ନେଇ ଗାଁ ଗୌନ୍ତିଆ ପ୍ରଦୀପ କୁମାର ଘଡେଇ, କୃଷ୍ଣ ଚନ୍ଦ୍ର ଘଡେଇଙ୍କ ସମେତ ପୁରୁଷ ମହିଳା ସୋମବାର ବିଶ୍ୱନାଥପୁର ଥାନାରେ ସାହୁଙ୍କ ନାଁରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ମମତା ହେମ୍ବ୍ରମଙ୍କ କହିବା ଅନୁସାରେ ପୂର୍ବତନ ଅଧ୍ୟକ୍ଷଙ୍କୁ ନେଇ ବସ୍ତି ବାସିନ୍ଦାଙ୍କ ଏକ ଲିଖିତ ଅଭିଯୋଗ ହୋଇଛି, ଏହାକୁ ନେଇ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଆଶିଷ


@ ଅରୁଣ


@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସମ୍ମିଳନୀ



**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଓଡିଶା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ, ଦେବଗଡ ଶାଖା ସଦସ୍ୟା ସଦ୍ୟସଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରଞ୍ଜନ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୁରୁଚରଣ ସାହୁ ଓ କୋଷାଧ୍ୟକ୍ଷ ଦୁଃଶାସନ ସାହୁଙ୍କ ସମେତ ଜିଲାରେ କାର୍ଯ୍ୟ କରୁଥିବା ପିଅନ, ରାତ୍ରୀ ଜଗୁଆଳି ଓ ସୁଇପର(୪ର୍ଥ ଶ୍ରେଣୀ କର୍ମଚାରୀ) ଆଦି ଶତାଧିକ ସଦସ୍ୟା ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା ଓ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା, ଶିକ୍ଷାଗତ ଯୋଗ୍ୟତା ଭିତିରେ ପଦୋନ୍ନତି, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ମୋଟ ୮ ଦଫା ଦାବି ପୂରଣ ପାଇଁ ଜିଲାପାଳଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ।

# ବୀର୍ସା ମୁଣ୍ଡା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ


ଅତିଥିଙ୍କ ଗ୍ରହଣରେ ଖେଳାଳି।

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଜିଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ପୌରାଞ୍ଚଳର ପଲଟନଗୁଡା ଖେଳ ପଡିଆରେ ରବିବାର ତ୍ରି ଦିବସୀୟ ବୀର୍ସା ମୁଣ୍ଡା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ କଂଗ୍ରେସ କମିଟି ଭାପତି ସେମ ହେମ୍ବ୍ରମ ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନନ୍ଦ କିଶୋର ମହାପାତ୍ର ଓ ମୁରଲୀଧର ଗଡନାୟକ ଯୋଗ ଦେଇଥିଲେ। କଣ୍ଢେଇ ଫୁଟ୍‌ବଲ ଦଳ ଓ କୁଶପଙ୍ଗା ଫୁଟ୍‌ବଲ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କଣ୍ଢେଇ ଫୁଟ୍‌ବଲ ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ରେଫରୀ ଭାବେ ପ୍ରଦୀପ ବେହେରା ପରିଚାଳନା କରିଥିବା ବେଳେ ସଲମାନ ହେନେଜ ଓ ଆଲୋକ ହେମ୍ବ୍ରମ ସହାୟତା କରିଥିଲେ। ଏହି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପାପିତ ହେବ ବୋଲି ଆୟୋଜକ ଆଦିବାସୀ ମହାସଂଘ ପକ୍ଷରୁ ସୂଚନା ମିଳିଛି।

# ଶିବିରରେ ୧୪ ଅଭିଯୋଗର ଶୁଣାଣି


ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

**ଦେବଗଡ଼,୧୩।୧୧**
**(ଶଶାଙ୍କ ଶେଖର ଝାଙ୍କର/ ନିରଞ୍ଜନ ବେହେରା)**

ରିଆମାଳ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୋଟ ୧୪ଟି ଅଭିଯୋଗର ଶୁଣାଣି କରିବା ସହ ଏଗୁଡିକର ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ୧୪ଟି ଅଭିଯୋଗ ମଧ୍ୟରେ ୮ ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଏହି ଶିବିରରେ ମୁଖ୍ୟତଃ ବିଦ୍ୟୁତ୍ ସାମସ୍ୟା,ଷ୍ଟ୍ରିଟ ଲାଇଟ, ରାସ୍ତା ଓ ସ୍କୁଲ ଗୃହ ମରାମତି ଉପରେ ସାଧାରଣ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଉପ ଜିଲାପାଳ ପରକ୍ଷୀତ ସାହୁଙ୍କ ସମେତ ଜିଲାର ପ୍ରାୟ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ପ୍ରଧାନପାଟସ୍ଥିତ କାଳୀଙ୍କ ମେଢ଼।


ବାରକୋଟ ବ୍ଲକ ସଦର ମହକୁମାର କାଳୀଙ୍କ ମେଢ଼।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୩।୧୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୩୨୬ (୩୨୫.୫୮) ପଏଣ୍ଟ ଖସି (କମି) ୬୪,୯୩୪ (୬୪,୯୩୩.୮୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୨(୮୨.୦୦) ପଏଣ୍ଟ ହ୍ରାସ ଘଟି ୧୯,୪୪୪ (୧୯,୪୪୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୭%

ଭୁବନେଶ୍ୱର,୧୩।୧୧ (ଅଭୟ ଦାଶ)



ଗତ କିଛି ମାସ ହେଲା/ହେବ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟୁଛି। ଏପରିକି କ୍ରମାଗତ ୪ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ବିଶେଷ କରି ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀର ଦର ହ୍ରାସ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ସ୍ଥିରତା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ହୋଇଛି। ଅପରପକ୍ଷରେ ଚଳିତ ବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଛି ବୋଲି ସୋମବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ ବା ଏନ୍ଏସଓ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%ରେ ରହିଥିଲାବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୨% ଥିଲା। ସେହିଭଳି ୨୦୨୩ ଅଗଷ୍ଟରେ ୫.୦୨% ଥିଲା ୬.୮୩% ଏବଂ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭.୪୪% ରହିଥିଲା। ଯାହା ଦୀର୍ଘ ୧୫ ମାସର ସର୍ବୋଚ୍ଚ ବୋଲି ଏନଏସଓ ପକ୍ଷରୁ କୁହାଯାଇଥିଲା। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ହାର ୨୦୨୩ ଜୁଲାଇ ପରଠାରୁ କ୍ରମାଗତ ଭାବେ ହ୍ରାସ ପାଉଛି, ଏପରିକି ଲଗାତର ୪ର୍ଥ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖିବାକୁ ମିଳିଛି, ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ୨୦୨୩ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୭%କୁ ଖସିଛି ବୋଲି ମନ୍ତ୍ରଣାଳୟ (କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୩ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୬୧% ରହିଛି, ଯାହାକି ୨୦୨୩ ସେପ୍ଟେମ୍ବରରେ ୬.୬୨% ରହିଥିଲା। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୧୨% ରହିଥିବାବେଳେ ସହରାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୭୧% ରହିଛି।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବରରେ ଡାଲି ଦର ବୃଦ୍ଧି ହୋଇଥିବାବେଳେ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ପରିବର୍ତ୍ତନ ହୋଇଛି।

# ଭି-ମାର୍ଟର ସ୍ୱତନ୍ତ୍ର ଦୀପାବଳି କଲେକ୍ସନ

ଭୁବନେଶ୍ୱର,୧୩।୧୧




ଭି-ମାର୍ଟ ରିଟେଲ ଲିମିଟେଡ୍ (ଭି-ମାର୍ଟ)ର ବହୁ ପ୍ରତୀକ୍ଷିତ ଅଭିଯାନ (କ୍ୟାମ୍ପେନ୍) 'ଫ୍ୟାଶନ କା ପ୍ୟାର୍ ହର୍ ତ୍ୟୋହାର' ସହ ସ୍ୱତନ୍ତ୍ର ଦୀପାବଳି କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଦିୱାଲି ସେଲିବ୍ରେଶନକୁ ଦ୍ୱିଗୁଣିତ କରିବା ପାଇଁ ଭି ମାର୍ଟ ପକ୍ଷରୁ ବ୍ୟାପକ ପୋଷାକ ସମ୍ଭାର ସହ ଆକର୍ଷଣୀୟ ଅଫର ଓ ରିହାତି ମଧ୍ୟ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଉକ୍ତ କଲେକ୍ସନରେ ଲେଡିଜ୍ ଓ ମେନ୍ସ ୱେର ସହିତ ଭଳିକି ଭଳି କିଡ୍ସ ୱେର ଏବଂ ଟ୍ରେଣ୍ଡି ଡିଜାଇନ ଉପଲବ୍ଧ। ସେହିଭଳି ଗ୍ରାହକମାନେ ୨୪୯୯ ଟଙ୍କା କିମ୍ବା ତା' ଠାରୁ ଅଧିକ ମୂଲ୍ୟରେ କିଣାକିଣି କଲେ ମାତ୍ର ୧୯୯ ଟଙ୍କା ଦେଇ ଏକ ସ୍ମାର୍ଟ ୱାଚ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ୪୯୯୯ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ଗ୍ରାହକ ୧୯୯ ଟଙ୍କା ଦେଇ ଏକ ଷ୍ଟାଇଲିଶ ଡଫଲ ବ୍ୟାଗ୍ ପାଇପାରିବେ। ବିଶେଷକରି ଭି ମାର୍ଟର ପାର୍ବଣ ସମ୍ଭାର (ଫେଷ୍ଟିଭ କଲେକ୍ସନ) ସହ ବ୍ୟାପକ ରେଞ୍ଜର ବିକଳ୍ପ ସାମଗ୍ରୀ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭି-ମାର୍ଟ ଫ୍ୟାଶନ ମାତ୍ର ୯୯ଟଙ୍କାରୁ ଆରମ୍ଭ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


## CLASSIFIED DISPLAY

MORE SPACE • SAME PRICE (TARIFF, GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦିୱାଲି ଧମାକା
ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797


### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମିଶ୍ର
ଚକେଇଶିଆଣି, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୫୩
ତିରୋଧାନ: ୦୪।୧୧।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା ।
—:ଶୋକସନ୍ତପ୍ତ:—
ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୮୩


# ଏଲ୍ଆଇସିର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୩।୧୧

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର୍ସ) ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିଗମର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ (୬ମାସ)ର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ନିଗମର କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ଟିକସ ପରବର୍ତ୍ତୀ ଲାଭ (ପିଏଟି) ମୋଟ ୧୭,୪୬୯ କୋଟି ଟଙ୍କା ରହିଛି। ଚଳିତ ବର୍ଷର ୨ୟ ତ୍ରୈମାସିକ ଶେଷ ସୁଦ୍ଧା ନିଗମର ନେଟ୍ ଟିକସ ଲାଭ ୧୩,୭୬୮ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା ନିଗମର ପିଏଟି ୧୬,୬୩୫ କୋଟି ଟଙ୍କା ରହିଥିଲାବେଳେ ନେଟ୍ ଟିକସ ଲାଭ ୪୫୪୨ କୋଟି ଟଙ୍କା ଥିଲା।

ଏ ସମ୍ପର୍କରେ ଏଲ୍ଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି କହିଛନ୍ତି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ସମେତ ପ୍ରଥମ ଅର୍ଦ୍ଧବାର୍ଷିକର କାରବାର ବେଶ୍ ଉତ୍ସାହଜନକ ରହିଛି। ସେହିଭଳି ନିଗମର ଆଗାମୀ କାର୍ଯ୍ୟକଳାପ ଓ ନୂତନ ଯୋଜନା ସମ୍ପର୍କରେ ମହାନ୍ତି ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଜୟ ଆଲୁକ୍କାସ୍‌ଙ୍କ ଆତ୍ମଜୀବନୀ 'ବ୍ୟାପ୍ତ ଆନନ୍ଦ' ଉନ୍ମୋଚିତ




ଭୁବନେଶ୍ୱର,୧୩।୧୧

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଜୟ ଆଲୁକ୍କାସ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଜୟ ଆଲୁକ୍କାସଙ୍କର ଆତ୍ମଜୀବନୀ 'ବ୍ୟାପ୍ତ ଆନନ୍ଦ' (ସ୍ପ୍ରେଡିଂ ଜୟ) ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଜୟ ଆଲୁକ୍କାସ୍ କିପରି ବିଶ୍ୱର ଜଣେ ଜଣାଶୁଣା ଗହଣା ବ୍ୟବସାୟୀ ହୋଇଗଲେ ସେ ବିଷୟରେ ବିସ୍ତୃତ ରୋଚକ ତଥ୍ୟ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ଶାରଜା ପୁସ୍ତକ ମେଳାରେ ଉକ୍ତ ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶାରଜା ବୁକ୍ ଅଥରିଟିର ସିଇଓ ଅହମ୍ମଦ ବିନ୍ ରାକ୍କଡ ଅଲ୍ ଆମେରୀ ଏବଂ ଜୟ ଆଲୁକ୍କାସ୍‌ର ଗ୍ଲୋବାଲ ବ୍ରାଣ୍ଡ୍ ଆମ୍ବାସାଡର ତଥା ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ କାଜୋଲ ଦେବଗନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲି ଜୟ ଆଲୁକ୍କାସ୍, ଅନନ୍ତ ପଦ୍ମନାଭନ, ସିଇଓ ହାର୍‌ପର କଲିନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜୟ ଆଲୁକ୍କାସ୍ କହିଛନ୍ତି, ମୋ ଜୀବନର ଯାତ୍ରା ପ୍ରତିବଦ୍ଧତା, ପରିଶ୍ରମ ଏବଂ ଦୃଢ଼ତା ତଥା ଚିରସ୍ଥାୟୀ ମୂଲ୍ୟବୋଧର ଏକ ଜ୍ୱଳନ୍ତ ଉଦାହରଣ (ପ୍ରମାଣ) ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75265

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - 9937417899. D-75256

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260

North & West facing 2, 700 sqft (60'x45') Freehold corner GA plot in Saheed Nagar, Bhubaneswar- 9937041033. D-74598

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

Relax, Refresh your body, Mind at Saikrupa Spa with best therapies. 8984068077. D-1696

AFFIDAVIT

By virtue of an affidavit before Executive Magistrate, Bhubaneswar, I have changed my name 'Swarupa Ranjan Mohanty' to 'Swarup Mohanty' and declare that 'Swarupa Ranjan Mohanty' & 'Swarup Mohanty' is one & same person. D-1778

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଅଧ୍ୟାପକଙ୍କ ପିଏଚ୍. ଡି. ଲାଭ



ହରିଶ୍ଚନ୍ଦ୍ର ଦେବ ଧନ୍ଦାମୂଳକ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟ, ପଣସପଦା, ପୁରୀରେ ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟରତ ଡକ୍ଟର ଗୋଲକ ବିହାରୀ ପଲାଇ କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶାରୁ ଇଂରାଜୀ ସାହିତ୍ୟରେ ପିଏଚ୍.ଡି. ଲାଭ କରିଛନ୍ତି। ସେ କିଟ୍ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ଡକ୍ଟର ଦୀପାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡକ୍ଟର ପଲାଇଙ୍କର ସନ୍ଦର୍ଭ "Cultural Heritage of Sri Jagannath: A Study with Reference to Mysticism and Spiritualism" ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବାଜୀ ସରଗରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ପଲାଇ ପୁରୀ ଜିଲ୍ଲା କଣାସ ବ୍ଲକ ଆଳିବାଡ ଗ୍ରାମର ଶ୍ରୀମତୀ ସୁବାସିନୀ ପଲାଇ ଓ ଶ୍ରୀ ଜଗନ୍ନାଥ ପଲାଇଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପିତାମାତା ଏବଂ ଶିକ୍ଷକ ଶ୍ରୀ ତ୍ରିଲୋଚନ ପ୍ରଧାନ, ଶ୍ରୀ ସୁକାନ୍ତ କୁମାର ଦଳାଇ, ପ୍ରଫେସର ଅଚ୍ୟୁତ ସାମନ୍ତ, ପ୍ରଫେସର ସସ୍ମିତାରାଣୀ ସାମନ୍ତ, ପ୍ରଫେସର ଏସ୍. ନନ୍ଦ, ପ୍ରଫେସର ଏସ୍. ସି. ସ୍ୱାଇଁ, ପ୍ରଫେସର ଆର୍. ଏନ୍. ସୁବୁଦ୍ଧି, ପ୍ରଫେସର ସୁଶାନ୍ତ ତ୍ରିପାଠୀ, ଡଃ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଧ-୬୯୦୯

ଜନ୍ମଦିନ ଶୁଭେଚ୍ଛା



ଅନୁଭା ସାହୁ
ସାହାପୁର,ଗେଡ଼ମା, କେନ୍ଦୁଝର
ଆଜି ତୋର ଦଶମ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସେ ତୁମକୁ ସୁସ୍ଥ ଓ ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମା, ଜେଜେ ବାପା, ଜେଜେ ମା, ଅଜା, ଆଈ ମାମୁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି, ତରଣୀସେନ ଓ ସମସ୍ତ ପରିବାରବର୍ଗ । ଧ-୧୭୭୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏଚ୍ଆଇପିପିର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ହୋଣ୍ଡା ଇଣ୍ଡିଆ ପାୱାର୍ ପ୍ରଡକ୍ଟସ '(ଏଚ୍ଆଇପିପି) ଲିମିଟେଡର ନୂତନ ଅଭିଯାନ 'ହୋଣ୍ଡା ଫେଷ୍ଟିଭାଲ ଧମାକା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ରାଣ୍ଡର ୱାଟର ପମ୍ପ, ଟିଲର୍ସ, ବ୍ରଶ କଟର, ଇଞ୍ଜିନ ଆଦି ଉପରେ ଆକର୍ଷଣୀୟ ଅଫର ସହିତ ଏଚ୍ଆଇପିପିର ପ୍ରମାଣିତ ଲାଇନ ଅପ୍ କୃଷିଜାତ ଦ୍ରବ୍ୟ ଉପରେ ଆକର୍ଷଣୀୟ ରିହାତି ଭାବେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି କମ୍ପାନୀ ଗ୍ରାହକ ପ୍ରଥମ ବ୍ରାଣ୍ଡ୍ ହେବାର ଆଭିମୁଖ୍ୟକୁ ସୁଦୃଢ଼ କରିଛି ଏବଂ ପାର୍ବଣ ଋତୁରେ ଉତ୍ସାହ ବଢ଼ାଇବା ପାଇଁ ବ୍ରାଣ୍ଡର ବ୍ୟାପକ କୃଷିଜାତ ଦ୍ରବ୍ୟ ପାଇଁ ଅପୂର୍ବ ସୁବିଧା ଏବଂ ପୁରସ୍କାର ଅଫର ଆଣିଛି। ଏପରିକି ଏହି ସ୍ୱତନ୍ତ୍ର ରିଟେଲ ପଦକ୍ଷେପ ସହିତ ଗ୍ରାହକମାନେ ବ୍ୟାପକ କୃଷି ଏବଂ ନିର୍ମାଣ ପୋର୍ଟଫୋଲିଓରୁ ଚୟନ ଉତ୍ପାଦ ସହିତ ମାଗଣା ଉପହାର ଜିତିବାର ସୁଯୋଗ ମଧ୍ୟ ପାଇବେ। ଅପରପକ୍ଷରେ ପାର୍ବଣ ଋତୁକୁ ଆହୁରି ରୋମାଞ୍ଚକର କରିବା ପାଇଁ କମ୍ପାନୀ ସ୍କ୍ରାଚ କାର୍ଡ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ଅନ୍ୟ ଧମାକା ଉପହାର ଜିତିବାର ସୁଯୋଗ ପ୍ରଦାନ କରିବ। ଯାହା ଏକ ଆଣ୍ଡ୍ରଏଡ ସ୍ମାର୍ଟଫୋନ,ଏଲଇଡି ଟିଭି, ସ୍ମାର୍ଟୱାଚ ଆଦି ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଉକ୍ତ ଅଭିଯାନ ପାନ୍ ଇଣ୍ଡିଆରେ ସକ୍ରିୟ ରହିବ ଏବଂ ଦେଶର କୃଷି ଏବଂ ନିର୍ମାଣ ସମ୍ପ୍ରଦାୟ ତଥା ଅନ୍ୟାନ୍ୟ ଆବେଦନକାରୀଙ୍କୁ ସାହାଯ୍ୟ କରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ନଭେମ୍ବର, ୨୦୨୩



**ରଶ୍ମିରଞ୍ଜନ ରାଉରକେଲା ଜିଲା କଂଗ୍ରେସ ସଭାପତି**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ରାଉରକେଲା ଜିଲା କଂଗ୍ରେସ କମିଟି ସଭାପତି ଦେବବ୍ରତ ବିହାରୀ ସ୍ୱାସ୍ଥ୍ୟଗତ କାରଣରୁ ଅସୁସ୍ଥ ଅଛନ୍ତି। ସେଥିଲାଗି ସେ ରାଉରକେଲା ସାଂଗଠନିକ ଜିଲା ସଭାପତି ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବଦଳରେ ବରିଷ୍ଠ ନେତା ରଶ୍ମିରଞ୍ଜନ ପାଢ଼ୀଙ୍କୁ ରାଉରକେଲା ସାଂଗଠନିକ ଜିଲା କଂଗ୍ରେସ କମିଟିର ଆଡହକ ସଭାପତି ଭାବେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ରଶ୍ମିରଞ୍ଜନ ପାଢ଼ୀ ସଭାପତି ଭାବେ ନିଜ ଦାୟିତ୍ୱ ସୋମବାରଠାରୁ ନିର୍ବାହ କରିବେ। କଂଗ୍ରେସ ସଙ୍ଗଠନକୁ ମଜଭୁତ ଓ କ୍ରିୟାଶିଳ କରିବା ପାଇଁ ପିସିସି ସଭାପତି ଆଶାପୋଷଣ କରୁଥିବା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

## ୧ରେ କଂଗ୍ରେସର 'ତୁଳସୀ ଯାତ୍ରା'

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର):** ନବୀନ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ହୋଇ ଛିଡ଼ା ହେଉଛନ୍ତି। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜମି ଫେରସ୍ତ ସମେତ ୬ଟି ଦାବି ନେଇ ଆସନ୍ତା ୧ ତାରିଖରେ କଂଗ୍ରେସ ତୁଳସୀ ଯାତ୍ରା କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଉପରୋକ୍ତ ୬ଟି ଦାବି ନେଇ ଦଳ ପକ୍ଷରୁ ଗତ ୧୬ ତାରିଖରେ ପୁରୀରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏହାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ଗତ ୯ ତାରିଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରିଥିଲା। ଯେହେତୁ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଥିଲା, ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ, ସେହିକ୍ରମରେ ଆସନ୍ତା ୧ରେ ତୁଳସୀ ଯାତ୍ରା କରାଯିବ ବୋଲି ଶରତ କହିଛନ୍ତି। ଶରତ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଭକ୍ତ, ଶ୍ରଦ୍ଧାଳୁ, ଯୁବତୀ, ଯୁବକମାନଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ। ଜିଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର/ବ୍ଲକ ସଭାପତିମାନେ ବୁଥ, ୱାର୍ଡ ଓ ପଞ୍ଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ। ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏ ଗାଡ଼ିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ସୁଦ୍ଧା ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନକୁ ଅଣାଯିବ। ସେଦିନ ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ ବୋଲି ସେ କହିଛନ୍ତି।

# ଆଜିଠୁ ଭାଜପାର ସବୁ ବ୍ଲକରେ ଜନଆକ୍ରୋଶ

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)**

ଆବାସ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପାଇଖାନା, ପାନୀୟ ଜଳ, ରାଶନ, ଭତ୍ତା ପାଇଁ ରାଜ୍ୟର ଗରିବ ଲୋକଙ୍କ ଉଦ୍ଦେଶ୍ୟରେ ଆସୁଥିବା ଟଙ୍କାକୁ ଶାସକ ଦଳ ନେତାମାନେ ମିଳିମିଶି ଖାଇଯାଉଛନ୍ତି। ମୋଦି ସରକାରଙ୍କ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଆଧାରରେ ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ କେନ୍ଦ୍ର ସରକାର ସିଧାସଳଖ ଟଙ୍କା ପଠାଇଛନ୍ତି। ହେଲେ ମନ୍ଦ ଉଦ୍ଦେଶ୍ୟ ରଖି ଓ ଅନୈତିକ ଭାବେ ବିଜେଡି ନେତାଙ୍କୁ ପୋଷିବା ପାଇଁ ରାଜ୍ୟ ସରକାର ଚଞ୍ଚକତା କରି ଏହି ଟଙ୍କା ହଡପ କରିଛନ୍ତି। ତେଣୁ ରାଜ୍ୟରେ ଚାଲିଥିବା ଦୁର୍ନୀତି ବିରୋଧରେ ମଙ୍ଗଳବାରଠାରୁ ୧୮ ତାରିଖ ପର୍ଯ୍ୟନ୍ତ ସବୁ ବ୍ଲକ ଓ ପୌରାଞ୍ଚଳରେ ଭାଜପା ଜନଆକ୍ରୋଶ କାର୍ଯ୍ୟକ୍ରମ କରିବ ବୋଲି ଭାଜପା ନେତା ରାଜେନ୍ଦ୍ର ପଣ୍ଡା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର କହିଛନ୍ତି, ଏହା ବ୍ୟତୀତ ଅତୀତରେ 'ଆମ ଗାଁ ଆମ ବିକାଶ' ଏବଂ ବର୍ତ୍ତମାନ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା ନାଁରେ ହଜାର ହଜାର କୋଟି ଟଙ୍କା ହଡପ କରାଯାଉଛି। ବ୍ଲକ କାର୍ଯ୍ୟାଳୟ 'ପିସି ସଂଗ୍ରହ କେନ୍ଦ୍ର' ପାଲଟିଛି। ଦୁର୍ନୀତିର ପରିମାଣ ଏତେ ବ୍ୟାପକ ହୋଇସାରିଛି ଯେ, ଓଡ଼ିଶା ବିକାଶ ପଥରେ ନୁହେଁ ବରଂ ବିନାଶ ପଥରେ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି।

# କଂଗ୍ରେସ ନେତା ମିଛ କୁହନ୍ତି: ଶିବରାଜ

**ଭୋପାଲ,୧୩।୧୧:** ଚଳିତମାସ ୧୭ରେ ହେବ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ। ଆଉ ଏଥିପାଇଁ କଂଗ୍ରେସ ଓ ଭାଜପା ପ୍ରଚାରକୁ ଜୋରଦାର କରୁଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋପୁରଠାରେ ଏକ ନିର୍ବାଚନୀ ରାଲିରେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଖୁବ ବର୍ଷିଛନ୍ତି। ଶିବରାଜ କହିଛନ୍ତି, ମନେରଖ କଂଗ୍ରେସ ଏକ ମିଛୁଆ ଦଳ। ଏହି ଦଳର ନେତା ମିଛକୁ ନେଇ ରାଜନୀତି କରନ୍ତି। ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଲୋକଙ୍କୁ ମିଛ କୁହନ୍ତି ଆଉ ପ୍ରତିଦିନ ମୋତେ ଗାଳି କରନ୍ତି। ମୁଁ ସେମାନଙ୍କ ସ୍ୱପ୍ନରେ ମଧ୍ୟ ଆସେ। ପ୍ରିୟଙ୍କା କୁହନ୍ତି ମୁଁ କଂସ ମାମୁ। 'ମାମୁ ଏହା କରିଥିଲେ, ମାମୁ ତାହା କରିଥିଲେ'। ସେମାନଙ୍କ ମିଛଜାଲରେ ପଡ଼ନ୍ତୁ ନାହିଁ କାରଣ ସେମାନେ ଏହି ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ଯାଉଛନ୍ତି । ଯଦି କଂଗ୍ରେସ ଆସେ, ଯେଉଁମାନେ ମୋ ଝିଅ, ବନ୍ଧୁ ଏବଂ ଭଉଣୀଙ୍କ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ ସେମାନେ ଟଙ୍କା ଜମା ବନ୍ଦ କରିବେ।


ବେଙ୍ଗାଲୁରୁଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ମୁଖ୍ୟ ଏଚ୍.ଡି. ଦେବଗୌଡ଼ା ନବନିଯୁକ୍ତ କର୍ନାଟକ ଭାଜପା ସଭାପତି ବିଜୟେନ୍ଦ୍ର ୟେଦୁରପ୍ପାଙ୍କୁ ସ୍ୱାଗତ କରୁଛନ୍ତି

# 'ଜନହିତକର ଯୋଜନା କାର୍ଯ୍ୟକାରୀ କର'

### ବିଜେଡି କର୍ମୀ ସମ୍ମିଳନୀରେ କର୍ମକର୍ତ୍ତାଙ୍କୁ ପରାମର୍ଶ

**ବାଲେଶ୍ୱର, ୧୩।୧୧(ମାନସ ବିଶ୍ୱାଳ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ଆଲୁମେଦା ପଞ୍ଚାୟତରେ ବିଜୟ ମଲ୍ଲିକଙ୍କ ଆବାହକତ୍ୱରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଯଯାତି ଦାସ ଯୋଗ ଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଚାଷଜମିରୁ ଜଳ ନିଷ୍କାସନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କର୍ମୀମାନେ ଅନୁରୋଧ କରିଥିଲେ। ଜିଲା ଉପସଭାପତି ଦାସ ଆମ ଓଡ଼ିଶା, ନବୀନ ଓଡ଼ିଶାରେ ଅନ୍ତର୍ଭୁକ୍ତ ସମସ୍ତ ଜନହିତକର ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।


ବିଜେଡି କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀ।

ଏହାସହ ଯୁବକମାନଙ୍କୁ ଜନହିତକର କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ କରିବାକୁ ଶପଥ ନେଇଥିଲେ। ବୈଠକରେ ବିଶ୍ୱନାଥ ପଟ୍ଟାୟତ, ଭୀମଚରଣ ପଟ୍ଟାୟତ, ବେଣୁଧର ଗିରି, ବ୍ରଜମୋହନ ପାଢ଼ୀ, ଭାଗିରଥ ପରିଡ଼ା, ନୀଳକଣ୍ଠ ମଲ୍ଲିକଙ୍କ ସମେତ ବରିଷ୍ଠ ନେତା ବିଜୟ ଭୂୟାଁ, ଠୁଙ୍ଗ ମହାକୁଡ଼, ବିଜୁ ଯୁବ ଜନତା ଉପସଭାପତି ଜାତୀଶ ଦାସ, ରାଜେନ୍ଦ୍ର ବିଶ୍ୱାଳ ଏବଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି କାର୍ଯ୍ୟାଳୟ ଘେରିବାକୁ ଚେତାବନୀ

### ଡମ୍ପିଂୟାର୍ଡ ସ୍ଥାନାନ୍ତର ଦାବିରେ ନଗର ଉନ୍ନୟନ ସଚିବଙ୍କୁ ଦାବିପତ୍ର ଦେଲା ଭାଜପା

**ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର):** ବିଏମ୍‌ସି କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ରାଜଧାନୀବାସୀଙ୍କ ଜୀବନ ବର୍ତ୍ତମାନ ଦୟନୀୟ ହୋଇପଡ଼ିଛି। ରାଜଧାନୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଗାଡକଣସ୍ଥିତ 'ଅସ୍ଥାୟୀ ଡମ୍ପିଂୟାର୍ଡ' ବର୍ତ୍ତମାନ 'ସ୍ଥାୟୀ ଡମ୍ପିଂୟାର୍ଡ'ରେ ପରିଣତ ହୋଇଛି। ଏଥିରୁ ନିର୍ଗତ ଅସହ୍ୟ ଦୁର୍ଗନ୍ଧ ପାଇଁ ସ୍ଥାନୀୟବାସିନ୍ଦାଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଏହି ଅଞ୍ଚଳରେ ପ୍ଲାନେଟାରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ସୈନିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଇଷ୍ଟକୋଷ୍ଟ ରେଲୱେ ଅଫିସ, ମେଡିକାଲ, ସରକାରୀ ଓ ଘରୋଇ କଲୋନୀ ଆଦି ରହିଛି। ଏହାଦ୍ୱାରା ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧମାନେ ଅସୁସ୍ଥ ହୋଇପଡୁଛନ୍ତି । ଭାଜପା ପ୍ରତିନିଧି ଦଳ ଡମ୍ପିଂୟାର୍ଡ ପରିଦର୍ଶନ କରି ବାସ୍ତବ ସ୍ଥିତି ନିରୀକ୍ଷଣ କରିବା ସହ ଗତ ୪ ତାରିଖରେ ଧାରଣାରେ ବସିଥିଲା। ତଥାପି ସମାଧାନ ପାଇଁ କେହି କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ପରିପ୍ରେକ୍ଷୀରେ ସୋମବାର ଭାଜପାର ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ସଚିବଙ୍କୁ ଭେଟି ତୁରନ୍ତ ଡମ୍ପିଂୟାର୍ଡ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି । ବିପର୍ଯ୍ୟସ୍ତ ପରିମଳ ଓ ମହାନଗର ନିଗମର ମହାଦୁର୍ନୀତିକୁ ନେଇ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**QUOTATION CALL NOTICE**

**ORMAS, ZILLA PARISHAD CAMPUS, NABARANGPUR**

Sealed quotations are invited from potential supplied, tent house and electrical decorators, Video Graphers, Printers, Security Service Agency, CCTV Suppliers, LED TV, Food Supplier to take up different works for organizing Mondei - Pallishree Mela - 2023, Nabarangpur on the occasion of Mondei from 10th to 14th December, 2023. The different quotation call notice has been issued vide Qtn. No. 585, 586, 587, 588, 589, 590, 591 dated 09.11.2023. The tender papers are available at the website of **www.nabarangpur.nic.in**.

The last date of submitting quotation is 15.11.2023 by 3.00 P.M. The sealed quotations will be received through Speed Post/Regd. Post of the Postal Department only (other means of receipt of quotation will be summarily rejected). For more details, please visit: **www.nabarangpur.nic.in**.

**Sd./- CDO-cum-EO, Zilla Parishad, Nabarangpur**

# ୨ ସୁପାରିକିଲର ଗିରଫ

**କାମାକ୍ଷାନଗର,୧୩।୧୧(ସୁଧୀର କୁମାର ପରିଡ଼ା)**


ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆ (କା) ସମିତି ସଭ୍ୟ ଦୀପକ ମାହନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହି ଗ୍ରାମର ନିର ଓରଫ ନିରାକାର ସାହୁଙ୍କ ହତ୍ୟା ଘଟଣାରେ ପୋଲିସକୁ ଅଧିକ ସଫଳତା ମିଳିଛି। ପୂର୍ବ ଶତ୍ରୁତାରୁ ନିରଙ୍କୁ ସୁପାରି ଦେଇ ହତ୍ୟା କରାଯାଇଥିବା ପୋଲିସ ପୂର୍ବରୁ ପ୍ରକାଶ କରିବା ସହ ସୁପାରି ଦେଇଥିବା ଦୀପକଙ୍କ ପୁଅ ତଥା ନୀର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଦିବ୍ୟଦର୍ଶନ ମାହନ୍ତଙ୍କୁ ଅକ୍ଟୋବର ୨୫ ରାତିରେ ଗିରଫ କରିଥିବା ବେଳେ ଗତ ୧୨ ତାରିଖ ରାତିରେ ୨ ସୁପାରି କିଲରଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ଗିରଫ ୨ ସୁପାରି କିଲର ହେଲେ ରାକେଶ ନାଥ ଓ ସହଯୋଗୀ ଦେବ ବ୍ରଜ ବୋଲି ସୋମବାର କାମାକ୍ଷାନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ସେପ୍ଟେମ୍ବର ୨୮ରେ ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରୁ ନିରଙ୍କ ଗୁଳିବିଦ୍ଧ ମୃତଦେହ ପୋଲିସ ଜବତ କରିଥିଲା। ୨୦୨୧ ମସିହା ସେପ୍ଟେମ୍ବର ୨୪ରେ ସମିତି ସଭ୍ୟ ଦୀପକଙ୍କୁ ସହଯୋଗୀଙ୍କ ସହ ମିଶି ନିର ହତ୍ୟା କରିଥିବା ଅଭିଯୋଗ ଥିବାରୁ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ସହଯୋଗୀଙ୍କ ସହ ମିଶି ନୀରଙ୍କୁ ହତ୍ୟା କରିଥିବା ନୀରଙ୍କ ସ୍ତ୍ରୀ ଜାନକୀ ସାହୁ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୪୪୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅକ୍ଟୋବର ୨୫ ରାତିରେ ମୁଖ୍ୟ ଅଭିଯୁକ୍ତ ଦିବ୍ୟଦର୍ଶନଙ୍କୁ ଗିରଫ କରାଯିବା ପରେ ସୁପାରି ଦେଇ ନୀରଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ସୁପାରି ନେଇଥିବା ୨ ସୁପାରି କିଲର ରାକେଶ ଏବଂ ସହଯୋଗୀ ଦେବ ବ୍ରଜଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିଲା। ଗତ ୧୨ ତାରିଖରେ ୨ ସୁପାରି କିଲରଙ୍କୁ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ନିକଟରୁ ଢେଙ୍କାନାଳ ଜିଲା ପୋଲିସର ସ୍ୱତନ୍ତ୍ର ଟିମ, ସ୍ୱତନ୍ତ୍ର ଟାସ୍କଫୋର୍ସ ମୟୂରଭଞ୍ଜ ପୋଲିସ ସହାୟତାରେ ଗିରଫ କରିଥିଲା। ବାପାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ରାକେଶ ଓ ସହଯୋଗୀଙ୍କୁ ଦିବ୍ୟଦର୍ଶନ ୬ ଲକ୍ଷ ଟଙ୍କା ସୁପାରି ଦେଇଥିବା ବେଳେ ୨ ସୁପାରିକିଲର ଅଧେ ଟଙ୍କା ପାଇସାରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ରାକେଶଙ୍କ ନାମରେ କାମାକ୍ଷାନଗର ଥାନା ସହ ଜଗତସିଂହପୁର ଓ ନୟାଗଡ ଥାନାରେ ଏକାଧିକ ମାମଲା ରହିଛି। ସହଯୋଗୀ ଦେବଙ୍କ ନାମରେ ମୟୂରଭଞ୍ଜ, ଯାଜପୁର ଅଞ୍ଚଳର ବିଭିନ୍ନ ଥାନାରେ ଡକାୟତି ମାମଲା ରହିଛି ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଆଇଆଇସି ଶରତ ମହାଲିକ, ଏସ୍‌ଆଇ ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ମହାପାତ୍ର ପ୍ରକାଶ କରିଛନ୍ତି।

### ହତ୍ୟା ଅଭିଯୁକ୍ତଙ୍କୁ ହତ୍ୟା ଘଟଣା

- ୬ ଲକ୍ଷ ଟଙ୍କାରେ ହୋଇଥିଲା ଡିଲ୍
- ପୂର୍ବରୁ ଗିରଫ ହୋଇଥିଲେ ସୁପାରିଦାତା

**Government Of Odisha**
E-mail ID- ori-deogaon@nic.in

**OFFICE OF THE PANCHAYAT SAMITI, DEOGAON**

**INVITATION FOR BIDS**

No. i-464

**Detail Tender Call Notice No.06/DGN/2023-24**

| Sl. No. | Name of work | Approximate value of work | Class of Contractor | Concerned office with Head qrs. | Security E.M.D. (Rs.) | Tender Paper Cost (Rs.) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Infrastructure Development of work at Chandipahad under Desandh GP of Deogaon Block | Civil - Rs.55,65,359/- | "B" Class | Panchayat Samiti, Deogaon | 56,000/- | 10,000/- + GST @ 18% | 06 (Six) Calendar Months |

**1.** The tender Call Notice, DTCN with Tender document can be downloaded from the District Portal (http://www.balangir.nic.in) from **dt.14.11.2023 to dt.29.11.2023. 2.** The tender document completing in all respect will be received in the Office of the Block Development Officer, Deogaon till dt.29.11.2023 up to 5.00 P.M. through Regd./Speed Post only in Official address of Block Development Officer, Deogaon. The document must be super scribed the Name & Tender Call Notice Number. The tender document received after 5.00 PM of dt.29.11.2023 will not be considered. In case of any postal delay or non-received of Tender Document the authority shall not be held responsible. **3.** The Bids will be opened on the **Dt. 30.11.2023 at 11.30 AM** in the office of the undersigned, in the presence of the members of tender committee of **Panchayat Samiti Office, Deogaon**, bidders or their authorized agents attend at the Office Chamber of **Block Development Officer, Deogaon**. **4.** Further details can be seen from the website portal (http://www.balangir.nic.in).

OIPR- 19253/11/0008/2324

**Sd./- Block Development Officer, Deogaon**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସମ୍ଭାଳ ବାୟୁ...

ଦୀପାବଳିରେ ଏହା ୨୧୪.୯୫କୁ ବୃଦ୍ଧି ପାଇଥିଲା। ଭୁବନେଶ୍ୱରର ଲିଙ୍ଗରାଜ ଅଞ୍ଚଳରେ ୧୧ ତାରିଖରେ ପ୍ରଦୂଷଣ ମାତ୍ରା ୧୩୦.୫୧ ଥିବାବେଳେ ଦୀପାବଳି ଦିନ ଏହା ୨୪୩.୨୩ ରହିଥିଲା। ପଟିଆ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ୧୦୬ରୁ ବଢ଼ି ୨୧୧ ହୋଇଥିଲା।

ସୋମବାର ମଧ୍ୟ ଏହାର ପ୍ରଭାବ ଜାରି ରହିଥିଲା। ଦିନ ତମାମ ପ୍ରଦୂଷଣ ରାଜ୍ୟର ବିଭିନ୍ନ ଭାଗରେ ଅନୁଭୂତ ହୋଇଥିଲା। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରେକର୍ଡ ଅନୁଯାୟୀ ସୋମବାର ସନ୍ଧ୍ୟା ସୁଦ୍ଧା ଅନୁଗୋଳରେ ଏକ୍ୟୁଆଇ ୩୪୮ ଥିବାବେଳେ ଭୁବନେଶ୍ୱରରେ ୩୭୨, କଟକ ୩୪୮, ଯାଜପୁର ୩୪୧, କେନ୍ଦୁଝର ୩୦୦, ରାଜଗାଙ୍ଗପୁରରେ ୨୩୭ ଥିଲା। ବାୟୁମଣ୍ଡଳରେ ଏକ୍ୟୁଆଇ ୦ରୁ ୫୦ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭଲ। ୫୧ରୁ ୧୦୦ ସାମାନ୍ୟ ଭଲ, ୧୦୧ରୁ ୨୦୦ ପ୍ରଦୂଷିତ, ୨୦୧ରୁ ୩୦୦ ସ୍ୱାସ୍ଥ୍ୟ ପାଇଁ ହାନିକାରକ, ୩୦୧ରୁ ୪୦୦ ବହୁତ ଖରାପ ଏବଂ ୪୦୧ରୁ ୫୦୦ ସ୍ୱାସ୍ଥ୍ୟ ପାଇଁ ଅତି ବିପଜ୍ଜନକ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକଙ୍କ କହିବା ଅନୁଯାୟୀ ବାୟୁମଣ୍ଡଳରେ ଏକ୍ୟୁଆଇ ୩୦୦ ଉପରକୁ ଚାଲିଗଲେ ଅତ୍ୟନ୍ତ ହାନିକାରକ ହୋଇଥାଏ। ଏଥିପ୍ରତି ଜନସାଧାରଣ ସଚେତନ ହେବା ଜରୁରୀ। ପରିବେଶ ସୁସ୍ଥ ରଖିବାକୁ ଏସ୍‌ପିସିବି ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି। ଭୁବନେଶ୍ୱର କିମ୍ବା କଟକରେ ସେଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ଦୀପାବଳି ଥିବାରୁ ବାୟୁ ପ୍ରଦୂଷଣ ସ୍ତର କିଛି ମାତ୍ରାରେ ବଢ଼ି ଯାଇଛି। ଆଉ ଦିନେ ଦୁଇଦିନ ପରେ ତାହା ପୁଣି ଖସି ଆସିବ।

### ୨୪ ଘଣ୍ଟାରେ...

ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେତେକ ସ୍ଥାନରେ ୭୦ରୁ ୧୦୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ପ୍ରଭାବରେ ନଭେମ୍ବର ୨୦ ତାରିଖ ଯାଏ ଉପକୂଳ ଜିଲାରେ ହାଲ୍କା ବର୍ଷା ଲାଗି ରହିବ।

ସମ୍ଭାବ୍ୟ ଲଘୁଚାପ ଯୋଗୁ ରାଜ୍ୟରେ ପାରଦ ପୁଣି ଉପରମୁହାଁ ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟରେ ସର୍ବନିମ୍ନ ୧୨.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଅଞ୍ଚଳରେ ତାପମାତ୍ରା ୧୫ରୁ ୨୨ ଡିଗ୍ରୀ ମଧ୍ୟରେ ରହିଛି।

### ଅଭିନେତ୍ରୀ ମୌସୁମୀ...

ଗତ ୬ ମାସ ତଳେ ମୌସୁମୀ ଶେୟାର ମାର୍କେଟ୍‌ରେ ବିନିଯୋଗ କରିବାକୁ ବନସ୍ମିତାଙ୍କୁ ୫.୦୮ ଲକ୍ଷ ଟଙ୍କା ଦେଇଥିଲେ। କିଛିଦିନ ପରେ ମୌସୁମୀ ଉକ୍ତ ସମାନ ପରିମାଣର ଟଙ୍କା ଫେରସ୍ତ ନେଇଥିଲେ। ଏହାପରେ ବନସ୍ମିତାଙ୍କଠାରୁ ଅଧିକ ଟଙ୍କା ଆଦାୟ କରିବାକୁ ଧମକ ଦେବା ଆରମ୍ଭ କରିଥିଲେ। ଟଙ୍କା ନ ଦେଲେ ସେ ତାଙ୍କୁ ବଦନାମ କରିବେ ବୋଲି ଧମକ ଦେଇଥିଲେ। ଏନେଇ ବନସ୍ମିତା ଗତ ସେପ୍ଟେମ୍ବରରେ ଇନ୍‌ଫୋସିଟି ଥାନାରେ ମୌସୁମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଅଭିଯୋଗର ତଦନ୍ତ ସମୟରେ ମୌସୁମୀ ଆଗକୁ ଏପରି କୌଣସି କାର୍ଯ୍ୟ କରିବେ ନାହିଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ମୌସୁମୀ ଚନ୍ଦକା ଥାନାରେ ବନସ୍ମିତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ରୁଜୁ କରାଇବା ସହ ଗଣମାଧ୍ୟମରେ ତାଙ୍କ ସହ ପରିବାର ବିରୋଧରେ ଟିପ୍ପଣୀ ଦେଇଥିଲେ। ଏଥିସହ ବନସ୍ମିତା ଓ ତାଙ୍କ ପରିବାର ଲୋକଙ୍କୁ ମୌସୁମୀ ପୁଣି ହତ୍ୟା ଧମକ ଦେବା ଆରମ୍ଭ କରିଥିଲେ। ବନସ୍ମିତାଙ୍କୁ ଏକ ଗାଡ଼ି ସବୁବେଳେ ପିଛା କରିବା ସହ ଧମକପୂର୍ଣ୍ଣ ମେସେଜ୍ ମୋବାଇଲକୁ ଆସୁଥିବା ନେଇ ବନସ୍ମିତା ପୁଣି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଅକ୍ଟୋବର ୨୮ରେ ଆଇପିସି ଦଫା ୩୮୫, ୨୯୪, ୫୦୬, ୫୦୭ରେ ଏକ ମାମଲା (ନଂ.୩୫୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତା ମୌସୁମୀଙ୍କୁ ଏହି ମାମଲାରେ ପୋଲିସ ୪୧ ସିଆର୍‌ପିସିରେ ନୋଟିସ୍ ଦେଇ ଛାଡ଼ିଥିଲା। ହେଲେ ସେ ଏହି ନୋଟିସକୁ ଉଲ୍ଲଂଘନ କରି ବନସ୍ମିତାଙ୍କ ବିରୋଧରେ ସମାନ ଆଚରଣ ପ୍ରଦର୍ଶନ ଜାରି ରଖିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି।

ଉଲ୍ଲେଖଯୋଗ୍ୟ, ଅଭିନେତ୍ରୀ ମୌସୁମୀ ଓଡ଼ିଆ ସିନେମା 'ଗଡବଡ୍', ୨୦୧୪ ଫିଅର୍ ଅଫ୍ ଦି ଇଅର୍, ତୁମ୍ବକି ଏବଂ ହିନ୍ଦୀ ସେନେମା 'ରକି ଔର୍ ରାନିକି ପ୍ରେମ୍ କହାନୀ'ରେ ଅଭିନୟ କରିଛନ୍ତି।

### ଉତ୍ତରକାଶୀରେ ସୁଡ଼ଙ୍ଗ...

ସୁରକ୍ଷିତ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପାଇପ୍‌ଲାଇନ୍ ଜରିଆରେ ସେମାନଙ୍କ ପାଖକୁ ଖାଦ୍ୟ, ପାଣି ଓ ଅକ୍ସିଜେନ୍ ପଠାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୋମବାର ଦୁର୍ଘଟଣାସ୍ଥଳ ଗସ୍ତ କରି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଶ୍ରମିକମାନଙ୍କ ଉଦ୍ଧାର ଲାଗି ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଥିବା ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରମିକମାନଙ୍କ ଉଦ୍ଧାର କାର୍ଯ୍ୟରେ ପୋଲିସ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀ ଓ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି।

ଖବର ଅନୁଯାୟୀ ରବିବାର ଭୋର ପ୍ରାୟ ୪ଟା ବେଳେ ୪.୫ କିଲୋମିଟର ଦୀର୍ଘ ଟନେଲ ମଧ୍ୟରୁ ୧୫୦ ମିଟର ଭୁଶୁଡ଼ି ପଡ଼ିଥିଲା। ଚାର୍‌ଧାମ୍ ରୋଡ୍ ପ୍ରୋଜେକ୍ଟ ଅଧୀନରେ ଏହି ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଉକ୍ତ ସୁଡ଼ଙ୍ଗ କାର୍ଯ୍ୟକାରୀ ହେଲେ ଉତ୍ତରକାଶୀରୁ ଯମୁନେତ୍ରୀ ଧାମକୁ ରାସ୍ତା ୨୬ କିଲୋମିଟର ହ୍ରାସ ପାଇବ।

### ମୟୂରଭଞ୍ଜର ୩...

ରାଜୁ ନାଏକ। ଅପରପକ୍ଷରେ ନବରଙ୍ଗପୁର ଜିଲାର ୨ଜଣ ଶ୍ରମିକ ହେଲେ ତପନ ମଣ୍ଡଳ ଓ ଭଗବାନ ବାତ୍ରା। ଫସିଥିବା ଶ୍ରମିକମାନେ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଅଧୀନରେ କାମ କରୁଥିଲେ। ଗତ ଜୁନ୍ ୧ତାରିଖରୁ ମୟୂରଭଞ୍ଜର ୩ଶ୍ରମିକ କାମ କରିବାକୁ ଉତ୍ତରାଖଣ୍ଡ ଯାଇଥିଲେ। ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ଫସିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି। ପ୍ରତିକୂଳ ପରିସ୍ଥିତି ଯୋଗୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଥିବା ସେଠାରେ କାମ କରୁଥିବା ବେଡ଼ାକୁନ୍ଦର ଗ୍ରାମର କ୍ଷୀରୋଦ ନାଏକ କହିଛନ୍ତି। ତେବେ ଫସିରହିଥିବା ଶ୍ରମିକଙ୍କ ସମ୍ପର୍କରେ ସବିଶେଷ ସୂଚନା ମିଳି ପାରୁ ନ ଥିବାରୁ ସେମାନଙ୍କ ପରିବାର ଲୋକେ ହତୋତ୍ସାହିତ ହୋଇପଡ଼ିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସ୍ଥିତି ଉପରେ ନଜର ରଖିଛନ୍ତି।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୭୮୧୯ - IND-II-PH-1165 | ତାରିଖ: ୧୦।୧୧।୨୦୨୩

**ବିଜ୍ଞାପନ**

No. CAD-2832: ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଭି.ସି. ଆଇ କେମିକାଲ୍‌ସ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶାର ଯାଜପୁର ଜିଲ୍ଲା ଦାନଗଦି ତହସିଲ ଅନ୍ତର୍ଗତ କଳିଙ୍ଗ ନଗର ଇଣ୍ଡଷ୍ଟ୍ରିଆଲ ଅଞ୍ଚଳସ୍ଥିତ ଯଖପୁରା ଏବଂ କଛାରୀଗାଁ ଗ୍ରାମରେ ୧.୦ ଏଲ୍‌ଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେସନ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା୨୦।୧୦।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦ ପତ୍ର ଯଥା "The Times of India" ଏବଂ "ଧରିତ୍ରୀ"ରେ ତା୧୯।୦୯।୨୦୨୩ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ତା୨୦।୧୦।୨୦୨୩ରିଖ ଦିନ ପ୍ରବଳ ଜନ ବିରୋଧ ଯୋଗୁଁ ଉକ୍ତ ଜଣଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୯।୧୧।୨୦୨୩ରିଖ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୯।୧୧।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା ମୌଜାସ୍ଥିତ ଦାନଗଦି ଭବନଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ

OSPCB-PH-MISC-0057-2023/11/2023

OIPR-08012/11/0134/2324





ନେଦରଲାଣ୍ଡ ବିପକ୍ଷରେ ଉଇକେଟ ନେବାପରେ ଉଲ୍ଲସିତ ବିରାଟ କୋହଲି।

# ୯-୦, ଭାରତ ଅପରାଜେୟ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ଶ୍ରେୟସ ଆୟର ଓ ଲୋକେଶ ରାହୁଲଙ୍କ ଶତକ ବଳରେ ରବିବାର ଦୀପାବଳିରେ ଭାରତୀୟ କ୍ରିକେଟ ଦଳ ନେଦରଲାଣ୍ଡକୁ ୧୬୦ ରନରେ ପରାସ୍ତ କରିଛି। ଟପ୍ ସ୍କୋରର ଆୟରଙ୍କ ଅପରାଜିତ ୧୨୮ ଓ ଲୋକାଲ ବୟ ଲୋକେଶଙ୍କ ୧୦୨ ରନ୍ ବଳରେ ଭାରତ ୫୦ ଓଭରରେ ୪ ଉଇକେଟ ହରାଇ ୪୧୦ ରନ୍ ସ୍କୋର କରିଥିଲା। ଜବାବରେ ନେଦରଲାଣ୍ଡ ୪୭.୫ ଓଭରରେ ୨୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଏହା ସହିତ ୯ଟି ଯାକ ଗ୍ରୁପ୍ ମ୍ୟାଚକୁ ଜିତି ନେବା ସହ ଭାରତ ୧୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହି ଅପରାଜେୟ ଭାବେ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ରବିବାର ଭାରତ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଥର ପାଇଁ ବିଶ୍ୱକପରେ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲେ। ଶୁବମନ ଗିଲ୍(୫୧), ରୋହିତ ଶର୍ମା(୬୧) ଓ ବିରାଟ କୋହଲି(୫୧) ରନ୍ କରିଥିବା ବେଳେ ରାହୁଲ ଓ ଆୟର ଏହାକୁ ଶତକରେ ପରିଣତ କରିଥିଲେ। ଏହା ସହ ବିଶ୍ୱକପରେ ପ୍ରଥମ ଦଳ ଭାବେ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ମାରିବା ରେକର୍ଡ କରିଥିଲେ। ଚମତ୍କାର ବ୍ୟାଟିଂ ବଳରେ ଭାରତ ୪୧୦ ରନ୍‌ର ବିଶାଳ ସ୍କୋର କରିଥିଲା। ଏହାପରେ ଭାରତୀୟ ବୋଲର ମାନେ ଶୃଙ୍ଖଳିତ ବୋଲିଂ କରିବା ସହିତ ନେଦରଲାଣ୍ଡକୁ ୨୫୦ ରନ୍‌ରେ ସୀମିତ ରଖିଥିଲେ। ପ୍ରଥମ ଥର ପାଇଁ ବିରାଟ କୋହଲି, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଶୁବମନ ଗିଲ୍‌ଙ୍କୁ ବୋଲିଂ କରୁଥିବାର ଦେଖିବାକୁ ମିଳିଥିଲା। ଏପରି କି କୋହଲି ଓ ରୋହିତ ଅନ୍ତିମ ଦୁଇ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଶୁବମନ ଗିଲ୍ ଓ ରୋହିତ ଶର୍ମା ପ୍ରଥମ ଉଇକେଟରେ ମାତ୍ର ୭୧ ବଲ୍‌ରେ ୧୦୦ ରନ୍ ଯୋଡ଼ିଥିଲେ। ୩୨ ବଲ୍ ଖେଳି ୩ ଚୌକା ଓ ୪ ଛକା ମାରିଥିବା ଗିଲ୍ ୧୨ତମ ଓଭରରେ ପ୍ୟାଭିଲିୟନ ଫେରିଥିଲେ। ଏହାର ୫ ଓଭର ପରେ ଅଧିନାୟକ ରୋହିତ ଶର୍ମା ୬୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ୫୪ ବଲ୍‌ର ଏହି ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା। ପୂର୍ବତନ ଭାରତୀୟ ଅଧିନାୟକ ତଥା ଷ୍ଟାର ବ୍ୟାଟର ବିରାଟ କୋହଲି ୫୧ ରନ୍ କରି ଆଉଟ ହୋଇଥିଲେ। ଦିନିକିଆ କ୍ୟାରିୟରର ୫୦ତମ ଶତକ ଲକ୍ଷ୍ୟରେ ରହିଥିବା କୋହଲିଙ୍କ ୫୦ତମ ଶତକ ଦେଖିବା ପାଇଁ ବେଙ୍ଗାଲୁରୁ ଦର୍ଶକ ଏକତ୍ର ହୋଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେଙ୍କୁ କଟ୍ ମାରିବା ପ୍ରୟାସରେ କୋହଲି ବୋଲ୍ଡ ହୋଇଥିଲେ। ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲେ ମଧ୍ୟ ଏହାର ଭରଣା କରିଥିଲେ ଆୟର ଓ ରାହୁଲ। ଉଭୟ ୪ର୍ଥ ଉଇକେଟରେ ୨୦୮ ରନ୍ ଯୋଡ଼ିଥିଲେ। ଅନ୍ତିମ ୧୦ ଓଭରରେ ଉଭୟ ଖେଳାଳି ୧୨୨ ରନ୍ ଯୋଡ଼ିଥିଲେ। ୯୪ ବଲ୍ ଖେଳିଥିବା ଆୟର ୧୨୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ବେଳେ ମାରିଥିଲେ ୧୦ ଚୌକା ଓ ୫ ଛକା। ଲୋକାଲ ବୟ ରାହୁଲ ୬୪ ବଲ୍ ଖେଳି ୧୧ ଚୌକା ଓ ୪ ଛକା ମାରି ୧୦୨ ରନ୍ କରିଥିଲେ।



ଦୁଇ ଶତକ ହାସଲକାରୀ ଲୋକେଶ ରାହୁଲ ଓ ଶ୍ରେୟସ ଆୟର।

ରାହୁଲ ପ୍ରଥମ ୩୦ ବଲରୁ ୨୬ ରନ୍ କରିଥିବା ବେଳେ ଅନ୍ତିମ ୩୩ ବଲ୍‌ରୁ ୭୬ ରନ ସ୍କୋର କରିଥିଲେ। ନେଦରଲାଣ୍ଡ ପକ୍ଷରୁ ବାସ ଡି ଲିଡ୍ ୨ ଉଇକେଟ ନେଇଥିବା ବେଳେ ରିଓଲ୍ଫ ଭାନ୍ ଡର ମରୱେ ଓ ପଲ୍ ଭାନ୍ ମିକେରାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୪୧୧ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ନେଦରଲାଣ୍ଡ ଦ୍ୱିତୀୟ ଓଭରରେ ହିଁ ପ୍ରଥମ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ମାକ୍ସ ଓଡଡ୍(୩୦), କଲିନ୍ ଆକର୍‌ମ୍ୟାନ୍(୩୫), ସିବ୍ରାଣ୍ଡ ଏଙ୍ଗଲବ୍ରେଟ୍(୪୫) ପ୍ରମୁଖ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିଥିଲେ। ଆନ୍ଧ୍ରଜନ୍ମିତ ତେଜା ନିଡାମନୁରୁ ୫୪ ରନ୍ କରିବା ସହ ଦଳ ପକ୍ଷରୁ ଏକମାତ୍ର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୋହଲି ଦୀର୍ଘ ୮ ବର୍ଷ ପରେ ଏକ ଅନ୍ତର୍ଜାତୀୟ ଉଇକେଟ ନେଇ ବେଙ୍ଗାଲୁରୁ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୪୧୦/୪(ଶ୍ରେୟସ ଆୟର-୧୨୮*, ଲୋକେଶ ରାହୁଲ-୧୦୨, ରୋହିତ ଶର୍ମା-୬୧, ଶୁବମନ ଗିଲ୍-୫୧, ବିରାଟ କୋହଲି-୫୧, ବାସ୍ ଡି ଲିଡ୍-୨/୮୨, ରିଓଲ୍ଫ ଭାନ୍ ଡର ମରୱେ-୧/୫୩, ପଲ୍ ଭାନ୍ ମିକେରାନ୍-୧/୯୦)। ନେଦରଲାଣ୍ଡ ୪୭.୩ ଓଭରରେ ୨୫୦/୧୦(ତେଜା ନିଡାମନୁରୁ-୫୪, କଲିନ୍ ଆକର୍‌ମ୍ୟାନ୍-୩୫, ସିବ୍ରାଣ୍ଡ ଏଙ୍ଗଲବ୍ରେଟ-୪୫, ଯଶପ୍ରୀତ୍ ବୁମ୍‌ରା-୨/୩୩, ମହମ୍ମଦ ସିରାଜ-୨/୨୯, କୁଲଦୀପ ଯାଦବ-୨/୪୧, ରବୀନ୍ଦ୍ର ଜାଡେଜା-୨/୪୯)।

## ବିଶ୍ୱକପରେ କ୍ରମାଗତ ବିଜୟରେ ରେକର୍ଡ

ବିଶ୍ୱକପରେ କ୍ରମାଗତ ବିଜୟର ରେକର୍ଡ ନିଜ ନାମରେ କରିଛନ୍ତି ରୋହିତ ଶର୍ମା। ପୂର୍ବରୁ ଭାରତ ୨୦୦୩ ବିଶ୍ୱକପରେ ଭାରତ କ୍ରମାଗତ ୮ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତେବେ ୨୦ ବର୍ଷ ପରେ ଚଳିତ ସଂସ୍କରଣରେ ଭାରତ କ୍ରମାଗତ ୯ ବିଜୟ ହାସଲ କରିବା ସହିତ ନିଜ ରେକର୍ଡକୁ ଅତିକ୍ରମ କରିଛି। ଏହା ପୂର୍ବରୁ ୨୦୧୫ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୭ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ସେହିପରି ୨୦୧୧ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୪ ମ୍ୟାଚ୍‌ରେ ବିଜୟୀ ହେବାର ରେକର୍ଡ କରିଥିଲା।

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଚମତ୍କାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱକପର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୧୬୦ ରନ୍‌ରେ ନେଦରଲାଣ୍ଡକୁ ପରାସ୍ତ କରିବା ପରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରେୟସ ଆୟରଙ୍କ ଅପରାଜିତ ୧୨୮ ଓ ଲୋକେଶ ରାହୁଲଙ୍କ ୧୦୨ ରନ୍ ବଳରେ ଭାରତ କ୍ରମାଗତ ନବମ ବିଜୟ ହାସଲ କରିଥିଲା।୧୮ ପଏଣ୍ଟ ସହ ଟେବୁଲ୍ ଟପ୍ପର ରହିଥିବା ଭାରତ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ସେମି ଫାଇନାଲ ଖେଳିବ।

'ଭାରତୀୟଙ୍କ ପାଇଁ ଦୀପାବଳିକୁ ଆହୁରି ସ୍ୱତନ୍ତ୍ର କରିଥିବାରୁ ଆମ କ୍ରିକେଟ ଦଳକୁ ଶୁଭେଚ୍ଛା। ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ବିଜୟ ପାଇଁ ଦଳକୁ ଢେର ସାରା ବଧେଇ। ଦକ୍ଷତା ଓ ଦଳଗତ ପ୍ରଦର୍ଶନର ଚମତ୍କାର ଉଦାହରଣ ଦେଖାଇଥିବା ଭାରତୀୟ କ୍ରିକେଟ ଦଳକୁ ସେମି ଫାଇନାଲ ପାଇଁ ଶୁଭେଚ୍ଛା' ବୋଲି ଏକ୍ସରେ ଲେଖିଥିଲେ ମୋଦି।

# ଭାରତୀୟ ଦଳର ଏକାଧିକ ରେକର୍ଡ

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ରବିବାର ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୧୬୦ ରନ୍‌ରେ ବିଜୟୀ ହେବା ସହିତ ଏକାଧିକ ରେକର୍ଡ ନିଜ ନାମରେ କରିଛି। ଏହି ରେକର୍ଡ ଗୁଡ଼ିକ ଉପରେ ଏକ ନଜର

➤ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତବର୍ଷ ୬୦ ଛକା ମାରିବା ସହ ୨୦୧୫ରେ ଏବି ଡି'ଭିଲର୍ସ ମାରିଥିବା ୫୮ ଛକାର ରେକର୍ଡକୁ ଭାଙ୍ଗିଛନ୍ତି।

➤ବିଶ୍ୱକପର ଏକ ସଂସ୍କରଣରେ ଅଧିନାୟକ ଭାବରେ ସର୍ବାଧିକ ୨୪ ଛକା ମାରିଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଇଅନ ମୋର୍ଗାନ(୨୨)ଙ୍କ ନାମରେ ରହିଥିଲା।

➤ଚଳିତବର୍ଷ ରୋହିତ ଶର୍ମା-ଶୁବମନ ଗିଲ୍ ପଞ୍ଚମ ଥର ପାଇଁ ଶତକୀୟ ଭାଗୀଦାରି କରିଛନ୍ତି।

➤ଭାରତୀୟ ଅଧିନାୟକ ଭାବରେ ରୋହିତ ୫୦୩ ରନ୍ କରିବା ସହିତ ସର୍ବାଧିକ ରନ୍ କରିବାରେ ସୌରଭ ଗାଙ୍ଗୁଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୨୦୦୩ରେ ଗାଙ୍ଗୁଲି ୪୬୫ ରନ୍ ସ୍କୋର କରିଥିଲେ।

➤ରୋହିତ ଶର୍ମା ଦୁଇଟି ବିଶ୍ୱକପରେ ୫୦୦+ ସ୍କୋର କରିବାର ରେକର୍ଡ କରିବା ସହ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଏହା ସହିତ ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ କ୍ରମାଗତ ସଂସ୍କରଣରେ ୫୦୦ରୁ ଅଧିକ ରନ୍ କରିଛନ୍ତି।

➤ବିରାଟ କୋହଲି ଦିନିକିଆ ବିଶ୍ୱକପରେ ୧୪ତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୧ ଅର୍ଦ୍ଧଶତକ ସହିତ ତେନ୍ଦୁଲକର ତାଙ୍କଠାରୁ ଆଗରେ ଅଛନ୍ତି।

➤ଚଳିତ ସଂସ୍କରଣରେ ୭ ଅର୍ଦ୍ଧଶତକ ସହିତ କୋହଲି ସଚିନ୍ ତେନ୍ଦୁଲକର ଓ ଶାକିବ ଅଲ ହସନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

➤ଦିନିକିଆ ବିଶ୍ୱକପରେ ପ୍ରଥମ ଥର ପାଇଁ ଭାରତର ଟପ୍-୫ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

➤ବିଶ୍ୱକପରେ ଭାରତର ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ଲୋକେଶ ରାହୁଲ। ରୋହିତ ଶର୍ମା ୬୩ ବଲରେ ଶତକ କରିଥିବା ବେଳେ ନେଦରଲାଣ୍ଡ ବିପକ୍ଷରେ ୬୨ ବଲରେ ଶତକ ହାସଲ କରିଥିଲେ ରାହୁଲ।

➤ଚଳିତ ସଂସ୍କରଣରେ ଭାରତୀୟ ବ୍ୟାଟର ୨୦ଥର ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ଭାରତୀୟ ଦଳର ଖେଳାଳି ୨୦୧୯ ସଂସ୍କରଣରେ ୧୯ ଅର୍ଦ୍ଧଶତକ ହାସଲ କରିଥିଲେ।

➤ବିଶ୍ୱକପରେ ଚତୁର୍ଥ ଉଇକେଟରେ ଭାରତର ସର୍ବାଧିକ ୨୦୮ ରନ୍‌ର ପାର୍ଟନରଶିପ କରିଛନ୍ତି ଶ୍ରେୟସ୍ ଆୟର ଓ ଲୋକେଶ ରାହୁଲ। ୨୦୧୫ରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା ଜିମ୍ବାୱେ ବିପକ୍ଷରେ ଅବିଭାଜିତ ୧୯୬ ରନ୍ ଯୋଡ଼ିଥିଲେ।

# ସେମିଫାଇନାଲ ଚାପ ରହିବ:ଦ୍ରାବିଡ୍

**ବେଙ୍ଗାଲୁରୁ, ୧୩।୧୧ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ସେମି ଫାଇନାଲ ମ୍ୟାଚ୍ ପାଇଁ ଭାରତୀୟ କ୍ରିକେଟ ଦଳ ଉପରେ ଚାପ ରହିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍। ବୁଧବାରର ମ୍ୟାଚ୍ ଉଭୟ ଦଳ ପାଇଁ ସମାନ ଭାବରେ ଚାପ ସୃଷ୍ଟି କରିବ ତେଣୁ ଏହାକୁ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ ବୋଲି ଦ୍ରାବିଡ କହିଛନ୍ତି। କ୍ରିକେଟରେ କୌଣସି ମ୍ୟାଚ ଆପଣଙ୍କୁ ଶତ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରି ନ ଥାଏ। ତେଣୁ ଆମକୁ ଶ୍ରେଷ୍ଠ ପ୍ରସ୍ତୁତି ସହ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିବ। ନିରନ୍ତର ଭାବେ ଆମେ ଏହା କରିବା ସହିତ ୯ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛୁ। ଆଉ ଥରେ ଏଭଳି କରିବା ଦ୍ୱାରା ଆମେ ଫାଇନାଲରେ ପହଞ୍ଚି ପାରିବୁ। ବର୍ତ୍ତମାନ ସମସ୍ତେ ଭାରତୀୟ ଦଳର ପ୍ରଶଂସା କରୁଥିବା ବେଳେ ଗୋଟିଏ ଖରାପ ମ୍ୟାଚ୍ ହିଁ ସମସ୍ତଙ୍କ ମତାମତ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ। ତେବେ ଟୁର୍ନାମେଣ୍ଟର ଶେଷ ଆଡକୁ ଶ୍ରେୟସ ଆୟର ଫର୍ମକୁ ଫେରିବା ଆମ ପାଇଁ ଶୁଭ ସଙ୍କେତ ବୋଲି ଦ୍ରାବିଡ୍ କହିଛନ୍ତି। ଆୟର ଭାରତୀୟ ମଧ୍ୟକ୍ରମ ବ୍ୟାଟିଂର ମେରୁଦଣ୍ଡ। ବିଗତ ୧୦ ବର୍ଷ ମଧ୍ୟରେ ଆମକୁ ୪ ନମ୍ବର ସ୍ଥାନରେ ମିଳିଥିବା ଶ୍ରେଷ୍ଠ ବ୍ୟାଟର ହେଉଛନ୍ତି ଆୟର। ତେଣୁ ସେ ଫର୍ମକୁ ଫେରିବା ଦ୍ୱାରା ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ଦ୍ରାବିଡ୍।


ରାହୁଲ ଦ୍ରାବିଡ୍

# ଟକର, ଇଲିଙ୍ଗୱର୍ଥଙ୍କୁ ଅମ୍ପାୟରିଂ ଦାୟିତ୍ୱ

**ଦୁବାଇ, ୧୩।୧୧ (ପି.ଟି.)**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ ରଡ୍ ଟକର ଓ ରିଚାର୍ଡ ଇଲିଙ୍ଗୱର୍ଥ। ସେହିପରି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ନୀତୀନ ମେନନ ଓ ରିଚାର୍ଡ କେଟଲବୋରୋ ଅମ୍ପାୟରିଂ କରିବେ। ପ୍ରଥମ ସେମିଫାଇନାଲ ମୁମ୍ବାଇରେ ନଭେମ୍ବର ୧୫ରେ ଏବଂ ଦ୍ୱିତୀୟଟି ନଭେମ୍ବର ୧୬ରେ କୋଲକାତାରେ ଖେଳାଯିବ। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୯ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ ଇଲିଙ୍ଗୱର୍ଥ ଜଣେ ଫିଲ୍ଡ ଅମ୍ପାୟର ଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟକର ତୃତୀୟ ଅମ୍ପାୟର ରହିଥିଲେ। ଭାରତ ବନାମ ନ୍ୟୁଜିଲାଣ୍ଡ ମ୍ୟାଚରେ ଟକର ତାଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବେ। ଟକର ୨୦୦୯ ଜାନୁୟାରୀରେ ତାଙ୍କର ପ୍ରଥମ ଦିନିକିଆ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କର ଏହି ଐତିହାସିକ ମ୍ୟାଚରେ ଜୋଏଲ ୱିଲସନ ତୃତୀୟ ଅମ୍ପାୟର ଏବଂ ଆଡ୍ରିଆନ ହୋଲ୍ଡଷ୍ଟକ୍ ଚତୁର୍ଥ ଅମ୍ପାୟର ଏବଂ ଆଣ୍ଡି ପାଇକ୍ରଫ୍ଟ ମ୍ୟାଚ ରେଫରି ଦାୟିତ୍ୱରେ ରହିବେ। କେଟେଲବୋରୋ ମଧ୍ୟ ଏହି ବିଶ୍ୱକପ୍ ବେଳେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଅଫିସିଆଲ ଭାବେ ଶତକହାସଲ କରିସାରିଛନ୍ତି। କୋଲକାତାରେ ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସେ ତାଙ୍କ ସଂଖ୍ୟା ବୃଦ୍ଧି କରିବେ। କେଟଲବୋରୋ ତାଙ୍କ ଶତକ ମାଇଲଖୁଣ୍ଟ ଅକ୍ଟୋବର ୨୧ରେ ନେଦରଲାଣ୍ଡ ବନାମ ଶ୍ରୀଲଙ୍କା ମ୍ୟାଚରେ ହାସଲ କରିଛନ୍ତି। ଏହା ତାଙ୍କର କ୍ରମାଗତ ତୃତୀୟ ବିଶ୍ୱକପ୍ ଯେଉଁଠାରେ ତାଙ୍କୁ ଏକ ସେମିଫାଇନାଲରେ ଦେଖିବାକୁ ମିଳିବ। ତାଙ୍କ ସହିତ ଫିଲ୍ଡରେ ଯୋଗଦେବେ ଭାରତର ମେନନ, ଯାହାଙ୍କର ଏହା ପ୍ରଥମ ବିଶ୍ୱକପ୍। ଖ୍ରୀସ୍ ଗାଫାନି ତୃତୀୟ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଅନ୍ୟ ମ୍ୟାଚ ଅଫିସିଆଲମାନେ ହେଲେ ମାଇକେଲ ଗଫ୍ (ଚତୁର୍ଥ ଅମ୍ପାୟର) ଓ ଜାଭାଗଲ ଶ୍ରୀନାଥ(ମ୍ୟାଚ ରେଫରି)।



ରିଚାର୍ଡ ଇଲିଙ୍ଗୱର୍ଥ ଓ ରଡ୍ ଟକର।

**ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ**

# ପାକିସ୍ତାନ ବୋଲିଂ କୋଚ୍‌ରୁ ମୋର୍କେଲଙ୍କ ଇସ୍ତଫା

**ଲାହୋର, ୧୩।୧୧ (ପି.ଟି.)**

ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ମୋର୍ନ ମୋର୍କେଲ ସୋମବାର ପାକିସ୍ତାନ କ୍ରିକେଟ ଟିମ୍ ବୋଲିଂ କୋଚ୍‌ରୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହିତ ହୋଇଥିବା ତାଙ୍କ ଚୁକ୍ତି ମିଆଦ ଶେଷ ହୋଇ ନ ଥିଲା। ଭାରତରେ ଚାଲିଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ରୁ ପାକିସ୍ତାନ ଦଳ ବିଦାୟ ନେବାର ଦୁଇ ଦିନ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାବର ଆଜାମଙ୍କ ନେତୃତ୍ୱାଧୀନ ପାକିସ୍ତାନ ବିଶ୍ୱକପ୍‌ରେ ଖେଳିଥବବା ୯ଟି ମ୍ୟାଚରୁ ୫ଟିରେ ପରାଜୟ ବରଣ କରିଛି। କୋଲକାତାଠାରେ ଇଂଲଣ୍ଡ ବିପକ୍ଷ ଶେଷ ମ୍ୟାଚ ୯୩ ରନରେ ପରାଜିତ ହୋଇଛି। ଆଇପିଏଲ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟ ସହ ତାଙ୍କ ଚୁକ୍ତି ସରିବା ପରେ ମୋର୍କେଲ ଗତ ଜୁନ୍ ମାସରେ ଏକ ୬ ମାସିଆ ଚୁକ୍ତି ସହ ପାକିସ୍ତାନ ଦଳ ସହ ଯୋଗ ଦେଇଥିଲେ। ପାକିସ୍ତାନ ବୋଲିଂ କୋଚ୍ ଭାବେ ସେ ପ୍ରଥମେ ଦଳ ସହ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଶ୍ରୀଲଙ୍କା ଟୁର୍‌ରେ ଯାଇଥିଲେ। ଆଗକୁ ଡିସେମ୍ବର ୧୪ରୁ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଠିକଣା ସମୟରେ ନୂଆ ବୋଲିଂ କୋଚ୍‌ଙ୍କୁ ନିଯୁକ୍ତି ଦେବ ବୋଲି ପିସିବି ପକ୍ଷରୁ ସୋମବାର ପ୍ରକାଶ କରାଯାଇଛି। ମୋର୍କେଲଙ୍କ ସ୍ଥାନରେ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ୍‌ଙ୍କୁ ନିଯୁକ୍ତି ମିଳିପାରେ ଶୁଣାଯାଉଛି। ଗୁଲ୍ ଅତୀତରେ ଜାତୀୟ ଦଳ ପାଇଁ କାମଚଳା ଦାୟିତ୍ୱ ତୁଲାଇଛନ୍ତି। ସେ ପୂର୍ବରୁ ଆଫଗାନିସ୍ତାନ ଦଳ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ପାକିସ୍ତାନ ୫ମସ୍ଥାନ ସହ ସେମିଫାଇନାଲ ପ୍ରବେଶ କରିବାରେ ବିଫଳ ହେବାପରେ ବହୁ ପୂର୍ବତନ କ୍ରିକେଟର ବାବର ଆଜାମଙ୍କୁ ଅଧିନାୟକ ପଦବୀରୁ ହଟାଇବା ସହ ଦଳରେ ବ୍ୟାପକ ପରିବର୍ତ୍ତନ କରିବା ଲାଗି ଦାବି କରିଥିଲେ। ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ ହାରିବା ସହ ଆଫଗାନିସ୍ତାନଠାରୁ ମଧ୍ୟ ପରାଜୟ ବରଣ କରିଥିଲା।


ମୋର୍ନ ମୋର୍କେଲ

# ଟାଇଟ୍ ପୋଷାକ ପିନ୍ଧୁଥିଲେ

**ନିଜ ଫିଗରକୁ ଆକର୍ଷଣୀୟ କରିବା ଲାଗି ଅଧିକାଂଶ ମହିଳା ଟାଇଟ୍ ପୋଷାକ ପିନ୍ଧିବାକୁ ଭଲ ପାଆନ୍ତି। ହେଲେ ସ୍ଲିମ୍ ଫିଟ୍ ଲୁକ୍ ଦେଉଥିବା ଏଭଳି ପୋଷାକ ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**



- ଆଟ୍ରାକ୍ଟିଭ୍ ଲୁକ୍ ପାଇବା ନିଶାରେ ବର୍ତ୍ତମାନ ଅଧିକାଂଶ ମହିଳା ଟାଇଟ୍ କୁର୍ତ୍ତି, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ଦୀର୍ଘ ସମୟ ପିନ୍ଧୁଛନ୍ତି। ଟାଇଟ୍ ପ୍ୟାଣ୍ଟ ବିଶେଷକରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାକି କଷ୍ଟଦାୟକ ହେବା ସହ ଆରୋଗ୍ୟ ହେବାକୁ ଅଧିକ ସମୟ ମଧ୍ୟ ଲାଗିଥାଏ।
- ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଗରମରେ ଝାଳ ଲାଗି କୁଣ୍ଡେଇହେବା ସହ ଘିମିରିଠାରୁ ଆରମ୍ଭକରି ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍ସନ ହେବା ଆଶଙ୍କା ବଢ଼ିଥାଏ।
- ଟାଇଟ୍ ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ଏବଂ ସ୍ନାୟୁ ସଙ୍କୁଚିତ ହୋଇଥାଏ। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।



- ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଟାଇଟ୍ ପୋଷାକ ବିଶେଷକରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ୍ୟ ଆଶଙ୍କା ରହିଛି।
- କେବଳ ପୋଷାକ କାହିଁକି, ଫିଗରକୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ମହିଳା ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତର୍ବସ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି। ହେଲେ ଏହି ଅଭ୍ୟାସ ଯୋଗୁ ଭବିଷ୍ୟତରେ ଅନେକଙ୍କଠାରେ ବ୍ରେଷ୍ଟ କ୍ୟାନ୍‌ସରର ଆଶଙ୍କା ବୃଦ୍ଧି ପାଇଥାଏ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭାବସ୍ଥାରେ ପେଟ ପତଳା ଲାଗିବା ଆଳରେ ଟାଇଟ୍ ପୋଷାକ ପିନ୍ଧିଲେ ମା' ସହ ଗର୍ଭସ୍ଥ ଶିଶୁ ଉଭୟଙ୍କ ଲାଗି କ୍ଷତିକାରକ।

# ମହିଳା ଓ ମଧୁମେହ

– ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ

### ଏ ବର୍ଷର ବାର୍ତ୍ତା

ନଭେମ୍ବର ୧୪କୁ ସାରା ପୃଥିବୀରେ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ଏହା ଆନ୍ତର୍ଜାତିକ ମଧୁମେହ ଫାଉଣ୍ଡେଶନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ମିଳିତ ଆନୁକୂଲ୍ୟରେ ୨୦୦୬ ମସିହାରୁ ପାଳିତ ହୋଇ ଆସୁଛି। ମଧୁମେହ ରୋଗର ଅବ୍ୟର୍ଥ ଔଷଧ 'ଇନ୍‌ସୁଲିନ୍'ର ଉଦ୍ଭାବକ ସାର୍ ଫ୍ରେଡେରିକ୍ ବାଣ୍ଟିଂ ଓ ଚାଲର୍ସ ବେଷ୍ଟଙ୍କର ଜନ୍ମଦିନକୁ ସମ୍ମାନ ଦେଇ ଏହା ପାଳନ କରାଯାଉଛି। ସବୁବର୍ଷ ପରି ଏ ବର୍ଷର ବିଷୟବସ୍ତୁ ହେଉଛି 'ଆକ୍ସେସ୍ ଟୁ ଡାଇବେଟିସ୍ କେୟାର୍' ଏହି ଦିବସର ଲକ୍ଷ୍ୟ ହେଉଛି , ମଧୁମେହ ରୋଗର ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ଓ ଏହାର ଯତ୍ନ ଓ ଚିକିତ୍ସା ତଥା ଲକ୍ଷଣ ବିଷୟରେ ସମସ୍ତଙ୍କୁ ସଚେତନ କରାଇବା।







**ମହିଳାମାନେ ସାରା ପରିବାରର ଦାୟିତ୍ୱ ନେଇଥାନ୍ତି। ତେଣୁ ସୁସ୍ଥ ରହିବା ଲାଗି ସେମାନେ ନିଜ ସହ ପରିବାରର ସମସ୍ତଙ୍କୁ ତଟକା ଫଳ ଓ ସୁଷମଖାଦ୍ୟ ରାନ୍ଧି ଖାଇବାକୁ ଦେବା ସହ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ। ସେମାନଙ୍କ ସଚେତନତା ଓ ପ୍ରଚେଷ୍ଟା ହିଁ ମଧୁମେହ ଭଳି ଜଟିଳ ରୋଗକୁ ବହୁ ପରିମାଣରେ ଏଡ଼ାଇ ଦେଇପାରିବ ଏବଂ ଏଥିରୁ ଉପୁଜୁଥିବା ସଙ୍କଟଜନକ ପରିସ୍ଥିତିରୁ ରକ୍ଷା କରିପାରିବ...**

ସାରା ବିଶ୍ୱରେ ବର୍ତ୍ତମାନ ୫୩.୭ କୋଟି ଲୋକ ମଧୁମେହ ରୋଗ ଭୋଗୁଛନ୍ତି। ତନ୍ମଧ୍ୟରୁ ଅଧିକାଂଶ ଲୋକ ଟାଇପ୍-୨ ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ । ଏହା ୨୦୩୦ରେ ୬୯.୩ କୋଟି ଓ ୨୦୪୦ରେ ୭୮.୩ କୋଟିରେ ପହଞ୍ଚିବ । ପରିସଂଖ୍ୟାନରୁ ଜଣାଯାଇଛି ଯେ, ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି । ପୁରୁଷମାନଙ୍କ ଭଳି ମହିଳାମାନେ ମଧ୍ୟ ମଧୁମେହ ରୋଗରେ ବେଶି ଆକ୍ରାନ୍ତ ହେଉଛନ୍ତି । ଏବେ ସୁଦ୍ଧା ପ୍ରାୟ ୨୦ କୋଟି ମହିଳା ମଧୁମେହ ରୋଗ ଭୋଗୁଛନ୍ତି ଏବଂ ୨୦୪୦ ସୁଦ୍ଧା ଏହା ୩୧.୩ କୋଟିରେ ପହଞ୍ଚିବ । ପ୍ରତ୍ୟେକ ୫ ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ୨ଜଣ ମହିଳା ମଧୁମେହ ରୋଗୀ, ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି । ବିଶ୍ୱରେ ମହିଳାମାନଙ୍କ ମୃତ୍ୟୁର ପ୍ରମୁଖ କାରଣ ମଧ୍ୟରୁ ମଧୁମେହ ରୋଗ ଅନ୍ୟତମ ଯେଉଁଥିରେ ବର୍ଷକୁ ୨୦ ଲକ୍ଷ ମହିଳା ମୃତ୍ୟୁବରଣ କରିଥାନ୍ତି । ଟାଇପ୍-୨ ମହିଳା ମଧୁମେହ ରୋଗୀମାନେ ତାଙ୍କ ସମବୟସ୍କ ମହିଳାମାନଙ୍କ ଠାରୁ ୧୦ ଗୁଣ ଅଧିକ କରୋନାରି ହାର୍ଟ ଡିଜିଜ୍ ବା ହୃତ୍‌ପିଣ୍ଡ ଧମନୀଜନିତ ରୋଗରେ ପୀଡ଼ିତ ହୁଅନ୍ତି । ୧୫ ରୁ ୪୫ ବର୍ଷ ବୟସ ମଧ୍ୟରେ ସାଧାରଣତଃ ସେମାନେ ସ୍ତ୍ରୀ ହର୍‌ମୋନ୍ ଇଷ୍ଟ୍ରୋଜେନ୍‌ର ପ୍ରଭାବରୁ ରକ୍ଷାପାଉଥିବା ବେଳେ ମଧୁମେହ ମହିଳା ରୋଗୀମାନଙ୍କର ଏ ସୁରକ୍ଷା କବଚଟି ନ ଥାଏ ।

**ଗର୍ଭାବସ୍ଥାରେ ମଧୁମେହ:** ଟାଇପ୍-୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବା ଆଶଙ୍କା ଅଧିକ ଥାଏ । ଭାରତରେ ମଧୁମେହ ରୋଗର ଆକଳନ ଅନୁଯାୟୀ ପ୍ରତ୍ୟେକ ୭ ଶିଶୁ ମଧ୍ୟରୁ ଜଣେ ଶିଶୁ ଗର୍ଭାବସ୍ଥାରେ ମଧୁମେହ ରୋଗ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଗର୍ଭାବସ୍ଥାରେ ମଧୁମେହ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମା' ପ୍ରସବର ୫ ରୁ ୧୦ ବର୍ଷ ମଧ୍ୟରେ ଟାଇପ୍-୨ ମଧୁମେହ ରୋଗ ଭୋଗିଥାନ୍ତି।

ଯେଉଁ ଗର୍ଭବତୀଙ୍କର ମଧୁମେହ ରୋଗ ବା ରକ୍ତରେ ଶର୍କରା ଅଧିକ ହୋଇଥାଏ, ସେମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମହିଳାଙ୍କର ବୟସ ୩୦ ବର୍ଷରୁ କମ୍ ହୋଇଥାଏ। ଗର୍ଭାବସ୍ଥାରେ ମଧୁମେହ ରୋଗୀଙ୍କ ମଧ୍ୟରୁ ଅଧିକାଂଶ ମହିଳା ନିମ୍ନ ବା ନିମ୍ନ ମଧ୍ୟବିତ୍ତ ପରିବାରର, ଯେଉଁଠାରେ ମା'ର ଯତ୍ନ ଠିକ୍ ଭାବେ ନିଆଯାଇପାରେ ନାହିଁ । ବିଶେଷକରି ଗର୍ଭାବସ୍ଥାରେ ମଧୁମେହ ରୋଗ ହେଲେ ଏହା ମା' ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଞ୍ଚାଇଥାଏ । ଏହା ସାଧାରଣତଃ ୨ ପ୍ରକାର–

୧.ଆଗରୁ ମଧୁମେହ ରୋଗ ଥାଇ ଗର୍ଭଧାରଣ ।

୨. ଗର୍ଭାବସ୍ଥା ଯୋଗୁ ମଧୁମେହ ରୋଗ ।

ତେଣୁ ସୁରକ୍ଷା ଦୃଷ୍ଟିରୁ ଗର୍ଭାବସ୍ଥାରେ ସ୍କ୍ରିନିଂ ଜରୁରୀ । ଏହାଛଡ଼ା ଗର୍ଭଧାରଣ ପୂର୍ବରୁ ପରାମର୍ଶ ବା ପ୍ରିନାଟାଲ କାଉନ୍‌ସେଲିଂ ମଧ୍ୟ ଆବଶ୍ୟକ। ଯଦି ଆଗରୁ ମଧୁମେହ ରୋଗ ଥାଏ, ତେବେ ଗର୍ଭଧାରଣ ପୂର୍ବରୁ ବ୍ଲଡ୍‌ସୁଗାର ନିୟନ୍ତ୍ରଣ କରିବା ଆବଶ୍ୟକ। ଯେଉଁମାନଙ୍କର ଗର୍ଭଧାରଣର ୩ ମାସ ମଧ୍ୟରେ ବ୍ଲଡ୍‌ସୁଗାର ବେଶି ଥାଏ, ସେମାନଙ୍କର ବିକଳାଙ୍ଗ ଶିଶୁ ହେବା ରିସ୍କ ଅଧିକ ଥାଏ । ଗର୍ଭାବସ୍ଥାରେ ମଧ୍ୟ ସ୍କ୍ରିନିଂ ଖୁବ୍ ଜରୁରୀ ଯଥା ଯେଉଁ ମହିଳାମାନଙ୍କର ବୟସ ୩୦ ବର୍ଷରୁ ବେଶି ହୋଇଥାଏ, ମୋଟା ମହିଳା, ଯେଉଁ ମହିଳାଙ୍କର ପରିବାରରେ ବାପା, ମା', କୌଣସି ସମ୍ପର୍କୀୟ ବା ଭାଇଭଉଣୀଙ୍କର ମଧୁମେହ ରୋଗର ଇତିହାସ ଥାଏ, ଯେଉଁମାନଙ୍କର ଆଗରୁ ବେଶି ଓଜନର ଶିଶୁ ହୋଇଥାଏ, ଆଗରୁ ଗର୍ଭରେ ମୃତ୍ୟୁ, ବିକଳାଙ୍ଗ ଶିଶୁ, ପ୍ରସବ ପରେ ଶିଶୁମୃତ୍ୟୁ ଆଦିର ଇତିହାସ ଥାଏ, ବାରମ୍ବାର ଗର୍ଭନଷ୍ଟ ହୋଇଥାଏ, ଗର୍ଭରେ ବେଶି ପାଣି ଜମିଥାଏ ଓ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ହୋଇଥାଏ ଏବଂ ବାରମ୍ବାର ପରିସ୍ରା ସଂକ୍ରମଣ ଓ ସାଦା ସ୍ରାବ ହୋଇଥାଏ ସେମାନଙ୍କର ୭୫ ଗ୍ରା. ଗ୍ଲୁକୋଜ ଖାଇ ରକ୍ତରେ ଶର୍କରାର ପରିମାଣ ମପାଯାଇଥାଏ । ଯାହାଙ୍କର ୧୪୦ ମି.ଗ୍ରା.ରୁ ବେଶି ଥାଏ, ତାକୁ ମଧୁମେହ ରୋଗ ପାଇଁ ସ୍କ୍ରିନିଂ କରାଯାଏ। ଏହାକୁ ଗ୍ଲୁକୋଜ୍ ଚାଲେଞ୍ଜିଂ ଟେଷ୍ଟ କୁହାଯାଏ। ଏହାଛଡ଼ା ସେମାନଙ୍କର ୩ମାସରେ, ପୁଣି ୫ ମାସ ପରେ ଟେଷ୍ଟ କରାଯାଇଥାଏ । ଶିଶୁର ହୃତ୍‌ପିଣ୍ଡର ବିକଳାଙ୍ଗତା ଚିହ୍ନଟ ପାଇଁ 'ଫିଟାଲ୍ ଇକୋ କାର୍ଡିଓ ଗ୍ରାମ୍' ୫ ମାସରେ କରାଯାଇଥାଏ।

### ରିସ୍କ ଫ୍ୟାକ୍ଟର

ଏହାଛଡ଼ା ମହିଳା ମଧୁମେହ ରୋଗୀମାନେ ମାସିକ ଋତୁସ୍ରାବର ବିରତି ବା ମେନୋପଜ୍ ପରେ ନିଜ ଦେହର ଯତ୍ନ ନେବା ଆବଶ୍ୟକ। ହୃଦ୍‌ରୋଗ ଓ ହୃଦ୍‌ଘାତର ସବୁଠାରୁ ବଡ଼ ରିସ୍କ ଫ୍ୟାକ୍ଟର ହେଉଛି ମଧୁମେହ ରୋଗ । ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ ଓ କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ। ତେଣୁ ହୃଦ୍‌ଘାତ ଓ ମସ୍ତିଷ୍କଘାତ (ଷ୍ଟ୍ରୋକ୍), ଡାଏବେଟିକ୍ ନେଫ୍ରୋପାଥି(କିଡ୍‌ନୀର ଜଟିଳତା), ଡାଏବେଟିକ୍ ରେଟିନୋପାଥି (ଆଖିରେ ଜଟିଳତା) ତଥା କାର୍ଡିଓମାଇପାଥି (ହୃତ୍‌ପିଣ୍ଡରେ ଜଟିଳତା) ହୋଇଥାଏ ।

**ଗର୍ଭାବସ୍ଥାରେ ମା' ପାଇଁ ବିପଦ**

ବାରମ୍ବାର ଗର୍ଭନଷ୍ଟ, ଉଚ୍ଚ ରକ୍ତଚାପ, ଗର୍ଭଥଳିରେ ବେଶି ପାଣି ଜମିବା, ଅପରିଣତ ପ୍ରସବ, ବ୍ୟାହତ ପ୍ରସବ, ସିଜରିଆନ୍ ସେକ୍ସନ ଏବଂ ପରେ କ୍ଷତ ସଂକ୍ରମଣ ଆଦି ଭୟ ଥାଏ ।

**ଶିଶୁ ପାଇଁ ଅସୁବିଧା**

ବିକଳାଙ୍ଗ ଶିଶୁ, ବଡ଼ ଶିଶୁ, ମୁଣ୍ଡ ନ ଥିବା ଶିଶୁ, ବଡ଼ ମୁଣ୍ଡ ଶିଶୁ, ହୃତ୍‌ପିଣ୍ଡରେ ଛିଦ୍ର, ବୃକ୍କ ତଥା ଖାଦ୍ୟନଳୀରେ ଛିଦ୍ର ଆଦି ହୋଇଥାଏ । ତେଣୁ ପ୍ରସବ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ ।

**ପ୍ରତିଷେଧକ ବ୍ୟବସ୍ଥା:** ମହିଳା ମଧୁମେହ ରୋଗୀମାନେ ତେଲ, ଘିଅ, ଛଣାଛଣି ଓ ଚର୍ବିଜାତୀୟ ଖାଦ୍ୟ ନ ଖାଇ ଫଳ, ତଟକା ପନିପରିବା, ସନ୍ତୁଳିତ ଆହାର, ଶାରୀରିକ ବ୍ୟାୟାମ ତଥା ଜୀବନଶୈଳୀରେ ପରିବର୍ତ୍ତନ କଲେ ସବୁ ଜଟିଳତାରୁ ରକ୍ଷା ପାଇବେ ।

*– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ–୧୨*
*ମୋ–୯୪୩୭୦୫୫୦୦୭*



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଗ୍ଲୋ ପ୍ୟାକ୍



**ଗ୍ଲୋଇଂ ସ୍କିନ୍ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ହେଲେ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଆଦିର ପ୍ରଭାବରେ ଅନେକଙ୍କ ତ୍ୱଚା ରୁକ୍ଷ ଓ ଡଲ୍ ହୋଇଯାଉଛି। ଯାହାକୁ ଦୂରକରିବା ଲାଗି ସେମାନେ ବିଉଟିପାର୍ଲର ଯିବାଠୁ ବିଭିନ୍ନ ଦାମୀ ବିଉଟି ପ୍ରଡକ୍ଟ ବ୍ୟବହାର କରିବାକୁ ପଛାଉନାହାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଫେସ୍ ପ୍ୟାକ୍ ବ୍ୟବହାରକରି ନିଜ ତ୍ୱଚାର ଗ୍ଲୋ ବଢ଼ାଇପାରିବେ...**



**ହନି ଆଣ୍ଟିଅକ୍ସିଡାଣ୍ଟ ହାଇଡ୍ରେଶନ ମାସ୍କ:** ଗୋଟେ ଚାମଚ ମହୁରେ, ଗୋଟେ ଚାମଚ ଦହି, ଅଧାଚାମଚ ଲେମ୍ବୁରସ, ୧/୪ ଚାମଚ ହଳଦୀଗୁଣ୍ଡ ପକାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହା ମହୁରେ ପ୍ରସ୍ତୁତ ହୋଇଥିବାରୁ ତ୍ୱଚା ପୋଡ଼ିବା ସମସ୍ୟା ଦେଖାଦିଏ ନାହିଁ। ହଳଦୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ମହୁରେ ଥିବା ଭିଟାମିନ୍ ବି ତ୍ୱଚାକୁ ସଫ୍ଟ ଏବଂ ଗ୍ଲୋଇଂ କରାଇଥାଏ। ସପ୍ତାହରେ ୨-୩ ଥର ଏହାକୁ ଲଗାଇଲେ ଭଲ। ତେବେ ଡ୍ରାଏ ସ୍କିନ୍ ପାଇଁ ଏହି ପ୍ୟାକ୍ ବେଶ୍ ଉପକାରୀ।

**ଅମୃତଭଣ୍ଡା ପ୍ୟାକ୍:** ଅଧକପ୍ ପାଚିଲା ଅମୃତଭଣ୍ଡା ପେଷ୍ଟ ନେଇ ସେଥିରେ ଅଧାଚାମଚ ଚନ୍ଦନ ପାଉଡର, ଆବଶ୍ୟକ ଅନୁସାରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହିପ୍ୟାକ୍‌ଲଗାଇଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବି ବଢ଼ିବ।

**ମୁଲତାନୀ ମାଟି, ଆଲୋଭେରା, ଦହି ପ୍ୟାକ୍:** ୧ ଚାମଚ ମୁଲତାନୀ ମାଟି, ୧ ଚାମଚ ଆଲୋଭେରା ଜେଲ୍, ୧ ଚାମଚ ଦହିକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଘଷି ଭଲ ଭାବେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ ଓ ଦାଗମୁକ୍ତ କରିଥାଏ।

ଖାଦ୍ୟରୁଚି

# ଇଡ୍‌ଲି ୬୫

**ଆବଶ୍ୟକ ସାମଗ୍ରୀ:** ୫ଟି ଇଡ୍‌ଲି, ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଲା ରସୁଣ ଛୋଟ କଟା ହୋଇଥିବା, ଭୃସଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଇଡ୍‌ଲିଗୁଡ଼ିକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ଇଡ୍‌ଲି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଇଡ୍‌ଲି ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪/୨୦୨୩ Bhubaneswar, Tuesday, November 14/ 2023

# ଦୀପାଙ୍କ ଡବଲ୍‌ରେ ଓଡ଼ିଶା ବିଜୟୀ

**ସୁନ୍ଦରଗଡ,୧୩।୧୧**
**(ଜୟ ନାରାୟଣ ମେଷ୍ଟ୍ରି)**

ସୁନ୍ଦରଗଡ଼ ଷ୍ଟାଡିୟମଠାରେ ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଓଡ଼ିଶା ଓ ଗୋଆ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଗୋଆ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ

**ଜାତୀୟ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ**

ହୋଇଥିଲା। ଏଥିରେ ଗୋଆ ୩-୧ଗୋଲରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ଅରୁଣାଚଳ ପ୍ରଦେଶର ୟୁମଲାମ ଲାଲି ୧୨ମିନିଟରେ ଏକ ମାତ୍ର ଗୋଲ ଦେଇଥିଲେ। ଏହାର ୭ ମିନିଟ ପରେ ଗୋଆ ପକ୍ଷରୁ କରିଶ୍ମା ପୁରୁଷୋତ୍ତମ ସୋରଭୋଇକର ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ୍ତରାଳ ସ୍ଥିତିକୁ ଆଣିଥିଲେ। ତେବେ ପର୍ଲ ଫର୍ଣ୍ଣାଣ୍ଡେସ ୪୪ମିନିଟ ଓ ୭୮ମିନିଟରେ ୨ ଗୋଲ ଦେଇ ଗୋଆକୁ ବିଜୟୀ କରିଥିଲେ। ସେହିପରି ଅପରାହ୍ଣରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଘରୋଇ ଦଳ ୩-୧ରେ ଜିତି ନେଇଥିଲା। ଓଡ଼ିଶା ତରଫରୁ ଦୀପା ନାୟକ (୩୨ଓ ୫୩ମିନିଟ) ଡବଲ୍ ଗୋଲ ଦେଇଥିବା ବେଳେ ମାଳତୀ ମୁଣ୍ଡା ୩୫ମିନିଟରେ ଗୋଟିଏ ଗୋଲ କରିଥିଲେ। ମେଘାଳୟ ପକ୍ଷରୁ ସୁନାଲିଣ୍ଡା ଲରେନ୍ ୫୧ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଉଭୟ ଦଳ ତରଫରୁ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଖେଳକୁ ସର୍ବଭାରତୀୟ ଫୁଟ୍‌ବଲ ମହସଂଘ(ଏଆଇଏଫ୍‌ଏଫ୍) ମ୍ୟାଚ କମିଶନର, ରେଫରିମାନେ ପରିଚାଳନା କରିଥିଲେ। ଇ ଗ୍ରୁପ୍‌ରେ ସାମିଲ ଥିବା ଓଡ଼ିଶା, ଗୋଆ, ଗୁଜରାଟ, ମେଘାଳୟ ଓ ଅରୁଣାଚଳ ପ୍ରଦେଶର ମୋଟ ୫ଟି ଦଳ ସାମିଲ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ଏବଂ ଅପରାହ୍ଣ ୨.୩୦ରେ ଗୁଜରାଟ ଓ ମେଘାଳୟ ମଧ୍ୟରେ ମ୍ୟାଚ ହେବ। କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ମେରୀଜନ ବାଗେ, ପୌଷଚନ୍ଦ୍ର ପଟେଲ, ଜୟ ଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ଅଜୟ ବହିଦାର, ରୋମାଞ୍ଚ ଭୈଷାଲ, ପ୍ରଶାନ୍ତ ପଟେଲ, ଆଶିଷ ଦେ, ଶ୍ୟାମ ନନ୍ଦନ, ସହାୟପ୍ରସାଦ ନାଏକ, ସୁଶୀଲ ପଟେଲ, ବୀରମିତ୍ର କାଲୋ, ଶିଶିର ପଟେଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜିତ ହେଉଛି।


ଓଡ଼ିଶା ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ଦୀପ ରଞ୍ଜନଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ଟୋକିଓରେ ହୁଲିକ ଦାଇହାତ୍‌ସୁ ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଦୀପ୍ ରଞ୍ଜନ ବିଷୋୟୀ ଡବଲ୍ସରେ ରୌପ୍ୟ

**ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ**

ପଦକ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କୁ ୨୧-୧୬, ୨୧-୧୮ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେ ସେମିଫାଇନାଲରେ ୟୁକ୍ରେନର ଓଲେକଜାଣ୍ଡର ଚିରକୋଭଙ୍କୁ ୨୨-୨୦, ୨୧-୧୯, ୨୧-୧୭ରେ ହରାଇ ଦେଇଥିଲେ। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନିଷା ରାମଦାସ ଯୋଡି କ୍ୱାର୍ଟର ଫାଇନାଲରେ ଚାଇନାର ୟାଙ୍ଗ୍ ଜିଆନୟୁଆନ ଓ ୟାଙ୍ଗ୍ କ୍ୟୁ ଜିଆଙ୍କଠାରୁ ୧୪-୨୧, ୨୧-୧୫, ୧୬-୨୧ରେ ପରାସ୍ତ ହୋଇଥିଲେ। ଡବଲ୍ସରେ ଦୀପ ରଞ୍ଜନ ବିଶୋଇ ଓ ମନୋଜ ସରକାର ଯୋଡି ଫାଇନାଲରେ ନିଜ ଦେଶର ନିହାଲ ଗୁପ୍ତା ଓ ନବୀନ ଶିବକୁମାରଙ୍କଠାରୁ ୧୯-୨୧, ୨୧-୧୮, ୧୭-୨୧ ରେ ହାରି ଯାଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଅନ୍ୟ ୨ ପ୍ରତିଯୋଗୀ ଶୁଭ୍ରଜିତ ମହାରଣା ଓ ଦିଲେଶ୍ୱର ରାଓ ଭଲ ପ୍ରଦର୍ଶନ କରିପାରି ନ ଥିଲେ।


ଦୀପ୍ ରଞ୍ଜନ ବିଷୋୟୀ ଓ ପ୍ରମୋଦ ଭଗତ।

# ଭାରତୀୟ ମହିଳା ଦଳରେ ୪ ଓଡ଼ିଆ

**ଭୁବନେଶ୍ୱର,୧୩।୧୧**
**(ସରୋଜ ଜେନା)**

ନେପାଳ ସିରିଜ ପାଇଁ ସୋମବାର ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ମହାସଂଘ(କାବି) ପକ୍ଷରୁ ୧୭ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ନେପାଳ ସହିତ ପ୍ରଥମ ଥର ପାଇଁ ଏକ ଦ୍ୱିପାକ୍ଷିକ ସିରିଜ ଆୟୋଜନ କରାଯାଉଛି। ଡିସେମ୍ବର ୧୧ରୁ ୧୫ ମଧ୍ୟରେ ମୁମ୍ବାଇରେ ୫ଟି ଯାକ ଟି୨୦ ମ୍ୟାଚ୍ ଖେଳାଯିବ। ଓଡ଼ିଶାରୁ ଝିଲି ବିରୁଆ, ଫୁଲ ସୋରେନ୍, ବାସନ୍ତୀ ହାଁସଦା ଓ ପଦ୍ମିନୀ ଟୁଡୁ ଏହି ଦଳରେ ସାମିଲ ଅଛନ୍ତି। ଏହା ସହ ୪ ଜଣ ଖେଳାଳି ସିମରନଜିତ କୌର, ସୁନୀତା ସାରଥେ, ଗୀତା ମାହତୋ ଓ କାବ୍ୟା ଏନ୍ ଆର ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ପାଇଛନ୍ତି। ଏହି ସିରିଜ୍ ପୂର୍ବରୁ ମହାରାଷ୍ଟ୍ରର ସିବିଡି ବେଲାପୁରରେ ଏକ ୨୨ ଦିନିଆ


ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ।

**ଦୃଷ୍ଟିବାଧିତ କ୍ରିକେଟ**

କ୍ୟାମ୍ପ ଅନୁଷ୍ଠିତ ହେବ। ନଭେମ୍ବର ୨୮ ତାରିଖରେ ଏହି ଦଳର ଅଧିନାୟକ ଓ ଉପ ଅଧିନାୟକଙ୍କ ନାମ ଘୋଷଣା କରାଯିବ।

ଭାରତୀୟ ଦଳ: ବର୍ଷା ୟୁ (ବି-୧), ଭାଲାସାନାଇନି ରାଭାନ୍ନି (ବି-୧), ସିମୁ ଦାସ (ବି-୧), ପଦ୍ମିନୀ ଟୁଡୁ (ବି-୧), କିଲ୍ଲାକା ସନ୍ଧ୍ୟା(ବି-୧), ପ୍ରିୟା (ବି-୧), ସାନ୍ଦ୍ରା ଡେଭିସ୍ କରିମାଲିକ୍କାଲ (ବି-୨), ବାସନ୍ତୀ ହାଁସଦା(ବି-୨), ସୁନୀତା ସାରଥେ (ବି-୨), ସିମରନଜିତ୍ କୌର (ବି-୨), ସୁଷମା ପଟେଲ (ବି-୩), ଏମ. ସତ୍ୟବତୀ (ବି-୩), ଫୁଲ ସୋରେନ୍ (ବି-୩), ଝିଲି ବିରୁଆ (ବି-୩), ଗଙ୍ଗା ସମ୍ଭାଜୀକଦମ (ବି-୩), ଗୀତା ମାହାତୋ (ବି-୩), କାବ୍ୟା ଏନ୍. ଆର. (ବି-୩)।

# ହଲ୍ ଅଫ୍ ଫେମ୍‌ରେ ଇଦୁଲ୍‌ଜୀ, ସେହ୍ୱାଗ


ଡାଏନା ଇଦୁଲଜୀ

**ଦୁବାଇ, ୧୩।୧୧ (ପି.ଟି.)**

ପୂର୍ବତନ ଅଧିନାୟକ ଡାଏନା ଇଦୁଲଜୀ ଭାରତର ପ୍ରଥମ ମହିଳା କ୍ରିକେଟର ଭାବେ ଆଇସିସି ହଲ୍ ଅଫ୍ ଫେମ୍ ତାଲିକାରେ ସ୍ଥାନ ପାଇଛନ୍ତି। କ୍ରିକେଟ ଖେଳରେ ଉଲ୍ଲେଖନୀୟ ସଫଳତା ପାଇଁ କିମ୍ବଦନ୍ତୀ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଓ ଶ୍ରୀଲଙ୍କାର ବିଶ୍ୱକପ୍ ବିଜେତା ଅରବିନ୍ଦ ଡି' ସିଲ୍‌ଭାଙ୍କ ନାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଇଦୁଲ୍‌ଜୀ ତାଙ୍କ ଖେଳ କ୍ୟାରିୟରରେ ଭାରତୀୟ ଦଳ ଅଧିନାୟିକାଥିବା ବେଳେ ମହିଳା କ୍ରିକେଟର ଜଣେ ମାର୍ଗଦର୍ଶକ ଥିଲେ। ଖେଳ କ୍ୟାରିୟର ଶେଷ ହେବା ପରେ ସେ ଜଣେ ଦକ୍ଷ ପ୍ରଶାସକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୬୭ ବର୍ଷୀୟା ଇଦୁଲ୍‌ଜୀ ୧୯୭୬ରୁ ୧୯୯୩ମଧ୍ୟରେ ୫୪ ମ୍ୟାଚ ଖେଳିଛନ୍ତି। ସେ ଜଣେ ଧିମା ରକ୍ଷଣଶୀଳ ସ୍ପିନର ଥିଲେ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଉଇକେଟ ଅକ୍ତିଆର କରିଥିଲେ। ଇଦୁଲ୍‌ଜୀ ୨୦ ଟେଷ୍ଟ ଖେଳି ୪୦୪ ରନ ସ୍କୋର କରିଥିଲେ। ସେ ୨୫.୭୭ ଆଭରେଜରେ ୬୩ ଉଇକେଟ ଅକ୍ତିଆର କରିଥିଲେ। ସେ ୩୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୧୧ ରନ କରିବା ସହ ୧୬.୮୪ ଆଭରେଜରେ ୪୬ ଉଇକେଟ ହାସଲ କରିଛନ୍ତି।

# ଭାରତ ପକ୍ଷରୁ ଖେଳିବେ ଓଡ଼ିଶାର ସୁବ୍ରତ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଫେଡେରେଶନ (ଆଇବିଏଓ୍ୱଏଫ୍)ର ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ କାତାରର ଦୋହାଠାରେ ଆରମ୍ଭ ହେବ। କାତାର ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର

**ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍**

ଫେଡେରେଶନ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ତାରକା ଖେଳାଳି ସୁବ୍ରତ ଦାସ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ୨୪ ତାରିଖରେ ଶେଷ ହେବ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସୁବ୍ରତ ସିନିୟର ସ୍ତରରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଆଶୁତୋଷ ପାଢ଼ୀ ଜୁନିୟର ବର୍ଗରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସୁବ୍ରତଙ୍କୁ ଶୁଭକାମନା ଜଣାଯାଇଛି।




# ଜୋକୋଭିଚ ବର୍ଷ ଶେଷ ନମ୍ବର ୱାନ

**ତୁରିନ୍, ୧୩।୧୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଏଟିପି ଫାଇନାଲ୍ସରେ ହେଲ୍‌ଗର ରୁନ୍‌ଙ୍କୁ ୭-୬ (୪), ୬-୭ (୧), ୬--୩ ସେଟ୍‌ରେ ପରାସ୍ତ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ମ୍ୟାଚ ୩ ଘଣ୍ଟାରୁ ଅଧିକ ସମୟ ଖେଳାଯାଇଥିଲା। ଏହି ବିଜୟ ଦ୍ୱାରା ବର୍ଷ ଶେଷ ର୍‍ୟାଙ୍କିଙ୍ଗ ତାଲିକାରେ ସର୍ବାଧିକ ନମ୍ବର ୱାନ ଖେଳାଳି ହେବାରେ ତାଙ୍କ ନାମରେ ରହିଥିବା ରେକର୍ଡ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସୋମବାର ଅପରାହ୍ଣରେ ଏଟିପି ସଭାପତି ଆଣ୍ଡ୍ରିଆ ଗଡେଞ୍ଜି ତାଙ୍କର ଏହି ସଫଳତା ପାଇଁ ଜୋକୋଭିଚ୍‌ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସର୍ବୀୟ ଖେଳାଳି ପରେ ତାଙ୍କର ଦଳର କୋଚ, ଫିଜିକାଲଟ୍ରେନର ଏବଂ ପରିବାର ସଦସ୍ୟମାନଙ୍କ ସହିତ ମିଳିତ ଫଟୋ ଉଠାଇଥିଲେ। ୩୬ ବର୍ଷୀୟ ଜୋକୋଭିଚ୍ ଦୁଇ ବର୍ଷ ପୂର୍ବେ ପିଟ୍ ସାମ୍ପ୍ରାସ (୬ବର୍ଷ ନମ୍ବର ୱାନ)ଙ୍କ ନାମରେ ରହିଥିବ ରେକର୍ଡକୁ ଭଙ୍ଗ କରିଦେଇଥିଲେ। କାର୍ଲୋସ ଅଲକାରାଜ ଏହି ସମ୍ମାନ ଗତବର୍ଷ ଲାଭ କରିଥିଲେ। କିନ୍ତୁ ଜୋକୋଭିଚ ଚଳିତବର୍ଷ ୪ଟି ପ୍ରମୁଖ ଟାଇଟଲ ମଧ୍ୟରୁ ୩ଟିରେ ବିଜୟ ଲାଭ ସହ ୱିମ୍ବେଲଡନରେ ଅଲକାରାଜଙ୍କଠାରୁ ହାରି ରନର୍ସ ଅପ୍ ହୋଇ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୋକୋଭିଚ୍ କହିଛନ୍ତି, ତାଙ୍କ ଜୀବନ ଓ କ୍ୟାରିୟରର ଏହି ପର୍ଯ୍ୟାୟରେ ନମ୍ବର ୱାନ ବାସ୍ତବିକ୍ ଖୁବ୍ ଆନନ୍ଦର ବିଷୟ। ଏହି ଟୁର୍ନାମେଣ୍ଟ ପରେ ୪୦୦ ସପ୍ତାହ ପାଇଁ ନମ୍ବର ୱାନ ର୍‍ୟାଙ୍କିଙ୍ଗରେ ରହିବାରେ ଜୋକୋଭିଚ୍ ପ୍ରଥମ ଖେଳାଳି ହେବେ। ତାଙ୍କ ପଛକୁ ଫେଡେରର (୩୧୦) ରହିଛନ୍ତି। ଏହି ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଖେଳାଳି ୩୦୦ ଡେଇଁ ପାରି ନାହାନ୍ତି।




## ୬ ବଲ୍‌ରେ ୬ ଉଇକେଟ

**ଗୋଲ୍ଡକୋଷ୍ଟ, ୧୩।୧୧ (ପି.ଟି.):** ଗ୍ୟାରେଥ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇ ଇତିହାସ ରଚିଛନ୍ତି। ଅଷ୍ଟ୍ରେଲିଆର ତୃତୀୟ ଡିଭିଜନ ଲିଗ୍‌ରେ ଖେଳୁଥିବା ସମୟରେ ଗ୍ୟାରେଥ ଏହି ରେକର୍ଡ କରିଛନ୍ତି। ୪୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ମୁଦ୍‌ଗିରାବା ନେରାଙ୍ଗ ଡିଷ୍ଟ୍ରିକ୍ଟ କ୍ରିକେଟ କ୍ଲବ ଅଧିନାୟକ ମୋର୍ଗାନ ୬ ବଲ୍‌ରେ ୬ ଉଇକେଟ ନେଇଛନ୍ତି। ଗୋଲ୍ଡକୋଷ୍ଟ ପ୍ରିମିୟର ଲିଗ୍‌ରେ ସର୍ଫର୍ସ ପାରାଡାଇଜ୍ ବିପକ୍ଷରେ ସେ ଏହି ରେକର୍ଡ କରିଛନ୍ତି। ୧୭୮ ରନ୍‌ର ପିଛା କରୁଥିବା ପାରାଡାଇଜ୍ ୪ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ମୋର୍ଗାନ ବୋଲିଂ କରିବାକୁ ଆସି ୬ ବଲ୍‌ରେ ୬ ଉଇକେଟ ନେବା ସହିତ ଦଳକୁ ବିଜୟୀ କରିଥିଲେ।

# ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ପାଇଁ ଓଡ଼ିଶା ଦଳ ଚୟନ

**ଭୁବନେଶ୍ୱର, ୧୩।୧୧**
**(ତପନ ସ୍ୱାଇଁ)**

ନୂଆଦିଲ୍ଲୀଠାରେ ହେବାକୁ ଥିବା ସର୍ବଭାରତୀୟ ସିଭିଲ ସର୍ଭିସ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳର ଚୟନ ଶିବିର ହାଇଟେକ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ କୋଚ ଲଳିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ପଦ୍ମ ଚରଣ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୨୬ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୬ ଖେଳାଳି ମନୋନୀତ ହୋଇଥିଲେ। ଏମାନେ ଅନ୍ୟ ଅଫିସିଆଲଙ୍କ ସହିତ ଡିସେମ୍ବରରେ ପ୍ରତିଯୋଗିତାରେ ଭାଗ ନେବାପାଇଁ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ଓଡ଼ିଶା ସଚିବାଳୟ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି।


ଓଡ଼ିଶା ସିଭିଲ ସର୍ଭିସ କ୍ରିକେଟ ଦଳ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ